# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃୟାରୀ ୧୦/୨୦୨୩ (୧୪ ପୃଷ୍ଠା) | Bhubaneswar, Friday, February 10/2023 | Page 14 | ₹ 7.00

୪୯ଶ ଭାଗ ୭୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 78 | ମୂଲ୍ୟ ₹୭/-




## ଜାଡେଜାଙ୍କୁ ୫ ଉଇକେଟ ସଫଳତା

ନାଗପୁରଠାରେ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଭାରତ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ୫ ଉଇକେଟ ସଫଳତା ହାସଲ କରିଛନ୍ତି।

୧୪

୦୮

## ଗୁଜବକୁ ଖଣ୍ଡନ କଲେ କ୍ରିତି

ଅଭିନେତା ପ୍ରଭାସଙ୍କ ସହ ନିଜର ନିର୍ବନ୍ଧ ଗୁଜବକୁ ଏକ ପୋଷ୍ଟ ଜରିଆରେ ଖଣ୍ଡନ କରିଛନ୍ତି ଅଭିନେତ୍ରୀ କ୍ରିତି ସାନନ୍।






# ଜିଦ୍‌ରେ ଆନ୍ଧ୍ର, ଅନାଇଛି ଓଡ଼ିଶା

- କୋଟିଆରେ ଆନ୍ଧ୍ରପ୍ରଦେଶ ଉପମୁଖ୍ୟମନ୍ତ୍ରୀ
- ନିଜ ରାଜ୍ୟର ଉନ୍ନୟନ କଥା ବଖାଣିଲେ
- ଜିଲା ପ୍ରଶାସନକୁ ଅବଗତ କରାଇବୁ: ବିଡିଓ

ପଟ୍ଟାଙ୍ଗି, ୯।୨(ଡି.ଏନ.ଏ.)



ଗୁରୁବାର ଧୂଳିପଦର ଗ୍ରାମରେ ଆନ୍ଧ୍ର ପକ୍ଷରୁ ଅନୁଷ୍ଠିତ ସଭାରେ ଉପ-ମୁଖ୍ୟମନ୍ତ୍ରୀ ପିଡିକା ରାଜାନ ଦୋରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

କୋଟିଆ ଲୋଭ ଛାଡ଼ିପାରୁନାହିଁ ଆନ୍ଧ୍ର। କଳ, ବଳ, କୌଶଳ ଖଟାଇ ସୀମାନ୍ତ ଓଡ଼ିଶାର ଏହି ଭୂଖଣ୍ଡକୁ କରାୟତ୍ତ କରିବା ଲାଗି ଜିଦ୍‌ରେ ଅଟଳ ରହିଛି ପଡ଼ୋଶୀ ରାଜ୍ୟ। ସେଠାକାର ପ୍ରଶାସନିକ ଅଧିକାରୀ ଏବଂ ରାଜନେତା ନିୟମିତ ବ୍ୟବଧାନରେ କୋଟିଆ ଗ୍ରାମପୁଞ୍ଜରେ ଅନୁପ୍ରବେଶ କରି ଆଦିବାସୀଙ୍କ ନିକଟତର ହେବାକୁ ଉଦ୍ୟମ କରୁଛନ୍ତି। ଓଡ଼ିଶା ସରକାର ଏହାକୁ ରୋକିବା ଲାଗି ସ୍ଥାୟୀ ପଦକ୍ଷେପ ନେବା ପରିବର୍ତ୍ତେ ଅନାଇ ରହିଥିବା ଚର୍ଚ୍ଚା ହେଉଥିବାବେଳେ ସ୍ଥାନୀୟ ପ୍ରଶାସନ ମଧ୍ୟ ଅନେକ ସମୟରେ ହାତ ଟେକିଦେଉଛି। ଗୁରୁବାର ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ପିଡିକା ରାଜାନ ଦୋରା କୋଟିଆ ପଞ୍ଚାୟତର ଧୂଳିପଦର ଗ୍ରାମରେ ପହଞ୍ଚି ଆନ୍ଧ୍ର ସରକାର କାର୍ଯ୍ୟକାରୀ କରୁଥିବା ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ଅବଗତ କରାଇଥିଲେ। ହେଲେ ବ୍ଲକ କିମ୍ବା ଜିଲା ପ୍ରଶାସନ ନିକଟରେ ଏହାର ସାମାନ୍ୟତମ ସୂଚନା ନ ଥିଲା। ଆନ୍ଧ୍ର ସରକାର ନିଜ ଏଜେଣ୍ଡାକୁ ନେଇ ଆଗକୁ ବଢୁଥିବାବେଳେ ଏହାକୁ ପ୍ରତିହତ କରିବା ପରିବର୍ତ୍ତେ ପ୍ରଶାସନିକ ଅଧିକାରୀମାନେ ନୀରବ ରହିବା ଆଲୋଚନାର ବିଷୟ ହୋଇଛି।

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକର ବିବାଦୀୟ କୋଟିଆ ଗ୍ରାମପୁଞ୍ଜ ମାମଲା ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ଥିବାବେଳେ ଏହାକୁ ଅଣଦେଖା କରିଚାଲିଛି ଆନ୍ଧ୍ର। ବାରମ୍ବାର ଅନୁପ୍ରବେଶ କରି ସୀମାନ୍ତ ଅଞ୍ଚଳବାସୀଙ୍କ ମନରେ ଓଡ଼ିଶା ବିରୋଧରେ ବିଷମଞ୍ଜି ବୁଣୁଛି। ସେଠାରେ ପର୍ଯ୍ୟାପ୍ତ ଅର୍ଥ ବିନିଯୋଗ କରି ଆଦିବାସୀଙ୍କୁ ନିଜ ଆଡ଼କୁ ଟାଣିବାକୁ ସମସ୍ତ ପ୍ରୟାସ ଜାରି ରଖିଛି। ଗତ ଡିସେମ୍ବର ୨୫ରେ କୋଟିଆର ତାଡ଼ିବାଲାସା ଗ୍ରାମରେ ଉପମୁଖ୍ୟମନ୍ତ୍ରୀ ପିଡିକା ରାଜାନ ଦୋରା ସଭା କରିଥିଲେ। ଏହାକୁ ଦୁଇମାସ ନ ପୂରୁଣୁ ସେ ପୁନର୍ବାର ଧୂଳିପଦର ଗ୍ରାମ ଗସ୍ତ କରି କୋଟିଆକୁ ନେଇ ରହିଥିବା ନିଜ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି।

ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ଧୂଳିପଦରରେ ପହଞ୍ଚିବା ପରେ ଗ୍ରାମବାସୀ ତାଙ୍କୁ ସ୍ୱାଗତ ଜଣାଇ ସଭାସ୍ଥଳକୁ ପାଛୋଟି ନେଇଥିଲେ। ଉପମୁଖ୍ୟମନ୍ତ୍ରୀ ଦୋରା ନିଜ ଉଦ୍‌ବୋଧନରେ କହିଲେ, ☞ପୃଷ୍ଠା-୪

# ଭୂକମ୍ପରେ ୬ ମିଟର ଘୁଞ୍ଚିଛି ତୁର୍କୀ

ନୂଆଦିଲ୍ଲୀ, ୯।୨

୭.୮ ତୀବ୍ରତାର ଭୂକମ୍ପ ଓ ପରେ ଅନେକ ଥର ପଶ୍ଚାତ୍ କମ୍ପନ ଲାଗି ରହିଥିବାରୁ ସିରିଆ ତୁଳନାରେ ତୁର୍କୀ ୫ରୁ ୬ ମିଟର ଘୁଞ୍ଚିଥାଇପାରେ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ତୁର୍କୀ ତଳେ ରହିଥିବା ଟେକ୍ଟୋନିକ୍ ପ୍ଲେଟ୍‌ରେ ଘର୍ଷଣ ଯୋଗୁ ଏହା ଘୁଞ୍ଚିଥିବା ଭୂକମ୍ପ ବିଜ୍ଞାନୀମାନେ ମତ ଦେଇଛନ୍ତି। ଇଟାଲୀର ସିସ୍ମୋଲୋଜିଷ୍ଟ ପ୍ରଫେସର କାର୍ଲୋ ଡୋଗଲିଓନିଙ୍କ କହିବା ଅନୁଯାୟୀ ଦୁଇ ପଡୋଶୀ ଦେଶ ତୁର୍କୀ ଓ ସିରିଆରେ ୭.୮ ତୀବ୍ରତାର ଭୂକମ୍ପ ଦୁଇଟି ପ୍ଲେଟ୍‌ର ଭୂସମାନ୍ତରାଳ ସ୍ଲାଇଡିଂ ଯୋଗୁ ହୋଇଛି। ତେଣୁ ସିରିଆ ତୁଳନାରେ ତୁର୍କୀ ୫ରୁ ୬ ମିଟର ଘୁଞ୍ଚିଛି। ଆରବିକା ପ୍ଲେଟ୍ ତୁଳନାରେ ଆନାଟୋଲିଆନ ପ୍ଲେଟ୍ ଦକ୍ଷିଣ-ପଶ୍ଚିମକୁ ଘୁଞ୍ଚିଯିବାରୁ ବଡ଼ ଧରଣର ଭୂକମ୍ପ ହେଲା ବୋଲି କାର୍ଲୋ କହିଛନ୍ତି। ଦକ୍ଷିଣ-ପୂର୍ବ ତୁର୍କୀର କାହରମାନମାରାସ ପ୍ରଦେଶରେ ଭୂକମ୍ପର କେନ୍ଦ୍ରସ୍ଥଳ ହୋଇଥିବାବେଳେ ଏହାର ଝଟକା ଡାମାସ୍କସ, ବିରୁଟ୍ ଏବଂ ସୁଦୂର କାଇରୋରେ ଅନୁଭୂତ ହୋଇଥିଲା। ଗୋଟିଏ ପ୍ଲେଟ୍ ପଶ୍ଚିମ ଆଡ଼କୁ ଓ ଅନ୍ୟଟି ପୂର୍ବ ଦିଗକୁ ଗତିଶୀଳ ହେବାରୁ ପରସ୍ପର କମ୍ପନ ସୃଷ୍ଟି ହୋଇ ତୁର୍କୀରେ ପ୍ରଳୟଙ୍କରୀ ଭୂକମ୍ପ ହେଲା ବୋଲି ଗବେଷକ ମତ ଦେଇଛନ୍ତି।

# ଆଜି ଆସୁଛନ୍ତି ରାଷ୍ଟ୍ରପତି

## ସୁରକ୍ଷା କଡ଼ାକଡ଼ି

- ‘ବ୍ଲୁ ବୁକ୍’ ନିୟମ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା
- ସରିଲା କାର୍‌କେଡ୍ ରିହର୍ସାଲ
- କାର୍ଯ୍ୟକ୍ରମଗୁଡ଼ିକର ସିଧା ପ୍ରସାରଣ ହେବ

**ଭୁବନେଶ୍ୱର, ୯।୨(ବ୍ୟୁରୋ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ୨ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ପୂର୍ବାହ୍ନ ୧୧ଟା ୪୫ରେ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ଉତ୍କଳ ମଣ୍ଡପଠାରେ ଜ୍ଞାନପ୍ରଭା ମିଶନର ପ୍ରତିଷ୍ଠା ଦିବସରେ ଯୋଗଦେବେ। ଅପରାହ୍ନ ୩ଟା ୫୫ରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ସାମିଲ ହେବେ। ଏହି ଅବସରରେ ୨୨ ଜଣଙ୍କୁ ସ୍ୱର୍ଣ୍ଣପଦକ ଓ ୪ ଜଣଙ୍କୁ ଡିଲିଟ୍ ଉପାଧି ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଉଚ୍ଚଶିକ୍ଷା ସଚିବ ପ୍ରମୁଖ ଉପସ୍ଥିତ ରହିବେ। ପରେ ରାଜଭବନକୁ ଫେରି ରାତ୍ରିଯାପନ କରିବେ। ୧୧ ତାରିଖ ସକାଳ ୯ଟା ୫ରେ ସେ ଲିଙ୍ଗରାଜ ମହାପ୍ରଭୁଙ୍କୁ ଦର୍ଶନ ସାରି ପୂର୍ବାହ୍ନରେ କଟକ ବିଦ୍ୟାଧରପୁରସ୍ଥିତ ଭାରତୀୟ କୃଷି ଗବେଷଣା ପରିଷଦ ଅଧୀନ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନରେ ଆୟୋଜିତ ୨ୟ ଜାତୀୟ ଧାନ କଂଗ୍ରେସର ସମ୍ମିଳନୀକୁ ☞ପୃଷ୍ଠା-୪

# ଗୋପାଳଙ୍କୁ ଗୁଜରାଟ କାହିଁକି ନେଲେ

**ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲା**

- ଗାନ୍ଧୀନଗରରେ ଗୋପାଳଙ୍କ ପଲିଗ୍ରାଫ ଟେଷ୍ଟ
- ଶୁକ୍ରବାର ହେବ ଅଭିଯୁକ୍ତଙ୍କ ନାର୍କୋ ଟେଷ୍ଟ

ଭୁବନେଶ୍ୱର(ବ୍ୟୁରୋ)/କଟକ ଅଫିସ, ୯।୨

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବହିଷ୍କୃତ ଏଏସ୍‌ଆଇ ଗୋପାଳ କୃଷ୍ଣ ଦାସଙ୍କୁ କ୍ରାଇମବ୍ରାଞ୍ଚ ବୁଧବାରଠାରୁ ପୁଣି ୫ଦିନିଆ ରିମାଣ୍ଡରେ ଆଣିଛି। ତୃତୀୟ ପର୍ଯ୍ୟାୟ ରିମାଣ୍ଡରେ ଆଣିବା ପରେ ତାଙ୍କୁ ରାତିରେ ଗୁଜରାଟ ନିଆଯାଇଥିଲା। ଗୁରୁବାର ଗାନ୍ଧୀନଗରସ୍ଥିତ ଡାଇରେକ୍ଟୋରେଟ ଅଫ୍ ଫୋରେନ୍‌ସିକ ସାଇନ୍ସ ସର୍ଭିସେସ୍ ଲାବରେଟୋରିରେ ଗୋପାଳଙ୍କ ପ୍ରଥମ ପର୍ଯ୍ୟାୟ ପଲିଗ୍ରାଫ ଟେଷ୍ଟ କରାଯାଇଛି। ଶୁକ୍ରବାର ଅଭିଯୁକ୍ତଙ୍କ ନାର୍କୋ ଟେଷ୍ଟ କରାଯିବା ନିମନ୍ତେ ପ୍ରସ୍ତୁତି ଚାଲିଛି। ନାର୍କୋ ଟେଷ୍ଟ ପୂର୍ବରୁ ଗୋପାଳଙ୍କ ଏକାଧିକ ମେଡିକାଲ ଟେଷ୍ଟ କରାଯିବ। ତେବେ ଦିଲ୍ଲୀ ସମେତ ଦେଶର କେତେକ ରାଜ୍ୟରେ ନାର୍କୋ ଟେଷ୍ଟର ସୁବିଧା ଥିବାବେଳେ ନବ ଦାସଙ୍କ ହତ୍ୟାକାରୀ କୁହାଯାଉଥିବା ଗୋପାଳଙ୍କୁ ତରବରିଆ ଭାବେ ଗୁଜରାଟ ଗାନ୍ଧୀନଗର କାହିଁକି ନିଆଗଲା ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ପ୍ରକାଶ ଯେ, ନୂଆଦିଲ୍ଲୀର ସେଣ୍ଟ୍ରାଲ ଫୋରେନ୍‌ସିକ ସାଇନ୍ସ ଲାବରେଟୋରି ବିଶେଷଜ୍ଞଙ୍କ ଦ୍ୱାରା ଗତ ୬ତାରିଖରେ ଝାରସୁଗୁଡ଼ାଠାରେ ଅଭିଯୁକ୍ତ ଗୋପାଳଙ୍କ ଫୋରେନ୍‌ସିକ ସାଇକୋଲୋଜିକାଲ ଆସେସ୍‌ମେଣ୍ଟ ଓ ଲେୟାର୍ଡ ☞ପୃଷ୍ଠା-୪

# ବ୍ଲୁ ଟିକ୍ ପାଇଁ ମାସକୁ ୯୦୦ ଟଙ୍କା

**ଆବେଦନର ୯୦ ଦିନ ପୂର୍ବରୁ ପ୍ଲାଟ୍‌ଫର୍ମରେ ରହିବାକୁ ପଡ଼ିବ**




**ନୂଆଦିଲ୍ଲୀ, ୯।୨:** ଅନ୍ତଃରାଷ୍ଟ୍ରୀୟ ମାଇକ୍ରୋବ୍ଲଗିଂ ସାଇଟ୍ ଟୁଇଟର ପକ୍ଷରୁ ଗୁରୁବାର ଭାରତରେ ତା’ର ସବ୍‌ସ୍କ୍ରିପ୍‌ସନ ପ୍ଲାନ୍ ଘୋଷଣା କରାଯାଇଛି। ଭାରତୀୟଙ୍କୁ ମାସିକ ୯୦୦ ଟଙ୍କା ଦେୟ ଦେବାକୁ ପଡ଼ିବ ବୋଲି ଜଣାପଡ଼ିଛି। ଟୁଇଟର ବ୍ଲୁ ସବ୍‌ସ୍କ୍ରିପ୍‌ସନ୍ ସକ୍ରିୟ ରଖିବାକୁ ଏବଂ ଅତିରିକ୍ତ ବୈଶିଷ୍ଟ୍ୟଗୁଡ଼ିକ ବ୍ୟବହାର କରିବାକୁ ୟୁଜରଙ୍କୁ ସୁଯୋଗ ମିଳିବ। ଆଣ୍ଡ୍ରଏଡ୍ ମୋବାଇଲ କିମ୍ବା ଆଇଫୋନ୍‌ରେ ତାହା ଉପଲବ୍ଧ ହେବ। ଭାରତରେ ବର୍ତ୍ତମାନ ଟୁଇଟର ବ୍ଲୁର ନୂତନ ସଦସ୍ୟମଗତା କେବଳ ୱେବ୍, ଆଇଓଏସ୍ କିମ୍ବା ଆଣ୍ଡ୍ରଏଡ୍‌ରେ ଉପଲବ୍ଧ ହେଉଛି। ଏହି ସୁବିଧା ଆମେରିକା, କାନାଡା, ଜାପାନ, ଇଣ୍ଡୋନେସିଆ, ନ୍ୟୁଜିଲାଣ୍ଡ, ବ୍ରାଜିଲ, ବ୍ରିଟେନ୍, ସାଉଦି ଆରବ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ପର୍ତ୍ତୁଗାଲ, ସ୍ପେନ୍ ଏବଂ ଅଷ୍ଟ୍ରେଲିଆ ଭଳି ଦେଶରେ ମଧ୍ୟ ଉପଲବ୍ଧ। ଏହାର ୟୁଜରମାନେ ଉଚ୍ଚମାନର ଭିଡିଓ ପୋଷ୍ଟ ସହ କେତେକ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ଇତିହାସର ବିକୃତୀକରଣ









# ଇଚିଙ୍ଗ୍ ପାଉଡର ପକାଇବାରୁ ମନ୍ତ୍ରୀ ହଟହଟା

**ଭିଡିଓ ଭାଇରାଲ୍**



ଅଶୋକନଗର, ୯।୨

ଭାରତୀୟ ଜନତା ପାର୍ଟିର ବିକାଶ ଯାତ୍ରାରେ ଯୋଗ ଦେବା ଅବସରରେ ମଧ୍ୟପ୍ରଦେଶ ଅଶୋକନଗର ଜିଲା ମୁଙ୍ଗୋଓଲି ବିଧାୟକ ତଥା ମନ୍ତ୍ରୀ ବ୍ରିଜେନ୍ଦ୍ର ସିଂ ଯାଦବଙ୍କୁ ହଟହଟା ହେବାକୁ ପଡ଼ିଛି। ମଙ୍ଗଳବାର ମନ୍ତ୍ରୀ ନିଜ ବିଧାନସଭା ନିର୍ବାଚନ ମଣ୍ଡଳୀ ମୁଙ୍ଗୋଓଲିର ଏକ ଗ୍ରାମରେ ବିକାଶ ଯାତ୍ରାର ଆୟୋଜନ କରିଥିଲେ। ମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇ କେତେଜଣ ବ୍ୟକ୍ତି ତାଙ୍କୁ ଫୁଲମାଳ ପିନ୍ଧାଇଥିଲେ। କିଛି ସମୟ ପରେ ହଠାତ୍ ବ୍ରିଜେନ୍ଦ୍ରଙ୍କ ଦେହ କୁଣ୍ଡାଇ ହେବା ଆରମ୍ଭ ହୋଇଥିଲା। ବିକାଶ ଯାତ୍ରା ସମୟରେ ମନ୍ତ୍ରୀ ନିଜ ସମର୍ଥକଙ୍କ ସହ ଚାଲିଯାଉଥିବା ବେଳେ ତାଙ୍କ ଦେହ ଅଧିକ କୁଣ୍ଡେଇ ହୋଇଥିଲା, ଯାହାପରେ ମନ୍ତ୍ରୀଙ୍କୁ ଯାତ୍ରାକୁ ଅଧାରେ ରଖି ଗାଧୋଇବାକୁ ପଡ଼ିଥିଲା। ତେବେ ଯାତ୍ରା ସମୟରେ ମନ୍ତ୍ରୀ ନିଜ ଶରୀରକୁ କୁଣ୍ଡାଉଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ସ୍ଥାନୀୟ ଗଣମାଧ୍ୟମ ସୂଚନା ଅନୁସାରେ, ବିକାଶ ଯାତ୍ରାରେ ମନ୍ତ୍ରୀଙ୍କୁ ସ୍ୱାଗତ କରିବା ସମୟରେ କେତେଜଣ ଖଳ ପ୍ରକୃତିର ଲୋକ ମନ୍ତ୍ରୀଙ୍କ ଗଳାରେ ଫୁଲମାଳ ଦେବାବେଳେ ଇଚିଙ୍ଗ୍ (କୁଣ୍ଡେଇ ହେବା) ପାଉଡର୍ ଢାଳି ଦେଇଥିଲେ। ଫଳରେ ମନ୍ତ୍ରୀଙ୍କୁ ହଟହଟା ହେବାକୁ ପଡ଼ିଥିବା କୁହାଯାଉଛି। ମୁଙ୍ଗାଓଲି ସହରର ଦେବର୍ଚି ଗ୍ରାମରେ ବିକାଶ ଯାତ୍ରାର ଆୟୋଜନ ସାଙ୍ଗକୁ ଏକାଧିକ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେବା ଲାଗି ମନ୍ତ୍ରୀ ବ୍ରିଜେନ୍ଦ୍ର ସେଠାକୁ ଯାଇଥିଲେ।

# ସନ୍ତାନ ପ୍ରସବ କଲେ ଟ୍ରାନ୍ସ ମ୍ୟାନ୍

ଥିରୁଭାନନ୍ତପୁରମ୍, ୯।୨



କିଛିଦିନ ହେବ ସାରା ଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ଟ୍ରାନ୍ସ ମ୍ୟାନ୍ ଜହାଦ ବୁଧବାର ସନ୍ତାନ ପ୍ରସବ କରିଛନ୍ତି। କେରଳର ଟ୍ରାନ୍ସଜେଣ୍ଡର କପୁଲ ଜିୟା ଓ ଜିହାଦ ବିଧିବଦ୍ଧ ଭାବେ ଅଭିଭାବକ ହୋଇଛନ୍ତି। କୋଝିକୋଡେ ହସ୍ପିଟାଲରେ ଜହାଦ ସନ୍ତାନ ଜନ୍ମ କରିଥିବା ତାଙ୍କ ସ୍ତ୍ରୀ ଜିୟା ଗଣମାଧ୍ୟମକୁ ଜଣାଇଛନ୍ତି। ପ୍ରସବ ପରେ ବାପା ଓ ପିଲା ଦୁହେଁ ସୁସ୍ଥ ଥିବାବେଳେ ଶିଶୁର ଓଜନ ୨.୯୨୦ କେଜି ରହିଛି। ସି’ ସେକ୍ସନ୍ ଜରିଆରେ ଜହାଦ ସନ୍ତାନ ଜନ୍ମ କରିଛନ୍ତି। ତେବେ ନବଜାତକ ପୁଅ କି ଝିଅ ସେ ନେଇ କୌଣସି ସୂଚନା ଜିୟା ଦେଇନାହାନ୍ତି। କୋଝିକୋଡେ ହସ୍ପିଟାଲ ମୁଖ୍ୟ ଡା. ସି. ଶ୍ରୀକୁମାର କହିଛନ୍ତି, ପ୍ରସବ ପରେ ବାପା ଜହାଦ ଓ ନବଜାତକଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିଛି। ସି’ ସେକ୍ସନ୍ ପାଇଁ ଜହାଦଙ୍କୁ କିଛିଦିନ ବିଶ୍ରାମ ନେବାର ଆବଶ୍ୟକତା ରହିଥିବାବେଳେ ଖୁବ୍ କମ୍ ଦିନରେ ସେମାନଙ୍କୁ ଡିସ୍‌ଚାର୍ଜ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଜିୟା ଏବଂ ଜହାଦ ସନ୍ତାନ ପ୍ରସବ କରିଥିବା ଭାରତର ପ୍ରଥମ ଟ୍ରାନ୍ସଜେଣ୍ଡର କପୁଲ ବୋଲି ବିଶ୍ୱାସ କରାଯାଉଛି। ଗତ ସପ୍ତାହରେ ଗର୍ଭଧାରଣ କଥାକୁ ଜିୟା ସୋସିଆଲ ମିଡିଆ ଜରିଆରେ ଜଣାଇଥିଲେ।

ଏଲ୍‌ଜିବିଟିକ୍ୟୁ କମ୍ୟୁନିଟି ପାଇଁ କାର୍ଯ୍ୟ କରୁଥିବା ଜହାଦ ଝିଅରୁ ପୁଅ ହୋଇଥିବାବେଳେ ଡ୍ୟାନ୍ସର ଜିୟା ପୁରୁଷରୁ ଝିଅ ହୋଇଛନ୍ତି। ପ୍ରଥମେ ଜିୟା ଓ ଜହାଦ ଦୁହେଁ ଭଲ ବନ୍ଧୁ ଥିଲେ। ପରସ୍ପର ପ୍ରେମରେ ପଡ଼ିବା ପରେ ଏକାଠି ରହିବାର ନିଷ୍ପତ୍ତି ନେଇଥିଲେ। ଜିୟା ସବୁବେଳେ ଜଣେ ମା’ ହେବା ନେଇ ଯେଉଁ ସ୍ୱପ୍ନ ଦେଖୁଥିଲେ, ତାକୁ ଜହାଦ ପୂରଣ କରିଛନ୍ତି। ଅଭିଭାବକ ହେବା ଲାଗି ଦୁହିଁଙ୍କର ଆଗ୍ରହ ଥିବାବେଳେ ସେମାନେ ପ୍ରଥମେ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଯୋଜନା କରିଥିଲେ। କିନ୍ତୁ ଏନେଇ କରାଯାଉଥିବା ଆଇନଗତ ପ୍ରକ୍ରିୟା ସେମାନଙ୍କୁ ହତାଶ କରିଦେଇଥିଲା। ପରେ ସେମାନେ ପିଲା ଜନ୍ମ କରିବା ଲାଗି ଡାକ୍ତରଙ୍କ ପାଖକୁ ଯାଇଥିଲେ। ଜହାଦ ଜନ୍ମରୁ ଜଣେ ମହିଳା ହୋଇଥିବାରୁ ଲିଙ୍ଗ ପରିବର୍ତ୍ତନ ପରେ ତାଙ୍କ ଦେହରେ ଗର୍ଭାଶୟ ଥିବା ହେତୁ ସେ ଗର୍ଭଧାରଣ ପାଇଁ ସକ୍ଷମ ବୋଲି ଡାକ୍ତର କହିଥିଲେ। ଏ ନେଇ ଜହାଦଙ୍କଠାରେ ବହୁ ହର୍‌ମୋନାଲ ଟ୍ରିଟ୍‌ମେଣ୍ଟ କରିବାକୁ ପଡ଼ିଥିଲା। ଅନ୍ୟପକ୍ଷେ ଲିଙ୍ଗ ପରିବର୍ତ୍ତନ ପାଇଁ ଜହାଦଙ୍କ ସ୍ତନ ଶରୀରରୁ କାଢ଼ିଦିଆଯାଇଥିବା କାରଣରୁ ନବଜାତକକୁ ମିଲ୍କ ବ୍ୟାଙ୍କର କ୍ଷୀର ଦିଆଯିବ। ତେବେ ପ୍ରସବର ୬ ମାସ ପରେ ଜହାଦଙ୍କ ଲିଙ୍ଗ ପରିବର୍ତ୍ତନର ବାକି ଥିବା ପ୍ରକ୍ରିୟା ପୁଣିଥରେ ଆରମ୍ଭ କରିବେ।




**କେନ୍ଦ୍ରମନ୍ତ୍ରୀ ମୁରଲୀଧରନଙ୍କ ଘରକୁ ପଥରମାଡ଼**

କେରଳର ଥିରୁଭାନନ୍ତପୁରମରେ ଥିବା କେନ୍ଦ୍ରମନ୍ତ୍ରୀ ଭି. ମୁରଲୀଧରନଙ୍କ ଘରକୁ ବୁଧବାର କେତେଜଣ ଦୁର୍ବୃତ୍ତ ପଥରମାଡ଼ କରିଛନ୍ତି। ତେବେ ଢେଲାମାଡ଼ରେ ଘର ଝରକା କାଚ ଭାଙ୍ଗିଯାଇଛି। ଗୁରୁବାର ପୂର୍ବାହ୍ନ ୧୧ଟାବେଳେ ମୁରଲୀଧରନଙ୍କ ଅଫିସ କର୍ମଚାରୀ ଏହି ସୂଚନା ଦେବା ପରେ ମେଡିକାଲ ପୋଲିସ ସେଠାରେ ପହଞ୍ଚିଥିଲେ। ତେବେ ଘଟଣାସ୍ଥଳରୁ ରକ୍ତଦାଗ ଦେଖିବାକୁ ମିଳିଥିବାବେଳେ ଏ ନେଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

# ଖାଦ୍ୟ ସଙ୍କଟରେ ଭୂକମ୍ପ ବିପନ୍ନ

## ମୃତ୍ୟୁସଂଖ୍ୟା ୧୯,୩୦୦ ଟପିଲା

**ଆଙ୍କାରା/ଡାମାସକସ୍,୯।୨**

ତୁର୍କୀ ଓ ସିରିଆରେ ପ୍ରଳୟଙ୍କରୀ ଭୂକମ୍ପଜନିତ ମୃତ୍ୟୁସଂଖ୍ୟା ଗୁରୁବାର ୧୯,୩୦୦ ଟପିଛି। ଭୂକମ୍ପକୁ ୪ ଦିନ ବିତିଥିଲେ ହେଁ ପ୍ରବଳ ଥଣ୍ଡା ଯୋଗୁ ହଜାର ହଜାର ବିଲ୍ଡିଂର ଭଗ୍ନାବଶେଷ ତଳୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଭଗ୍ନାବଶେଷ ତଳୁ ଜୀବନ ବଞ୍ଚାଇବା ପାଇଁ ୭୨ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ବୋଲି ବିଶେଷଜ୍ଞମାନେ କହୁଥିବାବେଳେ ସେହି ସମୟ ଅତିକ୍ରାନ୍ତ ହୋଇଯାଇଛି। ଆନ୍ତାକ୍ୟା ସହରର ହସ୍ପିଟାଲ ପାର୍କିଂ ସ୍ଥାନରେ ମୃତଦେହ ରଖାଯାଇଥିବା ବ୍ୟାଗ୍‌ରୁ ଲୋକମାନେ ସେମାନଙ୍କ ନିଖୋଜ ସମ୍ପର୍କୀୟଙ୍କୁ ଖୋଜୁଥିବା ଦେଖାଯାଇଛି।

ଭୂକମ୍ପରେ ବାସହରା ଲୋକମାନେ ପ୍ରବଳ ଶୀତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ରହିବା ପାଇଁ ଆଶ୍ରୟସ୍ଥଳ ନ ଥିବାବେଳେ ଖାଦ୍ୟ ଓ ପାଣିର ଘୋର ଅଭାବ ଦେଖାଦେଇଛି। ଉଦ୍ଧାର କାର୍ଯ୍ୟରେ ୧,୧୩,୨୦୦ ରୁ ଅଧିକ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଭୂକମ୍ପ କ୍ଷତିଗ୍ରସ୍ତ ଅଞ୍ଚଳରୁ ଗୁରୁବାର ସୁଦ୍ଧା ୨୮,୦୪୪ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ବିଭିନ୍ନ ଦେଶରୁ ଉଦ୍ଧାରକାରୀ ଟିମ୍ ସମେତ କମ୍ବଳ, ତମ୍ବୁ, ଖାଦ୍ୟ ଆଦି ଅତ୍ୟାବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। ଉଦ୍ଧାର କାର୍ଯ୍ୟରେ ଏକ୍ସାଭେଟର, ଟ୍ରାକ୍ଟର, ଡୋଜର ସମେତ ୫,୫୫୭ ଗାଡ଼ି ନିୟୋଜିତ ହୋଇଛି। ଭୂକମ୍ପରୁ ବର୍ତ୍ତିଯାଇଥିବା ହଜାର ହଜାର ଲୋକ ନାହିଁ ନ ଥିବା ଦୁର୍ଦ୍ଦିନର ସମ୍ମୁଖୀନ ହୋଇଛନ୍ତି। ଆନ୍ତାକ୍ୟା ସହରରେ ପିଲାମାନଙ୍କୁ କୋଟ୍ ଓ ଅନ୍ୟାନ୍ୟ ସାମଗ୍ରୀ ବାଣ୍ଟିବାକୁ ଆସିଥିବା ଟ୍ରକ୍ ଆଗରେ ବହୁସଂଖ୍ୟାରେ ଲୋକେ ଦୌଡ଼ୁଥିବା ଦେଖିବାକୁ ମିଳିଛି। ଘରଦ୍ୱାର ହରାଇ ଲୋକେ ତମ୍ବୁ ତଳେ ମୁଣ୍ଡ ଗୁଞ୍ଜିଥିବାବେଳେ କେତେକଙ୍କୁ ଷ୍ଟାଡିୟମ କିମ୍ବା ଅନ୍ୟାନ୍ୟ ଅସ୍ଥାୟୀ ଶିବିରରେ ରଖାଯାଇଛି। ଅନ୍ୟମାନେ ସୋମବାରଠାରୁ ଖୋଲା ଆକାଶ ତଳେ ରହିଛନ୍ତି। ସେଠାରେ ଅତ୍ୟଧିକ ଥଣ୍ଡା ପଡ଼ିଥିବାରୁ ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁ ଜାଳୁଥିବା ଦେଖାଯାଇଛି।



ଶୀତରୁ ରକ୍ଷା ପାଇବା ପାଇଁ ଭୂକମ୍ପ ବିପନ୍ନମାନେ ନିଆଁ ପୋଉଛନ୍ତି।

## ୬ ବର୍ଷର ଝିଅକୁ ଉଦ୍ଧାରକଲା ଏନ୍‌ଡିଆର୍‌ଏଫ୍




**ନୂଆଦିଲ୍ଲୀ,୯।୨**

ତୁର୍କୀ ଭୂକମ୍ପ ବିଧ୍ୱସ୍ତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା ଭାରତର ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଟିମ୍ ଜଣେ ୬ ବର୍ଷର ବାଳିକାକୁ ଭଗ୍ନାବଶେଷ ତଳୁ ସୁରକ୍ଷିତ ଉଦ୍ଧାର କରିଛନ୍ତି। କମ୍ବଳରେ ଗୁଡ଼ାଯାଇଥିବା ଶିଶୁଟିକୁ ଏନ୍‌ଡିଆର୍‌ଏଫ୍ କର୍ମଚାରୀମାନେ ଷ୍ଟ୍ରେଚରରେ ନେଉଥିବା ଦେଖିବାକୁ ମିଳିଛି। ଗ୍ରାଉଣ୍ଡ ଜିରୋରେ ଭାରତର ଏନ୍‌ଡିଆର୍‌ଏଫ୍ ଯବାନମାନେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଗୁରୁବାର ଟିମ୍ ଇଣ୍ଡ-୧୧ ନାଜିଆଣ୍ଟେପ୍‌ର ନୁରଦାଗି ଅଞ୍ଚଳରୁ ୬ ବର୍ଷର ଝିଅକୁ ଉଦ୍ଧାର କରିଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମୁଖପାତ୍ର ଟୁଇଟ୍ କରିଛନ୍ତି।

## ଇଣ୍ଡୋନେସିଆରେ ଭୂକମ୍ପ: ୪ ମୃତ

**ଜାକର୍ତ୍ତା,୯।୨:** ଇଣ୍ଡୋନେସିଆର ପୂର୍ବ ଭାଗରେ ଅବସ୍ଥିତ ପପୁଆ ପ୍ରଦେଶରେ ଗୁରୁବାର ଭୂକମ୍ପ ଅନୁଭୂତ ହୋଇଛି। ଭୂକମ୍ପ ଯୋଗୁ ସମୁଦ୍ରରେ ଏକ ଭାସମାନ ରେଷ୍ଟୁରାଣ୍ଟ ଭୁଶୁଡ଼ି ପଡ଼ିବାରୁ ୪ ଜଣଙ୍କ ମୃତ୍ୟୁ ଘଟିଛି। ପପୁଆ ନିକଟବର୍ତ୍ତୀ ଜୟପୁରା ଆବାସିକ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ଅନେକ ଘର, ଏବଂ ହସ୍ପିଟାଲ କ୍ଷତିଗ୍ରସ୍ତ ହୋଇଛି। ଜୟପୁରା ସହରରେ ଥିବା ଏକ ହସ୍ପିଟାଲର ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଭୂକମ୍ପର ତୀବ୍ରତା ୫.୧ ଥିଲା ବୋଲି ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ କୁହାଯାଇଛି। ଜାନୁୟାରୀ ୨ରୁ ଇତିମଧ୍ୟରେ ପପୁଆ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ୧,୦୭୯ ଥର ମୃଦୁ ଭୂକମ୍ପ ହେଲାଣି। ସେଥିରୁ ୧୩୨ଟି ଅଧିକ ତୀବ୍ରତାର ଅନୁଭୂତ ହୋଇଥିଲା।

## ତେଲ ଟ୍ୟାଙ୍କରରେ ଶ୍ୱାସରୁଦ୍ଧ ହୋଇ ୭ ମୃତ

**ବିଜୟୱାଡ଼ା,୯।୨**

ଆନ୍ଧ୍ରପ୍ରଦେଶ କାକିନାଡା ଜିଲାର ଏକ ତୈଳ ଭଣ୍ଡାର ଟ୍ୟାଙ୍କରରେ ପଶି କାମ କରୁଥିବା ୭ ଜଣ ଶ୍ରମିକ ଗୁରୁବାର ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଛନ୍ତି। ଜିଲାର ଜି. ରାଗମପେଟାରେ ଥିବା ଅମ୍ବାଟି ସବାନ୍ନା ତୈଳ କମ୍ପାନୀରେ ଏହି ଦୁର୍ଘଟଣା ଘଟିଛି। ଟ୍ୟାଙ୍କର ଭିତରକୁ ଜଣକ ପରେ ଜଣେ ଶ୍ରମିକ ପ୍ରବେଶ କରିବା ପରେ ସଂଜ୍ଞାହୀନ ହୋଇପଡ଼ିଥିଲେ। ସେମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ବାହାରକୁ ନ ଆସିବାରୁ ଅନ୍ୟମାନେ ଟ୍ୟାଙ୍କରକୁ କାଟି ଭିତରେ ୭ ଜଣଙ୍କ ମୃତ୍ୟୁ ହୋଇଥିବା ଦେଖିବାକୁ ପାଇଥିଲେ। ଉକ୍ତ ଟ୍ୟାଙ୍କରରେ ଅଶୋଧିତ ତୈଳ ଗଚ୍ଛିତ ରହୁଥିଲା ଓ ନିୟମିତ ବ୍ୟବଧାନରେ ଶ୍ରମିକମାନେ ଏହା ଭିତରେ ପଶି ସଫା କରୁଥିଲେ ବୋଲି ପୋଲିସ କହିଛି। ପେଦାପୁରମ୍ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଭାରତୀୟ ନାଗରିକତ୍ୱ ଛାଡ଼ିଛନ୍ତି ୧୬ ଲକ୍ଷରୁ ଊର୍ଦ୍ଧ୍ୱ

**ନୂଆଦିଲ୍ଲୀ, ୯।୨**

୨୦୧୧ ପରଠାରୁ ଦେଶରେ ମୋଟ ୧୬,୬୩,୪୪୦ ଜଣ ଭାରତୀୟ ନାଗରିକତ୍ୱ ତ୍ୟାଗ କରିଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଗୁରୁବାର ରାଜ୍ୟ ସଭାରେ କହିଛନ୍ତି। ଗତବର୍ଷ ୨,୨୫,୬୨୦ ଜଣ ନାଗରିକତ୍ୱ ଛାଡ଼ିଛନ୍ତି। ୨୦୧୫ରେ ୧,୩୧,୪୮୯ ଜଣ ନାଗରିକତ୍ୱ ଛାଡ଼ିଥିବାବେଳେ ୨୦୧୬ରେ ୧,୪୧,୬୦୩ ଏବଂ ୨୦୧୭ରେ ୧,୩୩,୦୪୯ ଜଣ ନାଗରିକତ୍ୱ ଛାଡ଼ିଥିବା ଜୟଶଙ୍କର ସୂଚନା ଦେଇଛନ୍ତି। ରାଜ୍ୟ ସଭାରେ ଜୟଶଙ୍କର ଏକ ରିପୋର୍ଟ ଉପସ୍ଥାପନ କରିଛନ୍ତି, ଯେଉଁଥିରେ ଭାରତୀୟ ଗ୍ରହଣ କରିଥିବା ୧୩୫ ଦେଶର ନାଗରିକତ୍ୱର ନାମ ତାଲିକା ରହିଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ୭ ସ୍କୁଲ ପିଲାଙ୍କ ମୃତ୍ୟୁ

**ବସ୍ତର,୯।୨:** ଛତିଶଗଡ଼ର ବସ୍ତର ଅଞ୍ଚଳରେ ଗୁରୁବାର ଏକ ଟ୍ରକ୍ ଅଟୋରିକ୍ସାକୁ ଧକ୍କା ଦେବାରୁ ୭ ଜଣ ସ୍କୁଲ୍ ପିଲାଙ୍କ ମୃତ୍ୟୁ ଘଟିଛି ଓ ଜଣେ ଗୁରୁତର ହୋଇଛନ୍ତି। ପିଲାମାନେ ଅଟୋରିକ୍ସାରେ ସ୍କୁଲ୍‌ରୁ ଘରକୁ ଫେରୁଥିବାବେଳେ ଟ୍ରକ୍ ଧକ୍କା ଦେଇଥିଲା। ପିଲାମାନଙ୍କ ବୟସ ୫ରୁ ୮ ବର୍ଷ ମଧ୍ୟରେ। ଗୁରୁତର ଆହତ ଶିଶୁକୁ କଙ୍କେର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅଟୋ ଡ୍ରାଇଭର ମଧ୍ୟ ଆହତ ହୋଇଛନ୍ତି। କୋରାର ନିକଟରେ ଦୁର୍ଘଟଣା ଘଟିଥିବାବେଳେ ଘଟଣାସ୍ଥଳକୁ ଉଚ୍ଚ ପୋଲିସ ଅଧିକାରୀମାନେ ଯାଇଛନ୍ତି। ଦୁର୍ଘଟଣା ପାଇଁ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ଦୁଃଖ ପ୍ରକାଶ କରିବା ସହ ଆହତଙ୍କ ଉପଯୁକ୍ତ ଚିକିତ୍ସା ଲାଗି ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

### ବିଲ୍ଡିଂ ନିଆଁ: ୫ ମୃତ

**ମସ୍କୋ,୯।୨:** ରୁଷିଆର ନୋଭୋସିବିର୍ସ୍କ ସହରର ଏକ ଆପାର୍ଟମେଣ୍ଟ ବିଲ୍ଡିଂରେ ନିଆଁ ଲାଗି ୫ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୨ ବର୍ଷର ଶିଶୁ ଥିବା ଆଞ୍ଚଳିକ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷେ ଆହତ ୯ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଶୋଚନୀୟ ଥିବା ଆଞ୍ଚଳିକ ଗଭର୍ନର ଆନ୍ଦ୍ରେ ଟ୍ରାଭନିକୋଭ କହିଛନ୍ତି। ବିଲ୍ଡିଂ ଗ୍ୟାସ୍ ସିଷ୍ଟମ ବିସ୍ଫୋରଣ ଫଳରେ ବିଲ୍ଡିଂରେ ଅଗ୍ନିକାଣ୍ଡ ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣା ସମୟରେ ୨ ଶିଶୁଙ୍କ ସମେତ ୧୦ ଜଣ ବିଲ୍ଡିଂରେ ଥିବା କୁହାଯାଉଛି। ବିସ୍ଫୋରଣରେ ୫ ମହଲା ବିଶିଷ୍ଟ ବିଲ୍ଡିଂ ଭୁଶୁଡ଼ି ପଡ଼ିଥିବାବେଳେ ୩୦ ଆପର୍ଟମେଣ୍ଟ ଧ୍ୱସ୍ତବିଧ୍ୱସ ହୋଇଯାଇଛି।

### ଶିବୁ ସୋରେନ ହସ୍ପିଟାଲରେ

**ରାଞ୍ଚି,୯।୨:** ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ସୁପ୍ରିମୋ ଶିବୁ ସୋରେନ୍ ଗୁରୁବାର ଅପରାହ୍ନରେ ରାଞ୍ଚିର ମେଦାନ୍ତା ହସ୍ପିଟାଲ ଯାଇଛନ୍ତି। ସେ ଅଣନିଃଶ୍ୱାସୀ ଅନୁଭବ କରିବାରୁ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ୫ ଜଣିଆ ଡାକ୍ତରୀ ଟିମ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା ନିରୀକ୍ଷା କରିଛନ୍ତି। ତେବେ ତାଙ୍କୁ ଏପର୍ଯ୍ୟନ୍ତ ଆଡମିଶନ କରାଯାଇ ନ ଥିବା ମେଦାନ୍ତ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ କହିଛନ୍ତି। ୭୯ ବର୍ଷୀୟ ଜେଏମ୍‌ଏମ୍ ନେତା ୨୦୦୫ରୁ ୨୦୨୦ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଥିଲେ। ନିକଟରେ ସେ ତାଙ୍କ ପୁଅ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ସହ ଏକ ରାଲିରେ ଯୋଗଦେଇଥିଲେ।



### ଆସାମରେ ବାଲ୍ୟବିବାହ ବିରୋଧୀ ଅଭିଯାନ: ୩ ହଜାର ଗିରଫ

**ଦିଶପୁର, ୯।୨:** ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ଅଧକ୍ଷତାରେ ଆସାମରେ ଆରମ୍ଭ କରାଯାଇଥିବ ବାଲ୍ୟ ବିବାହ ବିରୋଧୀ ଅଭିଯାନରେ ଅଦ୍ୟାବଧି ୩ ହଜାରଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ୨,୬୬୬ ଜଣଙ୍କ ନାଁରେ ଅଭିଯୋଗ ରହିଥିବା ଜଣାପଡ଼ିଛି। ରାଜ୍ୟରେ ଥିବା ଷ୍ଟାଡିୟମ୍‌ରେ ଅସ୍ଥାୟୀ ଜେଲ ନିର୍ମାଣ କରାଯାଇଛି। ଗିରଫଙ୍କ ମଧ୍ୟରେ ୭୮ ମହିଳା ଅଛନ୍ତି। ରାଜ୍ୟରେ ବାଲ୍ୟ ବିବାହ ପ୍ରଥାକୁ ସମୂଳେ ଶେଷ କରାଯିବ ବୋଲି ଗୁରୁବାର ମୁଖ୍ୟମନ୍ତ୍ରୀ ବିଶ୍ୱ ଶର୍ମା ଟୁଇଟ୍ କରି କହିଛନ୍ତି।

### ପୁଟିନ୍‌ଙ୍କୁ ଭେଟିଲେ ଡୋଭାଲ



**ମସ୍କୋ,୯।୨:** ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଗୁରୁବାର ମସ୍କୋରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଦୁଇ ଦେଶ ମଧ୍ୟରେ ରଣନୀତିକ ସହଭାଗିତାର କାର୍ଯ୍ୟକାରିତା ଜାରି ରଖିବାକୁ ଉଭୟ ସହମତ ହୋଇଛନ୍ତି। ଆଲୋଚନାରେ ଦ୍ୱିପାକ୍ଷିକ ଏବଂ ଆଞ୍ଚଳିକ ପ୍ରସଙ୍ଗକୁ ପ୍ରାଧାନ୍ୟ ଦିଆଯାଇଥିଲା ବୋଲି ମସ୍କୋସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି। ଡୋଭାଲ ବୁଧବାରଠାରୁ ଦୁଇଦିନିଆ ରୁଷିଆ ଗସ୍ତରେ ଅଛନ୍ତି। ସେ ବୁଧବାର ଆଫଗାନିସ୍ତାନ ଉପରେ ସୁରକ୍ଷା ପରିଷଦ ସଚିବ/ଏନ୍‌ଏସ୍‌ଏମାନଙ୍କ ୫ମ ବୈଠକରେ ଯୋଗଦେଇଥିଲେ। ୩ ମାସ ପୂର୍ବରୁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ରୁଷିଆ ଗସ୍ତରେ ଯାଇଥିଲେ।

## ଆଜି ସୁପ୍ରିମକୋର୍ଟରେ ଶୁଣାଣି

### ଆଦାନୀ ଗ୍ରୁପ୍ ଉପରେ ହିଣ୍ଡେନ୍‌ବର୍ଗ ରିପୋର୍ଟର ତଦନ୍ତ ଦାବି

**ନୂଆଦିଲ୍ଲୀ,୯।୨(ଆଇଏଏନ୍‌ଏସ୍)**

ଆଦାନୀ ଗ୍ରୁପ୍‌ର ଜାଲିଆତି ସମ୍ପର୍କରେ ଆମେରିକାର ଶର୍ଟ ସେଲ୍ କମ୍ପାନୀ ହିଣ୍ଡେନବର୍ଗ ରିସର୍ଚ୍ଚର ରିପୋର୍ଟର ତଦନ୍ତ ଜଣେ ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏକ କମିଟି ଦ୍ୱାରା କରାଇବା ପାଇଁ ଦାଏର ପିଟିଶନ୍‌ର ଶୁଣାଣି ଶୁକ୍ରବାର ସର୍ବୋଚ୍ଚ ଅଦାଲତ କରିବେ। ହିଣ୍ଡେନବର୍ଗ ରିସର୍ଚ୍ଚ ଆଣିଥିବା ଅଭିଯୋଗକୁ ଆଦାନୀ ଗ୍ରୁପ୍ ଅଗ୍ରାହ୍ୟ କରିଆସିଛି। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ଜଷ୍ଟିସ ପି.ଏସ୍. ନରସିଂହ ଏବଂ ଜେ.ବି. ପର୍ଡିୱାଲାଙ୍କ ଖଣ୍ଡପୀଠରେ ଜରୁରୀ ଶୁଣାଣି ପାଇଁ ଆଇନଜୀବୀ ବିଶାଳ ତିୱାରି ନିବେଦନ କରିଥିଲେ। ଏହି ପ୍ରସଙ୍ଗରେ ଅନ୍ୟ ଏକ ପିଟିଶନର ଶୁଣାଣି ୧୦ ତାରିଖରେ ହେବାକୁ ଥିବାରୁ ଏହାକୁ ମଧ୍ୟ ଏକସଙ୍ଗେ ଶୁଣାଣି କରିବାକୁ ତିୱାରି ଖଣ୍ଡପୀଠଙ୍କୁ କହିଥିଲେ। ଆଇନଜୀବୀ ଏମ.ଏଲ୍. ଶର୍ମା ଦାଏର କରିଥିବା ଜନସ୍ୱାର୍ଥ ମାମଲାରେ ହିଣ୍ଡେନବର୍ଗ ରିସର୍ଚ୍ଚର ମୁଖ୍ୟ ଆମେରିକାର ନାଟେ ଆଣ୍ଡରସନ୍ ଏବଂ ତାଙ୍କ ଭାରତୀୟ ସଂସ୍ଥା ଆପରାଧିକ ଷଡ଼ଯନ୍ତ୍ର କରି ଗତ ମାସ ୨୫ ତାରିଖ ପୂର୍ବରୁ ଓ ପରେ ଶହ ଶହ ବିଲିୟନ ଡଲାର ଶର୍ଟ ସେଲ୍ କରିଥିବା ଅଭିଯୋଗ ହୋଇଛି। ସେମାନେ ଆଦାନୀ ଗ୍ରୁପ୍ ବିରୋଧରେ ମନଗଢ଼ା ଖବର ପ୍ରକାଶ କରି ଶେୟାର ବଜାରରେ କ୍ରାସ୍ କରାଇ କମ୍ ଦରରେ ସେମାନଙ୍କ ଶର୍ଟ ସେଲ୍ ସ୍ଥିତି ବଢ଼ାଇଥିବା ପିଟିଶନରେ ଉଲ୍ଲେଖ କରାଯାଇଛି।

## କଲେଜିୟମ ବ୍ୟବସ୍ଥା ପରିବର୍ତ୍ତନ ଆବଶ୍ୟକ ନାହିଁ: ଜଷ୍ଟିସ ଲଲିତ

**ଚେନ୍ନାଇ,୯।୨:** ବିଚାରପତି ଚୟନ ଲାଗି କଲେଜିୟମ ବ୍ୟବସ୍ଥାକୁ ନେଇ କେନ୍ଦ୍ର ସରକାର ଓ ନ୍ୟାୟପାଳିକା ମଧ୍ୟରେ ବିବାଦ ଦେଖାଦେଇଥିବାବେଳେ ଉକ୍ତ ବ୍ୟବସ୍ଥାରେ ପରିବର୍ତ୍ତନର ଆବଶ୍ୟକତା ଅନୁଭବ କରୁ ନ ଥିବା ଭାରତର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ୟୁ.ୟୁ. ଲଲିତ କହିଛନ୍ତି। ଗୁରୁବାର ଥିଙ୍କ୍‌ଏଡୁ କନ୍‌କ୍ଲେଭ୍ ୧୨ତମ ସଂସ୍କରଣର ଉଦ୍‌ଘାଟନୀ ଅଧିବେଶନରେ ଉଦ୍‌ବୋଧନ ଦେଇ ଜଷ୍ଟିସ ଲଲିତ କହିଛନ୍ତି, ଆଇନ ଅଧ୍ୟୟନ କେବଳ ବିଶ୍ୱବିଦ୍ୟାଳୟ ଓ କଲେଜରେ ସୀମିତ ରହିପାରିବ ନାହିଁ, ଏହା ସମସ୍ତଙ୍କ ପାଇଁ ମୁକ୍ତ ହେବା ସହ ସାମାଜିକ ଉପକରଣରେ ପରିଣତ ହେବା ଆବଶ୍ୟକ। ଇଣ୍ଟର୍ନଶିପ୍ ଉପରେ ଅଧିକ ଗୁରୁତ୍ୱ ଦେଇ ଜଷ୍ଟିସ ଲଲିତ କହିଥିଲେ, ଏହାଦ୍ୱାରା ଛାତ୍ରୀଛାତ୍ର ଗ୍ରାମାଞ୍ଚଳ ଲୋକଙ୍କ ସହ ଏକାଠି କାମ କରିବା ଏବଂ ସେମାନଙ୍କ ସହ କଥା ହେବା ଦ୍ୱାରା ସେମାନଙ୍କ ସମସ୍ୟା ଓ ଚ୍ୟାଲେଞ୍ଜ ସମ୍ପର୍କରେ ବୁଝି ପାରିବେ।

## ରୁମ୍‌ରୁ ଗର୍ଭ ପରୀକ୍ଷା କିଟ୍ ମିଳିବାରୁ ଝିଅକୁ ହତ୍ୟା

**କୌଶମ୍ବି, ୯।୨**

ଉତ୍ତର ପ୍ରଦେଶ କୌଶମ୍ବିର ଟେନଶାହ ଆଲାମବାଦ ଗ୍ରାମରେ ଝିଅକୁ ହତ୍ୟା ଅଭିଯୋଗରେ ଦମ୍ପତିଙ୍କୁ ସ୍ଥାନୀୟ ପୋଲିସ ଗିରଫ କରିଛି। ୨୧ ବର୍ଷୀୟା ଯୁବତୀଙ୍କ ରୁମ୍‌ରୁ ପ୍ରେଗ୍‌ନାନ୍ସି ଟେଷ୍ଟ୍ କିଟ୍ ମିଳିବା ପରେ ବାପା ନରେଶ ଓ ମା’ ଶୋଭା ଝିଅଙ୍କୁ ହତ୍ୟା କରିଥିଲେ। ଘଟଣାକୁ ବାଟବଣା କରିବା ପାଇଁ ଝିଅ ନିଖୋଜ ଥିବା ନେଇ ନରେଶ ଗତ ୩ରେ ଥାନାରେ ଅଭିଯୋଗ କରିଥିଲେ। କିଛିଦିନ ପରେ ଗାଁ ପାଖ କେନାଲରୁ ଯୁବତୀଙ୍କ ଗଳିତ ମୃତଦେହ ପୋଲିସକୁ ମିଳିଥିଲା। ଯାଞ୍ଚ ଚାଲିଥିବାବେଳେ ଘଟଣାରେ ନରେଶ ଓ ଶୋଭାଙ୍କ ସମ୍ପୃକ୍ତି ଜାଣିବାକୁ ପାଇ ପୋଲିସ ସେମାନଙ୍କୁ ଗିରଫ କରିଥିବା ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ବ୍ରିଜେଶ କୁମାର ଶ୍ରୀବାସ୍ତବ ସୂଚନା ଦେଇଛନ୍ତି। ହତ୍ୟା ପରେ ଯୁବତୀଙ୍କ ପରିଚୟ ଲୁଚାଇବାକୁ ଯାଇ ସେମାନେ ମୃତଦେହରେ ଏସିଡ୍ ଢାଳିଥିଲେ। ଏଥିରେ ନରେଶଙ୍କୁ ସହଯୋଗ କରିଥିବା ତାଙ୍କ ଦୁଇ ଭାଇ ଗୁଲାବ ଓ ରମେଶଙ୍କୁ ମଧ୍ୟ ପୋଲିସ ଗିରଫ କରିନେଇଛି। ଯୁବତୀ ଜଣଙ୍କ ଏକାଧିକ ପୁରୁଷଙ୍କ ସହ ସମ୍ପର୍କରେ ଥିବାବେଳେ ତାଙ୍କ ରୁମ୍‌ରୁ ଅନେକ ଗର୍ଭ ପରୀକ୍ଷା କିଟ୍ ମିଳିଥିଲା। ଏ ପ୍ରକାର ଆଚରଣ ଦେଖି ସେମାନେ ସେମାନେ ଝିଅକୁ ହତ୍ୟା କରିଥିବା ପୋଲିସ କହିଛି।

## ଅଧିକ ସୈନ୍ୟ ସହାୟତା ମାଗିଲେ ଜେଲେନ୍‌ସ୍କି

### ଇୟୁ ପାର୍ଲାମେଣ୍ଟରେ ଦେଲେ ଉଦ୍‌ବୋଧନ

**ବ୍ରସେଲ୍ସ, ୯।୨**

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଗୁରୁବାର ୟୁରୋପୀୟ ପାର୍ଲାମେଣ୍ଟରେ ଉଦ୍‌ବୋଧନ ଦେଇ ରୁଷିଆର ମୁକାବିଲା ପାଇଁ ଅଧିକ ସୈନ୍ୟ ବଳ ଯୋଗାଇ ଦେବାଲାଗି ଅନୁରୋଧ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ୟୁକ୍ରେନ୍ ଏବଂ ୟୁରୋପୀୟ ସଂଘ ମିଳିତ ଭାବେ ରୁଷିଆ ବିରୋଧରେ ଲଢ଼େଇ ଜାରି ରଖିଛି। ପାର୍ଲାମେଣ୍ଟରେ ଜେଲେନ୍‌ସ୍କି ଉଦ୍‌ବୋଧନ ବେଳେ ସେଠାରେ ଉପସ୍ଥିତ ୟୁରୋପୀୟ ଆଇନପ୍ରଣେତାମାନେ ଷ୍ଟାଣ୍ଡିଂ ଓଭେଶନ୍ ଜଣାଇଥିଲେ। ଏହି ଅବସରରେ ଜେଲେନ୍‌ସ୍କି କହିଥିଲେ, ଆମେ ସମସ୍ତେ ଯେତେ ପର୍ଯ୍ୟନ୍ତ ଏକାଠି ଅଛେ ସେ ପର୍ଯ୍ୟନ୍ତ ୟୁରୋପ ରହିଥିବ। ୟୁରୋପୀୟ ଜୀବନ ଶୈଳୀର ଜନ୍ମ ଆମେ ସବୁବେଳେ ନେବୁ, ଯାହାକୁ ରୁଷିଆ ଧ୍ୱଂସ କରିବାକୁ ଚାହୁଁଛି। ୟୁକ୍ରେନ୍‌କୁ ଲଙ୍ଗ୍ ରେଞ୍ଜ ସିଷ୍ଟମ, ଫାଇଟର ଜେଟ୍ ଯୋଗାଇ ଦେବା ଲାଗି ୟୁରୋପୀୟ ପାର୍ଲାମେଣ୍ଟ ପ୍ରେସିଡେଣ୍ଟ ରୋବର୍ଟା ମେଟସୋଲା କହିଛନ୍ତି।




ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ୟୁରୋପୀୟ ପାର୍ଲାମେଣ୍ଟ ପ୍ରେସିଡେଣ୍ଟ ରୋବର୍ଟା ମେଟସୋଲାଙ୍କ ସହ କରମର୍ଦ୍ଦନ କରୁଛନ୍ତି।

## ‘ଇନ୍ଦିରା ୫୦ ଥର ଧାରା ୩୫୬ର ଦୁରୁପଯୋଗ କରିଥିଲେ’

### ରାଜ୍ୟ ସଭାରେ କଂଗ୍ରେସ ଉପରେ ବର୍ଷିଲେ ମୋଦି

**ନୂଆଦିଲ୍ଲୀ,୯।୨**

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ କରି ୫୦ ଥର ରାଜ୍ୟ ସରକାରଗୁଡ଼ିକୁ ଭାଙ୍ଗିଥିଲେ ବୋଲି ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟ ସଭାରେ କହିଛନ୍ତି। ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରରେ ରାଜ୍ୟଗୁଡ଼ିକ କ୍ରମାଗତ ଭାବେ ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି ବୋଲି କଂଗ୍ରେସର ଅଭିଯୋଗ ପରେ ପ୍ରଧାନମନ୍ତ୍ରୀ ଉପରୋକ୍ତ ମତ ଦେଇଥିଲେ। କଂଗ୍ରେସ କେନ୍ଦ୍ରରେ କ୍ଷମତାରେ ଥିବାବେଳେ ରାଜ୍ୟ ଓ ଆଞ୍ଚଳିକ ଦଳଗୁଡ଼ିକର ଅଧିକାରକୁ ଛଡ଼ାଇ ନେଇଥିଲା ଏବଂ ଅନୁଚ୍ଛେଦ ୩୫୬ର ଦୁରୁପଯୋଗ କରି ୯୦ ଥର ରାଜ୍ୟ ସରକାର ଭାଙ୍ଗିଥିଲା। କେବଳ ଇନ୍ଦିରା ଗାନ୍ଧୀଙ୍କ ଶାସନରେ ୫୦ ଥର ରାଜ୍ୟ ସରଭାର ଭଙ୍ଗାଯାଇଥିଲା ବୋଲି ମୋଦି କହିଛନ୍ତି। ଏବେ ଯେଉଁମାନେ କଂଗ୍ରେସ ସହ ଏକାଠି ହୋଇଛନ୍ତି, ପୂର୍ବରୁ ସେମାନଙ୍କ ସରକାରକୁ କଂଗ୍ରେସ ଭାଙ୍ଗିଥିଲା। କେରଳରେ ବାମଦଳ ସରକାର, ଆନ୍ଧ୍ରପ୍ରଦେଶରେ ଏନ୍‌ଟି ରାମାରାଓ ସରକାର, ମହାରାଷ୍ଟ୍ରରେ ଶରଦ ପାୱାର ସରକାର ଏବଂ ତାମିଲନାଡୁରେ ଏମ୍.ଜି. ରାମଚନ୍ଦ୍ରନଙ୍କ ସରକାରକୁ କଂଗ୍ରେସ ଭାଙ୍ଗିଥିଲା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।



ଆଦାନୀ ଗ୍ରୁପ୍ ବିରୋଧରେ ଜେପିସି ତଦନ୍ତ ଦାବିରେ ବିରୋଧୀ ଦଳଗୁଡ଼ିକ କ୍ରମାଗତ ଭାବେ ଗୃହରେ ହଟ୍ଟଗୋଳ କରିଆସୁଥିବାବେଳେ ପ୍ରଧାନମନ୍ତ୍ରୀ କଂଗ୍ରେସ ଉପରେ ଜୋର୍‌ଦାର ଆକ୍ରମଣ କରିଛନ୍ତି। ବିକାଶ ନାମରେ ଟୋକନିଜମ୍ ପ୍ରଚଳନ କରି କଂଗ୍ରେସ ଭାରତର ପ୍ରଗତିକୁ ଧିମା କରିଦେଇଛି ଏବଂ ଦେଶର ୬ ଦଶନ୍ଧି ସମୟକୁ ବରବାଦ କରିଛି ବୋଲି ମୋଦି କହିଥିଲେ। ବୁଧବାର ମଧ୍ୟ ଲୋକ ସଭାରେ ମୋଦି କଂଗ୍ରେସ ଉପରେ ବର୍ଷିଥିଲେ। ଦଶ ବର୍ଷର ଉପା ଶାସନ ଦେଶ ପାଇଁ କ୍ଷତିର ଦଶନ୍ଧି ବୋଲି ସେ କହିଥିଲେ। ବିରୋଧୀମାନେ ମୋଦି-ଆଦାନୀ ଭାଇ ଭାଇ ସ୍ଲୋଗାନ ଦେଉଥିବାବେଳେ ପ୍ରଧାନମନ୍ତ୍ରୀ କହିଥିଲେ, ତୁମେ ଯେତେ କାଦୁଅ ଫିଙ୍ଗିବ, ସେତେ ବଡ଼ ପଦ୍ମ ଫୁଟିବ। ଗୃହରେ କେତେଜଣଙ୍କ ଭାଷା ଓ ବ୍ୟବହାର ଦେଶକୁ ଦୁଃଖିତ କରିଛି। ବିରୋଧୀମାନେ ଅର୍ଦ୍ଧସତ୍ୟ କହି ମିଛର ପ୍ରସାର କରାଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

## ଦାରିଦ୍ର୍ୟ, ବେରୋଜଗାରୀ ରୋକିବା ସୁଯୋଗ ହରାଇଛି ବଜେଟ: ବିରୋଧୀ

**ନୂଆଦିଲ୍ଲୀ,୯।୨(ପି.ଟି.)**

ଦେଶରୁ ଦାରିଦ୍ର୍ୟ ଓ ବେରୋଜଗାରୀ ହଟାଇବା ଦିଗରେ କେନ୍ଦ୍ର ବଜେଟ ସୁଯୋଗ ହରାଇଛି ବୋଲି ଗୁରୁବାର ବିରୋଧୀ ଅଭିଯୋଗ କରିଛନ୍ତି। ଲୋକ ସଭାରେ ବଜେଟ ଉପରେ ଆଲୋଚନା ବେଳେ ଏହା କୃଷକ, ଚାଷୀ ଏବଂ ଗ୍ରାମାଞ୍ଚଳ ବିରୋଧୀ ବୋଲି ତୃଣମୂଳ କଂଗ୍ରେସ ସଦସ୍ୟ ସୌଗତ ରାୟ କହିଥିଲେ। ଆମେରିକାର ଶର୍ଟ ସେଲର ହିଣ୍ଡେନବର୍ଗ ରିସର୍ଚ୍ଚ ରିପୋର୍ଟ ପରେ ଆଦାନୀ ଗ୍ରୁପ୍‌ର ଷ୍ଟକ୍ ମୂଲ୍ୟ ଯଥେଷ୍ଟ ହ୍ରାସ ପାଇଥିବାରୁ ନିବେଶକ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହାର ତଦନ୍ତ ହେବା ଆବଶ୍ୟକ ବୋଲି ତୃଣମୂଳ ନେତା ଦାବି କରିଥିଲେ। ବିରୋଧୀ ଦଳ ନେତାମାନଙ୍କ ବିରୋଧରେ କେନ୍ଦ୍ର ସରକାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ଲଗାଉଛନ୍ତି, କିନ୍ତୁ ନିବେଶକଙ୍କ ହଜାର ହଜାର କୋଟି ଟଙ୍କା କ୍ଷତି ପାଇଁ ଦାୟୀ କର୍ପୋରେଟ୍ ଗ୍ରୁପ୍ ପାଖକୁ ଇଡି ଯାଉନାହିଁ ବୋଲି ସୌଗତ ଅଭିଯୋଗ କରିଥିଲେ। କେନ୍ଦ୍ର ବଜେଟ ଦାରିଦ୍ର୍ୟ ଓ ବେରୋଜଗାରୀ ହଟାଇବାରେ ବିଫଳ ହୋଇଥିବାବେଳେ ଦେଶକୁ ଏକ ନିଯୁକ୍ତିବିହୀନ ଭବିଷ୍ୟତ ଆଡ଼କୁ ନେଇଯାଉଛି ବୋଲି ତୃଣମୂଳ କଂଗ୍ରେସ ନେତା କହିଥିଲେ।

ବଜେଟ ଉପରେ ଆଲୋଚନା ଆରମ୍ଭ କରି ୱାଇଏସ୍‌ଆର୍‌ସିପି ସଦସ୍ୟ ମାର୍ଗାନି ଭରତରାମ କହିଥିଲେ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ରନ୍ଧନ ଗ୍ୟାସ ମୂଲ୍ୟ ବୃଦ୍ଧିକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି। ଜେଡିୟୁ ନେତା ମହାବଳୀ ସିଂ ବିହାର ପାଇଁ ସ୍ୱତନ୍ତ୍ର ପାହ୍ୟା ଦାବି କରିଥିଲେ।

# ଇସ୍ପାତ ଓ ଖଣି ବିଭାଗରେ ୬୫ ଅଫିସର ଯୋଗ ଦେଲେ

## ସମର୍ପିତ ହୋଇ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୯।୨(ବ୍ୟୁରୋ)

ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇ ଦେବାକୁ ରାଜ୍ୟ ସରକାର ୫-ଟି, ମୋ ସରକାର ଭଳି ଅଭିନବ କାର୍ଯ୍ୟକ୍ରମ କରିଛନ୍ତି। ଏସବୁ କେତେଦୂର ଆଶ୍ଚର୍ଯ୍ୟଚକିତ ଓ ଅଭିନବ କୌଶଳ ତାହା ବଡ଼ କଥା ନୁହେଁ। ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରିତା ହେଉଛି ଏହାର ସଫଳ ଉପଯୋଗ । ବିଚାରବନ୍ତ, ସାଧୁତା ଓ ନିଷ୍ଠାପର ଭାବେ ଲୋକମାନଙ୍କ ଉପକାର ପାଇଁ ନିଜକୁ ସମର୍ପିତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇସ୍ପାତ ଓ ଖଣି ବିଭାଗର ନବନିଯୁକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଇସ୍ପାତ ଓ ଖଣି ବିଭାଗରେ ୬୫ ଅଫିସରଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି । ଗୁରୁବାର ନବନିଯୁକ୍ତ ଅଧିକାରୀମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭର୍ଚୁଆଲରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଲୋକମାନଙ୍କ ମଙ୍ଗଳ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ପଦକ୍ଷେପ ଉଦ୍ଦିଷ୍ଟ। ଖଣିଜ ପ୍ରଶାସନିକ ସେବା ଏବଂ ଭୂତତ୍ତ୍ୱ ସେବା ନିଜ ନିଜ କ୍ଷେତ୍ରରେ ସ୍ୱତନ୍ତ୍ର। ମୂଲ୍ୟବାନ ଖଣିଜ ସମ୍ପଦର ସଂରକ୍ଷଣ ଓ ପରିଚାଳନା କରିବା ଉଭୟର କାର୍ଯ୍ୟ। ଏଥିପାଇଁ ଉପଯୁକ୍ତ ଜ୍ଞାନ ଓ ଅତ୍ୟାଧୁନିକ ବୈଜ୍ଞାନିକ ଜ୍ଞାନକୌଶଳ ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାର ଖଣିଜ ପରିବହନ ପାଇଁ ଏକ ଉତ୍ତମ ତଦାରଖ ବ୍ୟବସ୍ଥା କରିଛନ୍ତି, ଯାହାକି ଦେଶରେ ଓଡ଼ିଶାକୁ ପ୍ରଶଂସା କରାଯାଉଛି। ଓଡ଼ିଶା ଖଣିଜ ନିୟମରେ ଏକ ନୂତନ ପରିବର୍ତ୍ତନ ଆଣିବାକୁ ବିଚାର କରୁଛି। ରାଜ୍ୟର ଖଣିଜ ସମ୍ପଦରୁ ଅଧିକ ରାଜସ୍ୱ ସଂଗ୍ରହ କରାଯାଉଛି, ଯାହାକି ଲୋକମାନଙ୍କ କଲ୍ୟାଣରେ ବିନିଯୋଗ ହେଉଛି। ଯୁବ ଓ ଦକ୍ଷ ଅଫିସରମାନଙ୍କ କଠିନ ପରିଶ୍ରମ ଯୋଗୁ ତାହା ସମ୍ଭବ ହୋଇପାରିବ। ଏହାର ଫାଇଦା ଜନସାଧାରଣଙ୍କ ନିକଟକୁ ଯିବ । ଆଜିର ଦିନ ଆପଣମାନଙ୍କ ଜୀବନରେ ଏକ ନୂଆ ଅଧ୍ୟାୟର ଶୁଭାରମ୍ଭ କରିବ ବୋଲି ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଅଫିସରମାନଙ୍କୁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି, ରାଜ୍ୟର ବିକାଶରେ ଖଣିକ୍ଷେତ୍ର ସବୁଠାରୁ ଅଧିକ ରାଜସ୍ୱ ପ୍ରଦାନକରି ଆସୁଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ରାଜ୍ୟର ଖଣି କ୍ଷେତ୍ରକୁ ରୂପାନ୍ତରଣ କରିବାରେ ସହାୟକ ହୋଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି, ଖଣି ମେକ୍ଷତ୍ରର ଦ୍ରୁତ ଅଭିବୃଦ୍ଧିରେ ନବନିଯୁକ୍ତ ଅଧିକାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ସଂଯୋଜନା କରିଥିବା ବେଳେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡି. କେ. ସିଂ ସ୍ୱାଗତ ଭାଷଣ ଦେଇଥିଲେ। ଖଣି ନିର୍ଦ୍ଦେଶକ ଧନ୍ୟବାଦ ଦେଇଥିଲେ।

# ନିୟମାବଳୀ ଯଥାର୍ଥ ଦର୍ଶାଇଲେ ଓପିଏସ୍‌ସି

## ହାଇକୋର୍ଟରେ ଏଏସ୍‌ଓ ପରୀକ୍ଷା ମାମଲା

କଟକ ଅଫିସ,୯।୨

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ଅନୁଷ୍ଠିତ ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ପରୀକ୍ଷାର ନିୟମାବଳୀକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଆଗତ ମାମଲାର ଶୁଣାଣି ଗୁରୁବାର ହୋଇଛି। ଓପିଏସ୍‌ପି ଓ ଆଡ୍‌ଭୋକେଟ ଜେନେରାଲ ଜବାବ ଦାଖଲ କରି ପରୀକ୍ଷା ନିମନ୍ତେ ଥିବା ନିୟମାବଳୀକୁ ଯଥାର୍ଥ ବୋଲି ଦର୍ଶାଇଛନ୍ତି। ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରିଥିଲେ। ଫେବୃୟାରୀ ୧୦ ଅର୍ଥାତ୍ ଶୁକ୍ରବାର ମାମଲାର ପରବର୍ତ୍ତୀ ଶୁଣାଣିବେଳେ ଆବେଦନକାରୀ ପ୍ରତିଜବାବ ଦାଖଲ କରିବେ ବୋଲି ଜଣାପଡ଼ିଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମନୋଜ ମିଶ୍ର ମାମଲା ପରିଚାଳନା କରୁଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଅଗଷ୍ଟ ୨୭ରେ ଏଏସ୍‌ଓ ପରୀକ୍ଷା ହୋଇଥିଲା। ୭୯୬ ପଦ ପାଇଁ ଦେଢ଼ ଲକ୍ଷ ଆଶାୟୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୧୦୪ ଜଣ କୃତକାର୍ଯ୍ୟ ହୋଇଥିଲେ। ଏଥିରେ ବ୍ୟାପକ ତ୍ରୁଟି ହୋଇଥିବା ଅଭିଯୋଗ କରି ଓପିଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଆଶାୟୀ ପରୀକ୍ଷାର୍ଥୀମାନେ ଧାରଣା ଦେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାକୁ ନେଇ ନଭେମ୍ବର ୧୨ରେ ହାଇକୋର୍ଟରେ ଏକାଧିକ ମାମଲା ଦାଏର ହୋଇଥିଲା। ନଭେମ୍ବର ୧୪ରେ ମାମଲାର ଶୁଣାଣି ହୋଇ ହାଇକୋର୍ଟ ସମସ୍ତ ପରୀକ୍ଷାର୍ଥୀଙ୍କ ମାର୍କ ୨୦୧୬ ନୀତି ଆଧାରରେ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇ ମାମଲାର ଅନ୍ତ ଘଟାଇଥିଲେ। ପୁଣି ଗତ ନଭେମ୍ବର ୩୦ରେ ହାଇକୋର୍ଟରେ ଆଉ ଏକ ମାମଲା ରୁଜୁ ହୋଇଥିଲା। କେତେଜଣ ପରୀକ୍ଷାର୍ଥୀ ଏନେଇ ସାନି ଆବେଦନ କରି ଚୟନ ପ୍ରକ୍ରିୟାରେ ବିଷୟଭିତ୍ତିକ ସର୍ବନିମ୍ନ ମାର୍କ ବ୍ୟବସ୍ଥା ଉଚ୍ଛେଦ ଓ କେବଳ ମେରିଟ୍ ଲିଷ୍ଟ ପ୍ରକାଶ ପାଇଁ ଆବେଦନରେ ଦର୍ଶାଇଥିଲେ।

# ଦକ୍ଷ ନେତା ଥିଲେ ନବ ଦାସ

ବ୍ରଜରାଜନଗର,୯।୨(ଡି.ଏନ.ଏ.)


ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

- ଶ୍ରଦ୍ଧାଞ୍ଜଳି ସଭାରେ ମତଦେଲେ ନେତୃବୃନ୍ଦ
- ଯୋଗଦେଲେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ବିଧାୟକ
- ବାପାଙ୍କ ସ୍ୱପ୍ନ ପୂରଣ କରିବି: ଦୀପାଳି

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଜଣେ ଦକ୍ଷ ନେତା ଥିଲେ। କେବଳ ଝାରସୁଗୁଡ଼ା ନୁହେଁ, ପଶ୍ଚିମ ଓଡ଼ିଶା ତଥା ସମଗ୍ର ଓଡ଼ିଶାର ଉନ୍ନତି ପାଇଁ ସେ ଚିନ୍ତା କରୁଥିଲେ। କରୋନା ମହାମାରୀ ସମୟରେ ସ୍ୱାସ୍ଥ୍ୟମନ୍ତ୍ରୀ ହିସାବରେ ତାଙ୍କର ଭୂମିକା ସବୁଦିନେ ମନେରହିବ। ତାଙ୍କର ଏକ ବିରାଟ ସମ୍ଭାବନାମୟ ଭବିଷ୍ୟତ ଥିଲା। ଏପରି ସମୟରେ ତାଙ୍କ ଅକାଳ ବିୟୋଗ ସମସ୍ତଙ୍କୁ ମ୍ରିୟମାଣ କରିଛି। ଝାରସୁଗୁଡା ଜିଲା ସରବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆରେ ଗୁରୁବାର ଅନୁଷ୍ଠିତ ନବ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ବିଭିନ୍ନ ଦଳୀୟ ନେତୃବୃନ୍ଦ ଏହି ମତ ରଖିଛନ୍ତି। ଏହି ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ କୌଣସି ବକ୍ତବ୍ୟ ରଖି ନ ଥିଲେ ହେଁ ମଞ୍ଚରେ ଉପସ୍ଥିତ ଦିବଂଗତ ନେତା ଦାସଙ୍କ ସ୍ତ୍ରୀ, ଝିଅପୁଅ, ମା'ବାପାଙ୍କୁ ସାନ୍ତ୍ୱନା ଦେଇଥିଲେ।

ଦ୍ୱାଦଶାହ ପାଇଁ ସକାଳୁ ସରବାହାଲ ହାଇସ୍କୁଲ ପରିସର ଚଳଚଞ୍ଚଳ ହୋଇଉଠିଥିଲା। ଜିଲା ତଥା ଜିଲା ବାହାରୁ ବହୁ ସଂଖ୍ୟାରେ ଜନସାଧାରଣ ସମବେତ ହେବାରେ ଲାଗିଥିଲେ। ମଧ୍ୟାହ୍ନ ସାଢେ ୧୨ଟା ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ସଚିବ ଭି.କେ. ପାଣ୍ଡିଆନ, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସଭାସ୍ଥଳରେ ପହଞ୍ଚିଥିଲେ। ନବ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଥିଲେ। ନବଙ୍କ ଝିଅ ଦୀପାଳି ଦାସ, ପୁଅ ବିଶାଳ ଦାସ, ସ୍ତ୍ରୀ ମିନତୀ ଦାସଙ୍କୁ ଆଶୀର୍ବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ସହିତ ରାଜ୍ୟର ବହୁ ମନ୍ତ୍ରୀ, ସାଂସଦ ଓ ବିଧାୟକ ଯୋଗଦେଇ ନବ ଦାସଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କ କର୍ମମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ନବ ଦାସଙ୍କ ଝିଅ ଦୀପାଳି ଦାସ ଆଗାମୀ ଦିନରେ ବାପା ଯେଉଁ ବିଶାଳ ପରିବାର ଛାଡି ଦେଇଛନ୍ତି ତାଙ୍କ ସୁଖଦୁଃଖରେ ଛିଡା ହେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାସହ ଝାରସୁଗୁଡାର ବିକାଶ ପାଇଁ ବାପା ଯେଉଁ ସ୍ୱପ୍ନ ଦେଖିଥିଲେ ତାହାକୁ ସେ ପୂରଣ କରିବେ ବୋଲି କହିଥିଲେ। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କଲେଜ କ୍ୟାରିଅରରେ ଗଙ୍ଗାଧର ମେହେର କଲେଜରେ ନବଙ୍କ ସହିତ କାଟିଥିବା ମୁହୂର୍ତ୍ତ ଉପରେ ଆଲୋଚନା କରିଥିଲେ।

ସଭାରେ ଓଡ଼ିଶା ସରକାରଙ୍କ ମନ୍ତ୍ରିମଣ୍ଡଳର ମନ୍ତ୍ରୀମାନଙ୍କ ମଧ୍ୟରେ ମିଶନଶକ୍ତି ବିଭାଗ ମନ୍ତ୍ରୀ ଟୁକୁନି ସାହୁ, ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ, ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ, ଶକ୍ତି ମନ୍ତ୍ରୀ ପ୍ରତାପ ଦେବ, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶୋକ ପଣ୍ଡା, ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତାବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ରାଜସ୍ୱ ବିପର୍ଯ୍ୟୟ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ପୁଷ୍ପେନ୍ଦୁ ସିଂଦେଓ, ଦିବ୍ୟଶଙ୍କର ମିଶ୍ର, ପ୍ରତାପ ଜେନା, ସ୍ନେହାଙ୍ଗିନୀ ଛୁରିଆ, ସାରଦା ନାୟକ, ମଙ୍ଗଳା କିଷାନଙ୍କ ସମେତ ବହୁ ବିଧାୟକ ଯୋଗଦେଇଥିଲେ। କଟକ ମେୟର ସୁବାସ ସିଂହ ଓ ଜିଲା ପର୍ଯ୍ୟବେକ୍ଷକ ସାରଦା ନାୟକ ୫ଦିନ ଧରି ଝାରସୁଗୁଡାରେ ରହି ସମସ୍ତ କାର୍ଯ୍ୟର ତଦାରଖ କରୁଥିଲେ। ପ୍ରାୟ ୨୫ହଜାରରୁ ଊର୍ଦ୍ଧ୍ୱ ନବଙ୍କୁ ଭଲ ପାଉଥିବା ବ୍ୟକ୍ତି ତାଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଭାସ୍ଥଳ ବାହାରେ ବାଲୁକାରେ ନବଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ପ୍ରତିମୂର୍ତ୍ତି ତିଆରି କରାଯାଇଥିଲା। ଏହି ଅବସରରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନକୁ ନେଇ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ପରିଶେଷରେ ବରିଷ୍ଠ ନେତା ସନ୍ଦୀପ ଅଗସ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ୬ କେଜି ସୁନା, ୪.୩୨ ଲକ୍ଷ ଟଙ୍କା ଜବତ


ଅଭିଯୁକ୍ତଙ୍କ ସମ୍ପର୍କରେ ଡିଆଇଜି ବ୍ରିଜେଶ ରାୟ,ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ସୂଚନା ଦେଉଛନ୍ତି।

## ମହାବିରୋଡ ଗ୍ରାମ୍ୟ ବ୍ୟାଙ୍କ ଡକାୟତି ମାମଲା

- ୩ ବଡ଼ଧରଣର ଲୁଟ୍ ମାମଲାରେ ୯ ଗିରଫ

ଢେଙ୍କାନାଳ ଅଫିସ, ୯।୨

ମହାବିରୋଡ଼ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଡକାୟତି ଘଟଣାର ରହସ୍ୟ ଉନ୍ମୋଚନ କରିଛି ଢେଙ୍କାନାଳ ପୋଲିସ। ଉକ୍ତ ବ୍ୟାଙ୍କ ଲୁଟ୍ ସମେତ ଅନ୍ୟ ୨ ବଡ଼ଧରଣର ଡକାୟତି ମାମଲାରେ ୯ ଆନ୍ତଃରାଜ୍ୟ ପେସାଦାର ଅପରାଧୀ ବନ୍ଧା ହୋଇଛନ୍ତି। ସେମାନେ ହେଲେ ଅନୁଗୋଳ ଜିଲା ବିକ୍ରମପୁର ଥାନା ମୁଣ୍ଡାବଜାର ଅଞ୍ଚଳର ସଦ୍ଦାମ ଖାନ୍ ଓରଫ ବିଲୁ (୨୯), ବଅଁରପାଳ ଥାନା ଝିଜିରବାହାଲ ଗ୍ରାମର ନୀଳାଦ୍ରି ପ୍ରଧାନ ଓରଫ ନୀଳ (୪୦), ଠାକୁରଗଡ ଥାନାର ଗୁଣ୍ଡୁରୀ ଗ୍ରାମର ରଣଜିତ ନାୟକ ଓରଫ କାଳିଆ (୨୫), ବଅଁରପାଳ ଥାନା ସୁକୁଆସାହି ଅଞ୍ଚଳର ଦୀନେଶ ନାୟକ ଓରଫ ଗୁଣ୍ଡୁ (୨୬), ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ବିଜତଲା ଗ୍ରାମର ରମି ଟୁଡୁ ଓରଫ୍ ମୁଣ୍ଡା (୨୭), ବଅଁରପାଳ ଥାନା କଲେଜସାହି ଅଞ୍ଚଳର ବଳଭଦ୍ର ନାୟକ ଓରଫ ବଳିଆ (୧୯), ବୃନ୍ଦାବନପୁର ଗ୍ରାମର ବସନ୍ତ ଭୋଇ (୩୮), ଝରଣା ଭୋଇ (୩୨) ଏବଂ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମଝିକା ଗ୍ରାମର ଜିତେନ୍ଦ୍ର ପ୍ରଧାନ ଓରଫ ଜିତୁ (୨୬)। ଅଭିଯୁକ୍ତ ରମି ଅନୁଗୋଳ ଜିଲା ବିକ୍ରମପୁର ଥାନା ମୁଣ୍ଡାବଜାର ବାରିପଦାସାହିରେ ରହି ଆପରାଧିକ କାର୍ଯ୍ୟରେ ଲିପ୍ତ ଥିଲେ। ସେମାନଙ୍କ ନିକଟରୁ ୬ କେଜି ୧୨୦ ଗ୍ରାମ ସୁନା, ୪ ଲକ୍ଷ ୩୨ ହଜାର ନଗଦ ଟଙ୍କା, ୪ଟି ବାଇକ, ବୋଲେରୋ, ୩ଟି ଦେଶୀ ପିସ୍ତଲ, ୬ଟି ସିଙ୍ଗିଲ ଜୀବନ୍ତ ଗୁଳି, ୭.୬୫ ଏମ୍‌ଏମ୍‌ର ୫ଟି ଜୀବନ୍ତ ଗୁଳି, ୩ଟି କଟୁରି, ଭୁଜାଲି, ୨ଟି ପହଞ୍ଚ ମେଶିନ ଏବଂ ୨୬ଟି ମୋବାଇଲ ଫୋନ ଜବତ କରାଯାଇଛି। ଜିଲା ପୋଲିସ କାର୍ଯ୍ୟାଳୟରେ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ବ୍ରିଜେଶ ରାୟ।

ସୂଚନାଯୋଗ୍ୟ, ଗତ ଫେବୃୟାରୀ ୩ ତାରିଖରେ ଅପରାହ୍ନରେ ମହାବିରୋଡସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ଡକାୟତି ହୋଇଥିଲା। ଅଭିଯୁକ୍ତମାନେ ଫାଙ୍କା ଗୁଳି ଚଳାଇ କର୍ମଚାରୀଙ୍କୁ ଭୟଭୀତ କରାଇ ଗ୍ରାହକମାନେ ବନ୍ଧକ ରଖିଥିବା ପ୍ରାୟ ୯ କେଜି ସୁନାଗହଣା ଏବଂ ୬ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିଲେ। ଏ ସଂକ୍ରାନ୍ତରେ ନଂ. ୧୫/୨୩ରେ ମାମଲା ରୁଜୁ କରାଯାଇଥିଲା। ଏଥିପୂର୍ବରୁ ପରଜଙ୍ଗ ଥାନା ଅଞ୍ଚଳରେ ଗତ ଜାନୁୟାରୀ ୯ ରେ ଜଣେ ଗ୍ରୋସେରି ବ୍ୟବସାୟୀଙ୍କଠାରୁ ଲୁଟେରାମାନେ ୧୫ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଏ ସଂକ୍ରାନ୍ତରେ ନଂ. ୧୧/୨୩ରେ ଏକ ମାମଲା ରୁଜୁ ହୋଇଥିଲା। ଅନୁରୂପ ଭାବେ ୨୦୨୨ ଅକ୍ଟୋବର ୭ରେ ପରଜଙ୍ଗ ଥାନା ଅଞ୍ଚଳର ଅନ୍ୟଜଣେ ବ୍ୟବସାୟୀଙ୍କ ଘରୁ ବହୁ ଲକ୍ଷ ଟଙ୍କାର ସୁନାଗହଣା ଏବଂ ଟଙ୍କା ଲୁଟ୍ ହୋଇଥିଲା। ଏ ନେଇ ନଂ. ୪୪୯/୨୨ରେ ଏକ ମାମଲା ରୁଜୁ ହୋଇଥିଲା। ଖବରଦାତା ସମ୍ମିଳନୀରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଗତ ଜାନୁୟାରୀ ୯ରେ ମହାବିରୋଡ ଫାଣ୍ଡିକୁ ଥାନା ମାନ୍ୟତା ମିଳିଥିବାବେଳେ ସେହିଦିନ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ଦାୟିତ୍ୱ ଗ୍ରହଣ କରିଥିଲେ। ଏହାପରେ ବ୍ୟବସାୟୀ ଏବଂ ବ୍ୟାଙ୍କ ଲୁଟ୍ ଘଟଣା ଘଟିଥିଲା। ତେଣୁ ଅଭିଯୁକ୍ତଙ୍କୁ ଧରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଥିଲା। ଏହି ଘଟଣାରେ ଅନ୍ୟ କେତେଜଣଙ୍କ ସମ୍ପୃକ୍ତି ଅଛି। ଲୁଟ୍ ହୋଇଥିବା ସମସ୍ତ ସୁନାଗହଣା ଉଦ୍ଧାର କରାଯାଇନାହିଁ। ଘଟଣାର ତଦନ୍ତ ଚାଲିଚି। ଅଧିକ ତନାଘନା ପାଇଁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନିଆଯିବ। ପରବର୍ତ୍ତୀ ସମୟରେ ଏ ବିଷୟରେ ସମ୍ପୂର୍ଣ୍ଣ ସୂଚନା ଦିଆଯିବ ବୋଲି ଡିଆଇଜି କହିଛନ୍ତି।

### ୫୦ ପୋଲିସ ଅଧିକାରୀ, ୫ ଟିମ୍

ମହାବିରୋଡ ଗ୍ରାମ୍ୟ ବ୍ୟାଙ୍କ ଏବଂ ପରଜଙ୍ଗ ଥାନା ଅଞ୍ଚଳର ୨ ବ୍ୟବସାୟୀଙ୍କଠାରୁ ହୋଇଥିବା ବଡ଼ ଧରଣର ଡକାୟତି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଥିଲା। ସେମାନଙ୍କୁ ଧରିବା ଲାଗି ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାମାକ୍ଷାନଗର ଏସ୍‌ଡିପିଓ ରଞ୍ଜନ କୁମାର ଦେଙ୍କ ନେତୃତ୍ୱରେ ପରଜଙ୍ଗ, ମହାବିରୋଡ, ଭୁବନ, ତୁମୁସିଙ୍ଗା, କାମାକ୍ଷାନଗର, ମୋଟଙ୍ଗା, ସଦର, କଣ୍ଟାବଣିଆ, ଅନୁଗୋଳ ଜିଲାର ବିକ୍ରମପୁର, ବଅଁରପାଳ ଥାନାର ୫୦ ଜଣ ଅଧିକାରୀ ଦିନରାତି ଏକ୍ କରିଦେଇଥିଲେ। ପୋଲିସ ଅଧିକାରୀ ଏବଂ କର୍ମଚାରୀଙ୍କୁ ନେଇ ଗଠିତ ୫ଦଳ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲେ। ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀ, ଭବାନୀ ଶଙ୍କର ଉଦ୍‌ଗାତା, ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ଏଥିରେ ଆବଶ୍ୟକ ସହାୟତା କରିଥିଲେ।

### ସମୀକ୍ଷା କରାଯିବ ବ୍ୟାଙ୍କ ସୁରକ୍ଷା

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ଡକାୟତି ଘଟଣା ବଢ଼ିବାରେ ଲାଗିଛି। ଗ୍ରାମାଞ୍ଚଳର ଗରିବ ଲୋକେ ନିଜର କଷ୍ଟର୍ଜିତ ଟଙ୍କା ଏବଂ ଗହଣା ଏଠାରେ ବନ୍ଧକ ରଖୁଥିବାବେଳେ ଲୁଟେରାମାନେ ଏଭଳି ଅର୍ଥନୈତିକ ଅନୁଷ୍ଠାନଗୁଡ଼ିକୁ ଟାର୍ଗେଟ କରୁଛନ୍ତି। ଏ ସଂକ୍ରାନ୍ତରେ ଡିଆଇଜିଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ, ବ୍ୟାଙ୍କ ଶାଖାରେ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ପୋଲିସ ପକ୍ଷରୁ ସମୀକ୍ଷା କରାଯିବ। ଏ ନେଇ ବିଭିନ୍ନ ବ୍ୟାଙ୍କ ଓ ବେସରକାରୀ ଅର୍ଥ ଲଗାଣକାରୀ ସଂସ୍ଥା କର୍ତ୍ତୃପକ୍ଷଙ୍କୁ ଡାକି ସୁରକ୍ଷା କଡ଼ାକଡ଼ି କରିବା ଲାଗି ସଚେତନ କରାଯିବ ବୋଲି ଡିଆଇଜି କହିଛନ୍ତି।






## ସୁଶାନ୍ତ ମହାନ୍ତି ରାଜ୍ୟ ସୂଚନା କମିଶନର

ଭୁବନେଶ୍ୱର,୯।୨(ବ୍ୟୁରୋ): ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ମହାନ୍ତି ରାଜ୍ୟ ସୂଚନା କମିଶନର ଭାବେ ନିଯୁକ୍ତି ପାଇଛନ୍ତି। ଏ ନେଇ ଗୁରୁବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୨୨ ଅଗଷ୍ଟରେ ସେ ଏକ ଦୈନିକ ଖବରକାଗଜର କାର୍ଯ୍ୟନିର୍ବାହୀ ସମ୍ପାଦକ ପଦରୁ ଅବସର ନେଇଥିଲେ। ଏହି ପଦବୀରେ ଯୋଗଦେବା ଦିନଠୁ ତାଙ୍କର କାର୍ଯ୍ୟକାଳ ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ବସିଥିବା କମିଟିର ସୁପାରିସ ଆଧାରରେ ମହାନ୍ତିଙ୍କୁ ଏହି ନୂଆ ନିଯୁକ୍ତି ମିଳିଛି। ଉଲ୍ଲେଖଯୋଗ୍ୟ, ୨୦୨୦ ମାର୍ଚ୍ଚ ୧୮ରେ ୩ଟି ସୂଚନା କମିଶନର ପଦବୀ ନିମନ୍ତେ ରାଜ୍ୟ ସରକାର ବିଜ୍ଞାପନ ଦେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅରଜେ ଜଣେ, ଖାଆନ୍ତି ପଣେ,**
**ତା' ଘରଟି ଡୁବଇ ଦିନେ।**

ଆଜିର ମହଙ୍ଗା ଯୁଗରେ ଜଣଙ୍କ ଉପାର୍ଜନରେ ଘର ଚଳାଇବା ଯେ କେତେ କଷ୍ଟକର ତାହା କେବଳ ଅନୁଭବୀ ହିଁ ଜାଣିଥାଏ। ଏପରିସ୍ଥଳେ ବହୁ କୁଟୁମ୍ବୀ ଘରେ ଜଣକ ଉପାର୍ଜନରେ ଅନ୍ୟମାନେ ପୋଷିହେଲେ ସେ ଘରେ ଆର୍ଥିକ ସମସ୍ୟା ଲାଗି ରହିବା ସହ ଘରର ଉନ୍ନତି ହୋଇପାରି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଅଲାଜୁକ ଘର ମଞ୍ଜାରି,**
**ପୋକ ଖାଇଗଲେ ଝିଞ୍ଜାରି।**

ଯିଏ ଅଲାଜୁକ ତା'ର କୌଣସି ଲାଜ ସରମ ନ ଥାଏ। ପ୍ରତ୍ୟେକ କଥାକୁ ସେମାନେ ଫୁତ୍କାରରେ ଉଡ଼ାଇ ଦେଇଥାନ୍ତି। ଏପରିକି ଯିଏ ଯେତେ କହିଲେ ମଧ୍ୟ ତା'ର ପ୍ରଭାବ ତାଙ୍କ ଉପରେ ପଡ଼ିପାରି ନ ଥାଏ। ସମାଜରେ ଏହି ଧରଣର ବ୍ୟକ୍ତି ନିନ୍ଦା, ଅପବାଦ ପାଉଥିବା ଅର୍ଥରେ ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## କାମୁଡ଼ିବା ପରେ ସାପକୁ ଧରି ମେଡିକାଲରେ ଯୁବକ



**କେନ୍ଦୁଝର,୯।୨(ସ୍ୱ.ପ୍ର.):** କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ରାଙ୍କି ଗ୍ରାମର ଜଣେ ଯୁବକଙ୍କୁ ନାଗସାପ କାମୁଡ଼ିବା ପରେ ସେ ସାପକୁ ଧରି ମେଡିକାଲରେ ପହଞ୍ଚିବା ଚର୍ଚ୍ଚାର ବିଷୟ ହୋଇଛି। ରାଙ୍କି ଗ୍ରାମର ଗୁରା ମୁଣ୍ଡା ଗୁରୁବାର ସନ୍ଧ୍ୟାରେ କୁକୁଡ଼ା ଘରକୁ ଯାଇଥିବା ବେଳେ ଏକ ନାଗସାପ ତାଙ୍କୁ କାମୁଡ଼ି ଦେଇଥିଲା। ଗ୍ରାମବାସୀଙ୍କ ସହାୟତାରେ ସେ ସାପଟିକୁ ଧରି ଏକ ଅଖାରେ ପୂରାଇ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ଆସିଥିଲେ। ଏହାକୁ ଦେଖି ମେଡିକାଲ ପରିସରରେ ଲୋକମାନେ ଭୟଭୀତ ହୋଇପଡ଼ିଥିଲେ। ସଦର ରେଞ୍ଜର କର୍ମଚାରୀ ପହଞ୍ଚି ସାପଟିକୁ ନେଇ ସିଦ୍ଧମଠ ଡିପିଏଫ୍ ଜଙ୍ଗଲରେ ଛାଡ଼ିଥିଲେ। ଚିକିତ୍ସା ପରେ ଗୁରାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ମେଡିକାଲ ସୂତ୍ରରୁ ଜଣାପଡ଼ିଛି।

ପ୍ରଥମ ପୃଷ୍ଠାରୁ...

### ଜିଦ୍‌ରେ ଆନ୍ଧ୍ର,...

କୋଟିଆ ପଞ୍ଚାୟତରେ ସୀମାନ୍ତ ଗ୍ରାମରେ ଯାହା ବି ଉନ୍ନତି ହୋଇପାରିଛି, ତାହା ଆନ୍ଧ୍ର ସରକାରଙ୍କ ଯୋଗୁ ସମ୍ଭବ ହୋଇପାରିଛି। ଏବେ ସରକାର ସୀମାନ୍ତବାସୀଙ୍କ ପାଇଁ ଘରେ ଘରେ ପହଞ୍ଚିବା (କାପୁଡୁ କାପୁଡୁ) ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ଆନୁକୂଲ୍ୟରେ କ'ଣ ସବୁ କାର୍ଯ୍ୟକ୍ରମ ରହିଛି ତାହାର ତାଲିକା ସେ ଗ୍ରାମବାସୀଙ୍କୁ ପଢି ଶୁଣାଇଥିଲେ। ଉପ ମୁଖ୍ୟମନ୍ତ୍ରୀଙ୍କ ସହ ପୋଲିସ ସିଆଇ ରୋହିନି ପାଥି, ସାଲୁର ବ୍ଲକ କର୍ମଚାରୀ ଏବଂ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଉପସ୍ଥିତ ଥିଲେ। ତେବେ ଏହି ସମୟରେ ପଟ୍ଟାଙ୍ଗି ବିଡିଓ ସୌମ୍ୟ ସାର୍ଥକ ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀ କୋଟିଆ ପଞ୍ଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ଥିଲେ ମଧ୍ୟ ଆନ୍ଧ୍ର ସରକାରଙ୍କ ଦ୍ୱିତୀୟ କ୍ଷମତାକେନ୍ଦ୍ର କୁହାଯାଉଥିବା ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ ନ କରିବା ଆଲୋଚନାର ବିଷୟ ହୋଇଛି। ଏଥିରୁ ଓଡ଼ିଶାର ସୀମାନ୍ତ ଗ୍ରାମଗୁଡ଼ିକ ପ୍ରତି ପ୍ରଶାସନ କେତେ ସଜାଗ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ସଂକ୍ରାନ୍ତରେ ବିଡିଓ ମିଶ୍ର କୁହନ୍ତି, ଘଟଣା ସମ୍ପର୍କରେ ସେ ସୂଚନା ପାଇଛନ୍ତି। ଜିଲା ପ୍ରଶାସନକୁ ଏ ବିଷୟରେ ଅବଗତ କରାଇବେ। ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ କୁହନ୍ତି, ରାଜ୍ୟ ସରକାର ଆନ୍ଧ୍ର ସୀମାନ୍ତବର୍ତ୍ତୀ ଗ୍ରାମଗୁଡ଼ିକ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ଉଚିତ। ଏଥିସହ ଅନୁପ୍ରବେଶ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବ୍ଲକ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିବା ଆବଶ୍ୟକ। ଏହାହେଲେ ଆନ୍ଧ୍ର ଅନୁପ୍ରବେଶକୁ ଅନେକାଂଶରେ ରୋକାଯାଇପାରିବ।

ସେହିପରି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ, ଅନୁପ୍ରବେଶ ଉପରେ ରାଜ୍ୟ ସରକାର ଦୃଢ଼ ପଦକ୍ଷେପ ନେବା ଦରକାର। ସରକାର ଏହା କରୁ ନ ଥିବାରୁ ଅନ୍ୟ ରାଜ୍ୟର ନେତା, କର୍ମୀ ଓ ପ୍ରଶାସନର କର୍ମଚାରୀ ଆମ ରାଜ୍ୟରେ ଅନୁପ୍ରବେଶ କରୁଛନ୍ତି। ଏହାର ସ୍ଥାୟୀ ସମାଧାନ ଲାଗି ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ବସି ଆଲୋଚନା କରିବା ଦରକାର।

### ବ୍ଲୁ ଟିକ୍ ପାଇଁ...

ବିଶେଷ ସୁବିଧା ପାଇବେ। ଏହାର ସୁବିଧା ପାଇବାକୁ ଅତି କମ୍‌ରେ ୯୦ଦିନ ଉକ୍ତ ପ୍ଲାଟ୍‌ଫର୍ମରେ ରହିବାକୁ ପଡ଼ିବ। ବିଶେଷକରି ଥରେ ଜଣେ ୟୁଜର ଟୁଇଟର ବ୍ଲୁକୁ ସବ୍‌ସ୍କ୍ରାଇବ କଲେ ପରବର୍ତ୍ତୀ ସମୟରେ ପ୍ରୋଫାଇଲ୍ ଫଟୋ, ପ୍ରଦର୍ଶନ ନାମ କିମ୍ବା ଚାଳକ ନାମ ପରିବର୍ତ୍ତନ ହେଲେ ଖାତା ବୈଧ ନ ହେବା ପର୍ଯ୍ୟନ୍ତ ବ୍ଲୁ ଟିକ୍ ମାର୍କ ହରାଇବ ନାହିଁ। ଏହି ସମୀକ୍ଷା ଅବଧିରେ ଆଉ କୌଣସି ପରିବର୍ତ୍ତନ ଅନୁମତି ଦିଆଯିବ ନାହିଁ। ଏପରିକି ଏହାର ଉପଭୋକ୍ତାମାନଙ୍କୁ ଟୁଇଟର ବ୍ଲୁ ସବ୍‌ସ୍କ୍ରିପ୍‌ସନ୍ ବାତିଲ କରିବାକୁ ମଧ୍ୟ ଅନୁମତି ଦିଆଯିବ। ସୂଚନାଯୋଗ୍ୟ, ୨୦୨୨ ଡିସେମ୍ବରରେ ଟୁଇଟର ଏହାର ବ୍ଲୁ ଟିକ୍ ସବ୍‌ସ୍କ୍ରିପ୍‌ସନ୍ ମଡେଲ ଲଞ୍ଚ କରିଥିଲା। ଆଣ୍ଡ୍ରଏଡ୍ ବ୍ୟବହାରକାରୀଙ୍କ ପାଇଁ ମାସିକ ୮ ଡଲାର ଏବଂ ଆଇଫୋନ୍ ବ୍ୟବହାରକାରୀଙ୍କ ପାଇଁ ମାସିକ ୧୧ଡଲାର ରଖାଯାଇଥିଲା। ପରବର୍ତ୍ତୀ ସମୟରେ ୟୁଜରମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

### ଆଜି ଆସୁଛନ୍ତି...

ଉଦ୍‌ଘାଟନ କରିବେ। ଏହାପରେ ରାଷ୍ଟ୍ରପତି ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି 'ବ୍ଲୁ ବୁକ୍' ନିୟମ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ମଧ୍ୟାହ୍ନରେ କମିଶନରେଟ ପୋଲିସ ପକ୍ଷରୁ କାର୍‌କେଡ ରିହର୍ସାଲ କରାଯାଇଥିଲା। କାର୍‌କେଡ ପ୍ରଥମେ ଭୁବନେଶ୍ୱର ବିମାନ ବନ୍ଦରରୁ ବାହାରି ଉତ୍କଳ ମଣ୍ଡପ ଯାଇଥିଲା। ପରେ ସେଠାରୁ ରମାଦେବୀ ବିଶ୍ୱବିଦ୍ୟାଳୟ ଏବଂ ପରେ ଲିଙ୍ଗରାଜ ମନ୍ଦିର ଯାଇ ରାଜଭବନ ଫେରିଥିଲା। କାର୍‌କେଡ଼ରେ ୩୦ କାର୍ ରହିବାକୁ ଥିବାବେଳେ ଦାୟିତ୍ୱରେ ଜଣେ ଏସ୍‌ପି ର୍‍ୟାଙ୍କ୍‌ର ଅଧିକାରୀ ରହିବେ। ତେବେ ବିମାନ ବନ୍ଦରରୁ ଆରମ୍ଭ କରି ରାଜଭବନ ଏବଂ ରାଷ୍ଟ୍ରପତି ଯୋଗ ଦେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମସ୍ଥଳୀ ପର୍ଯ୍ୟନ୍ତ ରାସ୍ତାରେ ଟ୍ରାଫିକ ଓ ସୁରକ୍ଷା ବ୍ୟବସ୍ଥା ପାଇଁ ମୋଟ ୪୦ ପ୍ଲାଟୁନ ପୋଲିସ ଦାୟିତ୍ୱରେ ରହିବେ। ୧୪ ଏଡିସିପି ର୍‍ୟାଙ୍କ୍ ଅଫିସର, ୩୫ ଏସିପି ର୍‍ୟାଙ୍କ୍ ଅଫିସର, ୪୭ ଇନ୍ସପେକ୍ଟର, ୧୮୮ ସବ୍‌ଇନ୍ସପେକ୍ଟର ଓ ୫୦ ହୋମ୍‌ଗାର୍ଡ ନିୟୋଜିତ ହେବେ। ତେବେ ରାଷ୍ଟ୍ରପତି ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ ବେଳେ ଲିଙ୍ଗରାଜ ମନ୍ଦିରରେ ଅଧଘଣ୍ଟା ପାଇଁ ସାଧାରଣ ଦର୍ଶନ ବନ୍ଦ ରହିବ। ଏଥିସହ ରାଜଭବନରେ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା କରାଯିବା ସହ ରେଳ ଷ୍ଟେଶନ, ବସ୍‌ଷ୍ଟାଣ୍ଡ, ହୋଟେଲ ଆଦିକୁ ହାଇ ଆଲର୍ଟରେ ରଖାଯାଇଛି। ଅନ୍ୟପକ୍ଷରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ରିଜର୍ଭ ପୋଲିସ ଗ୍ରାଉଣ୍ଡ୍‌ରେ ବୈଠକ କରି ସୁରକ୍ଷାରେ ନିୟୋଜିତ ହେବାକୁ ଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରି ସୁରକ୍ଷା ବ୍ୟବସ୍ଥାର ଚୂଡ଼ାନ୍ତ ପ୍ରସ୍ତୁତି ସାରିଛନ୍ତି।

## ୧୦ ରାଜନୈତିକ ଦଳର ଗଣଧାରଣା
# ଧାନ କିଣାବିକାରେ ଦୁର୍ନୀତି ଅଭିଯୋଗ




ଭୁବନେଶ୍ୱର, ୯।୨(ବ୍ୟୁରୋ)

ଚଳିତବର୍ଷ ଚାଷୀ ଉତ୍ପାଦିତ ଧାନ ବିକ୍ରି କରିବାରେ ଘୋର କ୍ଷତି ଓ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିଣା ସମୟରେ କଟ୍‌ନୀ ଛଟ୍‌ନୀ ଦ୍ୱାରା ଶୋଷଣ କରାଯାଉଛି। ସରକାର ଭାଗଚାଷୀଙ୍କୁ ଚାଷୀର ମାନ୍ୟତା ଦେଇ ସରକାରୀ କ୍ରୟ କେନ୍ଦ୍ରରେ ଧାନ ବିକ୍ରି କରିବାର ଅଧିକାର ଦେଉନାହାନ୍ତି। ଚାଷୀଙ୍କୁ ମିଳିବାକୁ ଥିବା ଅନ୍ୟାନ୍ୟ ସୁବିଧା ମଧ୍ୟ ସେମାନଙ୍କୁ ଦିଆଯାଉ ନାହିଁ। ଧାନ କିଣାବିକାରେ ପ୍ରବଳ ଦୁର୍ନୀତି ହେଉଛି। ଚାଷୀଙ୍କୁ ବିକ୍ରି ଦେୟ ପ୍ରଦାନରେ ବିଳମ୍ବ ହେଉଥିବାରୁ ଏହାର ପ୍ରତିବାଦରେ ୧୦ ବିରୋଧୀ ରାଜନୈତିକ ଦଳକୁ ନେଇ ଗଠିତ ଓଡିଶା ବଞ୍ଚାଅ ଅଭିଯାନ ପକ୍ଷରୁ ଲୋୟର ପିଏମ୍‌ଜିରେ ରାଜ୍ୟସ୍ତରୀୟ ଗଣଧାରଣା ଦିଆଯାଇଥିଲା। ଏଥିରେ ସମତାକ୍ରାନ୍ତି ଦଳ, ସିପିଆଇ(ଏମ୍), ସିପିଆଇ, ସିପିଆଇ(ଏମ୍‌ଏଲ) ଲିବରେଶନ, ସମାଜବାଦୀ ପାର୍ଟି, ଆର୍‌ଜେଡି, ଜେଡିୟୁ, ଆର୍‌ପିଆଇ ଆଦି ୧୦ ରାଜନୈତିକ ଦଳ ଏଥିରେ ସାମିଲ ହୋଇଥିଲେ। ସରକାର କଟନୀ ଛଟନୀ ବନ୍ଦ କରିବା ସହ ଚାଷୀଙ୍କଠାରୁ ଧାନ କିଣି ସେମାନଙ୍କ ଦେୟ ତୁରନ୍ତ ପ୍ରଦାନ କରନ୍ତୁ ବୋଲି ବାମପନ୍ଥୀ ଦଳର ନେତାମାନେ ସମ୍ମିଳିତ ସ୍ୱର ଉଠାଇଛନ୍ତି। ଧାନ କୁଇଣ୍ଟାଲ ପ୍ରତି ୨୯୫୦ ଟଙ୍କା ହେବା ଦରକାର ବୋଲି ବିଧାନସଭାରେ ରାଜ୍ୟ ସରକାର ଏକ ସର୍ବଦଳୀୟ ସଂକଳ୍ପ ପାରିତ କରିଥିଲେ। ହେଲେ ଏହାକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ସରକାର ଚୁପ୍ ରହିଛନ୍ତି। ଅନ୍ୟ କେତେକ ରାଜ୍ୟ କେନ୍ଦ୍ର ସରକାର ଧାର୍ଯ୍ୟ କରିଥିବା ଧାନର ଦର ଉପରେ ବୋନସ୍ ଦେଉଥିଲେ ସୁଦ୍ଧା ଓଡ଼ିଶା ତାହା କରୁନାହିଁ। ପ୍ରତ୍ୟେକ ବର୍ଷ ଧାନ କିଣା ଏବଂ ବିକ୍ରିରେ ୩ ହଜାର କୋଟି ଟଙ୍କାର ଦୁର୍ନୀତି ହେଉଥିବା ବାମପନ୍ଥୀ ଦଳଗୁଡିକ ଅଭିଯୋଗ କରିଛନ୍ତି। କେନ୍ଦ୍ର ସରକାର ସରକାରୀ ବ୍ୟବସ୍ଥାକୁ ଉଚ୍ଛେଦ କରି କର୍ପୋରେଟଙ୍କ ହାତରେ ଧାନ କ୍ରୟ ବ୍ୟବସ୍ଥା ଟେକି ଦେବାକୁ ପ୍ରବଳ ଆଗ୍ରହ ଦେଖାଇ ଆସୁଛନ୍ତି। ଏହାଦ୍ୱାରା ଖୁଚୁରା ବଜାରରେ ଚାଉଳ ଦର କମ୍ପାନୀମାନେ ସ୍ଥିର କରିବେ। ଚାଷୀମାନେ ଆହୁରି କମ୍ ଦରରେ ଧାନ ବିକିବାକୁ ବାଧ୍ୟ ହୋଇଯିବେ। ୨୦୨୩-୨୪ ଆର୍ଥିକ ବର୍ଷ ଲାଗି କେନ୍ଦ୍ର ସରକାର ଆଣିଥିବା ବଜେଟରେ ଖାଦ୍ୟ ନିରାପତ୍ତା ବାବଦକୁ ୯୦ ହଜାର କୋଟି ଟଙ୍କା, ସାର ସବ୍‌ସିଡି ବାବଦକୁ ୫୦ ହଜାର କୋଟି ଟଙ୍କା ହ୍ରାସ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ କିଷାନ ଫଣ୍ଡ ୬୮ ହଜାର କୋଟି ଟଙ୍କାକୁ କମାଇ ୬୦ ହଜାର କୋଟି କରିବା ଯୋଗୁ ଏଥିରୁ ଅନେକ ଚାଷୀ ବଞ୍ଚିତ ହେବାର ଆଶଙ୍କା ରହିଛି ବୋଲି ନେତାମାନେ ମତବ୍ୟକ୍ତ କରିଛନ୍ତି।

# ହାଇଡ୍ରୋ ପାୱାର ପ୍ରୋଜେକ୍ଟକୁ ଗ୍ରାମବାସୀଙ୍କ କଡ଼ା ବିରୋଧ

- ୭ଖଣ୍ଡ ଗ୍ରାମର ଲୋକେ ଏକାଠି ହୋଇଥିଲେ
- ବିଡିଓ କୋଟିଆରେ ଥାଇ ଘଟଣାସ୍ଥଳକୁ ଆସିଲେନି
- ଗ୍ରାମସଭା କି ପଲ୍ଲିସଭା କିଛି ହୋଇନି: ସରପଞ୍ଚ

ପଟ୍ଟାଙ୍ଗି,୯।୨(ଡି.ଏନ.ଏ.)



କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ କୋଟିଆ ପଞ୍ଚାୟତକୁ ନେଇ ଉଭୟ ଆନ୍ଧ୍ର ଓ ଓଡ଼ିଶା ମଧ୍ୟରେ ଦୀର୍ଘ ବର୍ଷ ଧରି ବିବାଦ ଲାଗିରହିଥିବା ବେଳେ ଏବେ ହାଇଡ୍ରୋ ପାୱାର ପ୍ରୋଜେକ୍ଟ ପାଇଁ ଅନ୍ୟ ଏକ ବିବାଦ ମୁଣ୍ଡ ଟେକିଛି। ଏହି ପ୍ରୋଜେକ୍ଟକୁ ପଞ୍ଚାୟତର ତଳ ଗଞ୍ଜେଇପଦର ଗ୍ରାମବାସୀ କଡା ବିରୋଧ କରିଛନ୍ତି। ୭ଖଣ୍ଡ ଗ୍ରାମର ଗ୍ରାମବାସୀ ଏବେ ଏକାଠି ମେଳି କରି କାର୍ଯ୍ୟକୁ ବିରୋଧ କରିଛନ୍ତି। ଗ୍ରାମର ଯୁବତୀଯୁବକଙ୍କଠାରୁ ଆରମ୍ଭ କରି ବୃଦ୍ଧାବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତେ ହାତରେ ମାରଣାସ୍ତ୍ର ଧରି ବିରୋଧ କରିଥିବା ଦେଖିବାକୁ ମିଳିଛି।

ଖବରରୁ ଜଣାପଡିଛି, ହାଇଡ୍ରୋପାୱାର ପ୍ରୋଜେକ୍ଟ ପାଇଁ ଗତ ରବିବାର ତାମିଲନାଡୁରୁ ୬ ଜଣ ବ୍ୟକ୍ତି ମାଟିଖୋଳା ଯନ୍ତ୍ରପାତି ଧରି ଏକ ଟ୍ରକ ଯୋଗେ ଆସି ତଳଗଞ୍ଜେଇପଦର ଗ୍ରାମରେ ପହଞ୍ଚିଥିଲେ। ଟେଣ୍ଟ ପକାଇ ରହିଥିଲେ। ଗୁରୁବାର ପାହାଡ଼ ତଳେ ଥିବା ଜାଗାଗୁଡିକରେ ପହଞ୍ଚି ସେମାନେ ଯନ୍ତ୍ରପାତି ଦ୍ୱାରା ମାଟି ଖୋଳିବା ଆରମ୍ଭ କରିଥିଲେ। ସେହି ସମୟରେ ଗ୍ରାମବାସୀ ପହଞ୍ଚି ସେମାନଙ୍କୁ ବିରୋଧ କରି କୁଆଡେ ଆସିଛ ଏବଂ ତୁମମାନଙ୍କୁ କିଏ ପଠେଇଛି ବୋଲି ପଚାରିଥିଲେ। ତୁମକୁ ଆନ୍ଧ୍ର ସରକାର ନା ଓଡ଼ିଶା ସରକାର ପଠାଇଛନ୍ତି ବୋଲି ପ୍ରଶ୍ନ କରିଥିଲେ। ମାତ୍ର ସେମାନେ କିଛି ନ କହି କାମ ବନ୍ଦ କରିଦେଇଥିଲେ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଏହି ପ୍ରୋଜେକ୍ଟ ହେଲେ ଆମର ୭ ଖଣ୍ଡ ଗ୍ରାମ ଜଳମଗ୍ନ ହେବ। ଆମ ଜଙ୍ଗଲ ଜମି ନଷ୍ଟ ହେବ। ତେଣୁ ଆମେ ଏହି ପ୍ରୋଜେକ୍ଟ କୌଣସି ପ୍ରକାରେ କରିବାକୁ ଦେବୁନାହିଁ। ଏହି ପ୍ରକଳ୍ପ ହେବା ଦ୍ୱାରା ଆମର ଲାଭ କ'ଣ ହେବ ଓ କ୍ଷତି କ'ଣ ହେବ ସେନେଇ ଜିଲା ପ୍ରଶାସନ ଅଧିକାରୀ ବୁଝାନ୍ତୁ କିମ୍ବା ବ୍ଲକ ପ୍ରଶାସନିକ ଅଧିକାରୀ ଆମ ସହ ଆଲୋଚନା କରନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଏନେଇ କୋଟିଆ ସରପଞ୍ଚ ଲିଉ ଗେମେଲଙ୍କୁ ପଚାରିବାରୁ ସେ କହିଲେ, ମୁଁ ଏନେଇ କିଛି ଜାଣିନାହିଁ। ଏ ସମ୍ପର୍କରେ କୌଣସି ପଲ୍ଲିସଭା କି ଗ୍ରାମସଭା ହୋଇନାହିଁ। ଅନ୍ୟପକ୍ଷରେ ବିଡିଓ ସୌମ୍ୟସାର୍ଥକ ମିଶ୍ର କୋଟିଆରେ ଉପସ୍ଥିତ ଥିଲେ ମଧ୍ୟ ଘଟଣା ସ୍ଥଳକୁ ଯାଇ ନ ଥିଲେ। ଫଳରେ ଏନେଇ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ୨୦୨୧ ଡିସେମ୍ବର ୨୮ରେ ଏକ ଟିମ୍ ଆସି ହାଇଡ୍ରୋ ପାୱାର ପ୍ରୋଜେକ୍ଟ ପାଇଁ ଜାଗା ଚିହ୍ନଟ କରୁଥିବା ବେଳେ ଓଡ଼ିଶାର କିଛି ଅଧିକାରୀଙ୍କ ସହିତ ସେମାନଙ୍କର ଯୁକ୍ତିତର୍କ ହୋଇଥିଲା। ଅଧିକାରୀମାନେ ବିରୋଧ କରିବାରୁ ସେମାନେ ଫେରି ଯାଇଥିଲେ।

## ସ୍ତ୍ରୀଙ୍କ ମୃତଦେହ କାନ୍ଧରେ ବୋହିବା ଘଟଣା
# ସମୁଲୁଙ୍କୁ ୧୦ ହଜାର ଟଙ୍କା ସହାୟତା ଦେଲା ପ୍ରଶାସନ

ପଟ୍ଟାଙ୍ଗି,୯।୨(ଡି.ଏନ.ଏ.)

ପଡୋଶୀ ଆନ୍ଧ୍ରକୁ ଯାଇ ଶ୍ରମିକ ଭାବେ ଖଟି ରୋଜଗାର କରି ଟଙ୍କା ଆଣି ଚାଷ କରିବି ବୋଲି ଯେଉଁ ସ୍ୱପ୍ନ ଦେଖିଥିଲି ତାହା ମୋର ଅଧୁରା ରହିଗଲା। ସ୍ତ୍ରୀଙ୍କ ମୃତଦେହ କାନ୍ଧରେ ବୋହି ଆଣିବାକୁ ପଡିଲା ବୋଲି ଦୁଃଖର ସହ କହିଛନ୍ତି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅମ୍ବାବାଲି ନିକଟସ୍ଥ ସୋରଡା ଗ୍ରାମର ଏଡେ ସମୁଲୁ। ଆନ୍ଧ୍ରର ଏକ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କ ସ୍ତ୍ରୀ ଏଡେ ଗୁରୁଙ୍କ ମୃତ୍ୟୁ ହୋଇଥିଲା। ଅର୍ଥାଭାବରୁ ଆମ୍ବୁଲାନ୍ସ କରି ନ ପାରି ସେ ସ୍ତ୍ରୀଙ୍କ ମୃତଦେହ କାନ୍ଧରେ ଧରି ଚାଲିଚାଲି ଗ୍ରାମ ଅଭିମୁଖେ ଆସୁଥିଲେ। ବିଜୟନଗର ପାଖାପାଖି ପହଞ୍ଚିଥିବା ବେଳେ ତାଙ୍କୁ ଦେଖି ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ପୋଲିସକୁ ଖବର ଦେଇଥିଲେ। ପୋଲିସ ତତ୍‌କ୍ଷଣାତ୍ ସେଠାରେ ପହଞ୍ଚି ମୃତଦେହ ବୋହି ନେଉଥିବା ସମୁଲୁଙ୍କୁ ପଚରାଉଚରା କରିଥିଲା। ସେ ସବୁ କଥା କହିବା ପରେ ବିଜୟନଗର ଗ୍ରାମାଞ୍ଚଳ ପୋଲିସ ଏସ୍‌ଆଇ କିରଣ କୁମାର ସହଯୋଗର ହାତ ବଢାଇ ତାଙ୍କ ପାଇଁ ଏକ ଆମ୍ବୁଲାନ୍ସ ବ୍ୟବସ୍ଥା କରି ମୃତଦେହ ତାଙ୍କ ସୋରଡା ଗ୍ରାମକୁ ପଠାଇଥିଲେ। ଏହି ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ତହସିଲ ପକ୍ଷରୁ ବିଭାଗୀୟ ମୁଖ୍ୟ ବିଳାସ ଭତ୍ରା ଏବଂ ରାଜସ୍ୱ ସୁପ୍ରଭାଇଜର ଗୋଲକ ପରିଡ଼ା ସମୁଲୁଙ୍କ ନିକଟରେ ପହଞ୍ଚି ତାଙ୍କୁ ରେଡକ୍ରସରୁ ୧୦ହଜାର ଟଙ୍କା ଆର୍ଥିକ ସହାୟତା ଦେଇଛନ୍ତି। ସେପଟୁରୁ ରାଜସ୍ୱ ନିରୀକ୍ଷକ ଉଦୟନାଥ ତନ୍ତି ମଧ୍ୟ ସୋରଡା ଗ୍ରାମରେ ପହଞ୍ଚି ତଦନ୍ତ କରି ରିପୋର୍ଟ ଦେଇଛନ୍ତି।



ତହସିଲ କର୍ମଚାରୀ ସମୁଲୁଙ୍କୁ ଆର୍ଥିକ ସହାୟତା ଦେଉଛନ୍ତି।

ସେପଟେ ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ବିସ୍ତୃତ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ରାଷ୍ଟ୍ରପତି ଯୋଗଦେବାକୁ ଥିବା ଉତ୍କଳମଣ୍ଡପ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଏବଂ ଧାନ ଗବେଷଣା କେନ୍ଦ୍ରଠାରେ ଆୟୋଜିତ କାର୍ଯ୍ୟକ୍ରମଗୁଡ଼ିକର ସିଧା ପ୍ରସାରଣ ନିମନ୍ତେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ବିଭିନ୍ନ ଗଣମାଧ୍ୟମକୁ କମନ ଫିଡ୍ ବ୍ୟବସ୍ଥା କରାଯାଇଛି। ରାଷ୍ଟ୍ରପତିଙ୍କ ଲିଙ୍ଗରାଜ ମନ୍ଦିର ଦର୍ଶନର ଫଟୋ ଓ ଭିଡିଓ କଭରେଜ ସମେତ ଅନ୍ୟ କାର୍ଯ୍ୟକ୍ରମଗୁଡ଼ିକର ଫଟୋ ଓ ଭିଡିଓ ଉତ୍ତୋଳନର ବ୍ୟବସ୍ଥା ମଧ୍ୟ କରାଯାଇଛି।

### ଗୋପାଳଙ୍କୁ ଗୁଜରାଟ...

ଭଏସ୍ ଆନାଲିସିସ୍(ଏଲ୍‌ଭିଏ) ଟେଷ୍ଟ ସମ୍ପନ୍ନ ହୋଇଥିଲା। ଏପରି କି ମାନସିକ ରୋଗ ବିଶେଷଜ୍ଞଙ୍କ ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ଝାରସୁଗୁଡ଼ାଠାରେ ଗୋପାଳଙ୍କ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଯାଞ୍ଚ କରାଯାଇଛି, ଯାହାର ରିପୋର୍ଟକୁ ଏବେ ଅପେକ୍ଷା କରାଯାଉଛି। ଗତ ୭ ତାରିଖରେ ଗାନ୍ଧୀନଗରରୁ ଆସିଥିବା ଫୋରେନ୍‌ସିକ ବିଶେଷଜ୍ଞ ଓ କ୍ରାଇମବ୍ରାଞ୍ଚ ମିଳିତ ଭାବେ କ୍ରାଇମ ସିନ୍ ରିକ୍ରିଏଶନ କରିଥିଲେ। ତଦନ୍ତ ସମୟରେ ହତ୍ୟାକାଣ୍ଡ କାରଣ ସମ୍ପର୍କିତ ସୁରାକକୁ ମଧ୍ୟ ତର୍ଜମା କରାଯାଇଛି। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ରମେଶ ଚନ୍ଦ୍ର ଦୋରାଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚର ଏକ ୮ ଜଣିଆ ଟିମ୍ ଗାନ୍ଧୀନଗରରେ କ୍ୟାମ୍ପ ପକାଇଥିବା ଜଣାଯାଇଛି। ଡିଏସ୍‌ପି ଦୋରାଙ୍କ ନେତୃତ୍ୱରେ ସେଠାରେ ତଦନ୍ତ କାର୍ଯ୍ୟ ଚାଲିଥିବା ବେଳେ କ୍ରାଇମବ୍ରାଞ୍ଚର ଏଡିଜି ଅରୁଣ ବୋଥ୍ରା ମଧ୍ୟ ଉପସ୍ଥିତ ରହି ସମ୍ପୂର୍ଣ୍ଣ ତଦନ୍ତ ପ୍ରକ୍ରିୟାର ତଦାରଖ କରୁଛନ୍ତି।

## ସିବିଆଇ ତଦନ୍ତ ଆବେଦନ ଖାରଜ କଲେ ହାଇକୋର୍ଟ

**କଟକ ଅଫିସ,୯।୨:** ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ଗୁଳିକରି ହତ୍ୟା କରାଯିବା ଘଟଣାର ସିବିଆଇ ତଦନ୍ତ କରାଯିବାକୁ ନିର୍ଦ୍ଦେଶ ଦେବା ପାଇଁ ହାଇକୋର୍ଟରେ ଆଗତ ଆବେଦନ ଗୁରୁବାର ଖାରଜ ହୋଇଛି। ମାମଲାର ଏବେ କ୍ରାଇମବ୍ରାଞ୍ଚ ତଦନ୍ତ ଚାଲିଥିବାବେଳେ ତଦନ୍ତ ପ୍ରକ୍ରିୟାକୁ ଜଣେ ପୂର୍ବତନ ବିଚାରପତି ତଦାରଖ କରୁଛନ୍ତି। ତେଣୁ ଏଭଳିସ୍ଥିତିରେ ସିବିଆଇ ତଦନ୍ତର କୌଣସି ଆବଶ୍ୟକ ନାହିଁ ବୋଲି ମୁଖ୍ୟ ବିଚାରପତି ଏସ୍.ମୁରଲୀଧର ଏବଂ ବିଚାରପତି ଏମ୍‌ଏସ୍ ରମଣଙ୍କୁ ନେଇ ଗଠିତ ପୀଠ କହିବା ସହ ଆବେଦନକୁ ଖାରଜ କରିଛନ୍ତି।

ସୂଚନାଯୋଗ୍ୟ ଯେ, ମନ୍ତ୍ରୀ ନବ ଦାସଙ୍କୁ ହତ୍ୟା ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସିବିଆଇ ତଦନ୍ତ ଦାବି କରି ଭାରତୀୟ ବିକାଶ ପରିଷଦ ପକ୍ଷରୁ ଗତ ୬ ତାରିଖରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଓଡ଼ିଶା ପୋଲିସରେ କାର୍ଯ୍ୟରତ ଜଣେ ଏଏସ୍‌ଆଇ ମନ୍ତ୍ରୀଙ୍କୁ ଗୁଳି କରି ହତ୍ୟା କରିଥିବାରୁ ସେହି ପୋଲିସ ବିଭାଗ ଅଧୀନରେ ଥିବା କ୍ରାଇମବ୍ରାଞ୍ଚ ଉପରେ ଭରସା ନାହିଁ ବୋଲି ଦର୍ଶାଇ ଭାରତୀୟ ବିକାଶ ପରିଷଦ ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଓ ଜଗତସିଂହପୁର ଜିଲା ସଭାପତି ସୁବ୍ରତ ଦାଶ ମାମଲା ଦାଏର କରିଥିଲେ। ଏହି ମାମଲାରେ କେନ୍ଦ୍ର ସରକାରଙ୍କ ସମେତ ରାଜ୍ୟ ମୁଖ୍ୟଶାସନ ସଚିବ, ଗୃହସଚିବ, ପୋଲିସ ମହାନିର୍ଦ୍ଦେଶକ ଓ କ୍ରାଇମବ୍ରାଞ୍ଚକୁ ପକ୍ଷଭୁକ୍ତ କରାଯାଇଥିଲା। ଆଇନଜୀବୀ ଗୋପାଳ ପ୍ରସାଦ ଜେନା ମାମଲା ପରିଚାଳନା କରୁଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ରହିଯାଇଥିବା କାମକୁ ଶେଷ କରିବା ସକାଶେ ଚିନ୍ତା କରିପାରନ୍ତି। କ୍ରୀଡ଼ା, ସଙ୍ଗୀତ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ବାଧକାଧିପତି ଶନିଙ୍କ କୁପ୍ରଭାବରୁ ଧନହାନି, ଜମିଜମା କଳହ ଓ ସ୍ୱାସ୍ଥ୍ୟହାନିର ଆଶଙ୍କା ରହିଛି। କୌଣସି ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ନେଇ ପଡ଼ୋଶୀଙ୍କ ସହ ବିଭିନ୍ନ ଆଲୋଚନାରେ ସମୟ କଟାଇବେ।

**ବୃଷ** ପରିବାରର ବିଭିନ୍ନ ପ୍ରକାର ବ୍ୟୟ ବରାଦର ଭରଣା କରିବା ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ବନ୍ଧୁଙ୍କଠାରୁ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଅର୍ଥ ପ୍ରାପ୍ତିର ପ୍ରତିଶ୍ରୁତି ଶୁଣି ଖୁସି ହେବେ। ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ବିଭିନ୍ନ ପ୍ରକାର ବିତର୍କଜନିତ ଗଠନମୂଳକ କାର୍ଯ୍ୟ ଗତି ମନ୍ଥର ହେବ।

**ମିଥୁନ** ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ହେତୁ ବ୍ୟସ୍ତ ହେବେ। କର୍ମାରମ୍ଭରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ବ୍ୟବସାୟୀମାନେ କୌଶଳରେ କାର୍ଯ୍ୟ ହାସଲ କରିବେ। ମହିଳାମାନେ ତରବରିଆ ଭାବେ କୌଣସି କାମ କରନ୍ତୁ ନାହିଁ।

**କର୍କଟ** କର୍ମକ୍ଷେତ୍ରରେ ଅସ୍ଥିରତା ଲାଗିରହିବା କାରଣରୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ଆନୁଷ୍ଠାନିକ କର୍ମରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବା ହେତୁ ସାମୟିକ ବ୍ୟସ୍ତ ରହିପାରନ୍ତି। ପାରିବାରିକ ସମସ୍ୟାକୁ ସମାଧାନ କରିବା ସକାଶେ ଚେଷ୍ଟିତ ହେବେ।

**ସିଂହ** ପରିସ୍ଥିତିବିଶତଃ ନିକଟ ସମ୍ପର୍କୀୟଙ୍କ ସକାଶେ ବ୍ୟୟ କରିବାକୁ ବାଧ୍ୟ ହେବେ। ବକେୟା ଅର୍ଥ ଆଦାୟ କରିବାରେ ବିଭିନ୍ନ ପ୍ରକାର କୌଶଳ ଅବଲମ୍ବନ କରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତବିବ୍ରତ ହୋଇପାରନ୍ତି। ଅଫିସରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ।

**କନ୍ୟା** ନୂତନ କର୍ମାରମ୍ଭ କ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ପରୋକ୍ଷ ଶତ୍ରୁତା ହେତୁ କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଆଗାମୀ ମାଙ୍ଗଳିକ କାମ ସକାଶେ ଗୃହ ସଜ୍ଜାରେ ମନୋନିବେଶ କରିପାରନ୍ତି। ଅଫିସ କାମରେ ଯେସାକୁ ତେସା ନୀତିରେ କାମ କରି ସମାଲୋଚିତ ହେବାକୁ ପଡିବ।

**ତୁଳା** ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ବନ୍ଧୁମାନଙ୍କ ସହଯୋଗ ହେତୁ ବ୍ୟବସାୟରେ ଅଭୂତପୂର୍ବ ସଫଳତା ହାସଲ କରିବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ ହେବ। ବିବାଦୀୟ ଘଟଣାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ।

**ବିଛା** ପରିବାରରେ ଅନାବଶ୍ୟକ ଅତ୍ୟଧିକ ଖର୍ଚ୍ଚ ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ, ପରିବହନ ତଥା ପ୍ରଶାସନିକ ସ୍ତରରେ ବ୍ୟସ୍ତତା ଦୂର ହୋଇଯିବ। ଭଲ ସମ୍ପର୍କ ନ ଥିବା ନିଜର ପାଖ ଲୋକମାନେ ଅପପ୍ରଚାର କରିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ପାରିବାରିକ ବିବାଦ କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେବାରେ ସମସ୍ୟା ଦେଖାଦେଇ ପାରେ। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣ କରି ଶତ୍ରୁତା କରିବ। ବ୍ୟବସାୟ ଓ ପରିବହନରେ ଉନ୍ନତି ଘଟିବ କିନ୍ତୁ ବିଭିନ୍ନ ସମସ୍ୟା ମଧ୍ୟରେ ଚଳିବାକୁ ପଡିପାରେ। ଛୋଟକଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ସୃଷ୍ଟି କରିପାରନ୍ତି।

**ମକର** ଦୀର୍ଘଦିନରୁ ଆରମ୍ଭ କରିଥିବା ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଅନ୍ୟମାନଙ୍କ କଥା ରକ୍ଷା କରିବାକୁ ଯାଇ ବନ୍ଧୁଦ୍ୱାରକୁ ଯିବାକୁ ପଡିପାରେ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**କୁମ୍ଭ** ହସଖୁସିରେ ଦିନଟି ଅତିବାହିତ ହେବ ଏବଂ ବନ୍ଧୁଗହଣରେ ଦର୍ଶନୀୟସ୍ଥାନ ଭ୍ରମଣ କରିପାରନ୍ତି। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ। ବୈବାହିକ କର୍ମ ସକାଶେ ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ। ନୂତନ ଯାନବାହନ କିମ୍ବା ଗୃହୋପକରଣ କିଣିବାକୁ ମନ ବଳାଇ ପାରନ୍ତି।

**ମୀନ** ଅନ୍ୟମାନଙ୍କୁ ଆପଣାର କରିବା ସକାଶେ କଥନଶୈଳୀକୁ ପରିବର୍ତ୍ତନ କରିପାରନ୍ତି। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ।

ଆଜି ଫାଲଗୁନ କୃଷ୍ଣ ୫ମୀ ଶୁକ୍ରବାର, ଫେବୃୟାରୀ ୧୦ ତାରିଖ, ରାଶିନକ୍ଷତ୍ର-ହସ୍ତା/କନ୍ୟା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ, ବିଦ୍ୟାରମ୍ଭ, ଗୃହାରମ୍ଭ ଓ ଗୃହପ୍ରବେଶ ପାଇଁ ଶୁଭଦିନ। ସକାଳ ଘ.୦୬।୨୨ମି. ଗତେ ଘ.୦୭।୦୭ମି. ମଧ୍ୟେ, ଘ.୦୭।୫୨ମି. ଗତେ ଘ.୦୯।୧୧ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୩୬ମି. ଗତେ ଘ.୧୨।୧୨ମି.ମଧ୍ୟେ ରାହୁକାଳ।

# ବିପିଏନ୍‌ଏସ୍‌ଆଇ ଅଗ୍ରଗତି ନୈରାଶ୍ୟଜନକ

ଯାଜପୁର ଅଫିସ,୯।୨

- ଅଭିଜ୍ଞତା ପାଇଁ ଅପେକ୍ଷାରେ ଛାତ୍ରୀଛାତ୍ର
- ଜମି ଚିହ୍ନଟ ପ୍ରକ୍ରିୟାର ନିଷ୍ପତ୍ତି ହୋଇପାରୁନି

ବିଜୁପଟ୍ଟନାୟକ ନ୍ୟାଶନାଲ ଷ୍ଟିଲ ଇନ୍‌ଷ୍ଟିଚ୍ୟୁଟ (ବିପିଏନଏସଆଇ)କୁ ଆନ୍ତର୍ଜାତୀକସ୍ତରର ମାନ୍ୟତା ମିଳିବା ଲକ୍ଷ୍ୟ ରଖାଯାଇଛି। ଏହି କ୍ରମରେ ୧।୩।୨୦୨୧ରେ ଉକ୍ତ ଅନୁଷ୍ଠାନକୁ ପୁରୀରୁ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଯାଜପୁର କ୍ଲଷ୍ଟର ଡେଭଲପମେଣ୍ଟ ଲିଃ(ଜେସିଡିଏଲ୍) ପରିସରକୁ ସ୍ଥାନାନ୍ତର କରାଯାଇଛି । ୧୯।୧୨।୨୦୧୧ରେ ତତ୍କାଳୀନ ରାଜ୍ୟସଭା ସଦସ୍ୟ ପ୍ରଶାନ୍ତ ନନ୍ଦଙ୍କ ଏକ ଋଣତାରକା ପ୍ରଶ୍ନର ଉତ୍ତରରେ ରାଜ୍ୟ ଷ୍ଟିଲ ମନ୍ତ୍ରୀ ଫଗନ ସିଂ କୁଲସ୍ତେ ରାଜ୍ୟସଭାରେ ଏହି ଉତ୍ତର ଦେଇଛନ୍ତି। ସେ ତାଙ୍କ ଉତ୍ତରରେ ଆହୁରି ଦର୍ଶାଇଛନ୍ତି ଯେ, ଏହି ଅନୁଷ୍ଠାନର ଉନ୍ନତିକରଣ ପାଇଁ ବୋର୍ଡ ଅଫ୍ ଡାଇରେକ୍ଟର ପୁର୍ନଗଠନ ହୋଇଛି। ଉକ୍ତ ଅନୁଷ୍ଠାନର ସମସ୍ତ କାର୍ଯ୍ୟକଳାପ ବୋର୍ଡ ଦ୍ୱାରା ପରିଚାଳିତ ହେବ। ହେଲେ ଅନୁଷ୍ଠାନର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ଏଯାଏ ଚୂଡ଼ାନ୍ତ ଜମି ପାଇଁ ନିଷ୍ପତ୍ତି ହୋଇନାହିଁ ବୋଲି ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରେ ଜଣାପଡିଛି। ୨୦୨୦ ମାର୍ଚ୍ଚରୁ ଏହି ଅନୁଷ୍ଠାନକୁ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ହୋଇଥିଲେ ହେଁ ଏଯାଏ ଜମି ଚିହ୍ନଟ ଚୂଡ଼ାନ୍ତ ନ ହେବା ଏବଂ ସ୍ଥାୟୀ କ୍ୟାମ୍ପସ ନିର୍ମାଣ ଦିଗରେ ନୈରାଶ୍ୟଜନକ ଅଗ୍ରଗତି ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ ପାଇଛି। ଏଥିପାଇଁ ବିଭିନ୍ନ ବୈଷୟିକ ଡିଗ୍ରୀଧାରୀ ଛାତ୍ରୀଛାତ୍ରଙ୍କ ଅଭିଜ୍ଞତା ପାଇଁ ତାଲିମ ଆଶା ପରାହତ ହୋଇଛି।

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଷ୍ଟିଲ, ପେଲେଟ, ସ୍ପଞ୍ଜ ଓ ସିମେଣ୍ଟ କାରଖାନା ପରେ ଏକ ତାଲିମ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହେବାକୁ ଯାଉଛି । ଏହି କ୍ରମରେ ୩୬ଟି ସ୍କିଲ ସ୍କେଲ ଇଣ୍ଡଷ୍ଟ୍ରିଜ(ଏସ୍‌ଏସ୍‌ଆଇ)କୁ ଇଡ୍‌କୋ ଜରିଆରେ ଜମି ଯୋଗାଇ ଦିଆଯାଇଛି। କିନ୍ତୁ ଏଯାଏ ପ୍ରସ୍ତାବିତ ଅଧିକାଂଶ ଅନୁଷ୍ଠାନକୁ ନିର୍ଦ୍ଦିଷ୍ଟ ଭାବେ ଜମି ଦଖଲ ମିଳି ପାରିନାହିଁ। ଫଳରେ କଳିଙ୍ଗନଗର ଏସ୍‌ଏସ୍‌ଆଇର ନିର୍ମାଣ କାର୍ଯ୍ୟ ଅଟକି ରହିଛି। ଏହାବାଦ୍ ପ୍ରସ୍ତାବିତ ଏସ୍‌ଏସ୍‌ଆଇ କାର୍ଯ୍ୟ ଆରମ୍ଭ ପାଇଁ ରାସ୍ତା, ଡ୍ରେନେଜ, ବିଦ୍ୟୁତକରଣ, ପାଣି ଯୋଗାଣ ଇତ୍ୟାଦି ପ୍ରମୁଖ ସୁବିଧା ମିଳି ନ ଥିବାରୁ ଡାଉନଷ୍ଟ୍ରିମ ଶିଳ୍ପର ଅଗ୍ରଗତି ଏକ ପ୍ରକାର ସ୍ଥାଣୁ ପାଲଟିଛି। ଅନ୍ୟପକ୍ଷେ ବିଭିନ୍ନ ବୈଷୟିକ ଡିଗ୍ରୀଧାରୀ ଛାତ୍ରୀଛାତ୍ରଙ୍କ ଅଭିଜ୍ଞତା ହାସଲ ପାଇଁ ପୁରୀରୁ କଳିଙ୍ଗନଗରକୁ ବିପିଏନ୍‌ଏସ୍‌ଆଇ ସ୍ଥାନାନ୍ତର ପ୍ରକ୍ରିୟା ମଧ୍ୟ ଧିମେଇ ଚାଲିଥିବାରୁ ଅଞ୍ଚଳର ଯୁବପୀଢିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଡାଉନଷ୍ଟ୍ରିମ ଶିଳ୍ପରେ ଛୋଟବଡ କମ୍ପାନୀକୁ ବିଭିନ୍ନ ସୁବିଧାସୁଯୋଗ ଯୋଗାଇ ଦେବାରେ ଇଡ୍‌କୋ ବିଫଳ ହୋଇଥିବା ଅଭିଯୋଗ ହୋଇଛି । ଫଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ପରିବର୍ତ୍ତେ ଛଟେଇ ସଂଖ୍ୟା ଅଧିକ ହେଉଛି। କଳିଙ୍ଗନଗର ଶିଳ୍ପାଞ୍ଚଳରେ କେତେକ ପୁରୁଣା କମ୍ପାନୀ ହଜାର ହଜାର ଏକର ଜମି ଅଯଥାରେ ମାଡ଼ି ବସିଛନ୍ତି । ଏଠାରେ ମେସ୍କୋ ଷ୍ଟିଲକୁ ଉଦାହରଣ ଭାବେ ନିଆଯାଇପାରେ। ଗତ ପ୍ରାୟ ୪ ବର୍ଷ ହେବ ଏହି କାରଖାନା ବନ୍ଦ ଥିବାରୁ ବିସ୍ଥାପିତ ଏବଂ ଶ୍ରମିକମାନେ ଭୋକ ଉପାସରେ କାଳାତିପାତ କରୁଛନ୍ତି। ଏଥିପାଇଁ ସେମାନେ ନିୟମିତ ଭାବେ ଦାବି, ଆନ୍ଦୋଳନ କରୁଥିଲେ ହେଁ ସରକାର କୌଣସି ସହାୟତା ପ୍ରଦାନ କରିବାରେ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ ହେଉଛି। ବିପିଏନ୍‌ଏସ୍‌ଆଇ ପାଇଁ ଇଡ୍‌କୋ ପକ୍ଷରୁ ଗତ ୨୯।୫।୨୦୨୦ରେ ଦାନଗଦି ତହସିଲ ଅଧୀନ ଯଖପୁରା ଓ କଚେରିଗାଁ ମୌଜାରେ ମାତ୍ର ୧୦ ଏକର ଜମି ଆବଣ୍ଟିତ ହୋଇଥିଲା । ଏହି ଜମି ବିପିଏନ୍‌ଏସ୍‌ଆଇ ପ୍ରତିଷ୍ଠା ପାଇଁ ନିଅଣ୍ଟ ହେବ ବୋଲି କର୍ତ୍ତୃପକ୍ଷ ଜଣାଇବା ପରେ ପୁଣି ୨୫ ଏକରକୁ ବୃଦ୍ଧି ହୋଇଛି। ତେବେ ଆର୍ନ୍ତଜାତୀକସ୍ତରର ଲକ୍ଷ୍ୟ ନେଇ ଗଢି ଉଠୁଥିବା ଏହି ଅନୁଷ୍ଠାନ ପାଇଁ ଅନୁନ୍ୟ ୫୦ ଏକର ଜମିର ଆବଶ୍ୟକ ଥିବା ସୂଚନା ମିଳିଛି। କିନ୍ତୁ ଇଡ୍‌କୋ କର୍ତ୍ତୃପକ୍ଷ ଏଥିପାଇଁ ପାତରଅନ୍ତର ନୀତି ଆପଣାଉଥିବା ଅଭିଯୋଗ ହୋଇଛି ।



ବିପିଏନ୍‌ଏସ୍‌ଆଇ ପାଇଁ ପ୍ରସ୍ତାବିତ ଜମି ଏରିଆ ।

ସୂଚନାଯୋଗ୍ୟ, ୨୦୦୨ରେ ପୁରୀଠାରେ ବିପିଏନ୍‌ଏସ୍‌ଆଇ ପ୍ରତିଷ୍ଠା ହୋଇଥିଲା । ତେବେ ବିଭିନ୍ନ କାରଣରୁ ସେଠାରେ ଏହି ଅନୁଷ୍ଠାନ ଉପଯୁକ୍ତ ଭାବେ କାର୍ଯ୍ୟକ୍ଷମ ହୋଇ ପାରି ନ ଥିଲା । କଳିଙ୍ଗନଗରଠାରେ ରାଜ୍ୟର ସର୍ବାଧିକ ଷ୍ଟିଲ ଉତ୍ପାଦନ ଲକ୍ଷ୍ୟ ରହିଥିବାରୁ ବିପିଏନ୍‌ଏସ୍‌ଆଇର ଆବଶ୍ୟକତାକୁ ଉପଲବ୍ଧି କରି କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି। ଏହି ଅନୁଷ୍ଠାନରେ ଉତ୍ପାଦିତ ସମସ୍ତ ଷ୍ଟିଲ ସାମଗ୍ରୀର ମାନ ପରୀକ୍ଷା ହେବା ସହିତ ଷ୍ଟିଲ କାରଖାନାରେ କାର୍ଯ୍ୟରତ କର୍ମଚାରୀ ଓ ଅଧିକାରୀମାନଙ୍କୁ ବିଭିନ୍ନ ତାଲିମ ପ୍ରଦାନ କରାଯିବ। ଏହାବାଦ୍ କାରଖାନାରେ ନିଯୁକ୍ତି ପାଇଁ ଅପେକ୍ଷାରତ କିମ୍ବା ବିଭିନ୍ନ ବୈଷୟିକ ଡିଗ୍ରୀଧାରୀମାନେ ଏଠାରେ ତାଲିମ ନେଇ ଅଭିଜ୍ଞତା ହାସଲ କରି ପାରିବେ ବୋଲି ସୂଚନା ମିଳିଛି ।

ଏ ସଂକ୍ରାନ୍ତରେ ଇଡ୍‌କୋରର ସହକାରୀ ଜମି ଅଧିଗ୍ରହଣ ଅଧିକାରୀ ଜିତେନ୍ଦ୍ର ଦାସଙ୍କୁ ପଚାରିବାରେ ସେ କହିଛନ୍ତି, କଳିଙ୍ଗନଗର ବିଜୁ ପଟ୍ଟନାୟକ ମାର୍ଗ ନିକଟରେ ବିପିଏନ୍‌ଏସ୍‌ଆଇ ପାଇଁ ୨୫ ଏକର ଜମି ପ୍ରଦାନ କରାଯାଇଛି। ତେବେ ଏହାପରେ ବିପିଏନ୍‌ଏସ୍‌ଆଇ କର୍ତ୍ତୃପକ୍ଷ କୌଣସି ଯୋଗାଯୋଗ ଏଯାଏ କରି ନାହାନ୍ତି।

# ବସ୍-ହାଇୱା ମୁହାଁମୁହିଁ ଧକ୍କା: ୧୨ ଯାତ୍ରୀ ଗୁରୁତର

ଧର୍ମଶାଳା/ଜେନାପୁର,୯।୨(ଡି.ଏନ.ଏ.)



ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ଭଡ଼ଙ୍ଗା ଛକ ନିକଟରେ ଗୁରୁବାର ପୂର୍ବାହ୍ନରେ ଏକ ବସ୍ ସହ ହାଇୱା ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବସ୍‌ରେ ଥିବା ୧୨ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଧର୍ମଶାଳା ପୋଲିସ ଓ ଚଣ୍ଡିଖୋଲ ଦମକଳ ବାହିନୀ କର୍ମଚାରୀ ଉଦ୍ଧାର କରି ବଡ଼ଚଣା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ୨ ଯାତ୍ରୀଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତରମାନେ ହେଲେ କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳର ମାଳତି ମରାଣ୍ଡି(୪୫), ଜଗତ୍‌ସିଂହପୁର ଅଞ୍ଚଳର ଲକ୍ଷ୍ମୀଧର ମୁଦୁଲି (୪୦), ସୁକିନ୍ଦା ଅଞ୍ଚଳର ବିଦ୍ୟାଧର ନାୟକ (୬୦), ବାମ୍ଫିଲୋ ଅଞ୍ଚଳର ଗିରିଶ ପରିଡ଼ା (୪୬), ରଘୁନାଥପୁର ଗ୍ରାମର ଶାନ୍ତନୁ ପତି(୭୦), ମୁକୁନ୍ଦପୁରର ବିକାଶ ପ୍ରଧାନ(୨୭), ନିତ୍ୟାନନ୍ଦପୁରରର ଶ୍ୟାମସୁନ୍ଦର ସାହୁ(୪୨), ବ୍ରାହ୍ମଣବାଟୀ ଗ୍ରାମର ଭଗବନ ନାଥ (୪୪), ସୁକିନ୍ଦା ଅଞ୍ଚଳର ବାସନ୍ତି ସାହୁ (୫୦), ନିତ୍ୟାନନ୍ଦପୁର ଗ୍ରାମର ନୀଳ ସାହୁ(୭୦) ଓ ନିତ୍ୟାନନ୍ଦପୁର ଗ୍ରାମର ସୁନିଆ ପାତ୍ର(୪୭) ପ୍ରମୁଖ।

ସୂଚନା ମୁତାବକ, କଳିଙ୍ଗନଗର ଡୁବୁରୀ ଅଞ୍ଚଳରୁ ଓଡି-୦୪-ଇ-୨୨୬୨ନଂ. ବିଶିଷ୍ଟ ଓସେନ କୁଇନ ଘରୋଇ ବସ୍ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଚଣ୍ଡିଖୋଲ ଅଭିମୁଖେ ଆସୁଥିଲା। ଏହି ସମୟରେ ଭଡ଼ଙ୍ଗା ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଓଆର୍-୦୯-କେ-୫୮୫୧ ନଂ. ହାଇୱା ସହିତ ବସ୍‌ଟି ମୁହାଁମୁହିଁ ଧକ୍କା ହୋଇଥିଲା। ତେବେ ଦୀର୍ଘ ଦିନ ଧରି ୫୩ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ଠିକାଦାର ଠିକ୍ ସମୟରେ କାମ ସାରୁନାହାନ୍ତି। ଫଳରେ ବାରମ୍ବାର ଏଭଳି ଦୁର୍ଘଟଣାମାନ ଘଟୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଧର୍ମଶାଳା ପୋଲିସ ଏକ ମାମଲା ରୁଜୁ କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରି ତଦନ୍ତ ଚଳାଇଛି।

## କୁସୁନପୁର ମହାଯଜ୍ଞ ଉଦ୍‌ଯାପିତ

ପ୍ରୀତିପୁର,୯।୨(ଡି.ଏନ.ଏ.) :

ବିଞ୍ଝାରପୁର ବ୍ଲକ ବାଙ୍ଗରା ପଞ୍ଚାୟତର କୁସୁନପୁର ଗ୍ରାମରେ ପଞ୍ଚଦିବସୀୟ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଲକ୍ଷ୍ମୀ ନାରାୟଣଙ୍କ ମୃଣ୍ମୟ ମୂର୍ତ୍ତି ପୂଜାର୍ଚ୍ଚନା କରାଯିବା ସହ ଅଗ୍ନି ପୂର୍ଣ୍ଣମୀ ଠାରୁ ୫ ଦିନ ଧରି ଯଜ୍ଞ, ସନ୍ଧ୍ୟାରେ ନାମସଂକୀର୍ତ୍ତନ ଓ ଶ୍ରଦ୍ଧାଳୁ ଭକ୍ତଙ୍କ ଲାଗି ପ୍ରସାଦସେବନ ବ୍ୟବସ୍ଥା ହୋଇଥିଲା। ଗ୍ରାମର ଦେବେନ୍ଦ୍ର ବେହୁରିଆ ଓ ତାଙ୍କ ସ୍ତ୍ରୀ ତିଳୋତ୍ତମା ବେହୁରିଆ ସଂକଳ୍ପ କାର୍ଯ୍ୟ କରିଥିଲେ। ପରିଚାଳନା କମିଟିର ଅଭିରାମ ବାବା (ମଠାଧିଶ), ଧୀରେନ୍ଦ୍ର ସାମଲ, ଶ୍ରୀଧର ମଲ୍ଲିକ, ବାଇଧର ବାରିକ୍, ଗୋଲେଖ ସାହୁ, ଗୋଲେଖ ବେହୁରିଆ, ବିଚିତ୍ର ରାଉତ, ସୁରେନ୍ଦ୍ର ରାଉତ, ଦେବେନ୍ଦ୍ର ରାଉତ, ରାଧା ଶ୍ୟାମ ସାମଲ, ମାନସ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଫୌଜଦାରି ମାମଲାରେ ୧ ବର୍ଷ ଜେଲ ଦଣ୍ଡାଦେଶ

ଚଣ୍ଡିଖୋଲ,୯।୨(ଡି.ଏନ.ଏ.):

ଏକ ଫୌଜଦାରୀ ମାମଲାର ବିଚାର କରି ଗୁରୁବାର ଚଣ୍ଡିଖୋଲ କୋର୍ଟର ସହକାରୀ ଦୌରାଜଜ୍ ସୌଭାଗ୍ୟ ରଞ୍ଜନ ସ୍ୱାଇଁ ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲ ଦଣ୍ଡାଦେଶ ଦେଇ ରାୟ ଶୁଣାଇଛନ୍ତି। ୨୦୨୧ ଜୁଲାଇ ୧୪ରେ ଧର୍ମଶାଳା ଥାନା ଚୋରମୁହାଁ ଗ୍ରାମର ଏନ୍. ଗଣମୂର୍ତ୍ତି ରାଓଙ୍କୁ ସେହି ଗ୍ରାମର ରାମଚନ୍ଦ୍ର ନାୟକ ଠେଙ୍ଗାରେ ଆକ୍ରମଣ କରିଥିଲେ। ସେଥିରେ ତାଙ୍କ ମୁଣ୍ଡ ଫାଟି ଯିବା ସହ କ୍ଷତାକ୍ତ ହୋଇଥିଲା। ଏହି ଘଟଣାରେ ଏନ୍. ଗଣମୂର୍ତ୍ତିଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଅଭିଯୋଗକୁ ଭିତ୍ତିକରି ଧର୍ମଶାଳା ଥାନାରେ ଏକ ମାମଲା ନଂ.୩୬୮/୨୧ରେ ରୁଜୁ ହୋଇଥିଲା। ପରେ ରାମଚନ୍ଦ୍ରଙ୍କୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଥିଲା।

# ସୋନା ମହାପାତ୍ର, ଅମିତ ତ୍ରିବେଦୀଙ୍କ ଗୀତରେ ଝୁମିଲେ ଦର୍ଶକ

ଯାଜପୁର ଟାଉନ,୯।୨(ଡି.ଏନ.ଏ.):

**ଯାଜପୁର ଜିଲା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**




ଯାଜପୁର ବାଳାଶ୍ରମ ପଡ଼ିଆରେ ଅନୁଷ୍ଠିତ ଜିଲା ମହୋତ୍ସବର ଗୁରୁବାର ଦ୍ୱିତୀୟ ସନ୍ଧ୍ୟାରେ ବଲିଉଡ୍ କଣ୍ଠଶିଳ୍ପୀ ସୋନା ମହାପାତ୍ରଙ୍କ "ରଙ୍ଗବତୀ..." "ବେକାବୁ...", "ବାହାର..." ଓ ଅମିତ ତ୍ରିବେଦୀଙ୍କ "ନମୋ...ନମୋ..." "ଘୋଡେ ପେ ସୱାର..." "ନୈନା ଦା କ୍ୟା କସୁର..." ସଙ୍ଗୀତରେ ଦର୍ଶକ ବେଶ୍ ଝୁମିଛନ୍ତି। ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପ୍ରଥମେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ଖଇରାବାଦ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ସହ ନୃତ୍ୟ ପରିବେଷଣ କରାଯାଇଥିଲା। ଏହାପରେ ମଞ୍ଚ ଉପରେ ଓଡ଼ିଆ ଝିଅ ତଥା ବଲିଉଡ୍ କଣ୍ଠଶିଳ୍ପୀ ସୋନା ମହାପାତ୍ର ସଙ୍ଗୀତ ପରିବେଷଣ କରିଥିଲେ। ସୋନା ହିନ୍ଦୀ ଗୀତରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ସେ ସଙ୍ଗୀତ ପରିବେଷଣ କଲା ସମୟରେ ପଡ଼ିଆରେ ଭରପୁର ଥିବା ଦର୍ଶକ ତାଳି ମାରି ସ୍ୱାଗତ କରିଥିଲେ। ସେହିପରି ଅମିତ ତ୍ରିଭେଦି ମଞ୍ଚ ଉପରେ ନିଜର ସଙ୍ଗୀତର ଯାଦୁରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ଉଭୟ ମିଶି ମଞ୍ଚ ଉପରେ ସଙ୍ଗୀତ ପରିବେଷଣ କଲାବେଳେ ଦର୍ଶକଙ୍କ ନାଚ ଓ କରତାଳିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ସୋନାଙ୍କ ସଙ୍ଗୀତର ମୂର୍ଚ୍ଛନା ଶୁଣିବା ପାଇଁ ଦର୍ଶକଙ୍କ ପ୍ରବଳ ଭିଡ଼ ଲାଗି ରହିଥିଲା। ଦ୍ୱିତୀୟ ସନ୍ଧ୍ୟାରେ ଜିଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିବା ସହ ବହୁ ଦର୍ଶକ ବସି ରହିଥିଲେ। ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଓ ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲା ମହୋତ୍ସବ ଅନୁଷ୍ଠିତ ହେଉଛି। ଯାଜପୁର ବିଧାୟକ ତଥା ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦ୍ୱାରା ଅତ୍ୟାଧୁନିକ ମଞ୍ଚ ଓ ଆଲୋକ ସଜ୍ଜା ଦେଖି ଦର୍ଶକ ବିଭୋର ହୋଇଥିଲେ। ମହୋତ୍ସବକୁ ସରସ ଓ ସୁନ୍ଦର କରିବା ପାଇଁ ଜିଲା, ପୌର ପ୍ରଶାସନ ଏବଂ ପୋଲିସ ପ୍ରଶାସନ ଲାଗି ପଡ଼ିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ରଶ୍ମିତା


@ ଅନୁପକୁମାର


@ ଅପୁନି


@ ନାରାୟଣ


@ ପ୍ରଗତି


@ ଶ୍ରୀକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ହାଇକୋର୍ଟରେ ଚାର୍ଜଶିଟ୍ ଦାଖଲ

କଟକ ଅଫିସ,୯।୨:

**ଅର୍ଚ୍ଚନା ନାଗ ଜାମିନ ଆବେଦନ ମାମଲା**

- ମାର୍ଚ୍ଚ ୧୪ରେ ପରବର୍ତ୍ତୀ ଶୁଣାଣି

ବହୁ ଚର୍ଚ୍ଚିତ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ଜାମିନ ଆବେଦନ ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଛି। ଆବେଦନକାରୀଙ୍କ ବିରୋଧରେ ଚାର୍ଜସିଟ ଦାଖଲ ହୋଇଥିବା ଶୁଣାଣିବେଳେ ସ୍ପଷ୍ଟ ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ତଦନ୍ତର ସାନି ସ୍ଥିତି ଅବଗତ କରାଯାଇଛି। ଚାର୍ଜସିଟ୍‌ରେ ଉଲ୍ଲେଖ ଥିବା ନଥିପତ୍ରର କପି ଆବେଦନକାରୀ ଏ ପର୍ଯ୍ୟନ୍ତ ପାଇ ପାରିନାହାନ୍ତି। ଜଷ୍ଟିସ ଭି. ନରସିଂହଙ୍କ ଖଣ୍ଡପୀଠ ଅର୍ଚ୍ଚନାଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରିଥିଲେ। ଆସନ୍ତା ମାର୍ଚ୍ଚ ୧୪ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସୂଚନାଯୋଗ୍ୟ, ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ କୁମାର ପରିଜାଙ୍କ ଏତଲା ଆଧାରରେ ନୟାପଲ୍ଲୀ ଥାନାରେ ରୁଜୁ ମାମଲାରେ ଜାମିନ ପାଇଁ ଅର୍ଚ୍ଚନା ଗତ ଜାନୁୟାରୀ ୨ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଜାନୁୟାରୀ ୬ରେ ମାମଲାର ଶୁଣାଣି କରି କେସ୍ ଡାଏରି ଦାଖଲ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପୂର୍ବରୁ ଭୁବେନେଶ୍ୱର ଅତିରିକ୍ତ ଜିଲା ଓ ଦୌରାଜଜଙ୍କ ଅଦାଲତରେ ଜାମିନ ଖାରଜ ହେବା ପରେ ଅର୍ଚ୍ଚନା ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବିଶ୍ୱଚନ୍ଦନ ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ଅସୁରକ୍ଷିତ ସ୍ଥାନରେ ବ୍ୟାସ ସରୋବର ମହୋତ୍ସବ

କଳିଙ୍ଗନଗର,୯।୨(ଡି.ଏନ.ଏ.):

- ତଳେ ଲୌହ ଦାନବ, ଉପରେ ବିଦ୍ୟୁତ ତାର, ମଝିରେ ଦର୍ଶକ
- ଟ୍ରେନ୍ ଲାଇନରେ କଟି ଜଣେ ଦର୍ଶକଙ୍କ ମୃତ୍ୟୁ

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ(ଓପିଟିସିଏଲ)ର ଉଚ୍ଚ ଶକ୍ତିସମ୍ପନ୍ନ ୧୩୨ କେଭି ବିଦ୍ୟୁତ୍ ଖୁଣ୍ଟ ନିକଟରେ ଚଳିତଥର ବ୍ୟାସସରୋବର ମହୋତ୍ସବ ଆୟୋଜିତ ହେବାକୁ ନେଇ ଅନେକ ସମାଲୋଚନା ଏବଂ ବିରୋଧାଭାସ ଦେଖିବାକୁ ମିଳିଛି। ଚଳିତଥର ବ୍ୟାସସରୋବର ମହୋତ୍ସବକୁ ଦୁଇ ଦୁଇଟି ବଡ଼ ବିପଦ ରହିଛି। ମାତ୍ର ପୌର ପ୍ରଶାସନର ଏଥିପ୍ରତି ନିଘାନାହିଁ। ଓପିଟିସିଏଲ ମଧ୍ୟ ସାଧାରଣ ଲୋକଙ୍କ ସୁରକ୍ଷା ପ୍ରତି ଦାୟିତ୍ୱବାନ ନାହିଁ। ପ୍ରଶ୍ନ ଉଠୁଛି ଯେ କେଉଁ ଆଧାରରେ ଏବଂ ବିପଜ୍ଜନକ ଭାବେ ଏହି ସ୍ଥାନରେ ମହୋତ୍ସବ ନିମନ୍ତେ ଆବଶ୍ୟକୀୟ ଅନୁମତି ମିଳିଛି। ମହୋତ୍ସବ ଦେଖିବାକୁ ପରିବାର ନେଇ ଯାଇଥିବା କିଛି ଦର୍ଶକ ଏହାକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବା ସହିତ ପ୍ରଶାସନ ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ କେତେ ଚିନ୍ତିତ ତାକୁ ନେଇ ପ୍ରଶ୍ନ କରିଛନ୍ତି। ଏପରି କି ଅସୁରକ୍ଷିତ ସ୍ଥାନରେ ବ୍ୟାସସରୋବର ମହୋତ୍ସବ ଆୟୋଜନକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।


ବ୍ୟାସ ସରୋବର ମହୋତ୍ସବର ଉପର ଦେଇ ୧୩୨ କେଭି ବିଦ୍ୟୁତ୍ ପ୍ରବାହିତ ହେଉଛି ।

ମହୋତ୍ସବସ୍ଥଳଠାରୁ ମାତ୍ର ୧୦-୧୫ ମିଟର ଦୂରତାରେ ପୂର୍ବତଟ ରେଳବାଇର ରେଳଲାଇନ ଯାଇଥିବାବେଳ ପ୍ରତି ୫ ମିନିଟରେ ଏହି ବାଟ ଦେଇ ରେଳ ଆତଯାତ କରୁଛି। ଗୁରୁବାର ଯୋଡ଼ାବର ଗ୍ରାମର ଅଭିନ ସାମଲ(୫୮) ମେଳାକୁ ଆସୁଥିଲେ। ଏହି ସମୟରେ ୨ ଟ୍ରେନ ଯାଉଥିବା ବେଳେ ଅଭିନ୍ନ ଗୋଟିଏ ଟ୍ରେନ ଦେଖି ପାର ହେଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରେନ ଧକ୍କାରେ ମୃତ୍ୟୁବରଣ କରିଛନ୍ତି। ତଳେ ଲୌହ ଦାନବ ଉପରେ ୧୩୨ କେଭିର ବିଦ୍ୟୁତ୍ ଗତିଶୀଳ ରହିଥିବାବେଳେ ମଝିରେ ଅତ୍ୟନ୍ତ ବିପଦଜନକଭାବେ ବ୍ୟାସ ସରୋବର ମହୋତ୍ସବ ଚାଲୁରହିଛି। ଏହାକୁ ନେଇ ଯଦି ଆହୁରି ଅଘଟଣ ଘଟେ ଏଥିପାଇଁ କିଏ ଦାୟି ରହିବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓପିଟିସିଏଲର ଏପରି ଖାମଖିଆଲ ନୀତି ପାଇଁ ହଜାର ହଜାର ଜୀବନ ବାଜିରେ ଲାଗିଛି। ଏନେଇ ଓପିଟିସିଏଲ ଯାଜପୁର ରୋଡର ସହକାରୀ ଯନ୍ତ୍ରୀ ରାଜୀବ ଲୋଚନ ସାହୁଙ୍କୁ ପଚାରିବାରୁ ମେଳାରେ ଦୋକି ସ୍ଥାପନ ପାଇଁ କୌଣସି ଅନୁମତି ପ୍ରଦାନ କରାଯାଇନାହିଁ। ମହୋତ୍ସବସ୍ଥଳ କେନ୍ଦ୍ରାପଡ଼ା ଡିଭିଜନ ଅଧୀନରେ ରହିଥିବାରୁ ଏନେଇ ସେମାନଙ୍କ ସହିତ ଯୋଗାଯୋଗ କରି ବେଆଇନ ଭାବେ ବିଦ୍ୟୁତ ନିୟମ ଉଲଂଘନକାରୀଙ୍କ ବିରୋଧରେ ଥାନାରେ ମାମଲା ଦାୟର କରାଯିବ ବୋଲି କହିଛନ୍ତି। ଘଟଣା ସମ୍ପର୍କରେ ପୌର ପ୍ରଶାସନର ପ୍ରତିକ୍ରିୟା ମିଳିପାରିନାହିଁ।

# ପୋଲିସ ଟ୍ରେନିଂ ସ୍କୁଲରେ ନିର୍ଯାତନା

- ପ୍ରିନ୍ସିପାଲଙ୍କ ବିରୋଧରେ ଅଭିଯୋଗ ଆଣିଲେ ସର୍ଜନ
- ଛୁଟି ପରେ ଯୋଗଦେବାକୁ ସୁଯୋଗ ଦେଉନାହାନ୍ତି
- ଓଲଟି ଡ୍ୟୁଟିରେ ଯୋଗ ଦେଉ ନ ଥିବା କହୁଛନ୍ତି

ନୟାଗଡ଼ ଅଫିସ,୯।୨

ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ(ପିଟିଏସ୍)ରେ ସର୍ଜନ ବିଶ୍ୱଜିତ ତାରିଣୀଙ୍କୁ ପ୍ରିନ୍ସିପାଲ୍ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି । ଏ ନେଇ ସର୍ଜନ୍ ତାରିଣୀ କ୍ଷୋଭ ଭରା କଣ୍ଠରେ କହିଛନ୍ତି, ମୋତେ ଛୁଟି ପରେ କାମରେ ଯୋଗ ଦେବାର ସୁଯୋଗ ନ ଦେଇ ହଇରାଣ ହରକତ କରାଯାଉଛି। ପ୍ରତିବାଦ କଲେ ମୋର କଥା କେହି ଶୁଣୁ ନାହାନ୍ତି । ବୌଦ୍ଧରେ ଥିବାବେଳେ ମଧ୍ୟ ସେଠାରେ ହଇରାଣ ହରକତ କରାଯାଉଥିଲା। ଏଠିବି ସେମିତି ଚାଲିଛି। ସର୍ଜନ ତାରିଣୀଙ୍କ ଅଭିଯୋଗ ପରେ ପିଟିଏସ୍ ପ୍ରିନ୍ସପାଲ ମୁହଁ ଖୋଲିଛନ୍ତି । ଛୁଟି ପରେ ବି ବିଶ୍ୱଜିତ୍ କାର୍ଯ୍ୟରେ ଯୋଗ ଦେଉନାହାନ୍ତି ବୋଲି ସେ ପାଲଟା ଅଭିଯୋଗ କରିଛନ୍ତି ।

ସର୍ଜନ ତାରିଣୀ ନିଜ ଅଭିଯୋଗରେ ଦର୍ଶାଇଛନ୍ତି, ମୁଁ ପିଟିଏସ୍ ନୟାଗଡ଼ରେ ସର୍ଜନ ଭାବେ କାମ କରୁଛି । ବୌଦ୍ଧରୁ ବଦଳି ହେବା ପରେ ୨୦୧୯ରେ ନୟାଗଡ଼ରେ କାର୍ଯ୍ୟରେ ଯୋଗ ଦେଇଛି। କିଛିଦିନ କାମକଲା ପରେ ମୋତେ କମାଣ୍ଡ ସାର୍ଟିଫିକେଟ ଦିଆଯାଇଥିଲା । ହେଲେ ବୌଦ୍ଧରେ କମାଣ୍ଡ ସାର୍ଟିଫିକେଟ ଦେବାକୁ ବିଳମ୍ବ କରି ହଇରାଣ ହରକତ କରାଗଲା। କିଛି ଦିନ ପରେ ପିଟିଏସ୍ ନୟାଗଡ଼ରୁ ମୋ ବିରୋଧରେ ରିପୋର୍ଟ ଯିବା ପରେ ସମସ୍ୟା ବଢ଼ିଲା । ମୁଁ ଏହାକୁ ନେଇ ପ୍ରତିବାଦ କରିଥିଲି। ହେଲେ ୫୫ ଦିନ କାମ କରିନି କହି ମୋତେ କାରଣ ଦର୍ଶାଅ ନୋଟିସ୍ ନ କରି ବୌଦ୍ଧ ଏସ୍‌ପି ମୋ ଦରମା ବନ୍ଦ କରି ଦେଇଥିଲେ । ଏନେଇ ବାରମ୍ବାର ଅଭିଯୋଗ କଲାପରେ ବି କେହି ଶୁଣିଲେନି। ଆଡସିନାଲ ଡିଜିଙ୍କ ପାଖରେ ଅଭିଯୋଗ କରିଥିଲି । ହେଲେ ମୋ ଅଭିଯୋଗ ଅଢ଼େଇ ବର୍ଷ ଧରି ପକାଇ ରଖିଲେ । ପ୍ରୁଟଅପ୍ ପାଇଁ ଯିବାବେଳେ ମେରିଟ୍ ନାହିଁ କହି ମନା କରିଦେଲେ । ଏହା ଠିକ୍ ନୁହେଁ। ଅନ୍ୟମାନେ ଛୁଟିରେ ଯାଇ ଅଧିକ ଦିନ ରୁହନ୍ତି । ମୋର ଯଦି କିଛି ଅସୁବିଧା ହୁଏ ଅଧିକ ଗୋଟିଏ ଦିନ ରହିଗଲେ ବୌଦ୍ଧ ଏସ୍‌ପି ହଇରାଣ କରି ଆସୁଛନ୍ତି। ଡିପାର୍ଟମେଣ୍ଟ ତରଫରୁ ଅଥବା ଉଚ୍ଚ ପଦସ୍ଥ ଅଫିସର ଯଦି ଏପରି ବାରମ୍ବାର ହଇରାଣ ହରକତ କରିବେ ମୁଁ ଓ ମୋ ପରିବାର କିପରି ଚଳିବୁ। ନ୍ୟାୟ ନ ପାଇଲେ ଯେ କେହି ଆତ୍ମହତ୍ୟା ନେବାକୁ ବାଧ୍ୟ ହେଉଥିବା ଦେଖିବାକୁ ମିଳୁଛି । ଏଣୁ ମୋତେ ନ୍ୟାୟ ଦେବା ପାଇଁ ଅନୁରୋଧ କରିଛି । ମୋତେ ଆଉ ହଇରାଣ ହରକତ କରା ନ ଯାଉ । ଅନ୍ୟପକ୍ଷେ ମୁଁ କାର୍ଯ୍ୟରେ ଯୋଗ ଦେବାକୁ ବାରମ୍ବାର ଯାଉଛି । ହେଲେ ନୟାଗଡ଼ ପିଟିଏସ୍ ପ୍ରିନ୍ସପାଲ ମୋତେ କାର୍ଯ୍ୟରେ ଯୋଗ ଦେବାର ସୁଯୋଗ ଦେଉ ନାହାନ୍ତି । ବରଂ ମୁଁ ଅନୁପସ୍ଥିତି ଅଛି ବୋଲି ଦର୍ଶାଇ ହଇରାଣ କରି ଚାଲିଛନ୍ତି । ମୁଁ ଡ୍ରେସରେ ଅଛି, କାର୍ଯ୍ୟ କରୁଥିଲେହେଁ ମୁଁ ନିର୍ଦ୍ଦୋଷ ବୋଲି ପ୍ରମାଣ କରିବା କଷ୍ଟ ହେଉଛି । ସହିବାର ସୀମା ଅତିକ୍ରମ କରିଛି । ଅପରପକ୍ଷେ ତାରିଣୀ ଅନ୍ୟ ଏକ ଅଭିଯୋଗରେ ଦର୍ଶାଇଛନ୍ତି, ପ୍ରିନ୍ସପାଲ ବେଆଇନ ଭାବେ ବିଦ୍ୟୁତ୍ ସଂଯୋଗ ନେଇ ଏସି ଲଗାଇ ଅଭ୍ୟାସ କରୁଛନ୍ତି । ପିଟିଏସ୍ ପକ୍ଷରୁ ବିଦ୍ୟୁତ୍‌କୁ ଚୋରାରେ ବ୍ୟବହାର କରି ସରକାରୀ ସମ୍ପତ୍ତିକୁ ନଷ୍ଟ କରୁଛନ୍ତି। ଏହାର ତଦନ୍ତ ନାହିଁ କି କାର୍ଯ୍ୟାନୁଷ୍ଠାନ ନାହିଁ । ମୁଁ ଭୁଲ ନ କରି ଦଣ୍ଡ ପାଉଛୁ। ସେମାନେ ଭୁଲ କରି କିଛି ହେଉନି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।





ପିଟିଏସ୍‌ର ପ୍ରିନ୍ସିପାଲ ଭବେଶ ନାୟକ । ଅଭିଯୋଗକାରୀ ସର୍ଜନ ବିଶ୍ୱଜିତ୍ ତାରିଣୀ ।

ଏ ସଂକ୍ରାନ୍ତରେ ପିଟିଏସ୍ ପ୍ରିନ୍ସପାଲ ଭବେଶ ନାୟକ କୁହନ୍ତି, ସର୍ଜନଙ୍କ ଅଭିଯୋଗ ନୟାଗଡ଼ ପିଟିଏସ୍‌ର ନୁହଁ । ସେ ବୌଦ୍ଧ ଜିଲାରେ ଥିବାବେଳେ ଗାଡ଼ି ଚୋରିଠାରୁ ଆରମ୍ଭ କରି ଅନୁପସ୍ଥିତ ରହିବା ପରି ଘଟଣା ଘଟିଥିଲା । ଅନ୍ୟପକ୍ଷେ ସର୍ଜନ ଗତ ୪ ତାରିଖରୁ ଅନୁପସ୍ଥିତ ଅଛନ୍ତି। ତାଙ୍କୁ ରିଫଣ୍ଡ ନୋଟିସ ଦିଆହୋଇଛି । ସେ ରିଫଣ୍ଡ ନୋଟିସ୍ ଗ୍ରହଣ କରୁ ନାହାନ୍ତି । ତାଙ୍କୁ ମାନସିକ ନିର୍ଯାତନା ଦେବାର ଅଭିଯୋଗ ଠିକ୍ ନୁହେଁ । ଗତ ମାସରେ ସେ ୨ ଥର ଛୁଟି ନେଇଛନ୍ତି । ପୁଣି ଛୁଟି ଥରେ ବଢ଼େଇ କି ଆସିଛନ୍ତି । ସେ କାର୍ଯ୍ୟରେ ଯୋଗ ଦେବା ପରେ ସିଏଲ ଗ୍ରାଣ୍ଟ କରାଯାଇଛି । ଏହା ପରେ ସେ ଯଦି କୌଣସି ଅମାନବୀୟକାଣ୍ଡ କରନ୍ତି ଆଇନ ଅନୁସାରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଂକ୍ଷେପରେ

### କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର


ବିଧାୟକ ରମେଶ ଚନ୍ଦ୍ର ବେହେରା ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।

**ଦଶପଲ୍ଲା,୯।୨(ଡି.ଏନ.ଏ.):** ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ମଧଖଣ୍ଡ ପଞ୍ଚାୟତ ତେନ୍ତୁଲିଆପଲ୍ଲି ଗ୍ରାମରେ ନୂତନ ଆଡ଼ିବନ୍ଧ ଯୋଜନା କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା, ପୂର୍ବତନ ବ୍ଲକ ଅଧକ୍ଷ ଉପେନ୍ଦ୍ର କୁମାର ସାହୁ, ଜିଲା ପରିଷଦ ସଭ୍ୟ ବସନ୍ତ ପ୍ରଧାନ, ବ୍ଲକ୍ ଉପାଧକ୍ଷା ଅନୁପମା ବେହେରା, ସ୍ଥାନୀୟ ସରପଞ୍ଚ ସସ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ବିଭାଗୀୟ କର୍ମଚାରୀ ଓ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

### ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଦଶପଲ୍ଲା,୯।୨(ଡି.ଏନ.ଏ.):** ବୁଧବାର ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଟାକରା ପଞ୍ଚାୟତ ବୁଗୁଡ଼ା କଲୋନୀସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୩୫ ତମ ବାର୍ଷିକ ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା,ବ୍ଲକ୍ ଅଧକ୍ଷା ସୁନନ୍ଦା ସାହୁ, ଜିଲା ପରିଷଦ ସଭ୍ୟା ସତ୍ୟଭାମା ନାୟକଙ୍କ ସମେତ ବିଦ୍ୟାଳୟର ଶିକ୍ଷକମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

# ୨୨କେଜି ଗଞ୍ଜେଇ ଜବତ

- କାର ଓ ଜିପ୍ ଜବତ, ୩ ଗିରଫ
- କାର୍ ଡ୍ରାଇଭର ଖସିଗଲେ

ନୟାଗଡ଼ ଅଫିସ,୯।୨

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ନୟାଗଡ ଜିଲାପାଳ ଅଫିସ ନିକଟ ପୁରୁଣା ଜେଲ ସମ୍ମୁଖରୁ ଅବକାରୀ ବିଭାଗ କର୍ମଚାରୀମାନେ ଗୁରୁବାର ୨୨ କେଜି ଗଞ୍ଜେଇ ଜବତ କରିଛନ୍ତି । ଯାହାର ଦାମ ୨୮ ଲକ୍ଷ ଟଙ୍କା । ଗଞ୍ଜେଇ କାରକୁ ଏସକର୍ଟ ଦେଇ ଆସୁଥିଲା ଏକ ଜିପ୍ । ଖବର ପାଇ ନୟାଗଡ଼ ଅବକାରୀ ବିଭାଗର କର୍ମଚାରୀ ପୁରୁଣା ଜେଲ ନିକଟରୁ ଗଞ୍ଜେଇ ବୋଝେଇ କାର ଓ ଜିପ୍‌କୁ ଜବତ କରିବା ସହ ଫୁଲବାଣୀର ରବି ଦିଗଲ, ବନିତା ଦିଗଲ, ଶରତ ଦିଗଲଙ୍କୁ ଗିରଫ କରିଛନ୍ତି । ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜେଇ ବ୍ୟବସାୟୀ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଅବକାରୀ ବିଭାଗର ସୂଚନା ଅନୁଯାୟୀ, ଏକ କାର(ନଂ.ଓଡି୦୨ଏନ ୭୮୧୧)ରେ ଫୁଲବାଣୀରୁ ଗଞ୍ଜେଇ ଭୁବନେଶ୍ୱରକୁ ଚାଲାଣ ହେଉଥିଲା । କାରଟି ଆସୁଥିବା ସମୟରେ ଏକ ଜିପ୍(ନଂ.ଓଡିଶା୩ଏଫ ୯୬୯୪)ଏସକର୍ଟ କରି ବାଟ କଢ଼ାଇ ନେଉଥିଲା । ଏସକର୍ଟ ଦେଉଥିବା ଜିପ୍‌ରେ ଫୁଲବାଣୀର ଉପରୋକ୍ତ ୩ ଗଞ୍ଜେଇ ବ୍ୟବସାୟୀ ବସିଥିଲେ । ଅବକାରୀ ବିଭାଗ ଉଭୟ ଗାଡ଼ିକୁ ଜବତ କରିଛି। ହେଲେ କାର ଡ୍ରାଇଭର ଅବକାରୀ କର୍ମଚାରୀଙ୍କୁ ଚକମା ଦେଖାଇ ଫେରାର ହୋଇଯାଇଛନ୍ତି ।

ସୂଚନାଯୋଗ୍ୟ, ଗଞ୍ଜେଇ ଚୋରା ଚାଲାଣ ପାଇଁ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ନିରାପଦ ପାଲଟିଛି । ବିଭିନ୍ନ ସମୟରେ ଫୁଲବାଣୀ ଓ କନ୍ଧମାଳ ଅଞ୍ଚଳରୁ ବାଇକ, ସ୍କୁଟି, କାର, ଜିପ୍ ଏପରି କି ରାତ୍ରୀକାଳୀନ ଯାତ୍ରୀବାହୀ ବସରେ ଗଞ୍ଜେଇ ଆସୁଛି । ଫୁଲବାଣୀ ଓ କନ୍ଧମାଳ ଅଞ୍ଚଳରେ ଗଞ୍ଜେଇ ଚାଷ ହେଉଥିବାରୁ ନୟାଗଡ଼ ଦେଇ ପ୍ରତିଦିନ ଏପରି ଚୋରା ଚାଲାଣ ହେଉଛି । ବିଭିନ୍ନ ସମୟରେ ପୋଲିସ ପକ୍ଷରୁ ଗଞ୍ଜେଇ ଜବତ ହେଉଥିବାବେଳେ ଅବକାରୀ ବିଭାଗ ପକ୍ଷରୁ ପଦକ୍ଷେପ ନିଆ ଯାଉ ନ ଥିଲା । ତେବେ ଗତ ୭ଦିନ ହେଲା ଅବକାରୀ ବିଭାଗ ଚଳଚଞ୍ଚଳ ହୋଇ ଉଠିଛି।

ଏ ସଂକ୍ରାନ୍ତରେ ନୟାଗଡ଼ ଅବକାରୀ ଅଧୀକ୍ଷକ ଭବାନୀ ଶଙ୍କର ତିୱାରୀ କହିଛନ୍ତି, ଫୁଲବାଣୀ ଓ କନ୍ଧମାଳ ଜିଲାରେ ଗଞ୍ଜେଇ ଚାଷ ହେଉଛି । ସଂପୃକ୍ତ ଜିଲାରୁ ଗଞ୍ଜେଇ ନୟାଗଡ଼ ରୁଟ୍ ଦେଇ ବ୍ୟବସାୟୀମାନେ ବିଭିନ୍ନ ଜିଲାକୁ ପଠାଉଛନ୍ତି । ଅବକାରୀ ବିଭାଗ ପକ୍ଷରୁ ଏ ଦିଗରେ ଦୃଷ୍ଟି ରଖି ଚଢ଼ାଉ କରାଯାଇଛି । ଗତ ୭ ଦିନରେ ୫୭ କେଜି ଗଞ୍ଜେଇ ଜବତ ହୋଇଥିବାବେଳେ ୭ଜଣ ଗିରଫ ହୋଇଛନ୍ତି । ଗୁରୁବାର କାର ଓ ଜିପ ସହ ୨୨ କେଜି ଗଞ୍ଜେଇ ଜବତ ହୋଇଛି । ୩ ଜଣ ଗିରଫ ହୋଇଛନ୍ତି ।


ଜବତ ହୋଇଥିବା ଗଞ୍ଜେଇ ।

# ଗାଁ ଦାଣ୍ଡରେ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ

**ଭାଇଙ୍କ ସହ ଗାଁ ସଭାପତି ଜେଲ୍ ଗଲେ**

ନୟାଗଡ଼ ଅଫିସ/ଓଡ଼ଗାଁ,୯।୨(ସ୍ୱ.ପ୍ର.)

ଗାଁଦାଣ୍ଡରେ ଜଣେ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ ଓ ମାରପିଟ ଘଟଣାରେ ଓଡ଼ଗାଁ ଆଦର୍ଶ ଥାନା ପୋଲିସ କୋରପିଠା ପଞ୍ଚାୟତ ସରମରେଇସାହି ଗାଁ ସଭାପତି ଦିଲ୍ଲୀପ ଜେନା (୩୫) ଓ ତାଙ୍କ ଭାଇ ମାନସ ଜେନା(୩୦)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସୂଚନା ଅନୁସାରେ ଏହି ୨ ଭାଇ ଜଣେ ୧୯ ବର୍ଷର ଝିଅକୁ ମଙ୍ଗଳବାର ରାତି ୯ଟାରେ ଘରୁ ଭିଡ଼ି ଆଣି ଗାଁଦାଣ୍ଡରେ ସର୍ବସମ୍ମୁଖରେ ମାଡ଼ ମାରିବା ସହ ବଳାତ୍କାର ଉଦ୍ୟମ କରିଥିବା ଥାନାରେ ଅଭିଯୋଗ ହୋଇଥିଲା । ପୀଡ଼ିତାକୁ ଉଦ୍ଧାର କରିବାକୁ ଯାଇ ଦିଲ୍ଲୀପ ଓ ମାନସଙ୍କ ଆଘାତରେ ଝିଅର ଖୁଡ଼ି,ବଡ଼ମା ଏବଂ ବାପା ମଧ୍ୟ ଆହତ ହୋଇଥିଲେ । ଏନେଇ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରି ଏକ ମାମଲା(ନଂ.୨୩/୨୩) ରୁଜୁ କରି ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଭୋଜିରେ ମାରପିଟ

ହିଞ୍ଜିଳିକାଟୁ/ଶେରଗଡ଼, ୯।୨(ଡ଼ି.ଏନ୍.ଏ)

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ତଥା ହିଞ୍ଜିଳି ଥାନା ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମରେ ଗୁରୁବାର ସକାଳେ ଏକ ବିବାହ ଭୋଜିରେ ୨ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇ ଜଣେ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ ଜଣକ ହେଲେ ପ୍ରମୋଦ ପୋଲାଇ। ତାଙ୍କୁ ପ୍ରଥମେ ହିଞ୍ଜିଳିକାଟୁ ପରେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଯାଇଛି। ଅନ୍ୟପକ୍ଷରେ ଏହି ଘଟଣା ନେଇ ରାଜନୈତିକ ବିବାଦ ସୃଷ୍ଟି ହେବା ସହ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଗୁରୁତର ଆହତ ପ୍ରମୋଦଙ୍କ ପତ୍ନୀ ବବି ପୋଲାଇ, ଗ୍ରାମର ସୁଧାକର ପୋଲାଇ ଓ ଭିକୁ ନାୟକଙ୍କ ଅଭିଯୋଗ କ୍ରମେ ଥାନାରେ ୩ଟି ପୃଥକ ମାମଲା ରୁଜୁ ହୋଇଛି। ପୋଲିସ ୩ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଲାଇଛି।

# ସେମିଫାଇନାଲରେ କଟକ,ଭୁବନେଶ୍ୱର ମୁକାବିଲା

**ଇଟାମାଟି ରାଜ୍ୟସ୍ତରୀୟ କପ୍ ଫୁଟ୍‌ବଲ**

ନୟାଗଡ଼ ଅଫିସ,୯।୨

ଇଟାମାଟି ଯଦୁମଣି ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଇଟାମାଟିର ବାମନ ଅବକାଶ ହାଇସ୍କୁଲ ଖେଳ ପଡିଆରେ ୧୫ ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଚାଲୁ ରହିଛି । ଏହାର ୪ର୍ଥ ଦିବସ ମ୍ୟାଚରେ ବଜରଙ୍ଗବାଲି ଟିମ୍ ଭୁବନେଶ୍ୱର ୨-୦ ଗୋଲରେ ଭଞ୍ଜନଗର ଏଫ୍‌ସି କ୍ଲବ ଗଞ୍ଜାମକୁ ପରାସ୍ତ କରି ସେମି ଫାଇନାଲକୁ ଉନ୍ନୀତ ହୋଇଛି । ପ୍ରଥମାର୍ଦ୍ଧ ଖେଳ ବେଶ ସଂଘର୍ଷପୂର୍ଣ୍ଣ ଥିଲା । କେହି କାହାରକୁ ଗୋଲ ଦେଇ ପାରି ନ ଥିଲେ । ୨ୟାର୍ଦ୍ଧ ଖେଳର ୨୦ତମ ମିନିଟ୍‌ରେ ଭୁବନେଶ୍ୱର ଦଳର ବିକାଶ ପ୍ରତିହାରୀ ଗୋଟିଏ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ ରଖିଥିଲେ। ତେବେ ଭଞ୍ଜନଗର ଦଳ ଗୋଲକୁ ପରିଶୋଧ କରି ପାରି ନ ଥିଲେ । ଖେଳ ଶେଷ ସମୟରେ ପୁଣି ଭୁବନେଶ୍ୱର ଦଳର ତପୁ ଆଉ ଗୋଟିଏ ଗୋଲ ସ୍କୋର ମାରି ଦଳକୁ ବିଜୟୀ କରାଇଥିଲେ । ଶୁକ୍ରବାରର ପ୍ରଥମ ସେମି ଫାଇନାଲ ମ୍ୟାଚ ସାନ କ୍ଲବ ଭୁବନେଶ୍ୱର ବନାମ ଯୁବ ଜ୍ୟୋତି କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହେବ ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ରଶ୍ମିତା


@ ଅନୁପକୁମାର


@ ଅପୁନି


@ ନାରାୟଣ


@ ପ୍ରଗତି


@ ଶ୍ରୀକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ : ଅନୁଗୋଳ ବିଜୟୀ

ଖଣ୍ଡପଡ଼ା,୯।୨(ସ୍ୱ.ପ୍ର.)

ଖଣ୍ଡପଡ଼ା ସ୍ପୋର୍ଟସ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପରିସରରେ ଚାଲିଥିବା ୪ର୍ଥ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଗୁରୁବାର ଅନୁଷ୍ଠିତ ମ୍ୟାଚରେ ପତାକା କ୍ଲବ ଅନୁଗୋଳ ୨-୦ ଗୋଲରେ ସ୍ପୋର୍ଟସ ଏକାଡେମୀ ଖଣ୍ଡପଡ଼ାକୁ ପରାସ୍ତ କରି ବିଜୟୀ ହୋଇଛି। ସୁଦୀପ ଦାଶ ଖେଳକୁ ପରିଚାଳନା କରିଥିବା ବେଳେ ବ୍ରହ୍ମାନନ୍ଦ ଭୋଇ ଓ ପ୍ରିୟବ୍ରତ ବାହିନୀପତି ତାଙ୍କୁ ଲାଇନରେ ସହାୟତା କରିଥିଲେ । ୪ର୍ଥ ରେଫରୀ ଭାବେ ସୁବାସ ଚନ୍ଦ୍ର ବେହେରା ଦାୟିତ୍ୱ ତୁଲାଇଥିଲେ। ଅତିଥି ରୂପେ ଖଣ୍ଡପଡ଼ା ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ, ସମ୍ମାନୀତ ଅତିଥି ରୂପେ ଖଣ୍ଡପଡ଼ା ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କର, ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ପ୍ରମୋଦ କୁମାର ପଟ୍ଟନାୟକ, ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁ, ଭାରତୀ ଭୂଷଣ ମିଶ୍ର ପ୍ରମୁଖ ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଶୁକ୍ରବାର ଏଫ୍‌ସି କଟକ ଓ ପତାକା କ୍ଲବ ଅନୁଗୋଳ ମଧ୍ୟରେ ୨ୟ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ।


ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ମଞ୍ଚାସୀନ ଅତିଥିମାନେ।

# ଚାରା ଉତ୍ପାଦନ ପାଇଁ ବିଦ୍ୟୁତ୍ ଚୋରି

ନୂଆଗାଁ,୯।୨(ଡି.ଏନ.ଏ.)

ବିଦ୍ୟୁତ ଚୋରି କରିବା ଏକ ଅପରାଧ। ବିଦ୍ୟୁତ ଚୋରି କରି ବ୍ୟବହାର କଲେ ଜରିମାନା ସହ ଜେଲଦଣ୍ଡର ବ୍ୟବସ୍ଥା ରହିଛି । ଏତେ ସବୁ ଆଇନ ଥିଲେ ମଧ୍ୟ ତାହାକୁ ଭ୍ରୁକ୍ଷେପ ନ କରି ବନ ବିଭାଗ ଚାରା ଉତ୍ପାଦନ କେନ୍ଦ୍ରରେ ପାଣି ପାଇଁ ହୁକ ପକାଇ ବିଦ୍ୟୁତ ବ୍ୟବହାର କରୁଥିବା ଅଭିଯୋଗ ହେଉଛି । ଅଭିଯୋଗ ପାଇ ବିଦ୍ୟୁତ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବେଆଇନ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଥିବା ବିଭାଗୀୟ ଯନ୍ତ୍ରୀ କହିଛନ୍ତି ।

ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ମହିପୁର ସେକ୍ସନ କାଣିଗିରି ଫରେଷ୍ଟ ବିଟ୍ ଅଧୀନ ଟଭାପଲିଠାରେ କାମ୍ପା ଯୋଜନାରେ ୧,୧୦,୦୦୦ ନୂତନ ଚାରା ସୃଷ୍ଟି କରିବା ପାଇଁ ନର୍ସରୀ କରାଯାଇଛି। ଏହି ନର୍ସରୀରେ କରଞ୍ଜିଆ, ଶିରିଶ, ଅଁଳା ଅର୍ଜୁନ, ପିଆଶାଳ କେନ୍ଦୁ , ବେଲ, କଇଁଠ, ନିମ, ହରିଡା, ବାହାଡା ଆଦି ମଞ୍ଜିରୁ ଚାରା ସୃଷ୍ଟି କରିବାର ବ୍ୟବସ୍ଥା କରାଯାଇଛି । ଚାରାରେ ପାଣି ଦେବା ପାଇଁ ସେଠାରେ ଏକ ବୋରୱେଲ ଖୋଳା ଯାଇ ପାଣିଉଠା ମୋଟର ଲଗାଯାଇଛି। କିନ୍ତୁ ବନ ବିଭାଗ ବିଦ୍ୟୁତ ବିଭାଗର ଅନୁମତି ନ ନେଇ ନିକଟରେ ଥିବା ବିଦ୍ୟୁତ ଖୁଣ୍ଟରେ ହୁକ ପକାଇ ମୋଟର ଚଳାଇ ପାଣି ଉଠାଉଥିଲା । ଏ ସଂକ୍ରାନ୍ତରେ ଅଭିଯୋଗ ପାଇବା ପରେ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ସୁଜିତ କୁମାର ସାହୁ ଓ ଲାଇନସ୍ ମ୍ୟାନ ସୋମନାଥ ପାଣି ଘଟଣାସ୍ଥଳରେ ପହଞ୍ଚି ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଛନ୍ତି । ସେଠାରେ କୌଣସି ବ୍ୟକ୍ତିଙ୍କୁ ପାଇ ନ ଥିଲୁ । ହୁକ ପକାଇବା ବାବଦରେ ତଦନ୍ତ ହେବ । କାର୍ଯ୍ୟାନୁଷ୍ଠାନ ପାଇଁ ବିଦ୍ୟୁତ ବିଭାର ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି କହିଛନ୍ତି ବିଭାଗୀୟ ଯନ୍ତ୍ରୀ ସାହୁ । ଚାରା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଉଥିବା ବେଳେ ବନ ବିଭାଗ କାହିଁକି ବିଦ୍ୟୁତ୍ ଚୋରି କରୁଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ହୁକ ପକାଇ ବିଦ୍ୟୁତ ନେବା ବାବଦରେ ମହିପୁର ରେଞ୍ଜର ଅମ୍ରିତ କୁମାର ସାହୁଙ୍କୁ ପଚାରିବାରେ ବିଦ୍ୟୁତ୍ ସଂଯୋଗ ଦେବା ପାଇଁ ବିଦ୍ୟୁତ୍ ବିଭାଗକୁ କହିଥିଲୁ । ସେଥିରେ ବିଳମ୍ବ ହୋଇଥିଲେ ଚାରା ବଞ୍ଚାଇବା ପାଇଁ ଏପରି ପଦକ୍ଷେପ ନିଆଯାଇଥିଲା। ତେବେ ଯଦି କିଛି ଅସୁବିଧା ହୋଇଥିବ ବିଦ୍ୟୁତ୍ ବିଭାଗକୁ କହି ତାହାର ସମାଧାନ କରାଯିବ ବୋଲି ସେ କହିଛନ୍ତି।


ହୁକ ପକାଇ ବିଦ୍ୟୁତ୍ ଖୁଣ୍ଟରେ ତାର ଗୁଡାଇ ସଂଯୋଗ ନିଆଯାଇଛି ।

# ପଲେଇ ଗ୍ରୀଡ୍‌ରେ ଗଣ୍ଡଗୋଳ, ଥାନାରେ ମାମଲା

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୯।୨(ଡି.ଏନ୍.ଏ/ସ୍ୱ.ପ୍ର.):**

ଯାଜପୁର ଜିଲା ବଡ଼ଚଣା ବ୍ଲକ ପଲାଇ ପଞ୍ଚାୟତ ବାରବାଟୀ ପଡ଼ିଆଠାରେ ସରକାରଙ୍କ ତରଫରୁ ୨୨୦/୩୩ କେଭିର ଏକ ସବ୍‌ଷ୍ଟେଶନ୍ ପାଇଁ ଅର୍ଥମଞ୍ଜୁର ହୋଇ କାର୍ଯ୍ୟ ଚାଲୁରହିଛି। ଏଥିମଧ୍ୟରେ ବୁଧବାର ରାତି ପ୍ରାୟ ୮ଟା୩୦ରେ ୨ ଯୁବକ ନିର୍ମାଣାଧୀନ ବିଦ୍ୟୁତ ସବଷ୍ଟେଶନ୍ ପରିସରରେ ପହଞ୍ଚି ୨ କାର୍ଯ୍ୟ କରୁଥିବା ଠିକା ସଂସ୍ଥାକୁ ଲକ୍ଷ ଟଙ୍କା ଦାଦାବଟି ମାଗିବା ସହ କେତେଜଣ କର୍ମଚାରୀଙ୍କୁ ନିସ୍ଥୁକ ମାଡ଼ କରିଛନ୍ତି। ଏଥିସହିତ ଗାଡ଼ି ଭଙ୍ଗାରୁଜା କରିବା ସହ ସେଠାରେ କାମ କରୁଥିବା ମହିଳାଙ୍କୁ ଅସଦଆଚରଣ କରିଛନ୍ତି। ଏପରି କି ହତ୍ୟାଧମକ ଓ ଜାତିଆଣା ଆକ୍ଷେପ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ସ୍ଥାନୀୟ ବନ୍ଦରେଶ୍ୱର ଗ୍ରାମର ୨ ଯୁବକ ମିହିର ସାମଲ ଓ ଅମର ସାମଲ ପହଞ୍ଚି ଏଭଳି ଘଟଣା ଘଟାଇଛନ୍ତି। ଠିକା ସଂସ୍ଥାର ସୁପର ଭାଇଜର ବେଣୁଧର ମଲ୍ଲିକ ଥାନାରେ ଅଭିଯୋଗ କରିବା ପରେ ଗୁରୁବାର କମ୍ପାନୀ କର୍ତ୍ତୃପକ୍ଷ ଅନ୍ୟ ଏକ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ବାଲିଚନ୍ଦ୍ରପୁର ଥାନାଧିକାରୀ ରମାକାନ୍ତ ମୁଦୁଲି ଓ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏନେଇ ଥାନା ପକ୍ଷରୁ ନଂ.୫୧/୨୩ରେ ଏକ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଯେଉଁମାନଙ୍କ ନାମରେ ଅଭିଯୋଗ ହୋଇଛି ସେମାନେ ଫେରାର ଅଛନ୍ତି। ତେଣୁ ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି।



ସବ୍‌ଷ୍ଟେଶନ ନିର୍ମାଣସ୍ଥଳରେ ଭଙ୍ଗାରୁଜା ହୋଇଛି।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ସ୍ୱତନ୍ତ୍ର ବୈଠକ

**ଧର୍ମଶାଳା,୯।୨(ଡି.ଏନ.ଏ.):**

ଧର୍ମଶାଳା ଅବସରପ୍ରାପ୍ତ କର୍ମଚାରୀ ସଂଘର ରଜତ ଜୟନ୍ତୀ ଉତ୍ସବ ପାଳନ ପାଇଁ ଗୁରୁବାର ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଯୁଧିଷ୍ଠିର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ରଜତ ଜୟନ୍ତୀ ଉତ୍ସବ ମାର୍ଚ୍ଚ ୩ ତାରିଖ ଶୁକ୍ରବାର ପାଳନ କରାଯିବାକୁ ସଂଘ ସମ୍ପାଦକ ବିବେକାନନ୍ଦ ନାୟକ ସୂଚନା ପ୍ରଦାନ କରିଥିଲେ। କଳ୍ପତରୁ ଦାସ ଶିଶୁ ଉଦ୍ୟାନ ପରିସରରେ ଜୟନ୍ତୀ ଉତ୍ସବ ପାଳନ ପାଇଁ ସ୍ଥିର କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୈଠକରେ କରୁଣାକର ବରାଳ, ରମାକାନ୍ତ ଜେନା, ରାମଚନ୍ଦ୍ର ସାହୁ, ଧନେଶ୍ୱର ମହାନ୍ତି, ଆଶାତରୁ ନାୟକ, ସୁନାକର ସାହୁ, ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଓ ବ୍ରଜକିଶୋର ଦାଶ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସହସମ୍ପାଦକ ଆଦିକନ୍ଦ ସ୍ୱାଇଁ ବିବରଣୀ ପାଠ କରିଥିଲେ। ଶେଷରେ ମୋହନଚରଣ ଖିଲାର ଧନ୍ୟବାଦ ଦେଇଥିଲେ।

# ୭୨ ଗ୍ରାମ୍ ହେରୋଇନ ଜବତ, ଅଭିଯୁକ୍ତ ଗିରଫ


ଗିରଫ ଅଭିଯୁକ୍ତ।

**ଯାଜପୁର ଟାଉନ, ୯।୨(ଡି.ଏନ.ଏ.):**

ଯାଜପୁର ସଦର ଥାନା ଅଧୀନ ନିମାପାଳ ଛକରେ ଗୁରୁବାର ଅବକାରୀ ବିଭାଗ ଚଢ଼ାଉ କରି ୭୨ ଗ୍ରାମ୍ ହେରୋଇନ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଜୁ ଦାସ(୩୪)। ତାଙ୍କ ଘର ଯାଜପୁର ରୋଡ୍‌ର ପଦ୍ମପୁରୁ ଗ୍ରାମରେ। ସେ ଦୀର୍ଘଦିନ ହେବ ଏହି ବେପାର କରି ଆସୁଥିଲେ। ଅନ୍ୟପକ୍ଷରେ ଗତ କିଛିଦିନ ହେବ ଅବକାରୀ ବିଭାଗ ବିଭିନ୍ନ ସ୍ଥାନରୁ ହେରୋଇନ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରୁଛି। ବେପାରୀମାନେ ବିଭିନ୍ନ ଅଞ୍ଚଳକୁ ଯାଇ ଛୋଟ ଛୋଟ ଦୋକାନୀଙ୍କୁ ହେରୋଇନ ବିକ୍ରି କରୁଛନ୍ତି। ଫଳରେ ଏହାକୁ ସେବନ କରି ଯୁବପିଢ଼ି ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ଥିବା ଦେଖିବାକୁ ମିଳୁଛି। ଯଦି ଅବକାରୀ ବିଭାଗ ଓ ପୋଲିସ ମିଳିତ ଭାବେ ଚଢ଼ାଉ କରନ୍ତେ ତେବେ ହେରୋଇନ ବେପାରୀ ଓ ଚୋରା ଗଞ୍ଜେଇ ବେପାରୀ ଧରାପଡ଼ନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଅବକାରୀ ବିଭାଗ ସୁପରିଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶକ୍ରମେ ଇନ୍ସପେକ୍ଟର ସ୍ୱପ୍ନା ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏସ୍‌ଆଇ ପ୍ରଦୀପ ରଥ, ଏଏସ୍‌ଆଇ ସରୋଜ ବେହେରା, କ୍ଷୀରୋଦ ସାହୁ, ଲିଟୁ ବେଉରିଆ, କନଷ୍ଟେବଳ ଧବଳେଶ୍ୱର ମହାନ୍ତି, ବିଭୂପ୍ରକାଶ ବେହେରା ପ୍ରମୁଖ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

# ଧର୍ମଶାଳା ପ୍ରେସ୍‌କ୍ଲବର ବାର୍ଷିକ ଉତ୍ସବ ୧୫ରେ

**ଧର୍ମଶାଳା,୯।୨(ଡି.ଏନ.ଏ.):**

ପ୍ରେସ୍‌କ୍ଲବ ଧର୍ମଶାଳାର ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଆସନ୍ତା ୧୫ ତାରିଖରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ଏଥିରେ କ୍ରୀଡ଼ା, ଯୁବବ୍ୟାପାର, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ଉଦ୍‌ଘାଟକ ଭାବେ ଯୋଗଦେବେ। ରାଜ୍ୟସଭା ସଦସ୍ୟ ମାନସ ମଙ୍ଗରାଜ ମୁଖ୍ୟଅତିଥି, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ବରେଣ୍ୟ ଅତିଥି ଓ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେବେ। ଏହି ଅବସରରେ ପ୍ରେସ୍‌କ୍ଲବର ମୁଖପତ୍ର 'ପ୍ରହରୀ' ଉନ୍ମୋଚନ କରାଯିବ। ନରହରୀ ମହାନ୍ତି ସ୍ମୃତି ସମ୍ମାନରେ ବରିଷ୍ଠ ଖବରଦାତା କୈଳାସ ଚନ୍ଦ୍ର ରାଉତ, ଅଦର୍ଶ ମହିଳା ସମ୍ମାନରେ ମାଧୁରୀ ଶତପଥୀ, କନ୍ୟାରତ୍ନ ସମ୍ମାନରେ ଶୁଶ୍ରୀ ଦିବ୍ୟା ଦାସ ଓ ଯୁବ ପ୍ରତିଭା ସମ୍ମାନରେ ସରୋଜକାନ୍ତ ବେହେରାଙ୍କୁ ପ୍ରେସ୍ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ ବୋଲି ସଭାପତି ରମାକାନ୍ତ ଜେନା ଓ ସମ୍ପାଦକ ଅବିନେଶ୍ୱର ଶତପଥୀ ଜାରକାଠାରେ ଗୁରୁବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ସିଂହପୁରରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ

**ସିଂହପୁର,୯।୨(ଡି.ଏନ.ଏ.):**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ମା' ଧାନଗାୟି ପ୍ରାଙ୍ଗଣରେ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଚଣ୍ଡିଯଜ୍ଞ ଓ ମହିଳାଙ୍କ ଦ୍ୱାରା କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ବୁଧବାର ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ଓ ନଗରୀ ଭ୍ରମଣ ଆଡମ୍ବରରେ ପାଳନ କରାଯାଇଛି। ପ୍ରତିଷ୍ଠିତ କୀର୍ତ୍ତନମଣ୍ଡଳୀ ଦ୍ୱାରା ନାମ ସଂକୀର୍ତ୍ତନ କରାଯାଇଥିଲା। ବସନ୍ତ ବେଉରିଆ, ଶ୍ରୀପତି ବେଉରିଆ, ନିରଞ୍ଜନ ବେଉରିଆ, ଧୀରନ୍ଦ୍ରେ ବେଉରିଆ, ତ୍ରିନାଥ ବେଉରିଆ, କୁନା ବେଉରିଆ, ସୁରେନ୍ଦ୍ର ବେଉରିଆ, ଅଶୋକ ବେଉରିଆ ଓ ରାଜେନ୍ଦ୍ର ବେଉରିଆଙ୍କ ସମେତ ବେଉରିଆ ସାହିର ସମସ୍ତ ଜନସାଧାରଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଜିଠାରୁ ଓଜେଇଇ ଆବେଦନ

**ଭୁବନେଶ୍ୱର, ୯।୨(ବ୍ୟୁରୋ)**

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ୨୦୨୩ ଲାଗି ଶୁକ୍ରବାରଠାରୁ ଅନ୍‌ଲାଇନ୍ ଆବେଦନ ଆରମ୍ଭ ହେବ। ଏହା ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ଚାଲିବ। ତେବେ ଓଜେଇଇ ପରୀକ୍ଷା ଲାଗି ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ ହୋଇ ନ ଥିଲେ ମଧ୍ୟ ମେ' ପ୍ରଥମ କିମ୍ବା ୨ୟ ସପ୍ତାହ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଓଜେଇଇ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ରାଜ୍ୟର ବିଭିନ୍ନ ବୈଷୟିକ କଲେଜରେ ବିଫାର୍ମ, ଏମ୍‌ସିଏ, କମ୍ପ୍ୟୁଟର ସାଇନ୍ସ, ଏମ୍‌ବିଏ, ଇଣ୍ଟିଗ୍ରେଟେଡ ଏମ୍‌ବିଏ, ବି.କ୍ୟାଟ୍, ଏମ୍‌ଟେକ୍, ଏମ୍ ଆର୍କିଟେକ୍, ଏମ୍ ପ୍ଲାନ୍, ଏମ୍‌ଫାର୍ମା, ଲାଟେରାଲ ଏଣ୍ଟ୍ରି( ବିଟେକ୍, ବିଫାର୍ମା) ପାଠ୍ୟକ୍ରମରେ ନାମଲେଖା ଲାଗି ଏହି ପରୀକ୍ଷା ସିବିଟି ମାଧ୍ୟମରେ ହେବ। ରାଜ୍ୟରେ ବୈଷୟିକ ଶିକ୍ଷା ଲାଗି ୩ଟି ବିଶ୍ୱବିଦ୍ୟାଳୟ, ୮ଟି ସରକାରୀ ବୈଷୟିକ କଲେଜ ଏବଂ ୭୯ଟି ଘରୋଇ ବୈଷୟିକ କଲେଜ ରହିଛି। ମୋଟ୍ ୪୦ହଜାର ସିଟ୍‌ରେ ନାମଲେଖା ଲାଗି ଏହି ପ୍ରବେଶିକା ପରୀକ୍ଷା କରାଯିବ।

## ଭାରତୀୟ ରିଜର୍ଭ ବ୍ୟାଙ୍କ
ମାନବ ସମ୍ବଳ ପରିଚାଳନା ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-751001, ଓଡ଼ିଶା

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଖ୍ୟାତିସମ୍ପନ୍ନ ତଥା ଅନୁଭବୀ ସଂସ୍ଥାମାନଙ୍କଠାରୁ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅଫିସର୍ସ ଲାଉଞ୍ଜ ଆଣ୍ଡ ଡାଇନିଂ ରୁମ୍ (ଓଏଲଡିଆର୍), ଷ୍ଟାଫ୍ କ୍ୟାଣ୍ଟିନ୍‌ରେ କ୍ୟାଟରିଂ ସେବା ଏବଂ ଟି ପ୍ୟାଣ୍ଟ୍ରିର ସଂଚାଳନ ପାଇଁ ଦୁଇ ଭାଗରେ ଇ–ଟେଣ୍ଡର ଆହ୍ୱାନ କରୁଅଛି।
ପ୍ରତିଷ୍ଠିତ ଏବଂ ପ୍ରାସଙ୍ଗିକ ଅଭିଜ୍ଞତା ଥିବା ଆଗ୍ରହୀ କମ୍ପାନୀ/ସଂସ୍ଥାଗୁଡ଼ିକ ଅଧିକ ବିବରଣୀ ପାଇଁ ଆର୍‌ବିଆଇର ୱେବ୍‌ସାଇଟ୍ (www.rbi.org.in) ରେ "ଟେଣ୍ଡର" ବିଭାଗ ପରିଦର୍ଶନ କରିପାରିବେ କିମ୍ବା ମାନବ ସଂସାଧନ ପ୍ରବନ୍ଧ ବିଭାଗ ସହ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ୍ (https://www.mstcecommerce.com/eprochome/rbi)ରେ ଇ–ଟେଣ୍ଡରର ଆବେଦନର ଶେଷ ତାରିଖ ମାର୍ଚ୍ଚ ୧୭, ୨୦୨୩ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ।
**କ୍ଷେତ୍ରୀୟ ନିର୍ଦ୍ଦେଶକ**

# ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ବାଳିକା ଆତ୍ମରକ୍ଷା ତାଲିମ ଶିବିରରେ ଯୋଗଦେଇଥିବା କଲେଜ କର୍ତ୍ତୃପକ୍ଷ ଓ ବାଳିକାମାନେ।

**ବିଞ୍ଝାରପୁର,୯।୨(ଡି.ଏନ.ଏ.):**

ଯାଜପୁର ଜିଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଅରେଇସ୍ଥିତ ବରୁଣେଶ୍ୱର ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଚିତାଳୋସ୍ଥିତ ସାଧୁଗୌଡ଼େଶ୍ୱର ହାଇୟର ସେକେଣ୍ଡାରି ସ୍କୁଲର ଅଧ୍ୟକ୍ଷ ଦୈତାରୀ ରାଉତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଂଯୋଜକ ଅନ୍ୱେଷା ନାୟକ, ପ୍ରାଧ୍ୟାପକ ଦିଲୀପ କୁମାର ପ୍ରଧାନ, ନୃସିଂହ ଧଳ, ଅଶୋକ କୁମାର ସାହୁ, ବାସୁଦେବ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରୁଷ କେନ୍ଦ୍ରିକ ସମାଜରେ ନାରୀ ଯେପରୀ ନିର୍ଯାତିତା ହେଉଛି ତାହା କାହାକୁ ଅଛପା ନାହିଁ। ଏଥି ସକାଶେ ନିଜର ଆତ୍ମରକ୍ଷା ପାଇଁ ବିଭିନ୍ନ କଳା କୌଶଳ ତାଲିମ ନେବାର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ। ଏହି ଆତ୍ମରକ୍ଷା ତାଲିମ ଶିବିର ୮ ଦିନ ଧରି ଚାଲିଥିଲା। ଶିବିରରେ ମୋଟ୍ ୨୨୨ଜଣ ବାଳିକା ତାଲିମ ନେଇଥିଲାବେଳେ ସମସ୍ତଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷିକାଭାବେ ଦୀପ୍ତିମୟୀ ସ୍ୱାଇଁ, ସରିତା ଧଳ ଓ ରଶ୍ମିତା ମହାନ୍ତି ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ବଟକୃଷ୍ଣ ଦାସ, ବିକ୍ରମ କେଶରୀ ଧଳ ପ୍ରମୁଖ ପରିଚାଳନା କରିଥିଲେ।

# ଭଗବତୀ କ୍ଲବ୍ କ୍ରୀଡ଼ୋତ୍ସବ ଉଦ୍‌ଯାପିତ


ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

**ବରୀ,୯।୨(ଡି.ଏନ.ଏ.):**

ବରୀ ବ୍ଲକ୍ ଅଧୀନ ବାଲିବିଲ ପଞ୍ଚାୟତସ୍ଥ ଭଗବତୀ କ୍ଲବ୍‌ର ୨୩ତମ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ୍ ୮ ଦଳ ଅଂଶଗ୍ରହଣ କରିଥିଲେ। ସାହୁପଡ଼ା ଓ ବିଦ୍ୟାଧରପୁର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସାହୁପଡ଼ା ପ୍ରଥମେ ଟସ୍ ଜିଣି ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ୍ ହରାଇ ୪୭ ରନ୍ ସଂଗ୍ରହ କରି ବିଦ୍ୟାଧରପୁରକୁ ୪୮ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ବିଦ୍ୟାଧରପୁରର ଖେଳାଳିମାନେ ଉନ୍ନତମାନର ଖେଳ ପ୍ରଦର୍ଶନ କରି ମାତ୍ର ୧ ଉଇକେଟ୍ ବିନିମୟରେ ଲକ୍ଷ୍ୟ ଧାର୍ଯ୍ୟରେ ପହଞ୍ଚିବା ସହ ବିଜୟଲାଭ କରି ଚାମ୍ପିୟନ ହୋଇଥିଲେ।

ଚାମ୍ପିୟନ ଦଳକୁ ୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୩ ହଜାର ଟଙ୍କା ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବରୀ ଭାଜପା ନେତା ଉମେଶ ଜେନା ଯୋଗଦେଇ କ୍ରୀଡ଼ା ହେଉଛି ସମ୍ପର୍କର ସେତୁ। ଏହି ଅନୁଷ୍ଠାନ ଦୀର୍ଘ ୨୩ ବର୍ଷ ଧରି ବିଭିନ୍ନ କ୍ରୀଡ଼ା ଅନୁଷ୍ଠାନ ସହ ଯୋଡି ହେବା ଯୋଗୁ ଏହା ନିଶ୍ଚିତ ଭାବରେ ଅନ୍ୟ କ୍ରୀଡ଼ା ଅନୁଷ୍ଠାନ ପାଇଁ ପ୍ରେରଣାର ଉତ୍ସହେବ ବୋଲି ମତ ରଖିଥିଲେ। ଏହି ଅବସରରେ ଭାଜପା ନେତା ଜେନାଙ୍କ ସମେତ ଯୁବନେତା ସମୀର ରାଉତ, ସୌଭାଗ୍ୟ ଦାସ, ପ୍ରଭାତ ସାମଲ, ଶ୍ରବଣ ଦାସ, ସୁନା ଜେନା, ଅଜୟ ସାମଲ, ସନ୍ତୋଷ ପାତ୍ର ପ୍ରମୁଖ ଚାରାରୋପଣ କରିଥିଲେ। କୃଷ୍ଣଚନ୍ଦ୍ର ସାମଲ, ଦେବେନ୍ଦ୍ର ବାରିକ, ସତ୍ୟଜିତ ରାଉତ, ବିଶ୍ୱରଞ୍ଜନ ରାଉତ ଓ ଶୁଭକାନ୍ତ ରାଉତ ପ୍ରମୁଖ ଉତ୍ସବରେ ସହଯୋଗ କରିଥିଲେ।

## ପୂର୍ବ ତଟ ରେଳପଥ

ଫାଇଲ ନଂ. DRM/Engg/KUR/22-23/E-Tender/148, ତା:06.02.2023

**1.ଟେଣ୍ଡର ବିଜ୍ଞପ୍ତି ସଂ. eTender-CEN-KUR-411-2022, ତା:31.01.2023**
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଭୁବନେଶ୍ୱର ନ୍ୟୁ ଏବଂ ରେଟଙ୍ଗ ଷ୍ଟେସନ ମଧ୍ୟସ୍ଥ ପ୍ୟାଚ୍‌ଗୁଡ଼ିକରେ କି.ମି.424.00 ଠାରୁ କି.ମି.450.225 (UP & DN) ପର୍ଯ୍ୟନ୍ତ ଟୋ ୱାଲ (Toe wall) ର ବ୍ୟବସ୍ଥା ସହିତ ବ୍ୟାଙ୍କ୍‌ର ପ୍ରଶସ୍ତୀକରଣ, ସାଇଡ୍ ସ୍ଲୋପ୍‌ଗୁଡ଼ିକର ଇଜନିଙ୍ଗ୍ (Easing), ଟ୍ରୋଲି ରେଫ୍ୟୁଜିଗୁଡ଼ିକର ନିର୍ମାଣ ଭଳି ସେସ୍ (Cess) ର ପ୍ରସ୍ତାବିତ ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹193.60 ଲକ୍ଷ, EMD (ଟଙ୍କାରେ) : ₹2,46,800/-

**2.ଟେଣ୍ଡର ବିଜ୍ଞପ୍ତି ସଂ. eTender-CEN-KUR-412-2022, ତା:31.01.2023**
ବିବରଣୀ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳ ଦ୍ୱାରା ଡିପୋଜିଟ୍ ସ୍କିମ୍ ଅଧୀନରେ ତାଳଚେର ଏରିଆ (ତାଳଚେର-TLSB-BTPR, TLSB-ANT ଏବଂ JNC ସାଇଡ଼ିଙ୍ଗ୍) ଠାରେ ମହାନଦୀ କୋଲଫିଲ୍ଡସ ଲିମିଟେଡ୍ ସାଇଡ଼ିଙ୍ଗର 7.5T କି.ମି. ନିମନ୍ତେ ପ୍ରସ୍ତାବିତ ଥ୍ରୁ ରେଲ୍ ନବୀକରଣ (TRR-P)।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹156.69 ଲକ୍ଷ, EMD (ଟଙ୍କାରେ) : ₹2,28,400/-

**3.ଟେଣ୍ଡର ବିଜ୍ଞପ୍ତି ସଂ. eTender-HQ-KUR-415-2022, ତା:01.02.2023**
ବିବରଣୀ : ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ମୁଖ୍ୟାଳୟ, ଖୋର୍ଦ୍ଧା ରୋଡ଼ ପରିସୀମା ଅଧୀନସ୍ଥ ଖୋର୍ଦ୍ଧା ରୋଡ଼ ସେଟେଲମେଣ୍ଟ ଠାରେ ପ୍ରଦୂଷଣ ନିୟନ୍ତ୍ରଣ ଉପାୟ ନିମନ୍ତେ ପ୍ରସ୍ତାବିତ ବୃକ୍ଷରୋପଣ କାର୍ଯ୍ୟ ଏବଂ ସବୁଜିମା (Greenery)ର ଉନ୍ନୟନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹83.19 ଲକ୍ଷ, EMD (ଟଙ୍କାରେ) : ₹1,66,400/-

ଶେଷ ହେବା ଅବଧି : 10(ଦଶ) ମାସ (କ୍ରମ ସଂ.1 ପାଇଁ), 08(ଆଠ) ମାସ (କ୍ରମ ସଂ.2 ପାଇଁ) ଏବଂ 12(ବାର) ମାସ (କ୍ରମ ସଂ.3 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) : ତା.22.02.2023 ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-988/N/22-23

See Career Appointment on every Wednesday & Saturday

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER CENTRAL (R&B) CIRCLE, BHUBANESWAR**
Mail Id: seccbbsr@gmail.com
**E-Procurement Short Tender Call Notice No. 14 of 2022-23**
No. 371 (Estg.) Bhubaneswar the 6th February 2023
No. B-1243: The Chief Construction, Central (R&B) Circle Engineer, Bhubaneswar on behalf of the Governor of Odisha invites percentage rate bids for one number Composite Building work to be received in online bidding, double cover system for construction work as detailed in: https://tendersorissa.gov.in. The details of bid documents will be available in the above website from 11.00 A.M. of 14.02.2023 to 5.00 P.M. of 20.02.2023. The bidders must possess Compatible Digital Signature Certificate of Class II or III. Bids received online shall be opened at 11.00 A.M. of 21.02.2023 in the Office of the Chief Construction Engineer, Central (R&B) Circle, Bhubaneswar.
Further details can be seen from the e-procurement portal: www.tendersorissa.gov.in.
Addendum/Corrigendum, if required, will be available only in the Website.
Sd./- Er. T.K. Panda
Chief Constuction Engineer
OIPR-34156/11/0017/2223 Central (R&B) Circle, Bhubaneswar

No. MM-457
Forest, Environment and Climate Change Department, Odisha
**OFFICE OF THE DIVISIONAL FOREST OFFICER JHARSUGUDA FOREST DIVISION**
Email: dfo.jharsuguda@odisha.gov.in, Ph.: 06645-295040
BID IDENTIFICATION No. DFO-JSG-02/2023 (1F)/DATED
No. 28/1F (Accts.) Dated, Jharsuguda the 08th February, 2023
**e-Procurement Notice**
1. Name of work : Construction of Entrance Gate Plaza & Temple Ghat with Graffiti work at Koilighughar in Belpahar Forest Range under Jharsuguda Forest Division during the FY 2022-23.
2. Total No. of works : 01 No.
3. Estimated Cost : Rs.58,73,190.00
4. Period of Completion : 04 (Four) Calendar Months
5. Date of availability of bid documents in portal : 08.02.2023 to 20.02.2023
6. Last date/time for receipt of bids in the portal : Upto 05.00 P.M. of 20.02.2023
7. Date & Time of Technical Bid Opening : At 11.00 A.M. of 21.02.2023
8. Date & Time of Financial Bid Opening : At 11.00 A.M. of 23.02.2023
9. Class of Contractor : "A" & "B" Contractor
10. Name and address of Officer Inviting Bid : Divisional Forest Officer, Jharsuguda Forest Division, Jharsuguda
(a) Further details can be seen from the e-procurement portal www.tenderodisha.gov.in/www.dfojharsuguda.org/www.jharsuguda.nic.in.
(b) The addendum/corrigendum if any will be hosted in the website only.
Sd./- Divisional Forest Officer
OIPR-08054/11/0012/2223 Jharsuguda Forest Division

## ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୩-୦୯/୧୦/୧୧ ତାରିଖ: ୦୮।୦୨।୨୦୨୩**
ଭାରତର ରାଷ୍ଟ୍ରପତି, ଭାରତୀୟ ସଂଘଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ–ନିଲାମ ଆହ୍ୱାନ କରୁଛନ୍ତି ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି।

| କ୍ର. ସଂ. | ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|---|
| ୧. | ପାର୍ସଲ | ଲିଜ୍-କେଜିପି-୨୩-୦୯ | ୧୬।୦୨।୨୦୨୩ | ୧୨.୦୦ ଘଟିକା | ୧୩.୦୦ ଘଟିକା |
| ୨. | ପାର୍ସଲ | ଲିଜ୍-କେଜିପି-୨୩-୧୦ | ୨୧।୦୨।୨୦୨୩ | ୧୨.୦୦ ଘଟିକା | ୧୩.୨୦ ଘଟିକା |
| ୩. | ପାର୍ସଲ | ଲିଜ୍-କେଜିପି-୨୩-୧୧ | ୨୩।୦୨।୨୦୨୩ | ୧୦.୦୦ ଘଟିକା | ୧୫.୦୦ ଘଟିକା |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ–ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।
(PR-1097) ଆସିଷ୍ଟାଣ୍ଟ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର
ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ

GOVERNMENT OF ODISHA No. B-1247
**"e" Procurement Notice**
**OFFICE OF THE SUPERINTENDING ENGINEER KORAPUT (R&B) DIVISION, KORAPUT**
E-Mail Id: eerandbkpt@yahoo.co.in
Bid Identification No. S.E. (R&B) KPT - 19/2022-23
1. Name of the work : Building work (With Approach Road)
2. Total No. of works : 01 No.
3. Estimated Cost : Rs.60.37 lakhs
4. Period of Completion : 04 (Four) Months
5. Date & Time of availability of bid document in the portal : From 21.02.2023 at 11.00 hours to 06.03.2023 upto 17.00 hours
6. Last date/time for receipt of bids in the portal : 06.03.2023 upto 17.00 hours
7. Date of Opening of Tender : 09.03.2023 at 12.00 hours
8. Name and address of the Officer Inviting Bid : Superintending Engineer, Koraput (R&B) Division
Further details can be seen from the e-procurement portal https://tendersorissa.gov.in.
Sd./- Superintending Engineer
Koraput (R&B) Division
OIPR-34096/11/0014/2223

**OFFICE OF THE SUPERINTENDING ENGINEER MINOR IRRIGATION DIVISION, DHENKANAL**
No.309 / Dt.02.02.2023
**e-Procurement Notice**
Bid Identification No. DMID/11/2022-23
e-mail ID: eemidkl@yahoo.co.in
No. A-1125:- The Superintending Engineer, Monor Irrigation Division, Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the work | : | Civil works in different Block of Dhenkanal District for the year 2022-23 under MATY & Special Scheme |
| No. of works | : | 10 (Ten) only |
| Estimated cost | : | Varies from 18.09 lakh to 94.15 lakh (Approximately) |
| Cost of tender paper | : | 6000/- to 10000/- (Non refundable) |
| Period of completion | : | 04 (Four) to 06 (Six) calendar months |
| Availability of bid documents for sale and receipt through online | : | From Dt.10.02.2022, 10.00 A.M. to dt.24.02.2023, upto 5.00 P.M. |
| Last date / time of receipt of bids in the portal | : | 24.02.2023 (5.00 P.M.) |
| Date of technical bid opening through online | : | On dt.27.02.2023 at 11.00 A.M. in the Office of the S.E, M.I. Division, Dhenkanal |
| Date of financial bid opening through online | : | On dt.04.03.2023 at 11.00 A.M. in the Office of the S.E., M.I. Division, Dhenkanal |
| Date of transparent lottery | : | 10.03.2023 at 11.00 A.M. |
| Mode of payment of bid cost | : | Online |
| Digitial Signature Certificate of bidder | : | The bidder must possess compatible Digital Signature Certificate (DSC) |
| The detail tender call notice can also be seen in the DOWR website http:/dowrorissa.gov.in | | |
| Name & address of the OIT | : | Superintending Engineer, Minor Irrigation Division, Dhenkanal, At/P.O. / District- Dhenkanal, Ph.No. / Fax No.- 06762-224461, Email ID: eemidkl@yahoo.co.in |
| Further details can be seen from the e-Procurement market place: http://tendersorissa.gov.in | | |

Sd./- Superintending Engineer, M.I. Division, Dhenkanal
OIPR-32027/11/0013/2223

**DISTRICT PROJECT OFFICE SAMAGRA SHIKSHA (SS), SAMBALPUR**
(2ND FLOOR, COLLECTORATE, SAMBALPUR - 768001)
No. 186/Ped/2023 Dated: 09.02.2023
**NOTICE INVITING TENDER (NIT)**
Sealed tenders are invited from the reputed & credible printers/firms/agencies for printing & distribution of "Lakhya and Target Posters for FLN Grades" in two bid systems (Technical & Financial Bid) as detailed below.

| Name of the Tender | Bid Processing Fees | Amount of EMD | Last Date & time of receipt of Bid | Date & time of Opening of Technical Bid |
|---|---|---|---|---|
| Printing & Distribution of Lakhya and Target Posters for FLN grades | Rs.1,000/- | Rs.4,000/- | Dt.02.03.2023 upto 05.00 P.M. | Dt.03.03.2023 at 11.30 A.M. |

The detailed BID document is available in the website www.sambalpur.nic.in & www.osepa.odisha.gov.in. Interested and eligible agency/firm may download BID DOCUMENT from the above website and apply accordingly. Corrigendum/addendum, if required, will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept/reject any full or part/all BID/cancel the entire selection process at any stage without assigning any reason thereof.
By the order of Collector-cum-Chairman, SS, Sambalpur
Sd./- District Project Coordinator, SS, Sambalpur

# ମତ୍ସ୍ୟ ବିଭାଗର ପ୍ରକଳ୍ପ ଅନୁଧ୍ୟାନକଲେ ଜିଲାପାଳ

ନୟାଗଡ଼ ଅଫିସ,୯।୨

ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ନୟାଗଡ଼ ଓ ଓଡ଼ଗାଁ ବ୍ଲକରେ ଚାଲିଥିବା ମତ୍ସ୍ୟ ବିଭାଗର ବିଭିନ୍ନ ପ୍ରକଳ୍ପକୁ ଗୁରୁବାର ପରିଦର୍ଶନ କରିଛନ୍ତି। ସେ ନଡିଆଳି ପଞ୍ଚାୟତ ଉଦୟପୁର ଗାଁରେ ବାୟୋ ଫ୍ଲକ ମାଧ୍ୟମରେ କରାଯାଇଥିବା ମାଛ ଚାଷର ପ୍ରକଳ୍ପକୁ ବୁଲି ଦେଖିଥିଲେ । ଚାଷୀ ମିଥୁନ ମିଶ୍ରଙ୍କ ସହ ମାଛ ଚାଷର ଲାଭ କ୍ଷତି ଓ ସୁବିଧା ଅସୁବିଧା ନେଇ ପଚାରି ବୁଝିଥିଲେ ।

ପରେ ଓଡ଼ଗାଁ ବ୍ଲକର ସୋଲପଟା ଗାଁର ଯାଆଁଳା ଉତ୍ପାଦନ କେନ୍ଦ୍ରକୁ ଅନୁରୂପ ଭାବେ ବୁଲି ଦେଖିବା ସହ ଚାଷୀ ସୁରେନ୍ଦ୍ର କୁମାର ସାହୁଙ୍କ ସହ ଆଲୋଚନା କରିଥିଲେ । ପରେ ମଗରବନ୍ଧ ପଞ୍ଚାୟତ ଦରପଦା ଗାଁରେ ବୁଢ଼ୀମା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପରିଚାଳିତ ପୋଖରୀ ମାଛ ଚାଷକୁ ମଧ୍ୟ ପରିଦର୍ଶନ କରିଥିଲେ। ଜିଲା ମତ୍ସ୍ୟ ଅଧିକାରୀ ସୁବ୍ରତ କୁମାର ଦାସ, ସହକାରୀ ମତ୍ସ୍ୟ ଅଧିକାରୀ ପ୍ରଦୀପ୍ତ ବଳିଆରସିଂ ଉପସ୍ଥିତ ଥିଲେ।



ମାଛଚାଷ କେନ୍ଦ୍ରରେ ଜିଲାପାଳ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ



ଭାପୁର,୯।୧ (ଡି.ଏନ୍.ଏ.)

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ କରବର ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ବୁଧବାର ବରିଷ୍ଠ ନାଗରିକମାନଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା। କରବର ପଞ୍ଚାୟତର ବରିଷ୍ଠ ନାଗରିକ ଗୋଲକ ବିହାରୀ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ଫତେଗଡ଼ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା, ସମ୍ମାନିତ ଅତିଥି ସବ୍‌ଇନ୍‌ସପେକ୍ଟର ଶ୍ରଦ୍ଧା ନାୟକ,ଏସ୍‌ଆଇ ମମତା ସାହୁ, ଭାପୁର ଆଞ୍ଚଳିକ ବରିଷ୍ଠ ନାଗରିକ ସଂଘର ସଭାପତି ହାଡ଼ିବନ୍ଧୁ ଦାଶ, ସମ୍ପାଦକ ପ୍ରଭାକର ସାହୁ ପ୍ରମୁଖ ଯୋଗଦେଇଥିଲେ। ଶରତ ଚନ୍ଦ୍ର ମହାପାତ୍ର ସଭା ପରିଚାଳନା କରିଥିଲେ। ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ୩୩ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ କରିଥିଲେ। ଖବରଦାତା ଶୁଭେନ୍ଦୁ କୁମାର ପଟ୍ଟନାୟକ,ସଂଗ୍ରାମ କେଶରୀ ପଟ୍ଟନାୟକ ଓ ପ୍ରଭାତ କୁମାର ବରାଳଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ଭାଜପାର ସେବା ସପ୍ତାହ କାର୍ଯ୍ୟକ୍ରମ

ନୟାଗଡ଼ ଅଫିସ, ୯।୨

ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ଶ୍ରାଦ୍ଧବାର୍ଷିକୀ ସେବା ସପ୍ତାହ ଅବସରରେ ନୟାଗଡ଼ ଜିଲା ଭାଜପା ପକ୍ଷରୁ ପୂର୍ବତନ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ । ପରେ ଜିଲା ମୁଖ୍ୟ ଚିକିତ୍ସାଳୟର ରୋଗୀଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ । ଶେଷରେ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରଙ୍କ ସମସ୍ୟା ସହ ଅନ୍ୟ ସମସ୍ୟା ଉପରେ ଆଲୋଚନା କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ସମର୍ପଣ ବୃଦ୍ଧାଶ୍ରମକୁ ଯାଇ ସେଠାର ଅନ୍ତେବାସୀଙ୍କୁ ଭେଟି ବସ୍ତ୍ରଦାନ ସହ ଫଳ ବଣ୍ଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଭାଜପା ନେତା ନସିର ଅହମ୍ମଦ, ସନ୍ତୋଷ ପ୍ରଧାନ, ପ୍ରହ୍ଲାଦ ବରାଡ, ଆରତୀ ଗୌଡ, ସୌମ୍ୟ ରଞ୍ଜନ ପ୍ରଧାନ, ଧରିତ୍ରୀ ସେଠୀ, ସିନ୍ଦୁରିଆ ସରପଞ୍ଚ ପ୍ରମୋଦ ବେହେରା, ଚମ୍ପତିପୁର ସରପଞ୍ଚ ଅମର ସାଥୁଆ,ଗମ୍ଭାରିଡିହି ସମିତି ସଭ୍ୟ ହରିଶ ପଣ୍ଡା ଓ ସରପଞ୍ଚ ଉଷାରାଣୀ ପଟ୍ଟନାକ ପ୍ରମୁଖ ସାମିଲ ଥିଲେ । ଅପରପକ୍ଷେ ଭାଜପା ନେତ୍ରୀ ଇରାନୀ ରାୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ଅନୁରୂପ ଭାବେ ରୋଗୀଙ୍କୁ ଭେଟି ସୁବିଧା ଅସୁବିଧା ବୁଝିଥିଲେ ।


ଭାଜପା ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ବସ୍ତ୍ର ବଣ୍ଟନ କରୁଛନ୍ତି।

# ଶିକ୍ଷା ହିଁ ଜୀବନର ଶ୍ରେଷ୍ଠ ସମ୍ପଦ

## ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଖଣ୍ଡପଡ଼ା,୯।୨(ସ୍ୱ.ପ୍ର.)

ଛାତ୍ରୀଛାତ୍ରମାନେ ନିଜର ସାମର୍ଥ୍ୟକୁ ଜାଣିବାକୁ ଚେଷ୍ଟା କରନ୍ତୁ । ନିଜକୁ କେବେ ଛୋଟ ନ ଭାବି ପ୍ରଶ୍ନ ପଚାରିବାର ସାମର୍ଥ୍ୟ ରଖନ୍ତୁ । ଶିଶୁ ହେଉଛନ୍ତି ଆଗାମୀ ଦିନର ମନୋରମ ସକାଳ ଏବଂ ଶିକ୍ଷା ହିଁ ଜୀବନର ଶ୍ରେଷ୍ଠ ସମ୍ପଦ। ଏଣୁ ପିଲାମାନଙ୍କୁ ମାନସିକ ଓ ଶାରୀରିକସ୍ତରରେ ଚାପ ପ୍ରୟୋଗ ନ କରି ସେମାନଙ୍କ ଚିନ୍ତା ଓ ଭାବନାକୁ ବୁଝି ଶିକ୍ଷା କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ନେଲେ ତାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ଗୁରୁବାର ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଓ ମୁଖ୍ୟବକ୍ତା ପୁରୀ ସାମନ୍ତ ଚନ୍ଦ୍ର ଶେଖର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଶିଶୁ ସାହିତ୍ୟିକ ଜିତେନ୍ଦ୍ର ନାରାୟଣ ଦାଶ ମତବ୍ୟକ୍ତ କରିଛନ୍ତି । ଏହି ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ. ବସନ୍ତ କୁମାର ନାୟକ, ଏବିଓ ସୁବାସ ଚନ୍ଦ୍ର ସେଠୀ, ମୋ ସ୍କୁଲ ଅଭିଯାନ କମିଟି ସଭାପତି କାଶୀନାଥ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସରୋଜ କୁମାର ଚୌଧୁରୀ ପ୍ରମୁଖ ଉଦ୍‌ବୋଧନ ଦେଇ ଛାତ୍ରୀଛାତ୍ରମାନେ ଭଲ ମଣିଷ ସହ ସଫଳ ମଣିଷ ହେବାକୁ ପରାମର୍ଶ ଦେଇଛନ୍ତି । ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଅନୁଷ୍ଠାନର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଶିକ୍ଷକ ପ୍ରତାପ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ପ୍ରତାପ କୁମାର ବେହେରା। ଦିଲ୍ଲୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହିଅବସରରେ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ।



ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

# ଓଡ଼ିଶାରେ ବୌଦ୍ଧଧର୍ମ ଶୀର୍ଷକ ଆଲୋଚନାଚକ୍ର

ଶରଣକୁଳ,୯।୨(ଡି.ଏନ.ଏ.)

ଗୁରୁବାର ସ୍ଥାନୀୟ ଶରଣକୁଳ ମହାବିଦ୍ୟାଳୟ ଇତିହାସ ବିଭାଗ ତରଫରୁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାରେ ବୌଦ୍ଧ ଧର୍ମ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ଡ.ଜନ୍ମେଜୟ ଚୌଧୁରୀ ଯୋଗ ଦେଇ ପୌରାଣିକ କଥାବସ୍ତୁ ଓ ସାମ୍ପ୍ରତିକ ସମାଜରେ ବୌଦ୍ଧ ଧର୍ମର ସମ୍ପର୍କ ତଥା ଓଡ଼ିଶାର ବିଭିନ୍ନ ସ୍ଥାନରେ ବୌଦ୍ଧ ଧର୍ମର ପ୍ରଚାର ପ୍ରସାର ସମ୍ପର୍କରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ କୁମାର ରଥ ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଯୋଗେଶ୍ୱର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ଛାତ୍ରୀ ରୋଜାଲିନ୍ ବେହେରା,ସଞ୍ଜୀବନୀ ସାହୁ, ମଧୁସ୍ମିତା ସ୍ୱାଇଁ, ରଶ୍ମିତା ମୁଦୁଲି ଓ ଛାତ୍ର ମାନଭଞ୍ଜନ ଦାସ ଏବଂ ଅଧ୍ୟାପିକା ରେକ୍ସୋନା ସାହୁ ସନ୍ଦର୍ଭ ପାଠ କରିଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପକ ନାରାୟଣ ପ୍ରଧାନ, ଅତିଥି ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଅନ୍ତର୍ଯ୍ୟାମୀ ପରିଡା, ଅଜୟ କୁମାର ମହାରଣା,ତ୍ରିନାଥ ପରିଡା, ଦିଲୀପ କୁମାର ସାହୁ, ଦୁର୍ଗାଚରଣ ନାୟକ ଏବଂ ଅଧ୍ୟାପିକା ମନୋଜିନୀ ଦଳବେହେରା ଉପସ୍ଥିତ ଥିଲେ।

# ଶରଣକୁଳ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଶରଣକୁଳ,୯।୧(ଡି.ଏନ.ଏ.)

ନୟାଗଡ଼ ଜିଲା ଶରଣକୁଳ ମହାବିଦ୍ୟାଳୟର ୨୮ତମ ବାର୍ଷିକ କ୍ରୀଡ଼ା ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୪୫ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଯୁକ୍ତ ୨ ବାଳକ ବିଭାଗରେ ରାକେଶ ସାହୁ, ଯୁକ୍ତ ୨ ବାଳିକା ବିଭାଗରେ ରଶ୍ମିତା ମୁଦୁଲି ଶ୍ରେଷ୍ଠ କ୍ରୀଡାବିତ୍ ଭାବେ ପଦକ ହାସଲ କରିଥିଲେ । ଯୁକ୍ତ ୩ ପୁରୁଷ ବିଭାଗରେ ଛାତ୍ର ଜଗନ କୁମାର ରାଜ ଏବଂ ଯୁକ୍ତ ୩ ମହିଳା ବିଭାଗରେ ଛାତ୍ରୀ ସଞ୍ଜିବନୀ ସାହୁ ଶ୍ରେଷ୍ଠ କ୍ରୀଡାବିତ୍ ଭାବେ ବିବେଚିତ ହୋଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ କୁମାର ରଥ ଅଧ୍ୟକ୍ଷତା କରିଥିବା ବେଳେ କଲେଜ ପରିଚାଳନା କମିଟିର ସଭାପତି ଯୋଗେଶ୍ୱର ନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ଏହିଅ ବସରରେ ଅଧ୍ୟାପକ ନାରାୟଣ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା । ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଏବଂ ସ୍ୱେଚ୍ଛାସେବୀମାନଙ୍କ ସହଯୋଗରେ ଉକ୍ତ ପ୍ରତିଯୋଗୀତା ସୁଚାରରୂପେ ସମ୍ପାଦିତ ହୋଇଥିଲା । ମହାବିଦ୍ୟାଳୟର ଶାରିରୀକ ଶିକ୍ଷା ଶିକ୍ଷକ ମନୋରଞ୍ଜନ ଦାଶ,ଜଗନ୍ନାଥ ପରିଡା ଓ କୁନା ବରାଡଙ୍କ ଆନ୍ତରିକ ସହଯୋଗ ରହିଥିଲା । ଯୁକ୍ତ ୩ କ୍ରୀଡା ସଂସଦର ଉପସଭାପତି ଅଧ୍ୟାପକ ଅଜୟ କୁମାର ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ଯୁକ୍ତ ୨ କ୍ରୀଡା ସଂସଦର ଉପସଭାପତି ଅଧ୍ୟାପକ ଦିଲ୍ଲୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ଅତିଥି ଜଣେ କୃତୀ ଛାତ୍ରୀଙ୍କୁ ପ୍ରମାଣପତ୍ର ସହ କପ୍ ପ୍ରଦାନ କରୁଛନ୍ତି।


## ପୂର୍ବ ତଟ ରେଳପଥ

ଫାଇଲ ନଂ. DRM/Engg/KUR/22-23/E-Tender/148, ତା:06.02.2023

1.ଟେଣ୍ଡର ବିଜ୍ଞପ୍ତି ସଂ. eTender-CEN-KUR-411-2022, ତା:31.01.2023

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଭୁବନେଶ୍ୱର ନ୍ୟୁ ଏବଂ ରେତଙ୍ଗ ଷ୍ଟେସନ ମଧ୍ୟସ୍ଥ ପ୍ୟାଚ୍‌ଗୁଡ଼ିକରେ କି.ମି.424.00 ଠାରୁ କି.ମି.450.225 (UP & DN) ପର୍ଯ୍ୟନ୍ତ ଟୋ ୱାଲ (Toe wall) ର ବ୍ୟବସ୍ଥା ସହିତ ବ୍ୟାଙ୍କ୍‌ର ପ୍ରଶସ୍ତୀକରଣ, ସାଇଡ୍ ସ୍ଲୋପ୍‌ଗୁଡ଼ିକର ଇଜିଙ୍ଗ୍ (Easing), ଟ୍ରୋଲି ରେଫ୍ୟୁଜିଗୁଡ଼ିକର ନିର୍ମାଣ ଭଳି ସେସ୍ (Cess) ର ପ୍ରସ୍ତାବିତ ମରାମତି ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 193.60 ଲକ୍ଷ, EMD (ଟଙ୍କାରେ) : ₹ 2,46,800/-

2.ଟେଣ୍ଡର ବିଜ୍ଞପ୍ତି ସଂ. eTender-CEN-KUR-412-2022, ତା:31.01.2023

ବିବରଣୀ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳ ଦ୍ୱାରା ଡିପୋଜିଟ୍ ସ୍କିମ୍ ଅଧୀନରେ ତାଳଚେର ଏରିଆ (ତାଳଚେର-TLSB-BTPR, TLSB-ANT ଏବଂ JNC ସାଇଡ଼ିଙ୍ଗ୍) ଠାରେ ମହାନଦୀ କୋଲଫିଲ୍ଡସ ଲିମିଟେଡ଼ ସାଇଡ଼ିଙ୍ଗ୍‌ର 7.5T କି.ମି. ନିମନ୍ତେ ପ୍ରସ୍ତାବିତ ଥ୍ରୁ ରେଲ୍ ନବୀକରଣ (TRR-P) ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 156.69 ଲକ୍ଷ, EMD (ଟଙ୍କାରେ) : ₹ 2,28,400/-

3.ଟେଣ୍ଡର ବିଜ୍ଞପ୍ତି ସଂ. eTender-HQ-KUR-415-2022, ତା:01.02.2023

ବିବରଣୀ : ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ମୁଖ୍ୟାଳୟ, ଖୋର୍ଦ୍ଧା ରୋଡ଼ ପରିସୀମା ଅଧୀନସ୍ଥ ଖୋର୍ଦ୍ଧା ରୋଡ଼ ସେଟେଲମେଣ୍ଟ ଠାରେ ପ୍ରଦୂଷଣ ନିୟନ୍ତ୍ରଣ ଉପାୟ ନିମନ୍ତେ ପ୍ରସ୍ତାବିତ ବୃକ୍ଷରୋପଣ କାର୍ଯ୍ୟ ଏବଂ ସବୁଜିମା (Greenery)ର ଉନ୍ନୟନ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 83.19 ଲକ୍ଷ, EMD (ଟଙ୍କାରେ) : ₹ 1,66,400/-

ଶେଷ ହେବା ଅବଧି : 10(ଦଶ) ମାସ (କ୍ରମ ସଂ.1 ପାଇଁ), 08(ଆଠ) ମାସ (କ୍ରମ ସଂ.2 ପାଇଁ) ଏବଂ 12(ବାର) ମାସ (କ୍ରମ ସଂ.3 ପାଇଁ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) : ତା.22.02.2023 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-988/N/22-23


See Career Appointment on every Wednesday & Saturday


GOVERNMENT OF ODISHA

## OFFICE OF THE CHIEF CONSTRUCTION ENGINEER CENTRAL (R&B) CIRCLE, BHUBANESWAR

Mail Id: seccbbsr@gmail.com

**E-Procurement Short Tender Call Notice No. 14 of 2022-23**

No. 371 (Estg.) Bhubaneswar the 6th February 2023

No. B-1243: The Chief Construction, Central (R&B) Circle Engineer, Bhubaneswar on behalf of the Governor of Odisha invites percentage rate bids for one number Composite Building work to be received in online bidding, double cover system for construction work as detailed in: https://tendersorissa.gov.in. The details of bid documents will be available in the above website from 11.00 A.M. of 14.02.2023 to 5.00 P.M. of 20.02.2023. The bidders must possess Compatible Digital Signature Certificate of Class II or III. Bids received online shall be opened at 11.00 A.M. of 21.02.2023 in the Office of the Chief Construction Engineer, Central (R&B) Circle, Bhubaneswar.

Further details can be seen from the e-procurement portal: www.tendersorissa.gov.in.

Addendum/Corrigendum, if required, will be available only in the Website.

Sd./- Er. T.K. Panda
Chief Constuction Engineer
Central (R&B) Circle, Bhubaneswar

OIPR-34156/11/0017/2223



No. MM-457

Forest, Environment and Climate Change Department, Odisha

## OFFICE OF THE DIVISIONAL FOREST OFFICER JHARSUGUDA FOREST DIVISION

Email: dfo.jharsuguda@odisha.gov.in, Ph.: 06645-295040

BID IDENTIFICATION No. DFO-JSG-02/2023 (1F)/DATED

No. 28/1F (Accts.) Dated, Jharsuguda the 08th February, 2023

**e-Procurement Notice**

1. Name of work : Construction of Entrance Gate Plaza & Temple Ghat with Graffiti work at Koilighughar in Belpahar Forest Range under Jharsuguda Forest Division during the FY 2022-23.
2. Total No. of works : 01 No.
3. Estimated Cost : Rs.58,73,190.00
4. Period of Completion : 04 (Four) Calendar Months
5. Date of availability of bid documents in portal : 08.02.2023 to 20.02.2023
6. Last date/time for receipt of bids in the portal : Upto 05.00 P.M. of 20.02.2023
7. Date & Time of Technical Bid Opening : At 11.00 A.M. of 21.02.2023
8. Date & Time of Financial Bid Opening : At 11.00 A.M. of 23.02.2023
9. Class of Contractor : "A" & "B" Contractor
10. Name and address of Officer Inviting Bid : Divisional Forest Officer, Jharsuguda Forest Division, Jharsuguda

(a) Further details can be seen from the e-procurement portal www.tenderodisha.gov.in/www.dfojharsuguda.org/www.jharsuguda.nic.in.
(b) The addendum/corrigendum if any will be hosted in the website only.

Sd./- Divisional Forest Officer
Jharsuguda Forest Division

OIPR-08054/11/0012/2223



## ଭାରତୀୟ ରିଜର୍ଭ ବ୍ୟାଙ୍କ
ମାନବ ସମ୍ବଳ ପରିଚାଳନା ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-751001, ଓଡ଼ିଶା

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଖ୍ୟାତିସମ୍ପନ୍ନ ତଥା ଅନୁଭବୀ ସଂସ୍ଥାମାନଙ୍କଠାରୁ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅଫିସର୍ସ ଲାଉଞ୍ଜ ଆଣ୍ଡ ଡାଇନିଂ ରୁମ୍ (ଓଏଲ୍‌ଡିଆର୍), ଷ୍ଟାଫ୍ କ୍ୟାଣ୍ଟିନ୍‌ରେ କ୍ୟାଟରିଂ ସେବା ଏବଂ ଟି ପ୍ୟାଣ୍ଟ୍ରିର ସଂଚାଳନ ପାଇଁ ଦୁଇ ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ପ୍ରତିଷ୍ଠିତ ଏବଂ ପ୍ରାସଙ୍ଗିକ ଅଭିଜ୍ଞତା ଥିବା ଆଗ୍ରହୀ କମ୍ପାନୀ/ସଂସ୍ଥାଗୁଡ଼ିକ ଅଧିକ ବିବରଣୀ ପାଇଁ ଆର୍‌ବିଆଇର ୱେବ୍‌ସାଇଟ୍ (www.rbi.org.in) ରେ "ଟେଣ୍ଡର" ବିଭାଗ ପରିଦର୍ଶନ କରିପାରିବେ କିମ୍ବା ମାନବ ସଂସାଧନ ପ୍ରବନ୍ଧ ବିଭାଗ ସହ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ୍ (https://www.mstcecommerce.com/eprochome/rbi)ରେ ଇ-ଟେଣ୍ଡରର ଆବେଦନର ଶେଷ ତାରିଖ ମାର୍ଚ୍ଚ ୧୭, ୨୦୨୩ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ।

କ୍ଷେତ୍ରୀୟ ନିର୍ଦ୍ଦେଶକ



## ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୩-୦୯/୧୦/୧୧ ତାରିଖ: ୦୮।୦୨।୨୦୨୩

ଭାରତର ରାଷ୍ଟ୍ରପତି, ଭାରତୀୟ ସଂଘଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି ।

| କ୍ର. ସଂ. | ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|---|
| ୧. | ପାର୍ସଲ | ଲିଜ୍-କେଜିପି-୨୩-୦୯ | ୧୬।୦୨।୨୦୨୩ | ୧୨.୦୦ ଘଟିକା | ୧୩.୦୦ ଘଟିକା |
| ୨. | ପାର୍ସଲ | ଲିଜ୍-କେଜିପି-୨୩-୧୦ | ୨୧।୦୨।୨୦୨୩ | ୧୨.୦୦ ଘଟିକା | ୧୩.୨୦ ଘଟିକା |
| ୩. | ପାର୍ସଲ | ଲିଜ୍-କେଜିପି-୨୩-୧୧ | ୨୩।୦୨।୨୦୨୩ | ୧୦.୦୦ ଘଟିକା | ୧୫.୦୦ ଘଟିକା |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-1097) ଆସିଷ୍ଟାଣ୍ଟ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ



GOVERNMENT OF ODISHA No. B-1247

**"e" Procurement Notice**

## OFFICE OF THE SUPERINTENDING ENGINEER KORAPUT (R&B) DIVISION, KORAPUT

E-Mail Id: eerandbkpt@yahoo.co.in

Bid Identification No. S.E. (R&B) KPT - 19/2022-23

1. Name of the work : Building work (With Approach Road)
2. Total No. of works : 01 No.
3. Estimated Cost : Rs.60.37 lakhs
4. Period of Completion : 04 (Four) Months
5. Date & Time of availability of bid document in the portal : From 21.02.2023 at 11.00 hours to 06.03.2023 upto 17.00 hours
6. Last date/time for receipt of bids in the portal : 06.03.2023 upto 17.00 hours
7. Date of Opening of Tender : 09.03.2023 at 12.00 hours
8. Name and address of the Officer Inviting Bid : Superintending Engineer, Koraput (R&B) Division

Further details can be seen from the e-procurement portal https://tendersorissa.gov.in.

Sd./- Superintending Engineer
Koraput (R&B) Division

OIPR-34096/11/0014/2223



## DISTRICT PROJECT OFFICE SAMAGRA SHIKSHA (SS), SAMBALPUR
(2ND FLOOR, COLLECTORATE, SAMBALPUR - 768001)

No. 186/Ped/2023 Dated: 09.02.2023

**NOTICE INVITING TENDER (NIT)**

Sealed tenders are invited from the reputed & credible printers/firms/agencies for printing & distribution of "Lakhya and Target Posters for FLN Grades" in two bid systems (Technical & Financial Bid) as detailed below.

| Name of the Tender | Bid Processing Fees | Amount of EMD | Last Date & time of receipt of Bid | Date & time of Opening of Technical Bid |
|---|---|---|---|---|
| Printing & Distribution of Lakhya and Target Posters for FLN grades | Rs.1,000/- | Rs.4,000/- | Dt.02.03.2023 upto 05.00 P.M. | Dt.03.03.2023 at 11.30 A.M. |

The detailed BID document is available in the website at www.sambalpur.nic.in & www.osepa.odisha.gov.in. Interested and eligible agency/firm may download BID DOCUMENT from the above website and apply accordingly. Corrigendum/addendum, if required, will be uploaded in the above website. Hence potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept/reject any full or part/all BID/cancel the entire selection process at any stage without assigning any reason thereof.

By the order of Collector-cum-Chairman, SS, Sambalpur
Sd./- District Project Coordinator, SS, Sambalpur



## OFFICE OF THE SUPERINTENDING ENGINEER MINOR IRRIGATION DIVISION, DHENKANAL

No.309 / Dt.02.02.2023

**e-Procurement Notice**

Bid Identification No. DMID/11/2022-23

e-mail ID: eemidkl@yahoo.co.in

No. A-1125:- The Superintending Engineer, Monor Irrigation Division, Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the work | : | Civil works in different Block of Dhenkanal District for the year 2022-23 under MATY & Special Scheme |
| No. of works | : | 10 (Ten) only |
| Estimated cost | : | Varies from 18.09 lakh to 94.15 lakh (Approximately) |
| Cost of tender paper | : | 6000/- to 10000/- (Non refundable) |
| Period of completion | : | 04 (Four) to 06 (Six) calendar months |
| Availability of bid documents for sale and receipt through online | : | From Dt.10.02.2022, 10.00 A.M. to dt.24.02.2023, upto 5.00 P.M. |
| Last date / time of receipt of bids in the portal | : | 24.02.2023 (5.00 P.M.) |
| Date of technical bid opening through online | : | On dt.27.02.2023 at 11.00 A.M. in the Office of the S.E, M.I. Division, Dhenkanal |
| Date of financial bid opening through online | : | On dt.04.03.2023 at 11.00 A.M. in the Office of the S.E., M.I. Division, Dhenkanal |
| Date of transparent lottery | : | 10.03.2023 at 11.00 A.M. |
| Mode of payment of bid cost | : | Online |
| Digitial Signature Certificate of bidder | : | The bidder must possess compatible Digital Signature Certificate (DSC) |
| The detail tender call notice can also be seen in the DOWR website http://dowrorissa.gov.in | | |
| Name & address of the OIT | : | Superintending Engineer, Minor Irrigation Division, Dhenkanal, At/P.O. / District- Dhenkanal, Ph.No. / Fax No.- 06762-224461, Email ID: eemidkl@yahoo.co.in |
| Further details can be seen from the e-Procurement market place: http://tendersorissa.gov.in | | |

Sd./- Superintending Engineer, M.I. Division, Dhenkanal
OIPR-32027/11/0013/2223

# ବେଦାନ୍ତ ଆଲୁମିନିୟମର ନୂତନ ଉତ୍ପାଦ ଉନ୍ମୋଚିତ

ଭୁବନେଶ୍ୱର,୯।୨

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବେଦାନ୍ତ ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ବେଦାନ୍ତ ଆଲୁମିନିୟମର ନୂତନ ଉତ୍ପାଦ '୧୨ମିମି ଆଲୁମିନିୟମ ତାର'ର ଉନ୍ମୋଚନ କରାଯାଇଛି। ଏପରିକି ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା ୟୁନିଟ୍‌ରୁ ଉତ୍ପାଦିତ ଉକ୍ତ ଉତ୍ପାଦକୁ ଅନ୍ତର୍ଜାତୀୟ ଆଲୁମିନିୟମ ସମ୍ମିଳନୀ-୨୦୨୩ ପରିସରରେ ଉଦ୍‌ଘାଟନ ବା ଶୁଭାରମ୍ଭ କରାଯାଇଛି। ବିଶେଷକରି ବିଦ୍ୟୁତ୍ ଶିଳ୍ପ ପାଇଁ ଉକ୍ତ ଉତ୍ପାଦ ବେଶ୍ ଉପଯୋଗୀ ଓ ସର୍ବାଧିକ ଆବଶ୍ୟକତା ରହିଛି। ସେହିଭଳି କମ୍ପାନୀର ଝାରସୁଗୁଡ଼ା ଓ ବାଲ୍‌କୋ ୟୁନିଟ୍ ସ୍ମେଲଟରରେ ଏହା ଉତ୍ପାଦନ କରାଯାଉଛି। ବିଶେଷକରି ଅତ୍ୟାଧୁନିକ ପ୍ରପର୍ଜି କ୍ରମାଗତ କାଷ୍ଟିଂ ଟେକ୍ନୋଲୋଜି ବ୍ୟବହାରକରି କମ୍ପାନୀ ୧୨ମି.ମି. ତାର



ପ୍ରସ୍ତୁତ କରିଛି। ଏପରିକି ଟ୍ରାନ୍ସଫର୍ମର, ଅଟୋମୋବାଇଲ ସହ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଏହାର ବ୍ୟବହାର କରାଯାଇପାରିବ। ଏହି ତାରଗୁଡ଼ିକ ବେଦାନ୍ତର ଟପ୍ ଅଫ୍ ଲାଇନ ଅଫର ପାଇଁ ତାର ସେଗ୍‌ମେଣ୍ଟରେ ସର୍ବଶେଷ ଉତ୍ପାଦ। ଏଥିରେ ୭.୬ ମି.ମି. ଓ ୧୫ ମି.ମି. ଇସି ଗ୍ରେଡ୍ ତାର ରଡ୍, ଆଲୟ ତାର ଓ ଫ୍ଲିପ୍ କଏଲ ଅନ୍ତର୍ଭୁକ୍ତ ରହିଛି। ଏହାର ମିଲିରେ ନିର୍ମିତ ଉଚ୍ଚ ସଠିକତା ସ୍ୱୟଂଚାଳିତ ଗୁଣ ସହ ବେଦାନ୍ତ ଆଲୁମିନିୟମ ଦ୍ୱାରା ଉତ୍ପାଦିତ ଉକ୍ତ ତାର ଗ୍ରାହକଙ୍କ ଆବଶ୍ୟକତା ଉପରେ ଆଧାରକରି ପ୍ରସ୍ତୁତ ହେଉଛି। ଏଥିରେ ୧୦୦% ପ୍ରାଥମିକ ଆଲୁମିନିୟମ ଓ ଉତ୍କୃଷ୍ଟ ଧାତୁର ସମନ୍ୱୟତା ବିଶ୍ୱସ୍ତରୀୟ ସାଥୀମାନଙ୍କ ମଧ୍ୟରେ ସମତୁଲ କରାଇବ। ଭାରତୀୟ ବଜାରରେ ୧୨ମି.ମି. ତାରର ସମୀକ୍ଷା ଅତ୍ୟନ୍ତ ଉତ୍ସାହଜନକ ଓ କମ୍ପାନୀ ବର୍ତ୍ତମାନ ଏହି ଉତ୍ପାଦ ପାଇଁ ତାର ରପ୍ତାନି ବଜାରକୁ ବଢ଼ାଇବାକୁ ଚାହୁଁଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନିୟମ ବ୍ୟବସାୟ) ରାହୁଲ ଶର୍ମା କହିଛନ୍ତି, ୧୨ମି.ମି. ଓ୍ୟାର ରଡ୍ ଆମ ଉଦ୍ୟୋଗ ପାଇଁ ଏକ ସର୍ବଶେଷ ଅଫର ଓ ଏହାକୁ ଶୁଭାରମ୍ଭକରି ଆମେ ବେଶ୍ ଆନନ୍ଦିତ ଅଛୁ। ଏପରିକି ବିଶ୍ୱସ୍ତ ଓ ନିର୍ମଳ ଶକ୍ତି ପାଇବା ପାଇଁ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଯେକୌଣସି ଦେଶ ଓ ତା'ର ଲୋକମାନଙ୍କ ପାଇଁ ଏହା ଏକ ପ୍ରକାର ଅର୍ଥନୈତିକ ବିକାଶ ସାଧିତ ହୋଇପାରିବ। ବିଶେଷକରି ବୈଦ୍ୟୁତିକ ଶିଳ୍ପ ପାଇଁ ଏହାର ଗୁରୁତ୍ୱ ସର୍ବାଧିକ ରହିବ। ସେହିଭଳି ବେଦାନ୍ତ ଆଲୁମିନିୟମ ଦୀର୍ଘ ଦିନରୁ ବିଜୁଳି ଶିଳ୍ପ ପାଇଁ ପସନ୍ଦର ଯୋଗାଣକାରୀ ଭାବେ ରହି ଆସିଛି। ତେଣୁ ଆମେ ସେମାନଙ୍କ ବ୍ୟବସାୟକୁ ସମର୍ଥନ କରିବା ଲାଗି ୩୬୦ ଡିଗ୍ରୀ ସମାଧାନ ଆକାରରେ ଏକ ବଣ୍ଡଲ ସୁବିଧା ଯୋଗାଇପାରିବୁ ବୋଲି ସେ ମତପ୍ରକାଶ କରିଛନ୍ତି।

# ପିଏନ୍‌ବି ପକ୍ଷରୁ ଋଣ ମଞ୍ଜୁରିପତ୍ର ବଣ୍ଟନ

ଭୁବନେଶ୍ୱର,୯।୨

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ସମ୍ବଲପୁର କ୍ଷେତ୍ର ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଶେଷକରି ବ୍ୟାଙ୍କର ପରମାଣପୁର ଶାଖା ପରିସରରେ କୃଷି ଋଣ ତଥା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଚେତନତା ଶିବିର ଆୟୋଜିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଏସ୍‌ଏଚ୍‌ଜିଙ୍କୁ ୪୦ଟି ଋଣ ମଞ୍ଜୁରି ପତ୍ର ବଣ୍ଟନ କରାଯାଇଥିଲା। ଅପରପକ୍ଷରେ ବ୍ୟାଙ୍କର ସମ୍ବଲପୁର ମଣ୍ଡଳ ପ୍ରମୁଖ ଲିଙ୍ଗରାଜ ଲୁହାଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଜାରି ରହିଥିଲା। ଏହି ଅବସରରେ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ଶାଶ୍ୱତ ସାହୁ, ପରମାଣପୁର ଶାଖାର ଶାଖା ମୁଖ୍ୟ, ଜିଲା କୃଷି ଅଧିକାରୀ, ପିଏନ୍‌ବି ବ୍ୟାଙ୍କ ମିତ୍ର, ବ୍ୟାଙ୍କର ବ୍ୟବସାୟିକ ପ୍ରତିନିଧି ଏବଂ ବିପିଏମ୍ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବ୍ୟାଙ୍କର ବ୍ୟବସାୟିକ ପ୍ରତିନିଧି, ବିପିଏମ୍ ଓ ମିତ୍ରମାନେ ପରିଚାଳନା କରିଥିଲେ।

# ରିଲାଏନ୍ସ ଜୁଏଲ୍ସର ଭାଲେଣ୍ଟାଇନ୍ସ କଲେକ୍‌ସନ

ନୂଆଦିଲ୍ଲୀ,୯।୨

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ରିଲାଏନ୍ସ ଜୁଏଲର୍ସର 'ଭାଲେଣ୍ଟାଇନ୍ସ ଡେ କଲେକ୍ସନ'ର ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଚଳିତ ଭାଲେଣ୍ଟାଇନ୍ସ ଡେ ଅବସରରେ 'ଖୁଦ୍ ସେ ଭି ପ୍ୟାର୍ କରୋ' ବା ଆପଣଙ୍କର ଚମକ ସହ ସାରା ବିଶ୍ୱକୁ ଚମକାଇ ଦିଅନ୍ତୁ ଥିମ୍‌କୁ ନେଇ ଏହାର ଶୁଭାରମ୍ଭ କରାଯାଇଛି। ସେହିଭଳି ଏହାକୁ ପାଳନ କରିବା ପାଇଁ ରିଲାଏନ୍ସ ଜୁଏଲ୍ସ ଏକ ସୁନ୍ଦର ଡାଇମଣ୍ଡ ଜୁଏଲେରି କଲେକ୍ସନର ମଧ୍ୟ ଶୁଭାରମ୍ଭ କରିଛି। ଏଥିରେ ଆକର୍ଷଣୀୟ ଡିଜାଇନର ବ୍ରେସ୍‌ଲେଟ୍ ଓ ରିଂ ସହ କର୍ଭି ଫର୍ମ ଓ ମୋଟିଫ୍ କମ୍ପୋଜିଟ୍ ଡାଇମଣ୍ଡ ସେଟିଂ ରହିଛି, ଯାହାକି ଆପଣଙ୍କୁ ଏକ ଆକର୍ଷଣୀୟ ରୂପ ପ୍ରଦାନ କରିଥାଏ। ଏହି ନୂତନ କଲେକ୍ସନ ସହ ରିଲାଏନ୍ସ ଜୁଏଲ୍ସ ମଧ୍ୟ ଏକ ସ୍ୱତନ୍ତ୍ର ଅଫରର ଶୁଭାରମ୍ଭ କରିଛି, ଯାହାର ନାମ ହେଉଛି 'ଡ୍ରିମ୍ ଡାଏମଣ୍ଡ ସେଲ୍'।



ଏହା ଫେବୃୟାରୀ ୧୪ପର୍ଯ୍ୟନ୍ତ ରହିବ। ଏହା ରିଲାଏନ୍ସ ଜୁଏଲ୍ସର ଡାଏମଣ୍ଡ ଉତ୍ପାଦ ଗୁଡ଼ିକ ଉପରେ ଇନ୍‌ଭଏସ୍ ମୂଲ୍ୟରେ ୨୫% ରିହାତି ପ୍ରଦାନ କରେ। ପାଟ୍ରନ୍ ମାନେ ମଧ୍ୟ ସେମାନଙ୍କର ପ୍ରିୟ ଡାଇମଣ୍ଡ ଜୁଏଲେରିକୁ ବାଛିବା ସମୟରେ ଏହାକୁ ଉପଲବ୍ଧ କରିପାରିବେ। ଏ ସମ୍ପର୍କରେ ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକ କହିଛନ୍ତି, ଚଳିତ ପ୍ରେମ ଋତୁରେ ଆମେ ଆମର ସମ୍ମାନନୀୟ ପାଟ୍ରନଙ୍କ ସହ ନିଜକୁ ଭଲ ପାଇବାର ବାସ୍ତବିକ ଅର୍ଥକୁ ଗ୍ରହଣ କରିଛି, ଯାହାକି ସ୍ୱପ୍ରେମ ଦ୍ୱାରା ଅନୁପ୍ରେରିତ ହୋଇଥାଏ।

# 'ସବୁବର୍ଗଙ୍କ ସହ ସମନ୍ୱୟ ରକ୍ଷାକୁ ଗୁରୁତ୍ୱାରୋପ'

ଭୁବନେଶ୍ୱର,୯।୨

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ଗୁରୁବାର ଦିନିକିଆ ସମ୍ବଲପୁର ଅଞ୍ଚଳ ଗସ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶର୍ମା ଅନୁଗୋଳ ଓ ଝାରସୁଗୁଡ଼ା ରେଳ ସେକ୍ସନ ଅନ୍ତର୍ଗତ ଜରପଡ଼ା ଷ୍ଟେଶନଠାରୁ ଝାରସୁଗୁଡ଼ା ରୋଡ୍ ଷ୍ଟେଶନ ମଧ୍ୟରେ ଚାଲୁ ରହିଥିବା ରେଳ ମାର୍ଗ ସହ ଅନ୍ୟାନ୍ୟ ରେଳ ଭିତ୍ତିଭୂମି କାର୍ଯ୍ୟର ନିରୀକ୍ଷଣ କରିଛନ୍ତି। ଏପରିକି ସେ ସମ୍ବଲପୁରଠାରେ ରେଳ ଅଧିକାରୀଙ୍କ ସହ ଉକ୍ତ ଅଞ୍ଚଳରେ ଚାଲିଥିବା ବିଭିନ୍ନ ରେଳ ପ୍ରକଳ୍ପ ଏବଂ ଭିତ୍ତିଭୂମି କାର୍ଯ୍ୟର ସମୀକ୍ଷା କରିଥିଲେ। ବିଶେଷକରି ଶର୍ମା ୱିଣ୍ଡୋ ଟ୍ରେଲିଂ ସହ ଜରପଡ଼ାଠାରୁ ଝାରସୁଗୁଡ଼ା ରୋଡ୍ ମଧ୍ୟରେ ଜାରି ରହିଥିବା ଦୋହରୀକରଣ କାର୍ଯ୍ୟକୁ ନିରୀକ୍ଷଣ କରିବା ସହ ଉକ୍ତ ମାର୍ଗରେ ଥିବା ଷ୍ଟେଶନଗୁଡ଼ିକରେ ଉପଲବ୍ଧ ବିଭିନ୍ନ ଯାତ୍ରୀ ସୁବିଧା ସହ ଟ୍ରେନ୍ ଚଳାଚଳ ପାଇଁ ବିଭିନ୍ନ ଟ୍ରାଫିକ୍ ସୁବିଧା କାର୍ଯ୍ୟ ଓ ଅନ୍ୟାନ୍ୟ ଭିତ୍ତିଭୂମି କାର୍ଯ୍ୟଗୁଡ଼ିକ ସମ୍ବନ୍ଧରେ ମଧ୍ୟ ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ ସମୀକ୍ଷା ବୈଠକରେ ସମ୍ବଲପୁର ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ବିନୀତ ସିଂହଙ୍କ ସମେତ ସମ୍ବଲପୁର ଏବଂ ପୂର୍ବତଟ ରେଳପଥ ମୁଖ୍ୟାଳୟର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ଶର୍ମାଙ୍କୁ ତାଙ୍କ ଯାଞ୍ଚ ସମୟରେ ଆବଶ୍ୟକ ସହାୟତା ପ୍ରଦାନ କରିଥିଲେ। ଏ ସମ୍ପର୍କରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶର୍ମା ରେଳ ଅଧିକାରୀମାନଙ୍କୁ ସମ୍ପୃକ୍ତ ଅଞ୍ଚଳରେ ଚାଲୁ ରହିଥିବା ରେଳ ଭିତ୍ତିଭୂମି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଏବଂ ତୃଣମୂଳସ୍ତରରୁ ସ୍ଥାନୀୟ ପ୍ରଶାସନ ସମେତ ସମସ୍ତ ଭାଗୀଦାରିମାନଙ୍କ ସହ ଘନିଷ୍ଠ ସମନ୍ୱୟ ରକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି। ଏପରିକି ସବୁବର୍ଗଙ୍କ ସହ ସମନ୍ୱୟ ରକ୍ଷାକୁ ଶର୍ମା ଗୁରୁତ୍ୱାରୋପ କରିବା ସହ ଏହାଦ୍ୱାରା ନିର୍ମାଣାଧୀନ କାର୍ଯ୍ୟ ଶୀଘ୍ର ଶେଷ ହୋଇପାରିବ ବୋଲି ସେ ମତପ୍ରକାଶ କରିଛନ୍ତି।



ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଗୁରୁବାର ସ୍ଥାନୀୟ ଓଡିଏମ୍ ଗ୍ଲୋବାଲ ସ୍କୁଲ ପରିସରରେ ଉର୍ଜା ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ପ୍ରତିଯୋଗିତାରେ ଅଂଶ ଗ୍ରହଣକରି ବିଜୟୀ ହୋଇଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ଏସ୍‌ବିଆଇ ଜେନେରାଲର 'ଆଇଡବ୍ଲ୍ୟୁଏସ୍‌ଇପି'

ନୂଆଦିଲ୍ଲୀ,୯।୨

ଦେଶର ପ୍ରମୁଖ ସାଧାରଣ ବୀମା କମ୍ପାନୀ ଏସ୍‌ବିଆଇ ଜେନେରାଲ (ଏସ୍‌ବିଆଇଜି) ଓ ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟସ ମଧ୍ୟରେ ଏକ ସହଭାଗିତା ସୃଷ୍ଟି ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏସ୍‌ବିଆଇଜିର ଇନ୍ସପାୟାର ୱିଣ୍ଟର ସ୍ପୋର୍ଟସ ଏକ୍ସଲେନ୍ସ ପ୍ରୋଗ୍ରାମ (ଆଇଡବ୍ଲ୍ୟୁଏସ୍‌ଇପି)କୁ ବଢାଇବ ଦିଗରେ ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଛି। ଏପରିକି ଜେଏସ୍‌ଡବ୍ଲ୍ୟୁ ଇନ୍ସପାୟାର ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍ପୋର୍ଟସ ସହ ଏସ୍‌ବିଆଇଜିର ନୂତନ ସହଯୋଗିତା ସ୍ଥାପନ ହୋଇଛି। ଏହା ୨୦୨୬ ଶୀତକାଳୀନ ଅଲିମ୍ପିକ୍ସ ନିମନ୍ତେ ପ୍ରସ୍ତୁତ ହେଉଥିବା ଆଥଲେଟମାନଙ୍କୁ ତାଲିମ ପ୍ରଦାନ, ମାର୍ଗଦର୍ଶନ ଏବଂ ସମର୍ଥନ ଯୋଗାଇଦେବ। ଏ ସମ୍ପର୍କରେ ଏସ୍‌ବିଆଇ ଜେନେରାଲ ଇନ୍ସ୍ୟୁରାନ୍ସର ହୋଲ୍-ଟାଇମ ଡାଇରେକ୍ଟର ଆନନ୍ଦ ପେଜାୱାର କହିଛନ୍ତି, ସମାଜର ବିଭିନ୍ନ ବର୍ଗରୁ ବିବିଧ ପ୍ରତିଭାଧାରୀଙ୍କର ଭୂମି ହେଉଛି ଭାରତ। ପ୍ରତ୍ୟେକ ଭାରତୀୟ କ୍ରୀଡ଼ାବିତ୍ ବିଭିନ୍ନ ଆନ୍ତର୍ଜାତିକ କ୍ରୀଡ଼ା ଏବଂ ଭିନ୍ନ ଭିନ୍ନ ପ୍ରକାର କ୍ରୀଡ଼ାରେ ଉତ୍କର୍ଷ ହାସଲକରି ଆସୁଛନ୍ତି। ଏସ୍‌ବିଆଇ ଜେନେରାଲ କ୍ରୀଡ଼ାରେ ଉତ୍କର୍ଷ ଆଣିବାର ପ୍ରଚେଷ୍ଟା କରୁଛି। ବିଶେଷକରି ସମ୍ପ୍ରତି ସେଭଳି ବିଶାଳ ଦୃଶ୍ୟମାନତା ନ ଥିବା କାରଣରୁ ନିମ୍ନମାନର ଆର୍ଥିକ ସମର୍ଥନ ମିଳୁଥିବା କ୍ରୀଡ଼ାଗୁଡିକରେ ଉତ୍କର୍ଷ ହାସଲ ଦିଗରେ ଉତ୍ସାହିତ କରିବାରେ ଆମେ ବିଶ୍ୱାସ ରଖୁଛୁ। ସେହିଭଳି ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟସର ସିଇଓ ମୁସ୍ତାଫା ଘାଉସେ କହିଛନ୍ତି, ଆଲ୍‌ପାଇନ ସ୍କି କ୍ରୀଡ଼ାବିତ ଆରିଫ ଖାନଙ୍କୁ ଗତ ଶୀତକାଳୀନ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି କ୍ଷେତ୍ରରେ ଆମର ସମର୍ଥନ ଜରିଆରେ ଏବଂ ପରବର୍ତ୍ତୀ ସମୟରେ ସେ ହାସଲ କରିଥିବା ସଫଳତାକୁ ଲକ୍ଷ୍ୟକରି ଆମେ ଶୀତକାଳୀନ କ୍ରୀଡାର ବିକାଶ କ୍ଷେତ୍ରରେ ଅଧିକ ନିବିଡ଼ ଭାବେ ସଂପୃକ୍ତ ହେବାର ଆତ୍ମବିଶ୍ୱାସ ଲାଭ କରିଥିଲୁ।

## ଫୁର୍‌ସତ



କ୍ରିତି ସାନନ୍

# ଗୁଜବକୁ ଖଣ୍ଡନ କଲେ କ୍ରିତି

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ୍ ଏବଂ ଅଭିନେତା ପ୍ରଭାସଙ୍କ ନିର୍ବନ୍ଧକୁ ନେଇ କିଛିଦିନ ହେବ ବିଭିନ୍ନ କଥା ଶୁଣିବାକୁ ମିଳୁଥିଲା। ଫିଲ୍ମ 'ଭେଡିଆଁ'ର ପ୍ରମୋଶନ ପରେ ଏହି ଖବର ନେଇ ଚର୍ଚ୍ଚା ଜୋରଧରିଛି। ଦୁହିଁଙ୍କ ମଧ୍ୟରେ କ'ଣ ସମ୍ପର୍କ ରହିଛି ସେ ନେଇ କ୍ରିତି ମୁହଁ ଖୋଲିଛନ୍ତି। ସେ ଇନ୍‌ଷ୍ଟାଗ୍ରାମ ଜରିଆରେ ଏକ ପୋଷ୍ଟ ଶେୟାର କରି ପ୍ରଭାସଙ୍କ ସହ ବିବାହ ଖବରକୁ ଖଣ୍ଡନ କରିଛନ୍ତି। ସେ ପୋଷ୍ଟରେ ଲେଖିଛନ୍ତି, 'ଗୁଜବ ସମ୍ପୂର୍ଣ୍ଣ ଭିତ୍ତିହୀନ'। ଏଥିସହ ପ୍ରଭାସଙ୍କ ଟିମ୍ ମଧ୍ୟ ଏହି ଗୁଜବକୁ ଖଣ୍ଡନ କରିଛି। ସେମାନେ କହିଛନ୍ତି, ପ୍ରଭାସ ଏବଂ କ୍ରିତି କେବଳ ଭଲ ବନ୍ଧୁ, ସେମାନଙ୍କ ମଧ୍ୟରେ ପ୍ରେମସମ୍ପର୍କ ସମ୍ପୂର୍ଣ୍ଣ ଗୁଜବ। ନିର୍ବନ୍ଧ କଥା ପୂରା ମିଥ୍ୟା ବୋଲି ଟିମ୍ କହିଛନ୍ତି। ପୂର୍ବରୁ ମଧ୍ୟ ପ୍ରଭାସ ଏ ଗୁଜବକୁ ଖଣ୍ଡନ କରିଛନ୍ତି। ତେବେ ପ୍ରଭାସ ଏବଂ କ୍ରିତି ଦୁହେଁ ପ୍ରଥମ ଥର ପାଇଁ 'ଆଦିପୁରୁଷ'ରେ ସ୍କ୍ରିନ୍ ଶେୟାର କରିବେ। ଏହି ଫିଲ୍ମରେ ସେମାନଙ୍କ ବ୍ୟତୀତ ଅମିତାଭ ବଚ୍ଚନ, କାଜୋଲ୍, ସୈଫ୍‌ଅଲି ଖାନ୍ ମୁଖ୍ୟ ଚରିତ୍ରରେ ନଜରକୁ ଆସିବେ। ସିନେମା ଆସନ୍ତା ଜୁନ୍ ୧୬ରେ ବଡ଼ ପରଦାରେ ମୁକ୍ତିଲାଭ କରିବ।

# ୭୨୦ ବର୍ଷ ପୁରୁଣା ଟାଟୁ ଦୋକାନ

ଜେରୁଜେଲମ୍: ବର୍ତ୍ତମାନ ଯୁବପିଢିଙ୍କ ମଧ୍ୟରେ ଟାଟୁର ଚାହିଦା ଅଧିକ ରହିଛି। ବିଭିନ୍ନ ଦେଶରେ ଲୋକେ ଭିନ୍ନ ଭିନ୍ନ ପ୍ରକାରର ଟାଟୁ କରୁଥିବା ଦେଖିବାକୁ ମିଳୁଛି। ଏଥିପାଇଁ ବହୁ ମାତ୍ରାରେ ଟାଟୁ ଦୋକାନ ଖୋଲି ଗଲାଣି। ତେବେ ସବୁଠାରୁ ପୁରୁଣା ଟାଟୁ ଦୋକାନ ଏବେ ବି ରହିଛି। ଯାହା ୭୨୦ ବର୍ଷର ପୁରୁଣା। ଯାହାର ନାମ ରହିଛି 'ରାଜୌକ୍ ଟାଟୁ, ଟାଟୁ ୱିଥ୍ ହେରିଟେଜ୍ ୧୩୦୦'। ଏହାକୁ ୨୦୨୨ରେ ବିଶ୍ୱର ସବୁଠାରୁ ପୁରୁଣା ଟାଟୁ ଦୋକାନ ଭାବେ ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ମିଳି ସାରିଛି। ଏହି ଟାଟୁ ଦୋକାନ ଜେରୁଜେଲମ୍‌ର ପୁରୁଣା ସହରରେ ରହିଛି। ରିପୋର୍ଟ ମୁତାବକ, ରାଜୌକଙ୍କ ପରିବାର କପଟିକ୍ ଖ୍ରୀଷ୍ଟିଆନ୍ ହୋଇଥିବାବେଳେ ଇଜିପ୍ଟରେ ଟାଟୁ ଏକ ପୁରୁଣା ଚିରାଚରିତ ପ୍ରଥା ଭାବେ ପ୍ରଚଳିତ। ସେଠାରେ ଟାଟୁ କରି ନିଜ ଧର୍ମକୁ ଦର୍ଶା ଯାଉଥିଲା। ୬୪୦ମସିହା ବେଳକୁ ଇଜିପ୍ଟରେ ଧର୍ମ ପରିବର୍ତ୍ତନ ପାଇଁ ଖ୍ରୀଷ୍ଟିଆନମାନଙ୍କୁ ବହୁ ମାତ୍ରାରେ ବାଧ କରାଯାଉଥିଲା। ସେତେବେଳେ ସେମାନେ ଟାଟୁ କରି ନିଜକୁ ଅନ୍ୟ ଧର୍ମକୁ ପରିବର୍ତ୍ତନ ହେବାକୁ ବଞ୍ଚାଉଥିଲେ। ଯେତେବେଳେ ରାଜୌକ ପରିବାର ଇଜିପ୍ଟରୁ ଜେରୁଜେଲମ୍ ଗଲେ ସେତେବେଳେ ସେମାନେ ଏହି ପ୍ରଥାକୁ ବଳବତ୍ତର ରଖିଲେ। ପରେ ତାଙ୍କ ପରିବାର ବର୍ଷ ୧୩୦୦ରେ ଟାଟୁ ଦୋକାନ ଆରମ୍ଭ କଲେ। ଏବେ ତାଙ୍କ ପରିବାରର ୨୭ତମ ପିଢି ଚାଲିଥିବା ସୂଚନା ମିଳିଛି।




# ସଚେତନତା ହିଁ ନିଦାନ

ଦେଶର ପ୍ରତ୍ୟେକ ଶିଶୁଙ୍କୁ କୃମି ମୁକ୍ତ କରିବା ପାଇଁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏକ ପଦକ୍ଷେପ ଗ୍ରହଣ କରିଛି। ପ୍ରତିବର୍ଷ ଫେବୃୟାରୀ ୧୦ରେ ଜାତୀୟ କୃମିନାଶକ ଦିବସ ପାଳନ କରାଯାଉଛି। ସ୍ୱଳ୍ପ ସମୟ ମଧ୍ୟରେ ବହୁ ସଂଖ୍ୟକ ପିଲାଙ୍କ ନିକଟରେ ପହଞ୍ଚୁଥିବା ଏହା ହେଉଛି ସର୍ବ ବୃହତ୍ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ। ୨୦୧୫ଠାରୁ ଏହା କାର୍ଯ୍ୟକାରୀ ହେଉଛି। ହେଲମିନଥସ (କୃମି) ଦୂଷିତ ମାଟି ମାଧ୍ୟମରେ ଛୋଟପିଲାଙ୍କୁ ଆକ୍ରାନ୍ତ କରିଥାଏ। ହେଲମିନଥ ସଂକ୍ରମଣ ଯୋଗୁ ରକ୍ତହୀନତା, ପୁଷ୍ଟିହୀନତା, ଶାରୀରିକ, ମାନସିକ ଏବଂ ଜ୍ଞାନଗତ ବିକାଶରେ ଦୁର୍ବଳ ସମସ୍ୟା ସୃଷ୍ଟି ହୋଇଥାଏ। ଏହି ଜାତୀୟ ସ୍ୱାସ୍ଥ୍ୟ ଦିବସର ଉଦ୍ଦେଶ୍ୟ ହେଉଛି ଶିଶୁଙ୍କର ସ୍ୱାସ୍ଥ୍ୟ, ପୁଷ୍ଟିକର ସ୍ଥିତି, ଶିକ୍ଷା ତଥା ଗୁଣାତ୍ମକ ମାନର ଉନ୍ନତି ପାଇଁ ବିଦ୍ୟାଳୟ ଏବଂ ଅଙ୍ଗନୱାଡି କେନ୍ଦ୍ରର ପ୍ଲାଟଫର୍ମ ମାଧ୍ୟମରେ ସମସ୍ତ ପିଲାଙ୍କୁ କୃମି ମୁକ୍ତ କରାଇବା। ୧ରୁ ୧୪ ବର୍ଷ ବୟସର ପ୍ରାୟ ୨୪୧ ନିୟୁତ ପିଲା ଭାରତରେ କୃମି ଦ୍ୱାରା ସଂକ୍ରମିତ ହୋଇଥା'ନ୍ତି। ଏହି ଦିବସରେ ସଚେତନତା ସୃଷ୍ଟି କରାଯିବା ସହିତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ।

**ଜାତୀୟ କୃମିନାଶକ ଦିବସ**



# ପ୍ରେମ ଦିବସ ପାଇଁ ୧୪୪ ଧାରା

**ଲକ୍ଷ୍ନୌ:** କୋଭିଡ୍-୧୯ ମହାମାରୀ ସମ୍ପୂର୍ଣ୍ଣ ଯାଇ ନ ଥିଲେ ମଧ୍ୟ ବହୁ ମାତ୍ରାରେ ସେଥିରୁ ଦେଶ ମୁକ୍ତି ପାଇଛି। ବର୍ତ୍ତମାନ ପ୍ରେମୀଯୁଗଳଙ୍କ ପାଇଁ ପ୍ରେମ ସପ୍ତାହ ଚାଲିଛି। ଏହା ପାଳନ ହେଲେ ଅଧିକ ଗହଳି ହେବା ନେଇ ଆଶଙ୍କା କରାଯାଇଛି। ଏଥିପାଇଁ ଉତ୍ତର ପ୍ରଦେଶ ନୋଏଡାରେ ୧୪୪ ଧାରା ଲାଗୁ କରାଯାଇଛି। ଏହାକୁ ଉଲ୍ଲଂଘନ କଲେ ଆଇପିସି ଧାରା ୧୮୮ରେ ଦଣ୍ଡ ଦିଆଯିବ ବୋଲି ନୋଏଡା ପୋଲିସ ଜଣାଇଛି। ଏଥିସହ ୧୮ ତାରିଖରେ ଶିବରାତ୍ରି ଅଛି। ସେଥିପାଇଁ ଏହି ଧାରାର ଅବଧି ଆଉ କିଛିଦିନ ବୃଦ୍ଧି କରାଯାଇଛି। ଗତ ୪ ତାରିଖରୁ ଏହି ଧାରା ଲାଗୁ ହୋଇଥିବାବେଳେ ମାସ ଶେଷ ଅର୍ଥାତ୍ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ।

# ମୂର୍ତ୍ତି ବିକ୍ରେତାଙ୍କ ୭ ସ୍ତ୍ରୀ, ୯ ପିଲା

**ବ୍ୟାଙ୍କକ୍:** ପେସାରେ ଜଣେ ମୂର୍ତ୍ତି ବିକ୍ରେତା ହୋଇଥିବାବେଳେ ତାଙ୍କର ୭ ସ୍ତ୍ରୀ ଥିବା ନେଇ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ୩୪ ବର୍ଷୀୟ ଯୁବକ ନଙ୍ଗାପୋଙ୍ଗ ଛବେଲେମ୍ ତାଙ୍କ ସ୍ତ୍ରୀମାନଙ୍କ ସହ ୯ ପିଲାଙ୍କୁ ନେଇ ଥାଇଲାଣ୍ଡର ନାଖୋମ୍ ପ୍ରଥମ ପ୍ରାନ୍ତରେ ରହୁଛନ୍ତି। ସେ କହିଛନ୍ତି, ସେ ତାଙ୍କର ସମସ୍ତ ସ୍ତ୍ରୀଙ୍କୁ ବିଭିନ୍ନ ଉପାୟରେ ପାଇଛନ୍ତି। କିନ୍ତୁ ସେ ସମସ୍ତଙ୍କୁ ସତ କହିଛନ୍ତି। ସେଥିପାଇଁ ତାଙ୍କୁ ୭ ସ୍ତ୍ରୀ ବହୁତ ଭଲ ପାଉଥିବା କହିଛନ୍ତି। ସେମାନଙ୍କ ମଧ୍ୟରେ ବ୍ୟବହାର ବହୁତ ଭଲ। କେହି କାହା ସହ ଝଗଡ଼ା କରନ୍ତିନାହିଁ। ଏକାଠି ଚଳନ୍ତି। ମୋତେ ସେମାନଙ୍କୁ ନେଇ କୌଣସି ସମସ୍ୟା ହୁଏନାହିଁ। ସ୍ତ୍ରୀମାନେ କହିଛନ୍ତି, ବର୍ତ୍ତମାନ ସମୟରେ ଜଣେ ସ୍ତ୍ରୀ ଥିଲେ ମଧ୍ୟ ତାକୁ ଆୟତ୍ତ କରିବା ସହଜ ହୋଇ ନ ଥାଏ। ତେବେ ଏକାଥରେ ଏତେଜଣଙ୍କୁ ବିବାହ କରି ରଖିପାରିବା କଷ୍ଟ ହୋଇଥାଏ। କିନ୍ତୁ ନଙ୍ଗାପୋଙ୍ଗଙ୍କ ପାଖରେ ଏହା ସମ୍ଭବ ବୋଲି ତାଙ୍କ ସ୍ତ୍ରୀମାନେ କହିଛନ୍ତି।



# ଅଳିଆରୁ ମିଳିଲା ଦାମୀ ଜିନିଷ

**ଲଣ୍ଡନ:** ଅଳିଆ ବିକ୍ରି କରୁଥିବା ଜଣେ ବ୍ୟକ୍ତି ନିକଟରେ କିଛି ଦାମୀ ଜିନିଷ ପାଇଥିବା ଜଣାପଡ଼ିଛି। ଯାହା ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ବ୍ରିଟେନ୍‌ର କେଣ୍ଟରେ ରହୁଥିବା ୪୭ ବର୍ଷୀୟ ମାର୍ଟିନ୍ ଛୋଟବେଲୁ ଅଳିଆ ଉଠାଇ ତାକୁ ନବୀକରଣ ପାଇଁ ବିକ୍ରି କରୁଥିଲେ। ପରେ ଏହି କାମ ତାଙ୍କ ପେସା ପାଲଟିଗଲା। ତାକୁ ବିକି ପରିବାର ଚଳାଉଛନ୍ତି। ସେ ବର୍ତ୍ତମାନ ସପ୍ତାହକୁ ୨୦ ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା କହିଛନ୍ତି। ଆଗରୁ ତାଙ୍କୁ ଅଳିଆରୁ ମୂଲ୍ୟବାନ୍ ଜିନିଷ ମିଳିଥିଲା। ହେଲେ ଏଥର ଯାହା ମିଳିଥିଲା, ତାକୁ ଦେଖି ସେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଅଳିଆ ଭିତରୁ ମାର୍ଟିନ୍‌ଙ୍କୁ ଏକ କମ୍ପାନୀର ଦାମୀ ଜୋତା, ଆଇ ଫୋନ ସହ ଦାମୀ ବ୍ୟୁଟି ସାମଗ୍ରୀ ମିଳିଥିଲା। ଯାହାର ମୂଲ୍ୟ ପାଖାପାଖି ୧ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି।



## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ବ୍ୟବସାୟୀଙ୍କ ମୃତ୍ୟୁ

ରାଜନଗର, ୯।୨(ଡି.ଏନ.ଏ.)

ରାଜନଗର ଥାନା କେରେଡାଗଡ଼ ଗାଁର ଯୁବ ବ୍ୟବସାୟୀ ଦିଲୀପ ସାହୁଙ୍କର ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଗତ ୭ ତାରିଖରେ କେନ୍ଦ୍ରାପଡ଼ାରୁ ଗାଁକୁ ଫେରୁଥିବା ବେଳେ ଜଜାଙ୍ଗ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ପଳାଇ ଥିଲା। ଦିଲୀପଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୪୭ ବର୍ଷ ବୟସ ହୋଇଥିଲା। ସେ କେରେଡାଗଡ ବଜାରରେ ଷ୍ଟେସନାରି ଦୋକାନ କରିଥିଲେ। ତାଙ୍କ ମୃତ୍ୟୁରେ କେରେଡାଗଡ ଜଗନ୍ନାଥ ବଜାର ବଣିକ ସଂଘ ପକ୍ଷରୁ ଦୋକାନ ବଜାର ବନ୍ଦ ରହିଥିଲା। ବଣିକ ସଂଘର ସଦସ୍ୟମାନେ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ପଟ୍ଟାମୁଣ୍ଡାଇ ବ୍ଲକରେ ନୂତନ ବିଡିଓ

ପଟ୍ଟାମୁଣ୍ଡାଇ,୯।୨(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକର ନୂତନ ବିଡିଓ ଭାବେ କଣ୍ଟାପଡାର ଅତିରିକ୍ତ ତହସିଲଦାର ଶୁଭ୍ରାଂଶୁ କୁମାର ସାହୁ ବିଦାୟୀ ବିଡ଼ିଓ ଭରତ ଚନ୍ଦ୍ର ପରିଡାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ପଟ୍ଟାମୁଣ୍ଡାଇ ବିଡିଓ ଭାବେ କାର୍ଯ୍ୟରତ ପରିଡାଙ୍କ ଜଗତ୍‌ସିଂହପୁର ଜିଲା ଡେପୁଟି କଲେକ୍ଟର ଭାବେ ବଦଳି ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକର ନୂତନ ବିଡିଓ ସାହୁ କାର୍ଯ୍ୟଭାର ଗ୍ରହଣ କରିବା ପରେ ବ୍ଲକର କର୍ମଚାରୀମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ବିଭିନ୍ନ ବିଭାଗର ସରକାରୀ ପଦାଧିକାରୀଙ୍କୁ ନେଇ ନୂତନ ବିଡିଓ ବ୍ଲକର ବିଭିନ୍ନ କାର୍ଯ୍ୟକ୍ରମ ସମୀକ୍ଷା କରିଥିଲେ। ପରେ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ବ୍ଲକର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ତ ସରକାରୀ ଯୋଜନାର ସଫଳ ରୂପାୟନ କରିବା ଦିଗରେ ବ୍ଲକ ପ୍ରଶାସନ କାର୍ଯ୍ୟ କରିବାକୁ ବ୍ଲକ ଅଧକ୍ଷ ପରାମର୍ଶ ଦେଇଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ନୂତନ ବିଡିଓ ସାହୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରାଯିବ, ଏ ଦିଗରେ ସମସ୍ତଙ୍କ ସହଯୋଗ ସେ କାମନା କରିଥିଲେ।

### ହତ୍ୟା ମାମଲା ରୁଜୁ କଲା ପୋଲିସ

**ସାମାଜିକ କର୍ମୀ ନୈନା ସାହୁ ମୃତ୍ୟୁ ଘଟଣା**

କେନ୍ଦୁଝର,୯।୨(ସ୍ୱ.ପ୍ର.): ସାମାଜିକ କର୍ମୀ ନୈନା ସାହୁଙ୍କ ମୃତ୍ୟୁ ଘଟଣାରେ ପୋଲିସ ଗୁରୁବାର ହତ୍ୟା ମାମଲା ରୁଜୁ କରିଛି। ଘଟଗାଁ ପୋଲିସ ମାମଲା ପରିବର୍ତ୍ତନ କରି ଦଫା ୩୦୨ରେ ହତ୍ୟା ମାମଲା ରୁଜୁ କରିଛି। ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲିଥିବା ଘଟଗାଁ ଥାନା ଅଧିକାରିଣୀ ପ୍ରତିଭା ସାହୁ କହିଛନ୍ତି। ତେବେ ଅଦ୍ୟାବଧି ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳି ନ ଥିବା କହିଛନ୍ତି। ପ୍ରକାଶ ଯୋଗ୍ୟ, ଡିସେମ୍ବର ୨୮ ରେ ଘଟଗାଁ ବାଇପାସ ନିକଟରେ ଦୁର୍ଘଟଣାରେ ନୈନାଙ୍କ ମୃତ୍ୟୁ ହୋଇଥିବା ନେଇ ଥାନାରେ ରିପୋର୍ଟ ହୋଇଥିଲା। ପରେ ଏହା ଦୁର୍ଘଟଣା ନୁହେଁ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ।

# ଏନ୍‌ଜିଟି ନିଷିଦ୍ଧାଞ୍ଚଳ ସ୍ଥାନରୁ ବାଲିମାଟି ଉଠାଣ

ପଟ୍ଟାମୁଣ୍ଡାଇ,୯।୨(ସ୍ୱ.ପ୍ର.)

ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି) ବ୍ରାହ୍ମଣୀ ନଦୀ ଶର୍ଯ୍ୟାରୁ ବାଲି ମାଟି ଉଠାଣକୁ ନିଷିଦ୍ଧାଞ୍ଚଳ ଘୋଷଣା କରିଥିଲେ। ହେଲେ ଉକ୍ତ ସ୍ଥାନରୁ ଏବେ ଦୈନିକ ଶତାଧିକ ହାଇୱା ଓ ଟ୍ରାକ୍ଟରରେ ବାଲିମାଟି ବୁହା ଚାଲିଛି। ଏହି ସ୍ଥାନରୁ ମାଟି ଉଠାଣକୁ ନେଇ ପୂର୍ବରୁ ଏନ୍‌ଜିଟି କେନ୍ଦ୍ରାପଡ଼ା ଜିଲା ପ୍ରଶାସନକୁ କଡ଼ା ଭାଷାରେ ସମାଲୋଚନା କରିଥିଲା। ଏନ୍‌ଜିଟି ମାଟି ମାଫିଆଙ୍କଠାରୁ ଲକ୍ଷାଧିକ ଟଙ୍କାର ଜରିମାନା ଆଦାୟ କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲା। ତେବେ ପ୍ରଶାସନିକ ଅଧିକାରୀ ଏନ୍‌ଜିଟିର ନିର୍ଦ୍ଦେଶକୁ ଦଳି ଚକଟି ସମସ୍ତ କଟକଣାକୁ ଫୁ କରି ବାଲିମାଟି ଖୋଳୁଥିବା ଏକ ଠିକା ସଂସ୍ଥା ବିରୋଧରେ କୌଣସି ପଦକ୍ଷେପ ନ ନେଇ ନୀରବତା ଅବଲମ୍ବନ କରିଥିବା ଲୋକେ ଅଭିଯୋଗ କରିଛନ୍ତି।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ତହସିଲ ଅଧୀନ ବ୍ରାହ୍ମଣୀ ନଦୀ ନିକଟ କଷଣଅଣ୍ଟାଠାରେ ଥିବା ପଠାରୁ ତୁଳି ଆଣ୍ଡ ସନ୍ ଠିକା ସଂସ୍ଥା କ୍ରିଟିକାଲ କେଆର ହସ୍ପିଟାଲ ନିର୍ମାଣ ଆଳରେ ଶତାଧିକ ଟ୍ରିପ ହାଇୱାରେ ମାଟିବାଲି ଉଠାଣ କରୁଥିବା ନେଇ ତହସିଲଦାରଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିଥିଲେ। ମାଟିବାଲି ଉଠାଣ ଦ୍ୱାରା ଉତିକଣ ବନ୍ୟା ନିରୋଧକ ବନ୍ଧ ଓ ପତ୍ରପୁର ପୋଲ ପ୍ରତି ବିପଦ ସୃଷ୍ଟି କରିବ ବୋଲି ଗ୍ରାମବାସୀ କହିଛନ୍ତି। ତହସିଲଦାର ବେଆଇନ ମାଟି ଉଠାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ମାତ୍ର ତହସିଲଦାର ଏ ବାବଦରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ସେଠାରେ ଏକ କେନାଲ ସୃଷ୍ଟି ହେଲାଣି। ଏ ସମ୍ପର୍କରେ ବୁଦ୍ଧିଜୀବୀ ମିଟୁ ଦାସ କହିଛନ୍ତି ଯେ, ନଦୀ ଶର୍ଯ୍ୟାରୁ ବାଲି ଉଠାଣରେ ବହୁ କଟକଣା ଅଛି। ନଦୀଶଯ୍ୟାର ଏକ ପଞ୍ଚମାଂଶରୁ ଉର୍ଦ୍ଧ୍ୱ ବାଲି ଉଠାଣକୁ ପରିବେଶ ବିଭାଗ ପକ୍ଷରୁ ରୋକା ଯାଇଛି। ସେହିପରି ପାନୀୟ ଜଳ ପ୍ରକଳ୍ପ, ବନ୍ଧ, ନଦୀ, ପୋଲ ନିକଟଠାରୁ ୩୦୦ ମିଟର ମଧ୍ୟରେ ବାଲିଉଠା ହୋଇ ପାରିବ ନାହିଁ। ପରିବେଶ ପ୍ରଦୂଷଣ ମୁକ୍ତ ଗାଡ଼ି ଏହି ପରିବହନରେ ନିୟୋଜିତ ହେବ। ବାଲି ନେବା ସମୟରେ ଗାଡ଼ି ଉପରେ ପାଲ ବାନ୍ଧିବାକୁ ନିୟମ ରହିଛି। ଏଥିସହ ନଦୀପଥକୁ ସୁରକ୍ଷା ଦେବା ପାଇଁ ବହୁ ନିୟମ ରହିଛି। ତେବେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଏହି ନିୟମକୁ ଉପେକ୍ଷା କରାଯାଉଛି। ତେଣୁ ପତ୍ରପୁର ପୋଲର ସୁରକ୍ଷା ଦିଗରେ ଜିଲା ପ୍ରଶାସନ ଧ୍ୟାନ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି। ଏ ନେଇ ତୁଳି ଆଣ୍ଡ ସନ୍ ଠିକା ସଂସ୍ଥା ମାଲିକ ପରିକ୍ଷିତ ତୁଳିଙ୍କୁ ପଚାରିବାରେ ସରକାରୀ କାମ ହେଉଛି। ଏଠାରେ ବାଲି ମଲୁ ନ ଥିବାରୁ ପଠାରୁ ଉଠାଇବାକୁ ବାଧ ହେଉଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ଦୁର୍ଗାପ୍ରସାଦ ମହାରଣାଙ୍କୁ ପଚାରିବାରେ, ଅଧିକ ବାଲି ଉଠାଣ ଓ ପରିବେଶ ମଞ୍ଜୁରୀ ସଂକ୍ରାନ୍ତ କାଗଜପତ୍ର ତନଖି କରାଯିବ। ଅଭିଯୋଗର ସତ୍ୟତା ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଅଳଭା, କଷଣଅଣ୍ଟା, ବାଲିପଡା, ବାଲିପାଟଣା, ଖରିପାଳ, ମଣ୍ଡପଡା, ବାଛରା, ଶାଶନ, ଶ୍ରୀରାମପୁର ପ୍ରଭୃତି ବ୍ରାହ୍ମଣୀ ନଦୀ ପଠାରୁ ବାଲିମାଟି ଉଠାଣକୁ ନେଇ ୨୦୧୯ ମସିହାରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲରେ ମାମଲା ରୁଜୁ କରାଯାଇଥିଲା। ଏ ସଂକ୍ରାନ୍ତରେ ଏନ୍‌ଜିଟିରେ ସମ୍ପୂର୍ଣ୍ଣ ମାଟି ଉଠାଣକୁ ବନ୍ଦ କରିଥିଲେ। ମାତ୍ର ପତ୍ରପୁର ପୋଲର ୧ କିମି ଭିତରେ ବାଲିମାଟିକୁ ଜେସିବି ଲଗାଇ ହାଇୱାରେ ପରିବହନ କରାଯାଉଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।



ଜେସିବି ଲଗାଇ ନଦୀ ପାଖରୁ ବାଲିମାଟି ଖୋଳା ଯାଇ ଟ୍ରାକ୍ଟରରେ ଲୋଡ କରାଯାଉଛି।

# ଦିନକରେ ୭୪ ଟ୍ରେନ୍‌ରୁ ପଣ୍ୟ ଖଲାସ ରେକର୍ଡ

**ପାରାଦୀପ ବନ୍ଦର**

ପାରାଦୀପ,୯।୨(ସ୍ୱ.ପ୍ର.)

ପାରାଦୀପ ବନ୍ଦର ବୁଧବାର ୨୪ ଘଣ୍ଟାରେ ୭୪ ମାଲବାହୀ ଟ୍ରେନରୁ ପଣ୍ୟ ବୋଝେଇ ଖଲାସ କରି ରେକର୍ଡ କରିଛି। ଏହା ବନ୍ଦର ଇତିହାସରେ ସର୍ବାଧିକ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ପୂର୍ବରୁ ୨୦୨୨ ମାର୍ଚ୍ଚ ୩୧ରେ ୭୩ ମାଲବାହୀ ଟ୍ରେନରୁ ପଣ୍ୟ ବୋଝେଇ ଖଲାସ ହୋଇଥିଲା। ଏହି ୭୪ଟି ଟ୍ରେନ ମଧ୍ୟରୁ ୪୭ ଆନ୍ତଃ ବୋଝେଇ ଥିବା ଦର୍ଶାଯାଇଛି।

# 'ଦଶ ବର୍ଷର ଆଧାର କାର୍ଡ ଥିଲେ ନବୀକରଣ କର'

ଜଗତ୍‌ସିଂହପୁର ଅଫିସ, ୯।୨

ଆଧାର କାର୍ଡ ବ୍ୟକ୍ତିର ପରିଚୟ ପ୍ରମାଣପତ୍ର ଭାବେ ବ୍ୟବହାର କରାଯାଉଛି। ଏଥିସହ ବିଭିନ୍ନ ସରକାରୀ ଯୋଜନା ଓ ସୁବିଧା ପାଇଁ କାର୍ଯ୍ୟକାରୀ କରାଯାଉଛି । ତେଣୁ ୧୦ବର୍ଷ ପୂର୍ବରୁ ଯେଉଁମାନେ ଆଧାର କାର୍ଡ କରିଥିଲେ, ସେମାନେ ତୁରନ୍ତ ନବୀକରଣ କରିନେବା ଉଚିତ୍ । ଆଧାର କାର୍ଡର ଅପବ୍ୟବହାର ରୋକିବା ପାଇଁ ଏଭଳି ପଦକ୍ଷେପ ନିଆଯାଉଛି। ଏହି ତଥ୍ୟକୁ ବ୍ୟକ୍ତିଗତ ବିବରଣୀ ସହ ଅପଡେଟ କରିବା ଆବଶ୍ୟକ। ଆଧାର ପ୍ରାମାଣୀକିକରଣ ଯାଞ୍ଚରେ ଯେପରି କୌଣସି ଅସୁବିଧା ନ ହୁଏ, ସେଥିପ୍ରତି ପ୍ରତ୍ୟେକଙ୍କୁ ସଚେତନ ହେବାକୁ ପଡ଼ିବ । ତେଣୁ ନିକଟସ୍ଥ ଆଧାର କେନ୍ଦ୍ରକୁ ଯାଇ ଆଧାର କାର୍ଡରେ ଆବଶ୍ୟକ ସଂଶୋଧନ/ନବୀକରଣ କରିନେବା ଜରୁରୀ । ସେହିପରି ରାଶନ ବିତରଣ କେନ୍ଦ୍ରରେ ମଧ୍ୟ ହିତାଧିକାରୀମାନେ ସେମାନଙ୍କ ଆଧାର କାର୍ଡ ଅପଡେଟ୍ କରିନେବା ଆବଶ୍ୟକ। ୨୫ ଟଙ୍କା ଖର୍ଚ୍ଚ କରି ଅନ୍‌ଲାଇନ ମାଧ୍ୟମରେ ମଧ୍ୟ ସଂଶୋଧନ କରାଯାଇପାରିବ। ନଚେତ ଆଧାର କେନ୍ଦ୍ରଗୁଡିକରେ ୫୦ ଟଙ୍କା ଦେଇ ଅପଡେଟ୍ କରିହେବ। ଅନଲାଇନ ମୋଡରୁ ୟୁଆର୍‌ଏନ୍ ନମ୍ବର ଥିବା ରସିଦ, ଇଆଇଡି ନମ୍ବର କିମ୍ବା ଦେୟ ଦେବାକୁ ଥିବା ରସିଦ ଆଧାର କେନ୍ଦ୍ରରୁ ସଂଗ୍ରହ କରିବାକୁ ଭୁଲିବା ଉଚିତ ନୁହେଁ। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରେସ ଇସ୍ତାହାର ମାଧ୍ୟମରେ ଏହି ସୂଚନା ଦିଆଯାଇଛି।

# ଏଏମ୍‌ଏନ୍‌ଏସ୍ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ




ସଡ଼କ ସୁରକ୍ଷା ସପ୍ତାହରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ।

ପାରାଦୀପ,୯।୨(ସ୍ୱ.ପ୍ର.)

ପାରାଦୀପର ଏଏମ୍‌ଏନ୍‌ଏସ୍ (ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ) କମ୍ପାନୀ ପକ୍ଷରୁ ୩୪ତମ ସଡ଼କ ସୁରକ୍ଷା ସପ୍ତାହ ଗୁରୁବାର ପାଳିତ ହୋଇଯାଇଛି। ଏନେଇ କମ୍ପାନୀ ପରିସର ଓ ନୂଆଗଡ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ କମ୍ପାନୀ କର୍ମଚାରୀ, ଶ୍ରମିକ, ବ୍ୟବସାୟ ସହଯୋଗୀ ଓ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। ଏହି ଅବସରରେ ଦୁର୍ଘଟଣା କିପରି ନ ହେବ ସେନେଇ ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ କମ୍ପାନୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି, ପ୍ଲାଣ୍ଟ ମୁଖ୍ୟ ୟୁଏସ୍‌ଆର ରାଜୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଫାଇନାଲରେ କଟକର ଆର୍‌ସିସି ୟଙ୍ଗ୍‌ଷ୍ଟାର

**ଡେରାବିଶ କପ୍ କ୍ରିକେଟ ଟୁର୍ନାମେଣ୍ଟ**

ଡେରାବିଶ, ୯।୨ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ମିନି ଷ୍ଟାଡିୟମରେ ଚାଲିଥିବା ଡେରାବିଶ କପ୍ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମ୍ୟାଚରେ ପୁରୀର ସୋବର୍ସ ସ୍ପୋର୍ଟିଂ ଟିମ୍‌କୁ ହରାଇ କଟକର ଆରସିସି ୟଙ୍ଗଷ୍ଟାର କ୍ରିକେଟ ଟିମ୍ ଫାଇନାଲରେ ପ୍ରବେଶ କରିଛି। ଏହି ଟୁର୍ନାମେଣ୍ଟରେ ଓଡ଼ିଶାର ବିଭିନ୍ନ ଜିଲାରୁ ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଆରସିସି ୟଙ୍ଗଷ୍ଟାର କଟକ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୨ ଓଭରରେ ୮ ଉଇକେଟ ହରାଇ ୧୮୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମନୋଜ ପ୍ରଧାନ ସର୍ବାଧିକ ୪୯ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ସୋବର୍ସ ସ୍ପୋର୍ଟିଂ ପୁରୀ ଟିମ୍ ନିର୍ଦ୍ଧାରିତ ୨୨ ଓଭରରେ ୮ ଉଇକେଟ ହରାଇ ୧୬୦ ରନ କରି ପରାଜିତ ହୋଇଥିଲା। ଆରସିସି ୟଙ୍ଗଷ୍ଟାର ଟିମର ବ୍ରଜକିଶୋର ବେହେରା ୨୮ ରନ ବିନିମୟରେ ୪ ଉଇକେଟ ନେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଲଳିତେନ୍ଦୁ ପଣ୍ଡା ଓ ପ୍ଲାବନ କୁମାର ସ୍ୱାଇଁ ମ୍ୟାଚ ପରିଚାଳନା କରିଥିବା ବେଳେ ମ୍ୟାଚରେ ଶିକ୍ଷାବିତ୍ ଗରୁଡ ଚନ୍ଦ୍ର ସାହୁ, ଏଣ୍ଡର ସମବାୟ ସମିତି ସମ୍ପାଦକ ମନୋରଞ୍ଜନ ଦାସ, ଶିକ୍ଷୟିତ୍ରୀ ସସ୍ମିତା ମିଶ୍ର, ସିଆରସିସି ଲଲାଟ କେଶରୀ ଭୁୟାଁ, ଖବରଦାତା ପ୍ରମୋଦ ପ୍ରତାପ, ବେବର୍ତ୍ତା ଅଜୟ ଦାସ, ଖୁରସିଦ ଆଲମ ଖାଁ, ଜ୍ୟୋତିର୍ମୟ ଜେନା ଓ ପ୍ରମୋଦ ପ୍ରଧାନ ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଡେରାବିଶ କ୍ରିକେଟ ଆସୋସିଏଶନ ପକ୍ଷରୁ ମନୋଜ ଶତପଥୀ, ଧରଣୀଧର ପ୍ରଧାନ, ଅଶୋକ କୁମାର ବୁଘେଲ, ଶରତ କାଣ୍ଡି, କରୁଣାକର ଜେନା, ଦେବେନ୍ଦ୍ର ନାୟକ, ବିଷ୍ଣୁ ବେହେରା ଓ ସେକ୍ ସଲାଉଦ୍ଦିନ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାରମ୍ଭରେ ପ୍ରାକ୍ତନ କ୍ରୀଡାବିତ ଜାକିର ହୁସେନ ଖାଁଙ୍କ ଅକାଳ ବିୟୋଗ ଯୋଗୁ ସମସ୍ତ ଖେଳାଳି ଓ ଡେରାବିଶ କ୍ରିକେଟ ଆସୋସିଏଶନର ସମସ୍ତ କର୍ମକର୍ତ୍ତା ଶୋକସଭା କରିବା ସହିତ କଳା ବ୍ୟାଚ ପରିଧାନ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

# ଡେରାବିଶର ବରିଷ୍ଠ ଖବରଦାତାଙ୍କ ପରଲୋକ

ଡେରାବିଶ,୯।୨(ସ୍ୱ.ପ୍ର.)

ଡେରାବିଶ ବ୍ଲକ ତଥା କେନ୍ଦ୍ରାପଡ଼ା ଜିଲାର ବରିଷ୍ଠ ଖବରଦାତା ଜାକିର ହୁସେନ ଖାଁ (୬୦)ଙ୍କର ଗୁରୁବାର ଡେରାବିଶସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ଜାକିର ଦୀର୍ଘଦିନ ହେବ ଫୁସ୍‌ଫୁସ୍ ଜନୀତ ରୋଗରେ ପୀଡିତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ପରେ ନିଜ ବାସଭବନରେ ଚିକିତ୍ସିତ ହେଉଥିବା ବେଳେ ଗୁରୁବାର ପୂର୍ବାହ୍ନରେ ତାଙ୍କର ପରଲୋକ ହୋଇଛି। ଖବରପାଇ ଡେରାବିଶ ସମେତ ଜିଲାର ବହୁ ଖବରଦାତା, ସାମାଜିକ କର୍ମୀ, ପ୍ରାଧ୍ୟାପକ ଅଜୟ କୁମାର ରାଉତ, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ରାଜେଶ ପଣ୍ଡା, ଜିଲା ବିଜେଡି ସଭାପତି ଉତ୍କଳ କେଶରୀ ପରିଡ଼ା, ସାଧାରଣ ସମ୍ପାଦକ ମହେନ୍ଦ୍ର କୁମାର ସିଂ, କ୍ରିକେଟର ସାହାଜାହାନ୍ ଖାଁଙ୍କ ସମେତ ଯାଜପୁର ଜିଲା ବାଲିଚନ୍ଦ୍ରପୁର ପ୍ରେସ୍ କ୍ଲବର ସଦସ୍ୟମାନେ ପହଞ୍ଚି ଜାକିରଙ୍କ ମରଶରୀରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଜାକିରଙ୍କ ମୃତ୍ୟୁ ଖବରପାଇ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲିକ, ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ସମବାୟବିତ୍ ପ୍ରମୋଦ କୁମାର ସାହୁଙ୍କ ସମେତ ବିଭିନ୍ନ ଦଳର ରାଜନେତା ଶୋକବ୍ୟକ୍ତ କରିଛନ୍ତି। ଜାକିର କେବଳ ଖବରଦାତା ନୁହଁନ୍ତି, ସେ ଜଣେ କ୍ରିକେଟର ଭାବେ ଅବିଭକ୍ତ କଟକ ଜିଲାରେ ସୁନାମ ଅର୍ଜନ କରିଥିଲେ। ଡେରାବିଶ କ୍ରିକେଟ୍ କ୍ଲବ ପକ୍ଷରୁ ଜାକିରଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି।

# ଗ୍ରାମରୁ ହରିଣ ଉଦ୍ଧାର

ତିର୍ତ୍ତୋଲ,୯।୨(ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅଧୀନ ପିପ୍ପଳମାଧବ ଗ୍ରାମରୁ ଗୁରୁବାର ଏକ ହରିଣ ଉଦ୍ଧାର କରାଯାଇ ବନ ବିଭାଗ କର୍ମଚାରୀଙ୍କୁ ହସ୍ତାନ୍ତର କରାଯାଇଛି। ହରିଣଟି ନିକଟସ୍ଥ ଧଳତଙ୍ଗଗଡ ଜଙ୍ଗଲରୁ ବାଟବଣା ହୋଇ ଏଠାକୁ ପଳାଇ ଆସିଥିବା ଆଲୋଚନା ହେଉଛି। ଗାଁ ଦାଣ୍ଡରେ ଲୋକମାନେ ତାକୁ ଦେଖି ଗୋଡ଼ାଇ ଏକ ନଳକୂପ ନିକଟରୁ ଉଦ୍ଧାର କରିଥିଲେ। ଏହାପରେ ଲୋକମାନେ ବନ ବିଭାଗକୁ ଖବର ଦେଇଥିଲେ। ବିଭାଗୀୟ କର୍ମଚାରୀ ଗାଁରେ ପହଞ୍ଚି ଉକ୍ତ ହରିଣକୁ ନେଇଯାଇଥିବା ଜଣାପଡ଼ିଛି।



# ମନ୍ଦିର ମୁଖଶାଳା ପ୍ରତିଷ୍ଠା ଉତ୍ସବ

କୁଜଙ୍ଗ,୯।୨(ଡି.ଏନ୍.ଏ.)

କୁଜଙ୍ଗର ଆରାଧ୍ୟ ଦେବତା ଶ୍ରୀ ରଘୁନାଥଜୀଉ, ବଳଦେବଜୀଉ, ଗୋପୀନାଥଜୀଉ ମନ୍ଦିରର ନବ ନିର୍ମିତ ମୁଖଶାଳାର ପ୍ରତିଷ୍ଠା ଉତ୍ସବ ୨ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ବୁଧବାର କଳସ ଶୋଭାଯାତ୍ରା ଓ ଶୁଭାଧିବାସ ହୋଇଥିଲା। ଗୁରୁବାର ମୁଖଶାଳା ପ୍ରତିଷ୍ଠା ଓ ପୂର୍ଣ୍ଣାହୁତି ହୋଇଯାଇଛି। ମନ୍ଦିର ଟ୍ରଷ୍ଟ ବୋର୍ଡ ମ୍ୟାନେଜିଂ ଟ୍ରଷ୍ଟି ତଥା ପୂର୍ବତନ ଏମ୍‌ପି ଡାକ୍ତର କୁଳମଣି ସାମଲଙ୍କ ପୌରୋହିତ୍ୟରେ ଟ୍ରଷ୍ଟ ବୋର୍ଡର ଅନ୍ୟତମ ଟ୍ରଷ୍ଟି ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳ, ଭାରତ ଭୂଷଣ ଦାସ, ପବିତ୍ର ଗ୍ରହାଚାର୍ଯ୍ୟ, ନରହରି ଦାସ, ରାମଚନ୍ଦ୍ର ଶତପଥୀ, ବିଚିତ୍ରାନନ୍ଦ ପ୍ରଧାନ ଓ ଦେବଦତ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରତିଷ୍ଠା ଉତ୍ସବ ସମାପନ କରାଇଥିଲେ। ଏହି ଅବସରରେ ପାରାଦୀପ ବିଧାୟକଙ୍କ ସ୍ତ୍ରୀ ଗୀତାଞ୍ଜଳି ରାଉତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀନାରାଣୀ ସାହୁ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଯୁବ ନେତା ଅରୁଣ ବେହେରା ପ୍ରମୁଖ ଯୋଗଦେଇ ଶ୍ରୀ ଜଗନ୍ନାଥଙ୍କ ଆଶିଷ କାମନା କରିଥିଲେ।

# ବିଜେଡିରେ କଂଗ୍ରେସ କର୍ମୀଙ୍କ ଯୋଗଦାନ



ବାଲିକୁଦା,୯।୨(ସ୍ୱ.ପ୍ର.)

ଅପଣ୍ଡରା ପଞ୍ଚାୟତ ବିଜେଡି ସଭାପତି ତଥା ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଓ ବାଲିକୁଦା-ଏରସମା ଯୁବ ସଂଗଠକ କୃଷ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଓଳାଂଶ ଗାଁର ୱାର୍ଡ ସଭ୍ୟ ଶ୍ୟାମ ସୁନ୍ଦର ନାୟକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ରଘୁନନ୍ଦନ ଦାଶଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଜିଲା ପରିଷଦ ସଭ୍ୟା ତଟିନା ସ୍ୱାଇଁ ଯୋଗଦେଇ ସାମିଲ ହୋଇଥିବା କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ଦଳରେ ସାମିଲ କରିବା ସହ ଏମାନଙ୍କ ଯୋଗଦାନ ବାଲିକୁଦା-ଏରସମା ବିଜେଡି ସମେତ ପଞ୍ଚାୟତରେ ଦଳର ଶକ୍ତି ବୃଦ୍ଧି ପାଇବ। ଅସୁସ୍ଥ ଥାଇ କଲିକତାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବିଧାୟକ ରଘୁନନ୍ଦନ ଭିଡିଓ କଲ ଜରିଆରେ ଏହି କର୍ମୀମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଏଥିସହ ଅପଣ୍ଡରା ପଞ୍ଚାୟତ ଓ ଓଳାଂଶ ଗାଁର ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ବିଜେଡିର ନାଏବ ସରପଞ୍ଚ ଅଜୟ ମହାନ୍ତି, ଯୁବ ସଭାପତି ମାନସ ଜେନା, ଜୟପ୍ରକାଶ ମହାନ୍ତି, ଦିଲୀପ ଜେନା, ପୂର୍ବତନ ସମିତି ସଭ୍ୟ ବିକ୍ରମ ସେଠୀ, ବାବା ବିପିନ ରାଉତ, ରଞ୍ଜନ ନାୟକ, କୃଷ୍ଣଚନ୍ଦ୍ର ପରିଡା, ସୁରେନ୍ଦ୍ର ଜେନା, ନିରଞ୍ଜନ ମଲିକ, ପ୍ରୟାସ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। କଂଗ୍ରେସ ଛାଡି ବିଜେଡିରେ ସାମିଲ ହୋଇଥିବା କର୍ମୀମାନଙ୍କ ମଧ୍ୟରେ ଦାମୋଦର ନାୟକ, ଗୌରଙ୍ଗ ନାୟକ, ତାପସ ଦାସ, ବିଚିତ୍ରା ନାୟକ, ନଗେନ୍ଦ୍ର ମହାନ୍ତି, ଜ୍ଞାନ ରଞ୍ଜନ ମହାନ୍ତି, ବାଉରୀ ବନ୍ଧୁ ପରିଡା, ବଂଶୀଧର ନାୟକ, ଦୁଃଖୀ ଶ୍ୟାମ ନାୟକ, ବ୍ରଜବନ୍ଧୁ ନାୟକ, ପବିତ୍ର ନାୟକ, ନବଘନ ନାୟକଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

# ପାନିଆ ବାଦ୍ୟକାର ଗଣେଶଙ୍କୁ ମିଳିଛି ସ୍ୱୀକୃତି, ମିଳୁନି ଭତ୍ତା

କେନ୍ଦ୍ରାପଡ଼ା ଅଫିସ, ୯।୨

କେନ୍ଦ୍ରାପଡ଼ା ବ୍ଲକ ବଡମାଣତିଆ ଗ୍ରାମର ପାନିଆ ବାଦ୍ୟକାର ଗଣେଶ ଚନ୍ଦ୍ର ରାଉତଙ୍କୁ ସଙ୍ଗୀତ ମୂର୍ଚ୍ଛନା ଓ ଲଳିତ କଳା ସଂସ୍କୃତି ଏକାଡେମୀ ପକ୍ଷରୁ ଓଡ଼ିଶା ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରସ୍ଥ ଭଞ୍ଜ କଳାମଣ୍ଡପରେ ଗତ ୩୦ ତାରିଖରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ବାଦ୍ୟକାର ରାଉତଙ୍କୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, କଣ୍ଠଶିଳ୍ପୀ ଗୀତା ଦାସ, ଅଭିନେତା ଶ୍ରୀକାନ୍ତ ଗୌତମ, ଗୀତିକାର ଅରୁଣ ମନ୍ତ୍ରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ରାଉତଙ୍କୁ ଏପରି ଅନେକ ସ୍ୱୀକୃତି ଓ ସମ୍ବର୍ଦ୍ଧନା ମିଳିଥିବା ବେଳେ ତାଙ୍କୁ ସଂସ୍କୃତି ବିଭାଗ ପକ୍ଷରୁ ଅଦ୍ୟାବଧି କଳାକାର ଭତ୍ତା ମିଳୁନାହିଁ। ବାରମ୍ବାର ଭତ୍ତା ପାଇଁ ଆବେଦନ ପତ୍ର ଦେଉଥିଲେ ମଧ୍ୟ ଏହା ବିଚାରକୁ ନିଆଯାଉ ନ ଥିବା ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ତାଙ୍କ ସମ୍ପର୍କରେ କଳାକାର ସଂଘର କର୍ମକର୍ତ୍ତା ସୁବ୍ରତ ରାଉତ କହିଛନ୍ତି ଯେ, ସାଧାରଣ ପ୍ଲାଷ୍ଟିକ ପାନିଆ ଓ ଅତି ପତଳା କାଗଜ ମାଧ୍ୟମରେ ଯେକୌଣସି ସ୍ୱର ଦେବାରେ ଗଣେଶ ସିଦ୍ଧହସ୍ତ। ଏଥିପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ତାଙ୍କୁ ଖୋଜାପଡେ। କେନ୍ଦ୍ରାପଡ଼ା ଜିଲାରେ ନୁହେଁ, ତାଙ୍କର ଏହି ସଙ୍ଗୀତ କଳାଚାତୁରି ପୁରୀ, ଭୁବନେଶ୍ୱର, ରାଉରକେଲା ସହ ରାଜ୍ୟ ବାହାରେ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଦୀର୍ଘ ୨୫ ବର୍ଷ ଧରି ସଙ୍ଗୀତର ମଧୁର ମୂର୍ଚ୍ଛନା ତୋଳିଧରିଥିବା ଏହି କଳାକାରଙ୍କୁ ଅଦ୍ୟାବଧି କଳାକାର ଭତ୍ତା ମିଳୁନାହିଁ। ସେ ପେସାରେ ଜଣେ ପାଣି ପାଇପ ମିସ୍ତ୍ରି। କେନ୍ଦ୍ରାପଡ଼ା ଗ୍ରାମୀଣ ଜଳ ଯୋଗାଣ କର୍ମଚାରୀ ସଂଘର ସମ୍ପାଦକ ଅଛନ୍ତି। ସ୍ଥାୟୀ ନିଯୁକ୍ତି, ପେନ୍‌ସନ ଓ ସର୍ବନିମ୍ନ ମଜୁରି ପାଇବାକୁ ସଂଘ ଦାବି କରୁଛି। ମାସକୁ ମାତ୍ର ୧୦୦୦ ଟଙ୍କା ମଜୁରିରେ ଘର ଚଳାଉଥିବା ସୁବ୍ରତ କହିଛନ୍ତି। ତବଲା ବାଦକ ସରୋଜକାନ୍ତ ପରିଡା କହିଛନ୍ତି ଯେ, ସାମାନ୍ୟ ପାନିଆରେ ସବୁ ପ୍ରକାର ସ୍ୱର ଧରିବାରେ ଗଣେଶ ମାହିର। ଶାସ୍ତ୍ରୀୟ ସଙ୍ଗୀତକୁ ମଧ୍ୟ ସାବଲୀଳ ଭାବେ ସାଧାରଣରେ ଶୁଣାଇ ସେ ବାହା ବାଃ ନେଇଛନ୍ତି। ଲୋକପ୍ରିୟ ହିନ୍ଦୀ ଓ ଓଡ଼ିଆ ଗୀତ, ସିନେମା ସଙ୍ଗୀତ, ଭଜନ ଓ ଜଣାଣ ପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇଥାନ୍ତି। ସଙ୍ଗୀତ ସାଧନା ସମ୍ପର୍କରେ ଗଣେଶ କହିଛନ୍ତି ଯେ, ପିଲାଦିନେ ନଗେଶପୁର ଯାତ୍ରା ଦେଖିବାକୁ ଯାଇଥିଲି। ଏହି ଯାତ୍ରା ଆରମ୍ଭରେ ଜଣେ କଳାକାର ମୁହଁରେ କାଗଜ ଓ ପାନିଆ ରଖି ପାଟି ଭିତରର ପବନ ସାହାଯ୍ୟରେ ସୁନ୍ଦର ସ୍ୱର ଦେଉଥିଲେ। ଏହି କଳାକୁ ଆପଣେଇବା ପାଇଁ ପ୍ରଥମେ କଷ୍ଟ ହୋଇଥିଲା। ତେବେ କିଛିଦିନ ମଧ୍ୟରେ ନିଜ ଚେଷ୍ଟାରେ ବହୁ ସ୍ୱରକୁ ଆୟତ୍ତ କରିଥିଲି। ଏହି ଲୋକକଳା ଏବେ ବୁଡି ଯିବାକୁ ବସିଛି ବୋଲି ସେ କ୍ଷୋଭର ସହ କହିଛନ୍ତି। ସେ କୁହନ୍ତି, ଆଧୁନିକ ଜ୍ଞାନକୌଶଳରେ ନିର୍ମିତ ବାଦ୍ୟଯନ୍ତ୍ର ଜନସାଧାରଣଙ୍କ ମନକୁ ଯାଉଛି। ତେବେ ନିଜ କଳାରେ ବିଭୋର ଥିବା ଜଣେ କଳାକାର ସର୍ବଦା ଅନ୍ୟଠାରୁ ନିଜେ ବେଶି ଶାନ୍ତି ପାଆନ୍ତି। ପିଲାଳିଆମିରେ ଆରମ୍ଭ କରିଥିବା ଏହି ସ୍ୱର ସାଧନା ଯୋଗୁ ସାମ୍ପ୍ରତିକ ସମୟରେ ଦର୍ଶକଙ୍କ ବାହା ବାଃ ପାଉଛନ୍ତି। ଏହି ସ୍ୱର ସାଧନା ପାଇଁ ପ୍ଲାଷ୍ଟିକ ପାନିଆ, ଅତି ପତଳା କାଗଜ (ଟିସୁ ପେପର ହେଲେ ଉତ୍ତମ) ଉପକରଣ ଭାବେ ଆବଶ୍ୟକ ଥିବା ବେଳେ ବିଭିନ୍ନ ସ୍ୱର ଅନୁକରଣ କରିବାକୁ ସାଧନା ଦରକାର ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ସଂସ୍କୃତି ଅଧିକାରୀ ସୋନାଲି ବେହେରାଙ୍କୁ ପଚାରିବାରେ ଏହି କଳା ଓ କଳାକାରଙ୍କୁ ପ୍ରୋତ୍ସାହିତ କରିବା ଆବଶ୍ୟକ। ତାଙ୍କର ଭତ୍ତା ଆବେଦନ ପତ୍ର ଯାଞ୍ଚ ସରିଛି। ଆଗାମୀଦିନରେ ପ୍ରୋତ୍ସାହନ ରାଶି ମିଳିଯିବ ବୋଲି ସେ କହିଛନ୍ତି।



# ବିଭିନ୍ନ ଯୋଜନା ସମୀକ୍ଷା କଲେ ଷ୍ଟାଣ୍ଡିଂ କମିଟି

**ଫୁଲବାଣୀ ଅଫିସ, ୯।୨**

କନ୍ଧମାଳ ଜିଲା ଗସ୍ତରେ ଗୁରୁବାର ବିଧାନସଭା ଷ୍ଟାଣ୍ଡିଂ କମିଟିର ଏକ ଟିମ୍ ଆସି ସରକାରଙ୍କ ବିଭିନ୍ନ ଯୋଜନାରେ ଚାଲିଥିବା କାର୍ଯ୍ୟର ସମୀକ୍ଷା କରିବା ସହ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ବିଶେଷକରି ସେମାନେ ଯୋଗାଣ ବିଭାଗ, ସମବାୟ ବିଭାଗ ଏବଂ ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗର କାର୍ଯ୍ୟକାରିତା ଉପରେ ସମୀକ୍ଷା କରିଛନ୍ତି। ବିଧାୟକ ଅରବିନ୍ଦ ଢାଲି, ବିଧାୟକ ସତ୍ୟନାରାୟଣ ପ୍ରଧାନ ଯୋଗାଣ ବିଭାଗରେ ଆଧାର କାର୍ଡ ଲିଙ୍କ୍, ନୂତନ ହିତାଧିକାରୀଙ୍କ ଯୋଗ, ମୃତ ହିତାଧିକାରୀଙ୍କୁ ବାଦ୍, ମୋବାଇଲ୍ ଓ ବ୍ୟାଙ୍କ ସେଡିଙ୍ଗ୍, ଗୋଦାମ ଗୃହ, ମିଲର୍ ସଂଖ୍ୟା, ଆର୍ଏମ୍‌ସି ଦ୍ୱାରା ଚାଷୀମାନଙ୍କୁ ଆବଶ୍ୟକୀୟ ସାମଗ୍ରୀ ଯୋଗାଣ, ଜିଲାରେ ହସ୍ତଶିଳ୍ପ କାରିଗରଙ୍କ ସଂଖ୍ୟା, ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା କ୍ରାଫ୍ଟ ସଂଖ୍ୟା ଏବଂ ଏଥିରେ ନିଯୁକ୍ତ ହୋଇଥିବା ସ୍ୱୟଂ ସହାୟିକା ଗୋଷ୍ଠୀର କାର୍ଯ୍ୟ ସମୀକ୍ଷା କରିଥିଲେ।

ଜିଲାରେ ୧ଲକ୍ଷ ୪୭ହଜାର ୩୯୨ଟି ପରିବାର ପିଏଚ୍‌ଏଚ୍ କାର୍ଡ ପାଇଥିବା ବେଳେ, ୨୯ହଜାର ୫୬୨ଟି ପରିବାର ଅର୍ନ୍ତୋଦୟ ଅନ୍ନ ଯୋଜନା କାର୍ଡ ପାଇଛନ୍ତି। ସେହିପରି ୭୮୦ ଜଣ ଏପି କାର୍ଡ ପାଇଥିବା ବେଳେ ୩ ହଜାର ୫୩୭ଟି ପରିବାରକୁ ରାଜ୍ୟ ଖାଦ୍ୟ ନିରାପତ୍ତା କାର୍ଡ ଯୋଗାଇ ଦିଆଯାଇଛି । ଜିଲାରେ ମୋଟ ୧୭୧ଟି ଚାଉଳ ବିକ୍ରୟ କେନ୍ଦ୍ର ରହିଛି। ଗତ ୮ ତାରିଖ ସୁଦ୍ଧା ୨୭,୮୩୯ଜଣ ମୃତ ହିତାଧିକାରୀଙ୍କୁ ବାଦ୍ ଦିଆଯାଇଛି। ଜିଲାରେ ବର୍ତ୍ତମାନ ସୁଦ୍ଧା ୧୮୬୮ଜଣ ଚାଷୀଙ୍କ ଠାରୁ ସମୁଦାୟ ୭୦,୯୧୭ କୁଇଣ୍ଟାଲ୍ ଧାନ କିଣାଯାଇଛି।

ଜିଲାରେ ସମୁଦାୟ ୧୧୫୫ଜଣ ହସ୍ତଶିଳ୍ପ କାରିଗର ୫୧ ପ୍ରକାରର ହସ୍ତଶିଳ୍ପ କାର୍ଯ୍ୟ କରୁଛନ୍ତି। ମୁଖ୍ୟତଃ ବାରଖମା, ଜୁନାଗାଁ, କେ. ନୂଆଗାଁ, ଫିରିଙ୍ଗିଆ, ସୁଦ୍ରୁକୁମ୍ପାରେ ଏହି ହସ୍ତଶିଳ୍ପ କାମ ବହୁଳ ପରିମାଣରେ କରାଯାଉଛି। ୨୭ ଜଣ ପୁରସ୍କୃତ ଓ ଅଭିଜ୍ଞ ତଥା କୁଶଳୀ କାରିଗର କାର୍ଯ୍ୟ କରୁଛନ୍ତି। ଶିଳ୍ପୀ ଉନ୍ନତି ଯୋଜନାରେ ୪୧ଜଣଙ୍କୁ ସମୁଦାୟ ୪ ଲକ୍ଷ ୭୦ହଜାର ଟଙ୍କାର ଆର୍ଥିକ ସହାୟତା ମିଳିଛି। ୨୦୨୧-୨୨ଆର୍ଥିକ ବର୍ଷରେ ୨ଜଣ ହସ୍ତଶିଳ୍ପୀ କାରିଗରଙ୍କୁ ରହିବା ସହିତ କାମ କରିବା ପାଇଁ ଗୃହ ମିଳିଛି ବୋଲି କମିଟିକୁ ବିଭାଗ ପକ୍ଷରୁ ତଥ୍ୟ ଦିଆ ଯାଇଥିଲା । ସମୀକ୍ଷା ବୈଠକରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ୍ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ଧନ୍ୟବାଦ ଦେଇଥିଲେ । କନ୍ଧମାଳ ଉପଜିଲାପାଳ ଶେଷଦେବ ମିଶ୍ର, ଜିଲା ଯୋଗାଣ ଅଧିକାରୀ ଅନାଥ ଚରଣ ସ୍ୱାଇଁଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।



ଷ୍ଟାଣ୍ଡିଂ କମିଟି ସଦସ୍ୟଙ୍କ ସହ ଜିଲାପାଳ ଏବଂ ଅନ୍ୟମାନେ ।

## ବଚସାରୁ ଖଣ୍ଡାରେ ଆକ୍ରମଣ, ଅଭିଯୁକ୍ତ ଗିରଫ

**ହିଞ୍ଜିଳିକାଟୁ,୯।୨(ଡି.ଏନ୍.ଏ.)**

ହିଞ୍ଜିଳି ଥାନା ତହଁର ଗ୍ରାମରେ ଗୁରୁବାର ସକାଳେ କୌଣସି ଏକ ସାମାନ୍ୟ ଘଟଣାକୁ କେନ୍ଦ୍ର କରି ୨ଜଣଙ୍କ ମଧ୍ୟରେ ବଚସା ପରେ ଜଣକ ଉପରେ ଖଣ୍ଡାରେ ମାରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣରେ ପାତ୍ର କୁମାର ବେହେରା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ହିଞ୍ଜିଳିକାଟୁ ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ଚିକିତ୍ସା କରାଯାଉଛି। ଏ ନେଇ ପାତ୍ରଙ୍କ ସ୍ତ୍ରୀ ବିଷ୍ଣୁ ବେହେରାଙ୍କ ଅଭିଯୋଗକ୍ରମେ ଥାନାରେ ନଂ ୮୬/୨୩ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଉପେନ୍ଦ୍ର ସାହୁଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

## ସଂକ୍ଷେପରେ

### ମେଧାବୃତ୍ତିରେ ଦେବାନନ୍ଦଙ୍କ ସଫଳତା



ବେଗୁନିଆପଡ଼ା,୯।୨-ବ୍ଲକସ୍ତରୀୟ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ସଫଳତା ହାସଲ କରିଛନ୍ତି ଦେବାନନ୍ଦ ମହାପାତ୍ର। ଗଞ୍ଜାମ ଜିଲାର ବେଗୁନିଆପଡ଼ା ବ୍ଲକର ମେଧାବୃତ୍ତି ପରୀକ୍ଷାରେ ଏହି ସଫଳତା ଅର୍ଜନ କରିଛନ୍ତି ଖଣ୍ଡିଆନଈ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଦେବାନନ୍ଦ ମହାପାତ୍ର। ଦାମୋଦର ମହାପାତ୍ର ଓ ଶାନ୍ତିଲତା ମହାପାତ୍ରଙ୍କ ପୁତ୍ର ଦେବାନନ୍ଦ ଏବେ ଖଣ୍ଡିଆନଈ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ଏହି ଗୌରବ ଆଣିଥିବା ବେଳେ ଚାରିଆଡୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି। ଦେବାନନ୍ଦ ବର୍ତ୍ତମାନ ରାଗପୁର ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ଏହି ସଫଳତାର ଶ୍ରେୟ ନିଜର ପିତାମାତା, ଗୁରୁଜୀ, ଗୁରୁମା ଓ ନିଜ ଅଜା ପୂର୍ବତନ ଶିକ୍ଷକ ବାଲ୍ମିକୀ ବିଷୋୟୀଙ୍କୁ ଦେଇଛନ୍ତି।

### ସଂସ୍କୃତ ପଣ୍ଡିତଙ୍କ ପରଲୋକ

ଧରାକୋଟ,୯।୨(ଡି.ଏନ୍.ଏ.)-ମୁଣ୍ଡମରାଇ ପଞ୍ଚାୟତ ପୋଡ଼ାପଲି ଗ୍ରାମର ସଂସ୍କୃତ ପଣ୍ଡିତ ସତ୍ୟବାଦୀ ମିଶ୍ରଙ୍କର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସେ ରାଷ୍ଟ୍ରଭାଷାର ପ୍ରଚାରକ,ବିଦ୍ୱାନ ହିନ୍ଦୀ, ସଂସ୍କୃତ ପଣ୍ଡିତ ତଥା ଶ୍ରୀମଦ ଭାଗବତ ଗୀତାର ଅନୁବାଦକ ଥିଲେ। ରାମାଧୀନ ସଂସ୍କୃତ ବିଦ୍ୟାପୀଠ ବ୍ରହ୍ମପୁରରୁ ସାହିତ୍ୟ ଆଚାର୍ଯ୍ୟ ସହ ରାଷ୍ଟ୍ରଭାଷା ରତ୍ନ ତାଲିମ ପ୍ରାପ୍ତ ହୋଇ ଦିଗପହଣ୍ଡି ପିତାମ୍ବରପୁର, ଧରାକୋଟ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ଓ ଭଞ୍ଜନଗର ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନରେ କାର୍ଯ୍ୟ କରିଥିଲେ।

### ଦୋକାନ ଭସ୍ମୀଭୂତ, ରୋଷେୟା ଆହତ

ବୁଗୁଡ଼ା,୯।୨(ଡି.ଏନ.ଏ.)-ବୁଗୁଡ଼ା ଥାନା କଳମ୍ବ ପଞ୍ଚାୟତ ଅନ୍ତର୍ଗତ ଡେଙ୍ଗାପଦର ଗ୍ରାମର ଏକ ଜଳଖିଆ କ୍ୟାବିନରେ ଗ୍ୟାସ ଲିକରୁ ଅଗ୍ନିକାଣ୍ଡ ଘଟି ରୋଷେୟା ଆହତ ହୋଇଥିବା ବେଳେ କ୍ୟାବିନଟି ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି। ଆହତ ହୋଟେଲ ମାଲିକ ହେଲେ ରାମ ପ୍ରଧାନ। ଗୁରୁବାର ସକାଳେ ରାମ ଜଳଖିଆ ପ୍ରସ୍ତୁତ କରୁଥିବା ବେଳେ କୌଣସି କାରଣରୁ ଗ୍ୟାସ ସିଲିଣ୍ଡର ଲିକ ହୋଇ ନିଆଁ ଲାଗି ଯାଇଥିଲା। ସ୍ଥାନୀୟ ଲୋକେ ରାମକୁ ଉଦ୍ଧାର କରି ବାଲିପଦର ମେଡିକାଲରେ ଭର୍ତ୍ତି କରିଥିଲେ। ଦମକଳ ପହଞ୍ଚିଲା ବେଳକୁ ସବୁ କିଛି ପୋଡି ଛାରଖାର ହୋଇଯାଇଥିଲା। ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ଶ୍ରୀଭୀମଶଙ୍କର ମହାଦେବଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା



ଗଞ୍ଜାମ,୯।୨(ଡି.ଏନ.ଏ.)-ଗଞ୍ଜାମ ସହର ଅଗସ୍ତି ନୂଆଗାଁସ୍ଥିତ ଓଡ଼ିଶା ସ୍ୱତନ୍ତ୍ର ଆରକ୍ଷୀ ବାହିନୀ ଅଷ୍ଟମ ବାଟାଲିୟନ ପରିସରରେ ଶ୍ରୀଭୀମଶଙ୍କର ମହାଦେବଙ୍କ ନୂତନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋମବାର ଠାରୁ ୪ଦିନ ବ୍ୟାପି ଆୟୋଜିତ କାର୍ଯ୍ୟକ୍ରମରେ ଜଳଯାତ୍ରା, ଅଙ୍କୁରା ରୋପଣ, ଦୀକ୍ଷା ଗ୍ରହଣ, ଦେବକର୍ମ ସିଂହାସନ ଆରୋହଣ, ନଗର ପରିକ୍ରମା, ଅନ୍ନଯଜ୍ଞ, ପୂର୍ଣ୍ଣାହୂତି ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବାଟାଲିୟନ ଦୁର୍ଗପତି ସୂର୍ଯ୍ୟନାରାୟଣ ମଲିକଙ୍କ ସହ ସମସ୍ତ ଅଫିସର ଓ ନିମନ୍ତ୍ରିତ ବହୁ ବ୍ୟକ୍ତି ଯୋଗଦେଇଥିଲେ। ବାଟାଲିୟନ ହାବିଲଦାର ଓ ସିପାହୀ ଶାଖା ସଂଘ ସଭାପତି ଅଜିତ କୁମାର ରଥଙ୍କ ସହ ସମସ୍ତ ସଂଘ କର୍ମକର୍ତ୍ତା ଓ କର୍ମଚାରୀ ଉକ୍ତ ଦେବକାର୍ଯ୍ୟ ସୁପରିଚାଳନାରେ ସହଯୋଗ କରିଥିଲେ।

# ଧାନର ଅଭାବୀ ବିକ୍ରି ଅଭିଯୋଗ



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଗ୍ରାମବାସୀ ।

**ଧରାକୋଟ,୯।୨(ଡି.ଏନ୍.ଏ.)**

ଚାଷୀ ମଣ୍ଡିରେ ଧାନ ନ ଦେଇପାରି ଶାଗମାଛ ଦରରେ ସ୍ଥାନୀୟ ବେପାରୀଙ୍କୁ ବିକ୍ରି କରୁଥିବା ଅଭିଯୋଗ ଆଣିଛନ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଓ ଚାଷୀ। ଗୁରୁବାର ଓଳମ୍ବା ପଞ୍ଚାୟତ ନୂଆ କ୍ଷେଇ ଗ୍ରାମର ମା' ଗ୍ରାମ ଦେବତୀ ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ ରିତା ଗୌଡଙ୍କ ସମେତ ସୌଦାମିନୀ ସାବତ, ତ୍ରିନାଥ ପାଣିଗ୍ରାହୀ, ପ୍ରତାପ ସାବତ, ବିଜୟ ସେଠୀ, ଶିଶିର ପ୍ରଧାନ, ବାୟା ଗୌଡ, ବାୟା ବିଷୋୟୀ, ସୁଧାକର ନାୟକଙ୍କ ସମେତ ଶତାଧିକ ଚାଷୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଏବିଡିଓ ଶୁଶିଲ କୁମାର ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଧାନ ବିକ୍ରି ପାଇଁ ଅତିରିକ୍ତ ଟାର୍ଗେଟ ଦେବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ଗ୍ରାମ ଦେବତୀ ସ୍ୱୟଂ ସହାୟକ ଦଳକୁ ମିଳିଥିବା ଟାର୍ଗେଟ ଶେଷ ହେଇଯାଇଛି। ଅନ୍ୟ ଚାଷୀଙ୍କ ଟୋକନ ଅବଧି ଶେଷ ହେବାକୁ ଯାଉଥିବା ବେଳେ ଟାର୍ଗେଟ ନ ଥିବାରୁ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଏହି ସ୍ୱୟଂ ସହାୟକ ଗୋଷ୍ଠୀର ୮୪ଟି ଟୋକନ ପାଇଁ ୩୫୦୦ କୁଇଣ୍ଟାଲ ଧାନ ଆବଶ୍ୟକ ରହିଛି। ଏହା ବିଭାଗ ତରଫରୁ ତୁରନ୍ତ ପୂରଣ ନ କଲେ ଚାଷୀ ବ୍ଲକ କାର୍ଯ୍ୟାଳୟରେ ଧାନ ଗଚ୍ଛିତ କରିବେ ବୋଲି କହିଛନ୍ତି।

## ମୋବାଇଲ ଟାୱାର ସ୍ଥାପନ ଲାଗି ସଂସଦରେ ଏମ୍‌ପିଙ୍କ ଦାବି

**ପାରଳାଖେମୁଣ୍ଡି, ୯।୨ (ଡି.ଏନ୍.ଏ) :**

ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ ଗୁରୁବାର ଲୋକସଭାରେ ଗଜପତି ଜିଲାରେ ୪ଜି ମୋବାଇଲ ଟାୱାର ସ୍ଥାପନ ପାଇଁ ଦାବି ରଖିଛନ୍ତି। କେନ୍ଦ୍ର କ୍ୟାବିନେଟ ଗତ ୨୦୨୧ରେ ଦେଶର ଆକାଂକ୍ଷା ଜିଲାରେ ୟୁଏସ୍‌ଏଫ୍‌ଓଏଫ୍ ଫଣ୍ଡ ସ୍କିମରେ ୪ଜି ମୋବାଇଲ ଟାୱାର ସ୍ଥାପନ ପାଇଁ ମଞ୍ଜୁର କରିଥିଲେ । ରାଜ୍ୟର ୧୦ ଆକାଂକ୍ଷା ତଥା ପଛୁଆ ଜିଲାର ୩୯୩୩ ଗ୍ରାମ ନିମନ୍ତେ ୨୩୭୯ ମୋବାଇଲ ଟାୱାର ସ୍ଥାପନ କରିବାର ଲକ୍ଷ୍ୟ ଥିଲା। ଏଥି ମଧ୍ୟରେ ଗଜପତି ଜିଲାର ୪୬୭ ଗ୍ରାମାଞ୍ଚଳରେ ୨୬୪ ଟାୱାର ସ୍ଥାପନ ପାଇଁ ମଞ୍ଜୁର ହୋଇଛି। ହେଲେ ଏହି ୪ଜି ମୋବାଇଲ ଟାୱାର ଅଦ୍ୟାବଧି ଜିଲାରେ ଗୋଟିଏ ବି ସ୍ଥାପନ ହୋଇପାରିନାହିଁ। ଯଦ୍ୱାରା ଜିଲାର ଗ୍ରାମାଞ୍ଚଳର ବିକାଶ ହେବାରେ ପ୍ରତିବନ୍ଧକ ସାଜିଛି। ଏହାସହ ଇଣ୍ଟରନେଟ ଉପଲବ୍ଧି ନଥିବା ଯୋଗୁଁ ବିଶେଷ କରି ଛାତ୍ରଛାତ୍ରୀମାନେ ଅନ୍‌ଲାଇନ ପାଠପଢ଼ା, ସରକାରୀ କାର୍ଯ୍ୟ ସମ୍ପାଦନା ହୋଇପାରୁନାହିଁ । ତେଣୁ ନିର୍ଦ୍ଦିଷ୍ଟ ସମୟ ସୀମା ଧାର୍ଯ୍ୟ କରି ଗଜପତି ଜିଲାରେ ମୋବାଇଲ ଟାୱାର ସ୍ଥାପନ କରିବା ପାଇଁ ସଂସଦରେ ଦାବି ଉଠାଇଛନ୍ତି ।

# ସକାରାତ୍ମକ କାର୍ଯ୍ୟସୂଚୀ, ମାଗଣା ବଣ୍ଟନ ସମ୍ପର୍କିତ ପାଠଚକ୍ର

**ବାଲିଗୁଡା,୯।୨ (ଡି.ଏନ.ଏ)**

କନ୍ଧମାଳ ଜିଲା ବାଲିଗୁଡାସ୍ଥିତ ଆଦିବାସୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ତରଫରୁ ସକାରାତ୍ମକ କାର୍ଯ୍ୟସୂଚୀ ଓ ମାଗଣା ବଣ୍ଟନ ସମ୍ପର୍କରେ ଏକ ତର୍କ ଓ ପାଠଚକ୍ର ମହାବିଦ୍ୟାଳୟ ପରିସରରେ ଅଧକ୍ଷ କାର୍ତ୍ତିକ ଚନ୍ଦ୍ର ସିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସାମ୍ବିଧାନିକ ବିଶାରଦ ତଥା ବରିଷ୍ଠ ଆଇନଜୀବୀ ବିନୋଦ ବିହାରୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଠଚକ୍ର ଉଦଘାଟନ କରିଥିଲେ। ସାମ୍ବିଧାନିକ ସକାରାତ୍ମକ କାର୍ଯ୍ୟସୂଚୀ ସମ୍ପର୍କରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଆଇନଜୀବୀ ଅନିଲ କୁମାର ଦାସ, ସମ୍ବଳ ଅଧିକାରୀ ଭାବେ ମହାବିଦ୍ୟାଳୟର ପୂର୍ବତନ ଇତିହାସ ବିଭାଗ ପ୍ରାଧ୍ୟାପକ ପ୍ରତ୍ୟୁଷ ରଞ୍ଜନ ଶତପଥି, ଶାନ୍ତିମୈତ୍ରୀର ନିର୍ଦ୍ଦେଶକ ଭଗବାନ ଜେନା, ଆଭ୍ୟନ୍ତରୀଣ ଗୁଣାତ୍ମକ ପ୍ରକୋଷ୍ଠର ସଂଯୋଜକ ସରୋଜ କୁମାର ପାଠୀ ଓ ଶୈକ୍ଷିକ ନିର୍ଦ୍ଦେଶକ ତେଜେଶ୍ୱର ନାୟକ ପ୍ରମୁଖ ଅଂଶଗ୍ରହଣ କରି ସକାରାତ୍ମକ କାର୍ଯ୍ୟସୂଚୀ ଓ ମାଗଣା ବଣ୍ଟନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ଼ଃ. ସୁଶାନ୍ତ କୁମାର ଦାସ ସ୍ୱାଗତ ଭାଷଣ ସହ ବର୍ତ୍ତମାନ ସମୟରେ ସକାରାତ୍ମକ କାର୍ଯ୍ୟସୂଚୀ, ମାଗଣା ବଣ୍ଟନର ପ୍ରାସଙ୍ଗିଗତା ଓ ପ୍ରଭାବ ଉପରେ ଆଲୋକପାତ କରିଥିଲେ । ବିଭାଗୀୟ ଅଧ୍ୟାପିକା ଡ. ସଂଯୁକ୍ତା ନାୟକ, ସୁଶ୍ରୀ ଅର୍ଚ୍ଚନା ବିଶୋଇ ଓ ଛାତ୍ରୀଛାତ୍ରୀ ବହୁ ସଂଖ୍ୟାରେ ସହଯୋଗ କରିଥିଲେ ।

# ମତ୍ସ୍ୟଜୀବୀଙ୍କ ବୈଠକ




ବୈଠକରେ ମାଛମରା ସୋସାଇଟିର ସଦସ୍ୟମାନେ ଆଲୋଚନା କରୁଛନ୍ତି।

**ପାରଳାଖେମୁଣ୍ଡି,୯।୨(ଡି.ଏନ୍.ଏ.)**

ମୋହନା ବ୍ଲକ ଅଡବା ପଞ୍ଚାୟତ ଡୁମିଗୁଡା ଠାରେ ମତ୍ସ୍ୟଜୀବୀମାନଙ୍କ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ୨ ବର୍ଷ ଭିତରେ ମାଛମରା ସୋସାଇଟିର ସଭ୍ୟାସଭ୍ୟମାନଙ୍କୁ ମାଛ ମାରିବା ସକାଶେ ଗ୍ରାମସ୍ତରରେ ସୋସାଇଟିକୁ କିପରି ମଜବୁତ କରାଯାଇ ପାରିବ, କିପରି ସଭ୍ୟ ମାନେ ମାଛ ମାରି ସୋସାଇଟିକୁ ଆଣିବେ ସେ ଉପରେ ବୈଠକରେ ଆଲୋଚନା କରାଯାଇଥିଲା । ଗତ ୨ ବର୍ଷ ମଧ୍ୟରେ ଜିଲା ମତ୍ସ୍ୟ ବିଭାଗ ତରଫରୁ ୨୫ଟି ମୋଟର ସାଇକେଲ,୬୨ଟି ଡ଼ଙ୍ଗା, ୯୬ ଜଣଙ୍କୁ ଜାଲ ଓ ୯ ଜଣ ମାଟ୍ରିକ ପାସ ପିଲାମାନଙ୍କୁ ସାହାଯ୍ୟ କରାଯାଇଛି। ସୋସାଇଟ ତାର ନିଜସ୍ୱ ଟଙ୍କାରୁ ୫୧ ଜଣଙ୍କୁ ୨ ଲକ୍ଷ ୩୦ ହଜାର ଟଙ୍କାର ଜାଲ ଓ ଡ଼ଙ୍ଗା ସକାଶେ ଋଣ ଦିଆଯାଇଛି। ବୈଠକରେ ମୁଖ୍ୟ ଅତିଥି ଗଜପତି ଜିଲା ମତ୍ସ୍ୟ ଅଧିକାରୀ ଲିସା ବେହେରା, ଅତିଥିଭାବେ ମୋହନା ଆସିଷ୍ଟାଣ୍ଟ ଡିଏଫ୍‌ଓ ଦୀପ ମଲ୍ଲିକ ସମ୍ମାନିତ ଅତିଥି ଡ଼ମ୍ବଗୁଡା ସରପଞ୍ଚ କୋଲବା ମଲ୍ଲିକ, ଅଡବା ସମିତି ସଭ୍ୟା, ଡୁମିଗୁଡା ମତ୍ସ୍ୟଜୀବି ସୋସାଇଟର ସଭାପତି ଶୁକ୍ର ମଲ୍ଲିକ ସମ୍ପାଦକ ଭାବଗ୍ରାହି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଉଦ୍ୟୋଗୀମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ତାଲିମ୍

**ଆର.ଉଦୟଗିରି,୯।୨(ଡି.ଏନ.ଏ.)**

ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି ବିଭାଗ ତରଫରୁ କ୍ଷୁଦ୍ର ବ୍ୟବସାୟୀ ମାନଙ୍କୁ ନେଇ ତାଙ୍କ ବ୍ୟବସାୟର ଉନ୍ନତିକରଣ ଓ ଯୋଜନା ସମ୍ବନ୍ଧୀୟ ତାଲିମ୍ ପ୍ରଦାନ କରାଯାଇଥିଲା। ଏହି ତାଲିମ୍ ଶିବିରକୁ ବିଟିସି ସୁନୀଲ କୁମାର ସାହୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜେଡିପି, ଓଡ଼ିଶା ଜୀବିକା ମିଶନର ଭାରପ୍ରାପ୍ତ ଅଧିକାରୀ ରଜନୀକାନ୍ତ ପଣ୍ଡା, ବିଟିସି ବିନୟ କୁମାର ପ୍ରଧାନ, ଏବିବିକେ, ଓଏସ୍‌ଏଫ୍‌ର ସଭାନେତ୍ରୀ ଓ ସମ୍ପାଦିକା ଉପସ୍ଥିତ ଥିଲେ। ଏହି ଶିବିରରେ ୨୨ ଜଣ ଉଦ୍ୟୋଗୀଙ୍କୁ ସମୁଦାୟ ୯ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ପୂର୍ବରୁ ଯେଉଁ ଉଦ୍ୟୋଗୀମାନେ ଋଣ ନେଇ ନିଜର ବ୍ୟବସାୟ ବଢେଇ ପାରିଛନ୍ତି ସେମାନେ ନିଜର ଅନୁଭୂତି ପ୍ରକାଶ କରିବା ସହ ଓଡ଼ିଶା ଜୀବିକା ମିଶନକୁ ଧନ୍ୟବାଦ ଅର୍ପଣ କରିଥିଲେ।

# କେରାଣ୍ଡି ଗାଁକୁ ପକ୍କା ରାସ୍ତା ନାହିଁ



ଗାଁକୁ ଯାଇଥିବା ମାଟି ରାସ୍ତା ।

**ପାରଳାଖେମୁଣ୍ଡି,୯।୨(ଡି.ଏନ୍.ଏ.)**

ପାରଳାଖେମୁଣ୍ଡି ସହର ଉପକଣ୍ଠ ତଥା ଗୋଷାଣି ବ୍ଲକ ଅନ୍ତର୍ଗତ କେରାଣ୍ଡି ଗ୍ରାମକୁ ପକ୍କା ରାସ୍ତା ନାହିଁ। ରାମସାଗର ଛକ ଦେଇ ଉକ୍ତ ଗ୍ରାମକୁ ଯାଇଥିବା ପକ୍କା ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇଛି। ଅନ୍ୟପକ୍ଷରେ ପାରଳା ସହର ବୃନ୍ଦାବନ ପ୍ୟାଲେସ ନିକଟ ଦେଇ ଯାଇଥିବା ରାସ୍ତାଟି ଆଜି ଯାଏ ପକ୍କା ହୋଇପାରିନି। ଗ୍ରାମବାସୀ ଏହି ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ସୁଫଳ ମିଳୁନାହିଁ । କେରାଣ୍ଡି ଗ୍ରାମଟି ପାରଳା ସହର ଉପକଣ୍ଠରେ ରହିଥିଲେ ମଧ୍ୟ ପ୍ରଶାସନିକ କିମ୍ବା ଗ୍ରାମ୍ୟ ଉନ୍ନୟନ ବିଭାଗର ଦୃଷ୍ଟି ଆଢୁଆଳରେ ରହିଯାଇଛି ବୋଲି ଗ୍ରାମବାସୀ କହିଛନ୍ତି। ଉଭୟ ନୂଆକେରଣ୍ଡି ଓ ପୁରୁଣା କେରାଣ୍ଡିର ଗ୍ରାମର ପ୍ରାୟ ୧ହଜାର ଲୋକ ମୁଖ୍ୟତଃ ରାମସାଗର ଛକ ରାସ୍ତା ଦେଇ ପାରଳା ଯାତାୟତ କରୁଛନ୍ତି, ଯାହାକି ବୃନ୍ଦାବନ ପ୍ୟାଲେସ ମାଟି ରାସ୍ତା ଅପେକ୍ଷା ପ୍ରାୟ ୨କି.ମି. ଅଧିକା ପଡୁଛି । ବୃନ୍ଦାବନ ପ୍ୟାଲେସ ରାସ୍ତା ଦେଇ ଗଲେ ସିଧା ପାରଳା ସହର ମଧ୍ୟରେ ପହଞ୍ଚି ହେଉଥିଲେ ମଧ୍ୟ ତାହା ପକ୍କା ହୋଇ ନ ଥିବାରୁ ଧୂଳିଧୂସର ଓ ବର୍ଷା ଦିନେ କର୍ଦ୍ଦମାକ୍ତ ହୋଇପଡୁଛି। ଫଳରେ ଯାତାୟତରେ ବିଭିନ୍ନ ସମସ୍ୟା ଉପୁଜୁଥିବା ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷରେ ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରକୁ ଲାଗି ଥିବା ଏହି ଗ୍ରାମକୁ ଆଜିଯାଏଁ ପକ୍କାରାସ୍ତାଟିଏ ହୋଇପାରିନାହିଁ । ଭବିଷ୍ୟତରେ ପାରଳା ପୌରପରିଷଦ ସଂପ୍ରସାରଣ ହେଲେ କେରାଣ୍ଡି ଗ୍ରାମ ମଧ୍ୟ ସାମିଲ ହେବ । ଏଭଳି ସ୍ଥିତିରେ ଗାଁକୁ ପକ୍କା ରାସ୍ତାଟିଏ ନଥିବାରୁ ସାଧାରଣରେ ବିଭିନ୍ନ ଆଲୋଚନା ହେଉଛି ।

# ବୋମାମାଡ଼ ଘଟଣା, ଦୁର୍ବୃତ୍ତଙ୍କ ପତ୍ତା ମିଳୁନି

**ଚିକିଟି,୯।୨(ଡି.ଏନ.ଏ.)**

କ.ନୂଆଗାଁ ଥାନା ଚିକିଟିପେଣ୍ଠ ମୁଖ୍ୟ ବଜାରରେ ଅବସ୍ଥିତ ବ୍ୟବସାୟୀ ସୂର୍ଯ୍ୟ ସାହୁଙ୍କ ଘର ଉପରକୁ ବୋମା ଫିଙ୍ଗାଯାଇଥିବା ଘଟଣା ଇତିମଧ୍ୟରେ ୯ ଦିନ ଯାଇଥିଲେ ମଧ୍ୟ ପୋଲିସ ଦୃବୃର୍ତ୍ତମାନଙ୍କ ପତ୍ତା ପାଇବାରେ ସମର୍ଥ ହୋଇନାହିଁ। ଫଳରେ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ଜନଗହଳି ପୂର୍ଣ୍ଣ ମୁଖ୍ୟ ବଜାରରେ ଦୃବୃର୍ତ୍ତମାନେ ବୋମାମାଡ଼ କରି ଫେରାର ହୋଇଯାଇଥିବା ବେଳେ ପୋଲିସ ସେମାନଙ୍କର କୌଣସି ଟେର ନପାଇବା ଘଟଣା ବ୍ୟବସାୟଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବ୍ୟବସାୟୀଙ୍କ ଅଭିଯୋଗ ଅନୁଯାୟୀ ଚିକିଟି ନିର୍ବାଚନୀ ମଣ୍ଡଳୀର ଚିକିଟି ବଜାର ହୋଉଛି ବ୍ୟବସାୟ ପେଣ୍ଠସ୍ଥଳୀ। ଏହି ବଜାର ଉପରେ ୨୫ରୁ ଉର୍ଦ୍ଧ୍ୱ ନିର୍ଭର କରୁଛନ୍ତି। ଗତ ବୁଧବାର ବ୍ୟବସାୟୀ ସୂର୍ଯ୍ୟ ସାହୁଙ୍କ ଘର ଉପରକୁ ଦୁଇଟି ବୋମା ମାଡ଼ କରି ପଳାଇଲେ ତାହାକୁ ନେଇ ସାଧାରଣରେ ଆତଙ୍କ ଖେଳିଯାଇଛି। ଅପରପକ୍ଷରେ ପୋଲିସ ପକ୍ଷରୁ ପିସିଆର ଭ୍ୟାନ ପାଟ୍ରୋଲିଂ କରିବା ସହିତ ବଜାରର ବିଭିନ୍ନ ଛକଗୁଡ଼ିକରେ ହୋମଗାର୍ଡ ମୁତୟନ କରାଯାଇଛି। ଏହା ସତ୍ତ୍ୱେ ମଧ୍ୟ ଦୁର୍ବୃତ୍ତମାନେ ଖସିଯିବା ଘଟଣା ସାଧାରଣରେ ପୋଲିସ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୃବୃର୍ତ୍ତମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ଅଞ୍ଚଳରେ ଚଢ଼ାଉ ଜାରିରଖିଛି ବୋଲି ଚିକିଟି ଏସ୍‌ଡିପିଓ କୃଷ୍ଣ ଚନ୍ଦ୍ର ଭାତ୍ରା କହିଛନ୍ତି।

# ସିମନବାଡ଼ି-ସିକକେତା ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ବିଳମ୍ବ

**ଦାରିଙ୍ଗବାଡ଼ି,୯।୨(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକର ସିମନବାଡ଼ିଠାରୁ ସିକକେତା ପର୍ଯ୍ୟନ୍ତ ପ୍ରାୟ ୧୫ କି.ମି. ରାସ୍ତା ସଂପ୍ରସାରଣ କାର୍ଯ୍ୟ ଚାଲିଛି। ତେବେ କଚ୍ଛପ ଗତିରେ ଏହି କାର୍ଯ୍ୟ ହେଉଥିବା ବେଳେ ଉକ୍ତ ରାସ୍ତା ଦେଇ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେଉଛି । କାର୍ଯ୍ୟ ଚାଲିଥିବା ବେଳେ ଠିକା ସଂସ୍ଥା ପକ୍ଷରୁ ଲୋକଙ୍କ ସୁବିଧା ପାଇଁ ଧ୍ୟାନ ଦିଆଯାଉନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି । କାମ ବେଳେ ପ୍ରବଳ ଧୂଳି ଉଡୁଥିବାରୁ ପ୍ରଦୂଷଣ ବୃଦ୍ଧି ପାଇଛି । ରାସ୍ତା ପାର୍ଶ୍ୱ ଗାଁଗୁଡିକରେ ଲୋକଙ୍କ ଘରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ନଷ୍ଟ ହେଉଥିବା ବେଳେ ରାସ୍ତା କଡ଼ ଜଳଖିଆ ଦୋକାନୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଠିକାସଂସ୍ଥା ତୁରନ୍ତ କାର୍ଯ୍ୟ ଶେଷ କରିବା ସହ ସଂପ୍ରସାରଣ ସ୍ଥାନରେ ପାଣିସିଞ୍ଚନ କରାଯାଉ ବୋଲି ବାଡାବାଙ୍ଗା ସରପଞ୍ଚ ପ୍ରସନ୍ନ ପ୍ରଧାନ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ସେ ଚେତାବନୀ ଦେଇଛନ୍ତି। ରାସ୍ତା କାମ ବିଳମ୍ବକୁ ନେଇ ସିମନବାଡ଼ି ସମେତ ଗଦଡ଼ି, ବାଡାବାଙ୍ଗା, ସିକକେତା ଆଦି ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଯାଇଛି।

ସିମନବାଡ଼ି ଠାରୁ ରାଇକିଆ ୨୫ କି.ମି. ଦୂର । ସେହିମଧ୍ୟରେ ୧୫ କି.ମି. ରାସ୍ତା ସଂପ୍ରସାରଣ ପାଇଁ ପ୍ରାୟ ୨୩ କୋଟି ଟଙ୍କା ଅନୁଦାନ ରହିଛି। ଗତ ଜୁନ ମାସରୁ ଏହି କାର୍ଯ୍ୟର ଶୁଭାରମ୍ଭ କରାଯାଇଥିବା ବେଳେ ଆସନ୍ତା ସେପ୍ଟେମ୍ବର ସୁଦ୍ଧା କାର୍ଯ୍ୟ ସାରିବାକୁ ଡେଡ୍‌ଲାଇନ ରହିଛି। ତେବେ କାର୍ଯ୍ୟ ଆରମ୍ଭ ହେବାର ୮ ମାସ ବିତିଛି। ଏହି ସମୟ ମଧ୍ୟରେ ମାତ୍ର ୧୦ ପ୍ରତିଶତ କାର୍ଯ୍ୟ ସରିଥିବା ପୂର୍ତ୍ତ ବିଭାଗ ପକ୍ଷରୁ କୁହାଯାଇଛି । କାର୍ଯ୍ୟରେ ଠିକାସଂସ୍ଥାର ଅହେତୁକ ବିଳମ୍ବକୁ ନେଇ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ହିମାଂଶୁ ଶେଖର ମଣ୍ଡଳ କହିଛନ୍ତି। ସମୟ ମଧ୍ୟରେ କାର୍ଯ୍ୟ ଶେଷ ନକଲେ ଠିକାସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହତଛନ୍ତି। ଏଥି ସହ ଯେଉଁଠି କାମ ବେଳେ ପାଣି ପକାଯାଉନାହିଁ ସେଠାରେ ପାଣି ପକାଇବାକୁ ନିର୍ଦ୍ଦେଶ ଦିଆଯିବ ବୋଲି ସେ କହିଛନ୍ତି। ସଂପ୍ରସାରଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି।

## ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ



ରାସ୍ତା ସମ୍ପ୍ରସାରଣ କରାଯାଉଛି।

## ପିସିସି କଳା, ସଂସ୍କୃତି ବିଭାଗ ଅଧ୍ୟକ୍ଷ, ସହ ଅଧ୍ୟକ୍ଷ ନିଯୁକ୍ତ

ଭୁବନେଶ୍ୱର,(ବ୍ୟୁରୋ): ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଅନୁମୋଦନ କ୍ରମେ ପିସିସି ସଭାପତି ଶରତ ପଟ୍ଟନାୟକ ପ୍ରଦେଶ କଂଗ୍ରେସ କଳା ଓ ସଂସ୍କୃତି ବିଭାଗ ଅଧ୍ୟକ୍ଷ ଏବଂ ସହ ଅଧ୍ୟକ୍ଷ ନିଯୁକ୍ତ କରିଛନ୍ତି। ଗୁଡୁଲି ରଥଙ୍କୁ ପ୍ରଦେଶ କଂଗ୍ରେସ କଳା ଓ ସଂସ୍କୃତି ବିଭାଗ ଅଧ୍ୟକ୍ଷ ଏବଂ ସହ ଅଧ୍ୟକ୍ଷ ଭାବେ ପମା ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ଏ ନେଇ ଗୁରୁବାର କଂଗ୍ରେସ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।



ନୂଆଦିଲ୍ଲୀର ଯନ୍ତରମନ୍ତର ଠାରେ ଗୁରୁବାର ଅଖିଳ ଭାରତୀୟ ମହିଳା କଂଗ୍ରେସ ପକ୍ଷରୁ ନିଯୁକ୍ତି ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ବିକ୍ଷୋଭ କରାଯାଇଛି।

# ମାନସିକ ଭାରସାମ୍ୟ ହରାଇଛନ୍ତି ଜୟନାରାୟଣ: ବିଜେଡି

ଭୁବନେଶ୍ୱର, ୯।୨(ବ୍ୟୁରୋ): ନବ ଦାସଙ୍କ ହତ୍ୟାକାଣ୍ଡ ଭଳି ସ୍ପର୍ଶକାତର ଘଟଣାରେ ବାରମ୍ବାର ଅରୁଚିକର ମନ୍ତବ୍ୟ ଦେଉଥିବା ବରିଷ୍ଠ ଭାଜପା ନେତା ଜୟନାରାୟଣ ମିଶ୍ର ମାନସିକ ଭାରସାମ୍ୟ ହରାଇଛନ୍ତି। ତେଣୁ ତୁରନ୍ତ ତାଙ୍କର ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ବିଜେଡି ପକ୍ଷରୁ ଭାଜପା ନେତୃବୃନ୍ଦଙ୍କୁ ପରାମର୍ଶ ଦିଆଯାଇଛି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେଡି ମୁଖପାତ୍ର ଗୌତମବୁଦ୍ଧ ଦାସ କହିଛନ୍ତି, ସ୍ୱର୍ଗତ ନବ ଦାସଙ୍କ ଦ୍ୱାଦଶାହ ଶ୍ରଦ୍ଧାଞ୍ଜଳି ସଭା ଝାରସୁଗୁଡ଼ାଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଯୋଗଦେଇ ଦିବଂଗତ ନେତାଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଓଡ଼ିଶା ସଂସ୍କୃତି ଓ ପରମ୍ପରା ଅନୁସାରେ ଏଭଳି ସମୟରେ ଜଣେ ମୃତବ୍ୟକ୍ତିଙ୍କ ଭଲ କାମକୁ ମନେପକାଇ ତାଙ୍କ ଗୁଣାବଳୀର ସ୍ମରଣ କରାଯାଏ। ମାତ୍ର ଗତ କିଛିଦିନ ହେଲା ମାନସିକ ଭାରସାମ୍ୟ ହରାଇଥିବା ଭାଜପା ନେତା ଜୟନାରାୟଣ ମିଶ୍ର ନବ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭାକୁ ନେଇ ଅରୁଚିକର ମନ୍ତବ୍ୟ ଦେଇଛନ୍ତି। ଦଳମତ ନିର୍ବିଶେଷରେ ତାଙ୍କ ମନ୍ତବ୍ୟକୁ ସମସ୍ତେ ନିନ୍ଦା କରୁଛନ୍ତି। ମାନସିକ ଭାରସାମ୍ୟ ହରାଇଥିବା ଭାଜପାର ଏହି ନେତାଙ୍କ ଆଚରଣ ଓ ଉଚ୍ଚାରଣ ଏଭଳି ହେବା ସ୍ୱାଭାବିକ। ତାଙ୍କ ଭଳି ଅଭ୍ୟାସଗତ ଅପରାଧୀଙ୍କଠାରୁ ଅଧିକ କିଛି ଆଶା ନ କରାଯାଇପାରେ। ତେଣୁ ଭାଜପା ଶୀର୍ଷନେତାଙ୍କୁ ଅନୁରୋଧ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଭୁଲି ଜଣେ ମୃତବ୍ୟକ୍ତିଙ୍କ ଦ୍ୱାଦଶାହରେ ଏଭଳି ଅରୁଚିକର ମନ୍ତବ୍ୟ ଦେଉଥିବା ନେତାଙ୍କ ମାନସିକ ସ୍ୱାସ୍ଥ୍ୟ ପରୀକ୍ଷା କରାନ୍ତୁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ନବ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ଏକ ଜନ ସମାବେଶ ଝାରସୁଗୁଡ଼ାସ୍ଥିତ ସରବାହାଲ ହାଇସ୍କୁଲ ପଡ଼ିଆରେ ଆୟୋଜନ କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ନେତା ଓ କର୍ମୀ ଏକତ୍ରିତ ହୋଇଥିଲେ। ରାଜ୍ୟର ପ୍ରାୟ ସମସ୍ତ ଆଗଧାଡ଼ିର ନେତା ସେଠାରେ ଏକାଠିହେବା ସାଙ୍ଗକୁ ମୁଖ୍ୟମନ୍ତ୍ରୀ ମଧ୍ୟ ସେଠାକୁ ଯାଇଥିଲେ। ହେଲେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଏହା ଶ୍ରଦ୍ଧାଞ୍ଜଳି ସଭା ନାଁରେ ରାଜନୀତି ହେଉଥିବା କହିଛନ୍ତି।

## ଅରୁଣାଚଳ ପ୍ରଦେଶ ଉପନିର୍ବାଚନ
# ହାମୁ ଏକମାତ୍ର ପ୍ରାର୍ଥୀ

ଇଟାନଗର,୯।୨: ଅରୁଣାଚଳ ପ୍ରଦେଶର ଲୁମଲା ବିଧାନସଭା ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହେବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ଶେରିଂଗ ହାମୁଙ୍କ ବ୍ୟତୀତ ଆଉ କେହି ପ୍ରାର୍ଥୀପତ୍ର ଦାଖଲ କରି ନାହାନ୍ତି। ବିଧାୟକ ଜାଂବେ ତାଶିଙ୍କ ମୃତ୍ୟୁ ପରେ ଏହି ବିଧାନସଭା ଆସନରେ ଉପ ନିର୍ବାଚନ ଚଳିତ ମାସ ୨୭ରେ ହେବା ଲାଗି ଦିନ ଧାର୍ଯ୍ୟ ହୋଇଛି । ଉପନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ମଙ୍ଗଳବାର ଥିବା ବେଳେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ ଶୁକ୍ରବାର ରହିଛି। ହାମୁ ହେଉଛନ୍ତି ପୂର୍ବତନ ବିଧାୟକ ଜାଂବେଙ୍କ ପତ୍ନୀ। ତେବେ ହାମୁଙ୍କ ବିରୋଧରେ ଆଞ୍ଚଳିକ ଦଳ ପିପୁଲ୍ସ ପାର୍ଟି ଅଫ ଅରୁଣାଚଳ (ପିପିଏ) ଜଣେ ଗ୍ରାମ ପ୍ରଧାନକୁ ପ୍ରାର୍ଥୀ କରିଥିଲା, ହେଲେ ପରବର୍ତ୍ତୀ ସମୟରେ ସେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ନେଇଛନ୍ତି । ଭାଜପା ପ୍ରାର୍ଥୀ ଶେରେଂଗ ହାମୁ ଉପନିର୍ବାଚନରେ ଏକମାତ୍ର ପ୍ରାର୍ଥୀ ବୋଲି ଜଣେ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି।


ଶେରିଂଗ ହାମୁ

# ନବ ଦାସଙ୍କ ହତ୍ୟା ତଦନ୍ତ ସିବିଆଇକୁ ନ ଦେଲେ ଆନ୍ଦୋଳନ: ଭାଜପା

ଭୁବନେଶ୍ୱର, ୯।୨(ବ୍ୟୁରୋ): ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ରାଜନୀତିରେ ହିଂସାକରଣ ଚରମସୀମା ଅତିକ୍ରମ କରିଗଲାଣି। ନବ ଦାସଙ୍କ ହତ୍ୟା ପ୍ରସଙ୍ଗରେ ଅପରାଧୀଙ୍କୁ ବଞ୍ଚାଇବା ସହିତ ସତ୍ୟକୁ ଚାପିଦେବା ପାଇଁ ରାଜ୍ୟବାସୀଙ୍କୁ ମିଛ ଗପ ଶୁଣାଇବାର କାର୍ଯ୍ୟ ରାଜ୍ୟ ସରକାର କରୁଛନ୍ତି। ଅତୀତର କିଛି ସମ୍ବେଦନଶୀଳ ଘଟଣାର ତଦନ୍ତ ଏବଂ ବର୍ତ୍ତମାନ ନବ ଦାସ ହତ୍ୟାକାଣ୍ଡ ପରବର୍ତ୍ତୀ କାର୍ଯ୍ୟକଳାପକୁ ଦେଖିଲେ ପୋଲିସ ବିଭାଗ ନିଜ ବିଶ୍ୱସନୀୟତା ହରାଇଥିବା ସ୍ପଷ୍ଟ ପରିଲକ୍ଷିତ ହେଉଛି। ରାଜ୍ୟ ସରକାର ସତ୍ୟକୁ ପଦାକୁ ଆଣିବା ପାଇଁ ନବ ଦାସ ହତ୍ୟାକାଣ୍ଡ ଘଟଣାର ତଦନ୍ତ ଭାର ଯଥାଶୀଘ୍ର ସିବିଆଇକୁ ଦିଅନ୍ତୁ ବୋଲି ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ ଦାବି କରିଛନ୍ତି। ଗୁରୁବାର ଭାଜପା ପକ୍ଷରୁ ଭୁବନେଶ୍ୱର କମିଶନରେଟ୍ ଅଫିସ ସମ୍ମୁଖରେ ସତ୍ୟାଗ୍ରହ ପ୍ରଦର୍ଶନ କରାଯାଇଥିଲା। ନବ ଦାସଙ୍କ ହତ୍ୟା ଘଟଣାକୁ ୧୨ଦିନ ବିତିଯାଇଥିଲେ ମଧ୍ୟ ଠିକ୍ ତଦନ୍ତ ହେଉନାହିଁ ବରଂ ହତ୍ୟା ପଛରେ ଥିବା ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ସରକାର ଘଣ୍ଟ ଘୋଡ଼ାଉଥିବା ଭାଜପା ଅଭିଯୋଗ କରିଛି। ତେଣୁ ଘଟଣାର ତଦନ୍ତ ଦାୟିତ୍ୱ ସିବିଆଇ ହାତରେ ନ୍ୟସ୍ତ କରାଯାଉ ନ ହେଲେ ଆଗକୁ ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ଭାଜପା ପକ୍ଷରୁ କୁହାଯାଇଛି।



ଭୁବନେଶ୍ୱରସ୍ଥିତ କମିଶନରେଟ୍ ପୋଲିସ୍ ଅଫିସ୍ ଆଗରେ ଭାଜପା ପକ୍ଷରୁ ଗୁରୁବାର ହୋଇଥିବା ସତ୍ୟାଗ୍ରହରେ ଦଳୀୟ ନେତା ଓ କର୍ମୀ।

# ଭାଜପାରେ ଅବସରପ୍ରାପ୍ତ ଯୋଗାଣ ଅଧିକାରୀ

ଭୁବନେଶ୍ୱର(ବ୍ୟୁରୋ)/ସରଣ୍ଡା,୯।୨ (ଡି.ଏନ.ଏ.)

ଅବସରପ୍ରାପ୍ତ ଯୋଗାଣ ବିଭାଗ ଅଧିକାରୀ ତଥା ଅତାବିରା ନିର୍ବାଚନ ମଣ୍ଡଳୀର ରଞ୍ଜନ କୁମାର ସେଠ୍ ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦେଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ତାଙ୍କୁ ସ୍ୱାଗତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ ନୀତି ଏବଂ ସର୍ବଦା ଓଡ଼ିଶାର ଉନ୍ନତି ପାଇଁ ଚିନ୍ତା କରୁଥିବା ଭାଜପା ପ୍ରତି ଆସ୍ଥା ପ୍ରକଟକରି ଆନୁଷ୍ଠାନିକ ଭାବେ ସେ ଭାଜପାରେ ସାମିଲ ହୋଇଥିବା କହିଛନ୍ତି।


ମିଶ୍ରଣ ପର୍ବରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

ମିଶ୍ରଣ ପର୍ବରେ ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ମୁଖପାତ୍ର ଠାକୁର ରଞ୍ଜିତ ଦାସ, କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ୍ ଆଚାର୍ଯ୍ୟ, ରାଜ୍ୟ ଗଣମାଧ୍ୟମ ସହମୁଖ୍ୟ ସୁଜିତ କୁମାର ଦାସ, କୃଷକ ମୋର୍ଚ୍ଚା ଉପସଭାପତି ରଞ୍ଜନ ମଙ୍ଗରାଜ, ରାଧାଶ୍ୟାମ ବାରିକ ଓ ସିଦ୍ଧାର୍ଥ ଶଙ୍କର ପତି ପ୍ରମୁଖ ଉପସ୍ଥିତ ଥିଲେ।

# ଆଦାୟ ଟିକସ ଫେରାଅ: ପୃଥ୍ୱୀରାଜ

ଭୁବନେଶ୍ୱର, ୯।୨(ବ୍ୟୁରୋ)

ବିଏମ୍‌ସିର ହୋଲ୍‌ଡିଂ ଟିକସ ବୃଦ୍ଧି ନିଷ୍ପତ୍ତି ବେଆଇନ ବୋଲି ହାଇକୋର୍ଟଙ୍କ ରାୟ ପ୍ରକାଶ ପାଇଛି। ଏହା ବିଏମ୍‌ସିକୁ ଶକ୍ତ ଚାପୁଡ଼ା ଏବଂ ହୋଲ୍‌ଡିଂ ଟିକସ ବୃଦ୍ଧି ନିଷ୍ପତ୍ତି ରଦ୍ଦ ହେବା ଫଳରେ ରାଜଧାନୀବାସୀ ଆଶ୍ୱସ୍ତି ହୋଇଛନ୍ତି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଭାଜପା କାର୍ଯ୍ୟାଳୟରେ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ କହିଛନ୍ତି, ହୋଲ୍‌ଡିଂ ଟିକସ ବୃଦ୍ଧି କରିବା ପୂର୍ବରୁ ବିଏମ୍‌ସି ପ୍ରଶାସନିକ ପ୍ରକ୍ରିୟା ଅନୁପାଳନ କରି ନ ଥିଲା। ପୌର ଆଇନର ସେକ୍ସନ-୨୧୫ ଅନୁସାରେ ମୂଲ୍ୟାଙ୍କନ କମିଟି ଗଠନ ହେବାର ନିୟମ ରହିଛି। ଏଥିରେ ଜଣେ ପୂର୍ବତନ ଜଜ୍‌ଙ୍କୁ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯିବା ସହିତ ୩ରୁ ୬ ଜଣ ସଦସ୍ୟ ରହିଥାନ୍ତି। ଟିକସ ବୃଦ୍ଧି ପୂର୍ବରୁ ଉକ୍ତ କମିଟି ଆଲୋଚନା ଓ ପର୍ଯ୍ୟାଲୋଚନା କରି ନିଷ୍ପତ୍ତି ନେଇଥାନ୍ତି। ଏହାପରେ ବିଏମ୍‌ସିର ଫାଇନାନ୍ସ ଏବଂ ଟ୍ୟାକ୍ସେସନ୍ କମିଟି ଅଧ୍ୟକ୍ଷଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଥାଏ। ପରିଶେଷରେ ବିଏମ୍‌ସି ପରିଷଦ ବୈଠକରେ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯାଇଥାଏ। କିନ୍ତୁ ଏହି ସମସ୍ତ ପ୍ରକ୍ରିୟା ଅବଲମ୍ବନ ନ କରି ବିଏମ୍‌ସି ମନମୁଖି ଜିଜିଆ କର ଭଳି ହୋଲ୍‌ଡିଂ ଟିକସ ବୃଦ୍ଧି ନିଷ୍ପତ୍ତି ନେଇଥିଲା। ପୂର୍ବରୁ ବିଏମ୍‌ସି ଜୋର ଜବରଦସ୍ତ ଅନେକ ଲୋକଙ୍କଠାରୁ ବର୍ଦ୍ଧିତ ଦରରେ ହୋଲ୍‌ଡିଂ ଟିକସ ଆଦାୟ କରିଥିଲା। ଆଦାୟ କରାଯାଇଥିବା ଜନବିରୋଧୀ ହୋଲ୍‌ଡିଂ ଟିକସକୁ ସୁଧମୂଳ ସହ ଲୋକଙ୍କୁ ବିଏମ୍‌ସି ଫେରାଉ। ସେତେବେଳେ ଏଭଳି ଜନବିରୋଧୀ ହୋଲ୍‌ଡିଂ ଟିକସ ନିଷ୍ପତ୍ତି ନେଇଥିବା ସମ୍ପୃକ୍ତ ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏନେଇ ଯଦି ରାଜ୍ୟ ସରକାର ଅବିଳମ୍ବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ତେବେ ଭାଜପା ପୁଣି ରାଜଧାନୀବାସୀଙ୍କ ସ୍ୱାର୍ଥ ପାଇଁ ରାଜରାସ୍ତାକୁ ଓହ୍ଲାଇବ ବୋଲି ପୃଥ୍ୱୀରାଜ ଚେତାବନୀ ଦେଇଛନ୍ତି।


## QUOTATION CALL NOTICE

**No.i-415:**"Sealed Quotations are invited from the registered Supplier/Farm/Agencies for supplying the Desktop, Inverter & Furniture under OLM Balasore. Quotation documents and other details can be downloaded from www.baleswar.nic.in."

Sd./- CDO-cum-EO
Zilla Parishad, Balasore
OIPR-48006/11/0003/2223

## OFFICE OF THE BLOCK DEVELOPMENT OFFICER, SIMULIA BLOCK, Balasore

E-mail: ori-simulia@nic.in

## SHORT CALL NOTICE

Advt. No.438/Cvil, NHM/Simulia,Bls.of 2022-23 Date.08.02.2023.

**No.i-417:**Sealed Tenders (Percentage Rates) in conformity with the DTCN are invited from the "C"&"B" Class Contractors registered with the State Govt. And Contractors of equivalent grade / Class registered with central Govt. MES / Railways for Execution of works under BDO, Simulia Block, Balasore. The tender documents (DTCN & BOQ) can be obtained from district NIC website (www.baleswar.nic.in) from Dt. 08.02.2023 to 23.02.2023 till 5p.m. The tenders will received up to Dt. 24.2.2023 till 5p.m. and address to Office of the BDO, Simulia , Balasore through Registered post/ Speed Post/ Courier service only. The incomplete Bid in any form is liable for rejection. The detail terms and conditions can be downloaded at NIC Website (www.baleswar.nic.in).

Sd./- BDO, Simulia Block, Balasore
OIPR-19205/11/0003/2223

GOVT. OF ODISHA No. O-1800

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KEONJHAR

Tel.; 06766-258301 (O), email: se_nerwkjr@rediffmail.com

**e-Procurement Notice for Bridge Works under BSY**

Identification No. - Bridge Online NCB No. 361

No. 533 Date: 08.02.2023

1. Name of the Work : Construction of Bridge over Machhakandana Nallah on P.S. Silisuan to Kadagarh Road (Raft Foundation) in the district of Keonjahr for the year 2022-23 under BSY.
2. No. of Work : 01 (One) No.
3. Estimated Cost : Rs.265.35 Lakhs (Approximately)
4. Class of Contractor (Eligible) : "B" & "A" Class
5. Period of Completion : 18 (Eighteen) Claendar Months
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E., R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Bridge Online NCB No. 361 | Dt.16.02.2023 at 11.00 A.M. | Dt.02.03.2023 upto 5.00 P.M. | Dt.01.03.2023 upto 5.00 P.M. | Dt.03.03.2023 at 11.00 A.M. | Will be intimated later |

• Further details can be seen from the website: www.tendersorissa.gov.in.

OIPR-25177/11/0039/2223 Sd./- Chief Construction Engineer, R.W. Circle, Keonjhar

## OFFICE OF THE SUPERINTENDING ENGINEER, RWS&S DIVISION,JAGATSINGHPUR

Tel.No.06724-223485, mail-rwssjspur@gmail.com

**e-Procurement Notice**

**2nd Corrigendum to this Office Bid Identification Notice No.31 of 2022-23**

**No.O-1792:**1.The Bid Security Declaration as mentioned for security amount previously may be read as 1% of the tender value.

| Sl. No. | Name of the Work | Value of the Work (Rs. in lakhs) | Concerned T.I.A. | Security Amount (Rs.) (Online) | Cost of Bid document (Rs.) (Online) | Class of Bidder | Period of Completion |
|---|---|---|---|---|---|---|---|
| 1 | Execution of 4 Nos. individual Retro, RPWS Scheme to Baredia, Kalantira, Batimira & Manguli under Biridi Block. | 506.45 | S.E. RWS&S Division Jagatsinghpur | **1% of the tender value** | 10,000/- | 'A' | 12 (Twelve) months |

2.The Bid Security declaration mentioned in the DTCN is to be IGNORED.
All other terms and conditions remain unchanged.
NB: Subsequent corrigendum/addendum if required shall only appear in above website.

OIPR-25024/11/0014/2223 Sd./- Superintending Engineer, RWS&S Divn., Jagatsinghpur

## OFFICE OF THE PANCHAYAT SAMITI JODA, KEONJHAR,ODISHA-758038

E-mail- ori-joda@nic.in
Letter No. 427/ Dev. Date:08.02.2023

**CORRIGENDUM**

**No.i-419:**The following changes have been made against this Office e-tender notice Letter No.325, Dt.01.02.2023 Tender Notice No.03/BDO, JODA-2023.
1.The type of contractor mentioned in BOQ format may be read as "B" & "C" instead of "C" & "D" all other terms and conditions is remain unchanged as published in the e-tender.

Sd./- Block Development Officer, Joda
OIPR-19122/11/0006/2223

# UTKAL BALASHRAM (CHILD CARE INSTITUTION)

At: Berna Road, Near Children Park, Kantabanji, P.O.: Kantabanji, Dist.: Balangir

**Observation Home (OH) & Special Home (SH), Balangir**
**O/o. The District Child Protection Unit, Balangir**

**ADVERTISEMENT**

No. 110 Date: 08.02.2023

No. g-102: Applications are invited from the eligible candidates for different posts in **Utkal Balashram, Kantabanji, Balangir** and **Observation Home (OH), Balangir** following the process of engagement as laid down in the Resolution No. 10102-WCD-CW-MISC-0023-2020 Dt.15.09.2020, issued by the Women & Child Development Department, Govt. of Odisha.

| Sl. No. | Post Vacant for Utkal Balasharam | Post Vacant for Observation & Special Home |
|---|---|---|
| 1 | Office Inchage (Superintendent) - 1 | Superintendent - 1 |
| 2 | Child Welfare Officer/Probation Officer - 1 | Child Welfare Officer/Probation Officer - 1 |
| 3 | Counselor - 1 | Counselor - 1 |
| 4 | House Mother - 1 | House Father - 2 |
| 5 | House Father - 1 | Paramedical Staff - 1 |
| 6 | Paramedical Staff - 1 | Store Keeper cum Accountant - 1 |
| 7 | Store Keeper cum Accountant - 1 | Cook - 2 |
| 8 | Cook - 2 | Helper - 2 |
| 9 | Helper - 2 | House Keeper - 1 |
| 10 | House Keeper - 1 | |

The posts are purely temporary, contractual, time bound and coterminous with the scheme or depending on the satisfactory performance whichever is earlier and remuneration/honorarium will be paid as per the norms of Mission Vatsalya under the W&CD Deptt., Govt of Odisha and other details of each post are available in the website **www.balangir.nic.in** under the caption advertisement. Candidates are to apply through online (Google form **https://forms.gle/dSQjksX6M TK HB5p56**) and also send a hard copy of same application & its enclosure **for the post of Utkal Balashram (CCI)** to the Secretary, Utkal Balashram (Child Care Institution). At: Berna Road, Near Children Park, Kantabanji, P.O.: Kantabanji, Dist.: Balangir and separate application should be sent **for the post of Observation Home & Special Home** to the District Child Protection Unit, Infront of Collectorate, At/P.O./Dist.: Balangir - 767001 through Speed Post/ Registered Post only on or before Dt.25.02.2023 (5.00 P.M.). The candidates who are interested to apply more than one post they should make separate application against the each post super scribing the post applied for on top of the envelope. The undersigned is not responsible for any delay and authority may cancel the advertisement without any reason thereof.

Sd./- DSWO cum Member Secretary, Utkal Balashram, Kantabanji, Balangir
Sd./- Sub-Collector cum Secretary, OH & SH, Balangir
OIPR-33036/11/0001/2223

See Career Appointment on every Wednesday & Saturday

GOVERNMENT OF ODISHA No. O-1804

## OFFICE OF THE CHIEF CONSTRUCTION ENGINEER CENTRAL RURAL WORKS CIRCLE, BHUBANESWAR

No.________ / Date: 08.02.2023

**"e" PROCUREMENT NOTICE FOR ROAD WORKS**

| | | |
|---|---|---|
| 1. | Name of the Work | Road Works |
| 2. | Total No. of Packages | 02 Nos. of Road Works under Transferred Road Improvement Programme (TRIP) for the year 2022-23. |
| 3. | Estimated Cost of the Package | Varies from Rs.108.23 lakhs to Rs.481.70 lakhs |
| 4. | Class of Contractors | |
| | a) Estimated cost more than Rs.20.00 lakhs upto Rs.3.00 Crore | **B Class** (of Odisha PWD) or relevant Class of other licensing authorities |
| | b) Estimated cost more than Rs.1.00 Crore upto Rs.20.00 Crores | **A Class** (of Odisha PWD) or relevant Class of other licensing authorities |
| 5. | Period of Completion | As mentioned in Column - 7 of Annexure |
| 6. | Offered rates by bidder | The offered rate by the contractor shall be excluding GST |
| 7. | Other details | |

| Procurement Officer | Bid Identification No. | Availability of Tender Online for Bidding | | Date & time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender Online - C.C.04 of 2023 | 14.02.2023 at 11.00 A.M. | 28.02.2023 upto 5.00 P.M. | 01.03.2023 at 11.00 A.M. | To be intimated later on |

Further details can be seen from the website: www.tendersodisha.gov.in.

OIPR-25082/11/0039/2223 Sd./- Chief Construction Engineer, Central Rural Works Circle, Bhubaneswar

## OFFICE OF THE SUPERINTENDING ENGINEER RURAL WORKS DIVISION-I, GANJAM, BERHAMPUR

Phone: 0680-2291405, E-Mail: eerw_gm1@yahoo.co.in

No. O-1798 Government of Odisha

**e-Procurement Notice**

Bid Identification No. Online Tender//15//SERWDG-I//2022-23
Letter No. 611//RWDG-I//BAM Date: 08.02.2023

| | | |
|---|---|---|
| 1 | Name of the Work | Bridge Works |
| 2 | Estimated Cost | Rs.95.30 Lakh |
| 3 | Period of Completion | 03 (Three) Calendar Months as shown in Column No. 05 of Annexure |
| 4 | Date & time of availability of Bid Documents in the Portal | From 15.02.2023 at 11.30 A.M. to 23.02.2023 upto 5.00 P.M. |
| 5 | Last Date/Time for receipt of Bids in the portal | 23.02.2023 upto 5.00 P.M. |
| 6 | Name and Address of the Officer Inviting Bid | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website https://www.tendersodisha.gov.in.

Sd./- Executive Engineer, R.W. Division-I, Ganjam, Berhampur
OIPR-25085/11/0021/2223

## ODISHA CONSTRUCTION CORPORATION LIMITED

BHUBANESWAR, ODISHA,
PIN-751012, Tel.No.(0674) 2562020,
e-Mail:theoccltd@odishaconstruction.com
GSTIN-21AAACO2571K2ZM

DESIGNED TO EXCEL

No.CAD-4776:

**"e"-Procurement Notice No.53/OCCL/2022-23 (online)**
**Online percentage rate tenders are invited for the following works.**

| Sl. No. | Name of Work | Bid Identification No. | Approx value of work (Rs. in Crores) | Bid Security (through online transfer) (in Rs.) | Period of Completion | Availability of Tender (online) | Submission of tender (online) |
|---|---|---|---|---|---|---|---|
| 01 | Improvement of Service Road with black topping Right Extension main canal and off-taking branch canal, distributaries canal under RCD No.II, Junagarh | OCCL-TSP/19/2022-23 | Rs.28.81 Crores | Rs.28,81,000/- | 12 (Twelve) Calendar Months | From 10.02.2023 03.30 PM to 24.02.2023 5.30 PM | From 10.02.2023 03.30 PM to 24.02.2023 5.30 P.M. |
| 02 | Improvement to Service Road with black topping in between RD 0.00 Km to RD 11.92 Km of 11.92 Km of Chilchila Branch Canal and in between RD 2.97 Km to RD 42.84 Km of Golamunda distributary. | OCCL-TSP/20/2022-23 | Rs.22.23 Crores | Rs.22,23,000/- | 9 (Nine) Calendar Months | From 10.02.2023 03.30 PM to 24.02.2023 5.30 PM | From 10.02.2023 03.30 PM to 24.02.2023 5.30 PM |

Procurement Officer: Managing Director, OCCL
Date of Opening of the Technical Bid: 27.02.2023, 12.00 Noon
Further details can be seen from the e-Procurement portal:https://www.tendersodisha.gov.in.

Sd./- Managing Director
OIPR-34120/11/0047/2223

## OFFICE OF THE NOTIFIED AREA COUNCIL, BANPUR

Phone No.: 06756 253091, Email id: ulbnac.banpur@gmail.com
No. 291 Dt.08.02.2023

**EXPRESSION OF INTEREST**

No. C-2438: Expression of Interest on sealed covers are invited from the intending architect/consultancy firms for preparation of DPR, i.e. detail estimate in present analysis of rate, detail survey, soil test report, lay out plan, elevation & structural design for **"Beautification of Badhi Pond"** under Banpur NAC. The last date and time of receipt of EOI document is Dt.23.02.2023 upto 1 P.M. and the same will be opened on the same day i.e. on Dt.23.02.2023 at 3.30 P.M. and onwards in presence of participant or their authorized representatives. They are requested to quote the consultancy fees on percentage basis of the project cost (excluding GST Cost). They are requested to submit the copy of registration certificate, GST, PAN, Aadhaar and past experience details along with EOI. Successful bidders have to submit the DPR within 20 days from the date of execution of agreement. Payment will be made in phased manner after completion of technical sanction and administrative approval from competent authority which will be reflected in agreement. The authority reserves the right to reject any or all the EOI without assigning any reason thereof. The same notice will be available in our office website www.banpurnac.in.

Sd./- Executive Officer, Banpur NAC
OIPR-13177/11/0010/2223

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ସାତ୍ୱିକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶିମିଳିପାଳରେ ପୁଣି ହାତୀ ଶିକାର

**ବାରିପଦା ଅଫିସ,୯।୨**



ଦନ୍ତାହାତୀର ଗଳିତ ମୃତଦେହ

- ଶୁଣ୍ଢ ସହ ଦାନ୍ତ କାଟିନେଲେ
- ୨ମାସ ମଧ୍ୟରେ ୪ ହାତୀ ମୃତ

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ପୁଣି ଏକ ଦନ୍ତା ହାତୀ ଶିକାର ହୋଇଛି। ଶିକାରୀମାନେ ମୃତ ହାତୀର ଶୁଣ୍ଢ ସହ ଦୁଇଟି ଦାନ୍ତକୁ କାଟି ନେଇଛନ୍ତି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ପିଠାବଟା ରେଞ୍ଜ ବାଲିଖାଲ ସେକ୍ସନ ଗୋପୀନାଥପୁର ବିଟ୍ ଅଞ୍ଚଳରେ ଗୁରୁବାର ଏହି ଦନ୍ତାହାତୀର ଗଳିତ ମୃତଦେହ ଠାବ ହୋଇଛି। ବନ ବିଭାଗର ଦୁଇ ଅଧିକାରୀଙ୍କ ସହ ମିଳିତ ଟାସ୍କ ଫୋର୍ସ, ୩ ପ୍ରାଣୀ ବିଶେଷଜ୍ଞ ଡାକ୍ତର ଓ ଜଣେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇଛନ୍ତି। ରକ୍ତ ନମୁନା ପରୀକ୍ଷା ନିରୀକ୍ଷା ନିମନ୍ତେ ଓୟୁଏଟିକୁ ପଠାଯାଇଛି। ମୃତ ହାତୀର ବୟସ ୭ରୁ ୮ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଥିବା ବେଳେ ଏହାକୁ ୩/୪ଦିନ ପୂର୍ବେ ଶିକାର କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ପାରିପାର୍ଶ୍ୱିକ ସ୍ଥିତିରୁ ଏହି ଶିକାରରେ ଅରୁଣାଚଳ ପ୍ରଦେଶର ଶିକାରୀମାନେ ଜଡ଼ିତ ଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା କହିଛନ୍ତି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ହାତୀ ମୃତ୍ୟୁ ଥମିବାର ନାଁ ଧରୁନାହିଁ। ଶିକାରୀମାନେ ନିର୍ଭୟରେ ଅଭୟାରଣ୍ୟ ମଧ୍ୟରେ ପଶି ବନ୍ୟପ୍ରାଣୀ ଶିକାର କରିବାରେ ସଫଳ ହେଉଛନ୍ତି। ମହାବଳ, କଲରାପତରିଆ ବାଘ ଓ ଦନ୍ତାହାତୀ ଶିକାର କରି ଖସି ପଳାଇବାରେ ସକ୍ଷମ ହେଉଛନ୍ତି। ଗତ ୨ମାସ ମଧ୍ୟରେ ୪ଟି ହାତୀଙ୍କ ମୃତ୍ୟୁ ଘଟଣା ବନ୍ୟପ୍ରାଣୀପ୍ରେମୀଙ୍କୁ ବ୍ୟଥିତ କରିଛି। ବନ ବିଭାଗର କାର୍ଯ୍ୟକଳାପକୁ ନେଇ ସନ୍ଦେହ ଉପୁଜିଛି। ଶିକାରୀମାନେ ବନ କର୍ମଚାରୀ କିମ୍ବା ଅଧିକାରୀଙ୍କ ହାତରେ ଧରାପଡୁ ନ ଥିବା ଜିଲାବାସୀଙ୍କୁ ଚକିତ କରିଛି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉତ୍ତର ଓ ଦକ୍ଷିଣ ଡିଭିଜନର କୋର୍ ଅଞ୍ଚଳରେ ଶିକାରୀମାନେ ସକ୍ରିୟ ହୋଇଛନ୍ତି। ଏହି ଦୁଇ ଡିଭିଜନ ଅଧୀନରେ ଥିବା ୧୬ଟି ରେଞ୍ଜରେ ଦୁଇ ମାସ ମଧ୍ୟରେ ହାତୀ ମୃତ୍ୟୁ ବଢ଼ିଚାଲିଛି। କିଛିଦିନ ତଳେ ଦକ୍ଷିଣ ଡିଭିଜନର ଜେନାବିଲ ରେଞ୍ଜ ଅଞ୍ଚଳରେ ଏକ ଦନ୍ତାହାତୀ ଶିକାର କରାଯାଇଥିଲା। ଉତ୍ତର ଡିଭିଜନ ତାଳବନ୍ଧ ରେଞ୍ଜ ବାଙ୍କଡିହୀ ଅଞ୍ଚଳରେ ଶିକାରୀମାନେ ଏକ ହାତୀ ଶିକାର କରିଥିଲେ। ଅନ୍ୟ ଏକ ରୋଗାକ୍ରାନ୍ତ କୁମକୀ (ପୋଷା)ହାତୀ ଶୋଭା ଚିକିତ୍ସା ଅଭାବରୁ ମୃତ୍ୟୁମୁଖରେ ପଡ଼ିଥିଲା। ତାଳବନ୍ଧ ରେଞ୍ଜ ଅଞ୍ଚଳରେ ବନବିଭାଗ ଓ ପୋଲିସ ଚଢ଼ାଉକରି ଦୁଇ ହାତୀଦାନ୍ତ ଜବତ କରିଥିଲେ। ଜେନାବିଲ ରେଞ୍ଜ ଦାୟିତ୍ୱରେ ଥିବା ଫରେଷ୍ଟର ଶିବ ଶଙ୍କର ସାମଲ, ଫରେଷ୍ଟ ଗାର୍ଡ ଚନ୍ଦ୍ରଭାନୁ ବେହେରା ଓ ବିନୋଦ କୁମାର ଦାସ ହାତୀ ମୃତଦେହ ପୋଡ଼ିଦେଇ ପ୍ରମାଣ ନଷ୍ଟ ପାଇଁ ଉଦ୍ୟମ କରିଥିବା ଅଭିଯୋଗରେ ଗିରଫ ହୋଇଥିଲେ। ଅଦ୍ୟାବଧି ଉକ୍ତ ମୃତ ଦନ୍ତାହାତୀର ଦାନ୍ତ ଜବତ ହୋଇପାରିନାହିଁ। ଅଭିଯୁକ୍ତ ଅଧିକାରୀମାନଙ୍କୁ ଘଣ୍ଟ ଘୋଡ଼ାଇବା ପାଇଁ ଚେଷ୍ଟା କରାଯାଉଥିବା ନେଇ ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି।

# ପ୍ରମିଳା ବିଶୋଇଙ୍କୁ ଭାରତ ଅସ୍ମିତା ଜାତୀୟ ପୁରସ୍କାର

**ଭୁବନେଶ୍ୱର, ୯।୨(ବ୍ୟୁରୋ)**



ଆସିକା ଏମ୍‌ପି ପ୍ରମିଳା ବିଶୋୟୀଙ୍କୁ ୧୯ତମ ଭାରତ ଅସ୍ମିତା ଜାତୀୟ ପୁରସ୍କାର-୨୦୨୩ରେ ସମ୍ମାନିତ କରାଯାଇଛି। ଭାରତର ଅସ୍ମିତା ଶ୍ରେଷ୍ଠ ଜନପ୍ରତିନିଧି ଭାବେ ତାଙ୍କୁ ଏହି ଜାତୀୟ ପୁରସ୍କାର ମିଳିଛି। ଏମ୍ଆଇଟି ସ୍କୁଲ ସହଯୋଗରେ ମହାରାଷ୍ଟ୍ର ପୁଣେଠାରେ ୟୁନେସ୍କୋ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରମିଳାଙ୍କୁ ସମ୍ମାନିତ କରାଯାଇଛି। ପୁରସ୍କାର ଗ୍ରହଣ ପରେ ସେ ଦିଲ୍ଲୀରୁ ଫେରି ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ସେ ଏହି ପୁରସ୍କାର ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ସହିତ ପୁରସ୍କାର ବାବଦକୁ ପାଇଥିବା ୨୫ ହଜାର ଟଙ୍କାକୁ

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପୁରସ୍କାର ରାଶି ୨୫ ହଜାର ଦେଲେ

ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରିଛନ୍ତି । ସାକ୍ଷାତ ବେଳେ ମୁଖ୍ୟମନ୍ତ୍ରୀ ପ୍ରମିଳାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଏହା ଏକ ବଡ଼ ସଫଳତା ବୋଲି କହିଛନ୍ତି।

# ଓଡ଼ିଶା ଅନ୍ୟ ରାଜ୍ୟ ପାଇଁ ଉଦାହରଣ ସୃଷ୍ଟି କରିଛି: ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୯।୨(ବ୍ୟୁରୋ)**

## ଓଡ଼ିଶା ପ୍ରଶାସନିକ ସେବା ସଂଘର ୨ ଦିନିଆ ସାଧାରଣ ସମ୍ମିଳନୀ

ବିକାଶର ପ୍ରତିଟି କ୍ଷେତ୍ରରେ ଓଡ଼ିଶା ଦେଶର ରାଜ୍ୟଗୁଡ଼ିକ ପାଇଁ ଉଦାହରଣ ସୃଷ୍ଟି କରିଛି। ଏହାସହ ରାଜ୍ୟରେ ବିକାଶର ନୂଆ ଦିଗନ୍ତ ଆରମ୍ଭ ହୋଇଥିବା ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗୁରୁବାର କହିଛନ୍ତି। ଓଡ଼ିଶା ପ୍ରଶାସନିକ ସେବା ସଂଘର ୨ ଦିନିଆ ସାଧାରଣ ସମ୍ମିଳନୀରେ ଯୋଗଦେଇ ମହାପାତ୍ର କହିଛନ୍ତି, ବିଗତ ୨ ଦଶନ୍ଧି ଧରି ଭିତ୍ତିଭୂମି କ୍ଷେତ୍ରରେ ବିପୁଳ ପୁଞ୍ଜିନିବେଶ କରାଯାଇଛି। ଆଗାମୀ ୫ରୁ ୬ ବର୍ଷ ମଧ୍ୟରେ ଓଡ଼ିଶା ଦେଶରେ ବିକାଶଶୀଳ ରାଜ୍ୟ ଭାବେ ଉଭାହେବ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଏବଂ ଅନ୍ୟାନ୍ୟ ସାମାଜିକ କ୍ଷେତ୍ରରେ ରାଜ୍ୟର ବିକାଶ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ରହିବ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ଶିକ୍ଷାର ବିକାଶ ନିମନ୍ତେ ପ୍ରତ୍ୟେକ ପଞ୍ଚାୟତରେ ୫-ଟି ମାଧ୍ୟମରେ ହାଇସ୍କୁଲ ରୂପାନ୍ତରଣ କରାଯାଇଛି। ଖାଦ୍ୟ ସୁରକ୍ଷା ଏବଂ ବିଗତ ୫ ବର୍ଷରେ ଜିଏସ୍‌ଟି ଆଦାୟ କ୍ଷେତ୍ରରେ ମଧ୍ୟ ଓଡ଼ିଶା ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଆଗରେ ରହିଛି। ତଳସ୍ତରରେ ଉତ୍ତମ ସେବା ପ୍ରଦାନ ଦ୍ୱାରା ରାଜ୍ୟରେ ମାଓବାଦ ଉପଦ୍ରବ ହ୍ରାସ ପାଇଛି। ବିକାଶ ସହ ପରିବେଶ ସୁରକ୍ଷା ଉପରେ ମଧ୍ୟ ରାଜ୍ୟ ସରକାର ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି। ଏହାଦ୍ୱାରା ଜଙ୍ଗଲ ସୃଷ୍ଟି କ୍ଷେତ୍ରରେ ଶତକଡ଼ା ୩୦ରୁ ୪୦ ଭାଗ ବୃଦ୍ଧି ପାଇଛି। ଅଲିଭ ରିଡ୍‌ଲେ ଏବଂ ବିଦେଶାଗତ ପକ୍ଷୀଗୁଡ଼ିକୁ ସୁରକ୍ଷା ଦେବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଥିବା ସେ କହିଛନ୍ତି। ଏପରିକି ଗତ ୧୦ ବର୍ଷ ମଧ୍ୟରେ ପ୍ରାୟ ଦେଢ଼ ହଜାର ପୋଲ ଏବଂ ପ୍ରତ୍ୟେକ ଗାଁକୁ ସବୁ ଦିନିଆ ରାସ୍ତା ନିର୍ମାଣ କରାଯାଇଛି। ବିଭିନ୍ନ କଷ୍ଟକର ପରିବେଶ ମଧ୍ୟରେ ରହି ଉତ୍ତମ ସେବା ପ୍ରଦାନ ନିମନ୍ତେ ସେମାନଙ୍କ ପ୍ରତିଶ୍ରୁତିବଦ୍ଧତା ପ୍ରେରଣାଦାୟୀ ବୋଲି ସେ କହିଛନ୍ତି। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁ ଏବଂ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ ଯୋଗଦେଇ ରାଜ୍ୟର ପ୍ରଗତି ସମ୍ପର୍କରେ ତଥ୍ୟ ଦେବା ସହ ବିକାଶ ଲକ୍ଷ୍ୟ ହାସଲ କ୍ଷେତ୍ରରେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଛନ୍ତି।


CLASSIFIED DISPLAY
ALL EDITION - B/W (Everyday)
MORE SPACE * SAME PRICE
TARIFF
For Booking Contact: 0674-2580385


# ଆସାମରୁ ଆନ୍ତଃରାଜ୍ୟ ନିଶା ବେପାରୀ ଗିରଫ

**ଭୁବନେଶ୍ୱର,୯।୨(ବ୍ୟୁରୋ)**

### ଅଂଶୁପା ହ୍ରଦ ନିକଟରୁ ୧.୩୩ କୋଟିର ବ୍ରାଉନସୁଗାର ଜବତ ଘଟଣା

- ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିଲା ଏସ୍‌ଟିଏଫ୍
- ପୂର୍ବରୁ ଗିରଫ ହୋଇଥିଲେ ୨ ସହଯୋଗୀ



ସଲିମ୍ ଅହମ୍ମଦ

କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ଅଂଶୁପା ହ୍ରଦ ନିକଟରୁ ୧.୩୩ କୋଟି ଟଙ୍କାର ବ୍ରାଉନସୁଗାର ଜବତ ଘଟଣାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଆସାମ ଗୁଆହାଟୀରୁ ଜଣେ ଆନ୍ତଃରାଜ୍ୟ ନିଶା ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ମଣିପୁର ଇମ୍ଫାଲ ଇଷ୍ଟ ଜିଲା ପୋରୋମ୍‌ପାଟ୍ ଥାନା ଅଞ୍ଚଳର ସଲିମ୍ ଅହମ୍ମଦ। ମଙ୍ଗଳବାର ଅଭିଯୁକ୍ତ ସଲିମ୍‌ଙ୍କୁ ଗିରଫ ପରେ ଏସ୍‌ଟିଏଫ୍ ତାଙ୍କୁ ଗୁଆହାଟୀ ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟକୁ ଚାଲାଣ କରିଥିଲା। ସେଠାରୁ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇ ଗୁରୁବାର କଟକ ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସଲିମ୍‌ଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ପୂର୍ବରୁ ଅର୍ଥାତ୍ ବ୍ରାଉନସୁଗାର ଜବତ ଦିନ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ଜୁମେଶ କୁମାର ସାହୁ ଓ ଆଠଗଡ଼ ଥାନା ଅଞ୍ଚଳର ହେମନ୍ତ କୁମାର ପ୍ରଧାନଙ୍କୁ ଏସ୍‌ଟିଏଫ୍ ଗିରଫ କରିଥିଲା। ସଲିମ୍‌ଙ୍କ ନିଶା କାରବାରର ଓଡ଼ିଶା ଦାୟିତ୍ୱରେ ଥିଲେ ଜୁମେଶ। ତେବେ ର୍‍ୟାକେଟରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବାକୁ ଉଦ୍ୟମ ଜାରି ରହିଥିବା ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ଗତ ଡିସେମ୍ବର ୩ ସନ୍ଧ୍ୟାରେ ଜୁମେଶ ଓ ହେମନ୍ତ ଅନୁଗୋଳ ପଟୁ ଏକ କାର୍‌ରେ ବ୍ରାଉନସୁଗାର ନେଇ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳକୁ ବଡ଼ ଡିଲ୍ ପାଇଁ ଆସୁଥିଲେ। ଏନେଇ ଖବର ପାଇବା ପରେ ଏସ୍‌ଟିଏଫ୍ ଟିମ୍ ସ୍ଥାନୀୟ ପୋଲିସ ସହାୟତାରେ ଅଂଶୁପା ହ୍ରଦ ନିକଟରେ ଚଢ଼ାଉ କରି କାର୍ ସହ ୧ କେଜି ୩୩୫ ଗ୍ରାମର ବ୍ରାଉନସୁଗାରକୁ ଜବତ କରିବା ପରେ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିଥିଲା। ଜବତ ବ୍ରାଉନସୁଗାରକୁ ସଲିମ୍‌ଙ୍କଠୁ ଆଣିଥିବା ମୁଖ୍ୟ ଅଭିଯୁକ୍ତ ଜୁମେଶ ଏସ୍‌ଟିଏଫ୍‌କୁ କହିଥିଲେ। କିଛିଦିନ ତଳେ ଏସ୍‌ଟିଏଫ୍‌ର ଏକ ଟିମ୍ ମଣିପୁର ଯାଇ ସଲିମ୍‌ଙ୍କୁ ଧରିବାକୁ ଚେଷ୍ଟା କରିଥିଲା। ହେଲେ ସେ ସ୍ଥାନ ବଦଳାଇ ଏସ୍‌ଟିଏଫ୍‌କୁ ଭୁଆଁ ବୁଲାଇଥିଲା। ଶେଷରେ ଗୁଆହାଟୀରେ ସଲିମ୍ ଥିବା ଜଣାପଡ଼ିବା ପରେ ସ୍ଥାନୀୟ ପୋଲିସ ସହାୟତାରେ ଏସ୍‌ଟିଏଫ୍ ତାଙ୍କୁ କାବୁ କରିଥିଲା। ପଚରାଉଚରା ସମୟରେ ଜଣାପଡ଼ିଛି, ସଲିମ୍ ୨୦୧୧ରେ ଅନୁଗୋଳ ଜିଲା ତାଳଚେରରେ ରହି କାମ କରୁଥିବାବେଳେ ଜୁମେଶଙ୍କ ସହ ସମ୍ପର୍କ ହୋଇଥିଲା। ଏହାପରେ ସଲିମ୍ ବିଭିନ୍ନ ପର୍ଯ୍ୟାୟରେ ମଣିପୁରରୁ ବ୍ରାଉନସୁଗାର ପଠାଉଥିଲେ ଓ ଜୁମେଶ ଓଡ଼ିଶାର ବେପାରୀଙ୍କୁ ଯୋଗାଉଥିଲେ। ତେବେ ସଲିମ୍‌ଙ୍କ ନାଁରେ ମଣିପୁରରେ ବିଭିନ୍ନ ନିଶା କାରବାର ମାମଲା ଥିବା ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି।

# ଜଣଙ୍କୁ ଧରିଲା, ଅନ୍ୟଙ୍କୁ ଗିରଫ ଦର୍ଶାଇଲା

**ବସ୍ତା, ୯।୨(ଡି. ଏନ୍. ଏ.)**

## ଅବକାରୀ ବିଭାଗର ବିଚିତ୍ର ନୀତି

ଅଫିମ ଜବତ ଘଟଣାରେ ଜଣଙ୍କୁ ଥାନାକୁ ଉଠାଇ ନିଆଯାଇଥିବା ବେଳେ ଆଉଜଣଙ୍କୁ ଗିରଫ ଦର୍ଶାଯାଇଛି। ବାଲେଶ୍ୱର ଜିଲ ବସ୍ତା ଅବକାରୀ ବିଭାଗର ଏଭଳି ବିଚିତ୍ର ନୀତି ଚର୍ଚ୍ଚାର ବିଷୟ ହୋଇଛି। ବୁଧବାର ସାଟେଲାଇଟ ଅବକାରୀ ବିଭାଗ ଓ ବାଲେଶ୍ୱର, ଜଳେଶ୍ୱର, ବସ୍ତା, ଭୋଗରାଇ ଅବକାରୀ କର୍ମଚାରୀଙ୍କ ଏକ ୩୦ ଜଣିଆ ଟିମ୍ ଚଢାଉ କରି ୩୮ କେଜି ଗଞ୍ଜେଇ ଜବତ କରିବା ସହ ବସ୍ତା ଅବକାରୀ ବିଭାଗ ୯୯୦ ଗ୍ରାମ ଓଜନର ଅଫିମ ଜବତ କରିଥିଲା। ଏହି ଘଟଣାରେ ସିଂଲା ଥାନା ଗୁଡୁଡିହା ଗ୍ରାମର ରାମକୃଷ୍ଣ ଜେନାଙ୍କୁ ଥାନାରେ ଅଟକ ରଖାଯାଇଥିଲା। ଏନେଇ ବସ୍ତା ଅବକାରୀ ଅଧିକାରୀ ଭାଗବାନ ମହାନନ୍ଦିଆ ଗଣମାଧ୍ୟମକୁ ସୂଚନା ଓ ଅଭିଯୁକ୍ତଙ୍କ ଫଟୋ ଦେଇଥିଲେ। ମାତ୍ର ଗୁରୁବାର ବସ୍ତା ଅବକାରୀ ବିଭାଗ ରାମକୃଷ୍ଣଙ୍କୁ ଛାଡି ଦେଇ ତାଙ୍କ ସ୍ଥାନରେ ଜଳନ୍ଧର ରାଉତଙ୍କୁ ଗିରଫ କରିଥିବା ଦର୍ଶାଇଥିଲା। ଅବକାରୀ ବିଭାଗର ଏଭଳି କାର୍ଯ୍ୟକଳାପ ସାଧାରଣରେ ସନ୍ଦେହ ପ୍ରକାଶ ପାଇବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଛି।


## ଫାଇନାନ୍ସ

ପର୍ସନାଲ, ବ୍ୟବସାୟ, କୃଷି, ଶିକ୍ଷା, ଗୃହ, ପ୍ରପର୍ଟି, ମାଛଚାଷ, କୁକୁଡ଼ା ପାଳନ, ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ମିଳିବ, ସୁଧ=4% ଅନ୍‌ଲାଇନ୍ ସୁବିଧା

Mob:7653803952
WP-7656825035


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# Classified Everyday
0674-2580101, 2549949



AUTOMOBILE
SALE

Bhubaneswar Carz (Preowned Car) for sale. Vehicle price- Honda Jazz V (2017) 5,30,000/-, Tata Tiagoxz (2021) 7, 15, 000/-, Alto 800 Lxi (2015) 2, 30, 000/-, Alto Lxi (2010) 1, 30, 000/-. Contact person- 7764076680, 9776080658. D-2652



REAL ESTATE
SALE

Bhubaneswarର Phulnakhara East College ନିକଟରେ ଘରବାରି plot sqft. 990/-ରେ ବିକ୍ରିହେବ। 9937161494. D-2693

ଭୁବନେଶ୍ୱର ନଖରା 2nd Sum Hospital ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ 3BHK Duplex ମିଳୁଛି। 8327785834, 9658122456. D-74197

Duplex project at Retang Medical Station near CV Raman University, Tamando, Bhubaneswar. 7008459987. D-74185

Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195. D-74814

150' ରୋଡ୍ କଡ଼ରେ Hanspal, Balianta Bazar ପାଖରେ 30' ପିଚୁରୋଡ୍, electrification ଥାଇ gharabari plot ମିଳୁଛି। 9861032349. D-73367

ନଖରା ତ୍ରିନାଥବଜାର ପାଖରେ ନଗଦ ଘର କରିବା ପାଇଁ ପାଖରେ ଇଲେକ୍ଟ୍ରି ସୁବିଧା ଥାଇ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। 9439889903. D-74810

ଭୁବନେଶ୍ୱର-ନଖରା ଛକ ପାଖରେ ଘର କଲାଭଳି SC plot ବିକ୍ରିହେବ। 9439832956. D-2687

14-gunthas plot for sale at just 200mtrs away from AIIMS hospital, Patrapada, Bhubaneswar. Located at prime location on 100feet main road. Suitable for Residential or Commercial projects. Price- 50 lakhs per guntha. Non negotiable. Only genuine buyers. Contact: 9880193309. D-74512

New Cancer Hospital ନାଇକର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9437621753. D-73683

BDA plot required LIG Kalinga Nagar brokers don't call. Contact No.- 6371669138, 7606072080. D-2699

Bhubaneswar Puri Bypass Sai Mandir NH side ଏବଂ ମଞ୍ଚେଶ୍ୱର, ହଂସପାଳ, ଯାଆଁଳା, ତ୍ରିଶୁଳିଆ ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ 30ft. ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ବିକ୍ରିହେବ। 9438525948, 7064468390. D-74812

Commercial cum residential plot at Brahmanjharilo, Cuttack (Niali road) 6k.m. to Phulnakhara, 11k.m. to Bhubaneswar. 7809525452. D-74636

Immediate ଘରକରି ରହିବା ପାଇଁ ବାଲକାଟୀରେ sqft. 1100/- ରେ ଘରବାରି plot ମିଳୁଛି। 8114929186. D-74638

ଜଟଣୀ NISER ସାମ୍ନାରେ ଘରବାରି yellowzone ଥାଇ possession plot କିଣି immediate ଘର କରନ୍ତୁ। 9938066403, 9438315973. D-74809

Plot Sale at Nearby Sum Hospital Mendhasala, Bhubaneswar. 30ft Road, Plantation, Electricity, NH-16 Side Price Rs-1050/-, Rs-1250/- 7749892855, 8144855184, 9556392667. D-2628

BDA plot required area- K-9/B, Kalinga Nagar, brokers don't call. Contact No. 7606072080, 6371669138. D-2700

30'road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/-ରେ ମିଳୁଛି। 9937391249, 6371915941. D-74195



3BHK Duplex beautiful corner Villa in gated community, Patia for Family. 9439920321. D-2595

For commercial purpose Minarva Complex, Sector-09, CDA, Cuttack. Contact: 9078814328, 9078814319, 9078814313. D-2615

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Happy Birthday



Satvik Dash
Khodasingi, Berhampur
Dear Son, Happy 7th birthday. Wishing the happiest birthday celebration of all time to the most wonderful young kid in the world. May Lord Jagannath bless you with loads of happiness, health, success & prosperity in life. Keep smiling and exploring life as always. Best wishes: Papa, Mama, Snitik, Jeje Bapa, Jeje Maa, Aja, Aai & our loving family. D-2707



Newly open SPA positively health benefits with expert therapist. 7849011931. D-73680

Newly open health benefits SPA special offer @999 Nayapalli. 7846814019. D-73682

Asribada Panchakarma herbal SPA, Kesarimall, Bhubaneswar. Contact: 8926173473. D-74634

Full body massage in homely atmosphere all therapy. Mob: 8114881641. D-73423

Newly open full body massage ladies and gents. 9861883292, 8093860513. D-74637

LOST

I, Lalit Kumar Agrawal, R/o. Village/ PO- Ladugaon, Dist. Kalahandi have lost the original sale deed vide RSD No.10901000459 Dt.25.02.2010 during the traveling by motorcycle from Ladugaon to Koksara on dt.28.01.2023. Plot No.541/3045, Khata No.178/882. Inspite of my best efforts I am unable to trace it out. D-2716

ମୁଁ ଶ୍ରୀ ଛବିଳ କୁମାର ଧଳ, ସା/ପୋ/ଥାନା-ନାକଟିଦେଉଳ, ଜିଲ୍ଲା- ସମ୍ବଲପୁର। ତା ୦୮।୦୪।୨୦୦୮ରେ ରେଜିଷ୍ଟର ହୋଇଥିବା ନାକଟିଦେଉଳ ସ୍ଥିତ ଜମି ଯାହାର ଡକ୍ୟୁମେଣ୍ଟ ନଂ.-୪୮/୨୦୦୮ଟି ହଜିଯାଇଛି। ଯଦି ଏହାକୁ କେହି ପାଇବେ କିମ୍ବା ପାଇଥାନ୍ତି ତା'ହେଲେ ଦୟାକରି ୭ଦିନ ମଧ୍ୟରେ ୯୭୭୭୦୭୦୪୦୧ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୨୭୧୪

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ସ୍ୱର୍ଗୀୟ ଶ୍ରୀ ଯୋଗେନ୍ଦ୍ର ମହାନ୍ତି
ଯାଆଁଳା
ଆବିର୍ଭାବ: ୦୩।୦୧।୧୯୩୦
ତିରୋଧାନ: ୩୧।୦୧।୨୦୨୩
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ନିଷ୍ଠା, ଆଦର୍ଶ, କର୍ତ୍ତବ୍ୟପରାୟଣତା ଏବଂ ସେବା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଧର୍ମପତ୍ନୀ, ଝିଅ, ଜ୍ୱାଇଁ, ପୁଅ, ବୋହୂ ଓ ନାତି, ନାତୁଣୀମାନେ। ଧ-୨୭୧୫


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଇପିଏଲ୍ - ୧୬

# ଚାହିଦାରେ ଯୁବ ଖେଳାଳି

**ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଆଗାମୀ ସଂସ୍କରଣ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ବିଶ୍ୱର ଏହି ବ୍ୟୟବହୁଳ ଲିଗ୍ ପାଇଁ ଅନୁଷ୍ଠିତ ମିନି ଅକ୍ସନରେ ଫ୍ରାଞ୍ଚାଇଜ୍ ଦଳଗୁଡ଼ିକ ଯୁବ ଏବଂ ଅନ୍ତର୍ଜାତୀୟ ଅଭିଜ୍ଞତା ନ ଥିବା କେତେଜଣ ଖେଳାଳିଙ୍କୁ ନେବାପାଇଁ ଆଗ୍ରହ ଦେଖାଇଛନ୍ତି। ଭବିଷ୍ୟତକୁ ଦୃଷ୍ଟିରେ ରଖି ଦଳ ସଜାଡ଼ିବା ଲକ୍ଷ୍ୟ ରହିଥିବାରୁ ଏହି ଖେଳାଳିଙ୍କ ଚାହିଦା ବଢ଼ିଛି...**



ନିର୍ମଳ କୁମାର ମିଶ୍ର

୨୦୦୮ରୁ ଆରମ୍ଭ ହୋଇଥିବା ବିଶ୍ୱର ସବୁଠାରୁ ଲୋକପ୍ରିୟ ଟି୨୦ ପ୍ରିମିୟର ଲିଗ୍‌ର ୧୬ତମ ସଂସ୍କରଣ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଛି। ୧୦ ଫ୍ରାଞ୍ଚାଇଜ୍ ସେମାନଙ୍କର ଦଳକୁ ସଜାଡ଼ିବା ସହିତ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଆଗାମୀ ଆଇପିଏଲ୍‌ରେ ଗ୍ରୁପ୍ ପର୍ଯ୍ୟାୟ ଏବଂ ପ୍ଲେ ଅଫ୍ ସହିତ ଫାଇନାଲକୁ ମିଶାଇ ମୋଟ ୭୪ଟି ମ୍ୟାଚ ଖେଳାଯିବ। ଗ୍ରୁପ୍ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ ୧୪ଟି ଲେଖାଏ ମ୍ୟାଚ ଖେଳିବାକୁ ଥିବା ବେଳେ ହୋମ ଭେନ୍ୟୁରେ ୭ଟି ଏବଂ ବାହାର ଭେନ୍ୟୁରେ ୭ଟି ମ୍ୟାଚ ଖେଳିବେ। ସୂଚନାଯୋଗ୍ୟ ଯେ ଗତ ୧୫ ତମ ସଂସ୍କରଣରେ ବର୍ତ୍ତମାନର ଭାରତୀୟ ଟି୨୦ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଗୁଜରାଟ ଟାଇଟନ୍ସ ଟାଇଟଲ ହାସଲ କରି ସମସ୍ତଙ୍କୁ ଚକିତ କରିଦେଇଥିଲା। ଗତ ସଂସ୍କରଣରେ ସବୁଠାରୁ ଖରାପ ପ୍ରଦର୍ଶନ କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଚେନ୍ନାଇ ସୁପର କିଙ୍ଗ୍ସ ଦଳ ଏଥର ମିନି ଅକ୍ସନରେ ନିଜ ନିଜର ଟିମ୍‌କୁ ସନ୍ତୁଳିତ କରିବା ପାଇଁ ଚେଷ୍ଟା କରିଛନ୍ତି।

କୋଚିଠାରେ ଅନୁଷ୍ଠିତ ମିନି ଅକ୍ସନ୍‌ରେ ମୋଟ ୮୦ ଖେଳାଳିଙ୍କୁ ୧୬୭ କୋଟି ଟଙ୍କାରେ କିଣାଯାଇଛି। ଏମାନଙ୍କ ମଧ୍ୟରେ ଯୁବ ଖେଳାଳିଙ୍କ ସଂଖ୍ୟା ଅଧିକ ରହିଛି। ୨୫ବର୍ଷରୁ କମ୍ ୨୭ ଖେଳାଳିଙ୍କ ପାଇଁ ଫ୍ରାଞ୍ଚାଇଜ୍‌ମାନେ ପାଖାପାଖି ୭୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଅର୍ଥାତ୍ ପ୍ରତି ଖେଳାଳିଙ୍କ ପାଇଁ ଆଭରେଜ୍ ୨.୬୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ୨୫ରୁ ୨୯ ବର୍ଷର ୨୮ ଖେଳାଳିଙ୍କ ପାଇଁ ୩୮.୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଫ୍ରାଞ୍ଚାଇଜମାନେ ୩୦ରୁ ୩୪ ବର୍ଷ ୨୦ ଜଣ ଖେଳାଳିଙ୍କ ପାଇଁ ୫୧.୫ କୋଟି ଖର୍ଚ୍ଚ କରିଛନ୍ତି। ଏ କ୍ଷେତ୍ରରେ ପ୍ରତି ଖେଳାଳିଙ୍କ ବେସ୍ ପ୍ରାଇସ ମୂଲ୍ୟ ହାରାହାରି ୨.୫୮ କୋଟି ରହିଛି। ଇଂଲଣ୍ଡ ଅଲରାଉଣ୍ଡର ସାମ୍ କରନ୍‌ଙ୍କୁ ପଞ୍ଜାବ କିଙ୍ଗ୍ସ ୧୮.୫ କୋଟି ଟଙ୍କାରେ କିଣିଛି। ଫଳରେ ଆଇପିଏଲ୍ ଇତିହାସରେ ଏକ ରେକର୍ଡ ସୃଷ୍ଟି ହୋଇଛି ଏବଂ ସେ ସବୁଠାରୁ ଦାମୀ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ସେହିପରି ନିଲାମ ପ୍ରକ୍ରିୟାରେ ଦ୍ୱିତୀୟ ମହଙ୍ଗା ଖେଳାଳି କାମେରନ୍ ଗ୍ରୀନ୍‌ଙ୍କ ବୟସ ମାତ୍ର ୨୩ବର୍ଷ ହୋଇଥିବା ବେଳେ ତାଙ୍କୁ ୧୭.୫ କୋଟିରେ ମୁମ୍ବାଇ ଇଣ୍ଡିଆନ୍ସ ଟିମ୍ କିଣିଛି। ଅନ୍ୟ ପକ୍ଷରେ ଇଂଲଣ୍ଡର ୨୩ ବର୍ଷୀୟ ଯୁବ ବ୍ୟାଟର ହ୍ୟାରି ବ୍ରୁକ୍‌ଙ୍କୁ ୧୩.୨୫ କୋଟିରେ ସନ୍‌ରାଇଜର୍ସ ହାଇଦ୍ରାବାଦ ନିଜ ଦଳରେ ସାମିଲ କରିଛି। ଏଥିରୁ ପ୍ରମାଣ ମିଳୁଛି ଯେ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏଥର ଫ୍ରାଞ୍ଚାଇଜମାନେ ଏହି ଖେଳାଳିଙ୍କ ଉପରେ ବିଡ୍ ଲଗାଇଛନ୍ତି।

ଆଇପିଏଲ୍ ୨୦୨୩ର ମିନି ନିଲାମ ପ୍ରକ୍ରିୟାରେ ଅନେକ ଅନ୍ତର୍ଜାତୀୟ ମ୍ୟାଚ ଖେଳି ନ ଥିବା ଭାରତୀୟ ଖେଳାଳିମାନଙ୍କ ଉପରେ ମଧ୍ୟ ଫ୍ରାଞ୍ଚାଇଜମାନେ ଭରସା କରିଥିଲେ। ଇତିମଧ୍ୟରେ ସେମାନଙ୍କ ମଧ୍ୟରୁ କେତେଜଣ ଏହା ମଧ୍ୟରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ଗୁଜରାଟ ଟାଇଟନ୍ସ ଦ୍ୱାରା କିଣାଯାଇଥିବା ଶିଭମ୍ ମାଭି। ନିକଟରେ ଅନ୍ତର୍ଜାତୀୟ ଟି୨୦ କ୍ୟାରିୟର ଆରମ୍ଭ କରିଥିବା ମାଭିଙ୍କ ପାଇଁ ଗୁଜରାଟ ଫ୍ରାଞ୍ଚାଇଜ୍ ୬ କୋଟି ଟଙ୍କା ବ୍ୟୟ କରିଛି।

ସେହିପରି ଘରୋଇ କ୍ରିକେଟର ଭେଟେରାନ ବାମହାତୀ ଦ୍ରୁତ ବୋଲର ମୁକେଶ କୁମାର ନିଲାମ ସମୟରେ ଦ୍ୱିତୀୟ ମହଙ୍ଗା ଅନ୍‌କ୍ୟାପେଡ ଭାରତୀୟ ଖେଳାଳି ହୋଇଛନ୍ତି। ଫ୍ରାଞ୍ଚାଇଜ ମଧ୍ୟ ତାଙ୍କ ଉପରେ ଟଙ୍କା ବର୍ଷା କରିଥିବାର ଦେଖାଯାଇଛି। ମୁକେଶଙ୍କୁ ନିଜ ଦଳକୁ ନେବାପାଇଁ ନିଲାମ ସମୟରେ ଚେନ୍ନାଇ ସୁପର କିଙ୍ଗ୍ସ, ଦିଲ୍ଲୀ କ୍ୟାପିଟାଲ୍ସ ଏବଂ କିଙ୍ଗ୍ସ ଇଲେଭେନ ପଞ୍ଜାବ ମଧ୍ୟରେ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଶେଷରେ ଦିଲ୍ଲୀ କ୍ୟାପିଟାଲ୍ସ ଏହି ଖେଳାଳିଙ୍କ ଉପରେ ସବୁଠାରୁ ବଡ ବିଡ୍ ରଖି ୫.୫ କୋଟିରେ କିଣିଥିଲା।

ଅନ୍ୟ ଖେଳାଳିଙ୍କ ମଧ୍ୟରେ ଜମ୍ମୁ ଓ କଶ୍ମୀରର ଯୁବ ଅଲ୍‌ରାଉଣ୍ଡର ବିବ୍ରାନ୍ତ ଶର୍ମାଙ୍କୁ ଦଳରେ ସାମିଲ କରିବା ପାଇଁ ସନରାଇଜର୍ସ ହାଇଦ୍ରାବାଦ ଏବଂ କୋଲକୋତା ନାଇଟ୍ ରାଇଡର୍ସ ମଧ୍ୟରେ ଲଢ଼େଇ ଦେଖାଦେଇଥିଲା। ୨୦ ଲକ୍ଷ ଟଙ୍କାର ବେସ୍ ପ୍ରାଇସ ଥିବା ଏହି ଯୁବ ଖେଳାଳିଙ୍କ ମୂଲ୍ୟ ଶେଷରେ ୨କୋଟି ୬୦ ଲକ୍ଷ ଟଙ୍କାରେ ପହଞ୍ଚିଥିଲା ଏବଂ ସନରାଇଜର୍ସ ହାଇଦ୍ରାବାଦ ତାଙ୍କୁ ଦଳରେ ନେଇଥିଲା। ବିବ୍ରାନ୍ତଙ୍କୁ ପ୍ରଥମଥରପାଇଁ ଦର୍ଶକମାନେ ଆଇପିଏଲ୍‌ରେ ଦେଖିବାକୁ ପାଇବେ। ଦଳ ନିଶ୍ଚିତ ରୂପେ ତାଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରିବ। ଏହା ବ୍ୟତୀତ ସନରାଇଜର୍ସ ହାଇଦ୍ରାବାଦ ଟିମ୍ ଇଣ୍ଡିଆର ପୂର୍ବତନ ଧୂଆଁଧାର ଓପନର ବୀରେନ୍ଦ୍ର ସ୍ୱେହାଗଙ୍କ ଭଣଜା ମୟଙ୍କ ଡାଗରେଙ୍କୁ ୧.୬୦ କୋଟି ଟଙ୍କା ବିନିମୟରେ ଦଳରେ ସାମିଲ କରିଛି।



ମୁକେଶ କୁମାର



ସାମ୍ କୁରାନ

ତାଙ୍କୁ ନେବାପାଇଁ ରାଜସ୍ଥାନ ରୟାଲ୍ସ ଏବଂ ହାଇଦ୍ରାବାଦ ମଧ୍ୟରେ ଭଲ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଶେଷରେ ହାଇଦ୍ରାବାଦ ବାଜି ମାରିଥିଲା। ସେହିପରି ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ଡେବ୍ୟୁ କରିଥିବା ଅଭିଜ୍ଞ ଉଇକେଟ କିପର ଏବଂ ବ୍ୟାଟର କେ.ଏସ୍. ଭରତ ଆଇପିଏଲ୍ ୨୦୨୩ର ମିନି ଅକ୍ସନରେ ଅନ୍‌କ୍ୟାପେଡ ଖେଳାଳିଙ୍କ ମଧ୍ୟରେ ରହିଥିଲେ। ଏହାସତ୍ତ୍ୱେ ଗୁଜରାଟ ଟାଇଟନ୍ସ ଦଳ ତାଙ୍କୁ ୧.୨୦ କୋଟିରେ କିଣିଥିଲା। ଭରତ ଯିଏକି ଆନ୍ଧ୍ରପ୍ରଦେଶ ପକ୍ଷରୁ ରଣଜୀ ମ୍ୟାଚ ଖେଳିବା ସହିତ ଘରୋଇ ପ୍ରତିଯୋଗିତାଗୁଡିକରେ ଚମକାଇଲା ପରି ପ୍ରଦର୍ଶନ କରିଛନ୍ତି।

ଆଗାମୀ ସଂସ୍କରଣ ପାଇଁ ବିସିସିଆଇ ନିର୍ଦ୍ଧାରିତ ତାରିଖ ଘୋଷଣା କରି ନ ଥିଲେ ମଧ୍ୟ ଏହା ମାର୍ଚ୍ଚ ୨୫ରୁ ଆରମ୍ଭ ହୋଇ ମେ ୨୮ ପର୍ଯ୍ୟନ୍ତ ଖେଳାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଚେନ୍ନାଇ ସୁପର କିଙ୍ଗ୍ସର କାଇଲ ଜେମିସନ, ବେନ୍ ଷ୍ଟୋକ୍ସ, ଡେଭନ କନୱେ, ମୋଇନ ଅଲ୍ଲୀ, ମିଚେଲ ସାଣ୍ଟନର, ଡ୍ୱିନ ପ୍ରୋଟୋରିୟସଙ୍କ ପରି ନାମୀ ବିଦେଶୀ ଖେଳାଳି ରହିଥିବା ବେଳେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳରେ ଫାଫ୍ ଡୁପ୍ଲେସି, ଫିନ୍ ଆଲେନ, ଗ୍ଲେନ ମ୍ୟାକ୍ସୱେଲ, ୱାନିନ୍ଦୁ ହସରଙ୍ଗା, ଡେଭିଡ ୱିଲି ପ୍ରମୁଖ ରହିଛନ୍ତି। ସେହିପରି ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଟିମ୍ ଡେଭିଡ୍, ଜୋଫ୍ରା ଆର୍ଚର, କାମେରନ ଗ୍ରୀନ୍, କୋଲକୋତା ନାଇଟ୍ ରାଇଡର୍ସ ଦଳରେ ଆନ୍ଦ୍ରେ ରସେଲ, ସୁନୀଲ ନାରିନ, ଲୋକି ଫର୍ଗୁସନ, ଟିମ୍ ସୌଦୀ ରହିଥିବା ବେଳେ ସନରାଇଜର୍ସ ହାଇଦ୍ରାବାଦ ଦଳରେ ଆଦିଲ ରସିଦ, ହାରି ବ୍ରୁକ୍, ଗ୍ଲେନ ଫିଲିପ୍ସ, ହେନରିଚ କ୍ଲାସେନ ସ୍ଥାନ ପାଇଛନ୍ତି। ରାଜସ୍ଥାନ ରୟାଲ୍ସ ଜାସନ ହୋଲ୍ଡର, ସିମରନ ହେଟମେର, ଜୋସ୍ ବଟଲର, ଟ୍ରେଣ୍ଟ ବୋଲ୍ଟଙ୍କ ଭଳି ନାମୀଦାମୀ ଖେଳାଳିଙ୍କୁ ନିଜ ପାଖରେ ରଖିଥିବାବେଳେ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ରିଲେ ରୋସୋ, ଡେଭିଡ ୱାର୍ନର, ଏନରିଚ ନର୍ଜେ, ଲୁନ୍‌ଗି ଏନ୍‌ଗିଡ, କିଙ୍ଗ୍ସ ଇଲେଭେନ ପଞ୍ଜାବ ଦଳରେ ସାମ କୁରନ, ଲିୟାମ ଲିଭିଂଷ୍ଟୋନ, କାଗିସୋ ରାବାଡା, ଗତଥର ପ୍ରଥମ ପଦାର୍ପଣରେ ଚାମ୍ପିୟନ ହୋଇଥିବା ଗୁଜରାଟ ଟାଇଟନ୍ସ ଦଳରେ ଓଡେନ ସ୍ମିଥ, ଡେଭିଡ ମିଲର, ମାଥ୍ୟୁ ୱେଡ ରହିଥିବା ବେଳେ ଲକ୍ଷ୍ନୌ ସୁପର ଜାଏଣ୍ଟ ଦଳରେ ଡାନିଏଲ ସାମ୍ସ, ନିକୋଲାସ ପୁରନ୍, କ୍ୱିଣ୍ଟନ ଡିକକ୍, ମାର୍କୁସ ଷ୍ଟୋଇନିସ୍, କାଇଲ ମେୟର୍ସଙ୍କ ପରି ଦକ୍ଷ ବିଦେଶୀ ଖେଳାଳି ରହିଛନ୍ତି। ଟିମ୍ ଚୟନ ଦୃଷ୍ଟିରୁ ସନରାଇଜର୍ସ ହାଇଦ୍ରାବାଦ, ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟ ଦଳ ବେଶ୍ ଶକ୍ତିଶାଳୀ ଜଣାପଡୁଥିବା ବେଳେ ବିଭିନ୍ନ ଦଳର ପ୍ରଦର୍ଶନ ଉପରେ ନଜର ରହିବ।

---

## ଅତୀତ ସ୍ମୃତିରୁ

### ଓଡ଼ିଶାର କିମ୍ବଦନ୍ତୀ କ୍ରୀଡ଼ାବିତ୍

# ହେମନ୍ତ କୁମାର ପଟେଲ

**ଜଣେ ଉଚ୍ଚକୋଟୀର ସ୍ପ୍ରିଣ୍ଟର ସହିତ ସଫଳ ଲଙ୍ଗଜମ୍ପର ଭାବେ ପ୍ରସିଦ୍ଧିଲାଭ କରିଥିଲେ ହେମନ୍ତ କୁମାର ପଟେଲ। ଉଭୟ ୧୦୦ମି ଦୌଡ଼ ଏବଂ ଲଙ୍ଗଜମ୍ପ ଇଭେଣ୍ଟରେ ଏକାଧିକ ଥର ରାଜ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ହେମନ୍ତ ପରବର୍ତ୍ତୀ ସମୟରେ 'ଲଙ୍ଗଜମ୍ପ'କୁ ତାଙ୍କର ପସନ୍ଦ ଇଭେଣ୍ଟ ଭାବେ ଗ୍ରହଣ କରିଥିଲେ....**



ଅଶୋକ ମହାନ୍ତି

'ଦୌଡ଼, କୁଦ' ବିଭାଗରେ ଲମ୍ବଡିଆଁ ବା ଲଙ୍ଗଜମ୍ପ ଏକ ଆକର୍ଷଣୀୟ ଇଭେଣ୍ଟ। ସାଧାରଣତଃ 'ସ୍ପ୍ରିଣ୍ଟିଙ୍ଗ'ର କ୍ଷିପ୍ର ବେଗ ଏବଂ ଜମ୍ପିଙ୍ଗର ଏକ୍ସପ୍ଲୋସିଭ ଶକ୍ତିର ସମନ୍ୱିତ ବିନିଯୋଗରେ ଜଣେ ଆଥ୍‌ଲେଟ୍ ଉଚ୍ଚକୋଟୀର ଲଙ୍ଗଜମ୍ପର ହେବାରେ ସକ୍ଷମ ହୋଇଥାଏ। ବିଶ୍ୱସ୍ତରରେ ଦୁଇ ସର୍ବକାଳୀନ ଶ୍ରେଷ୍ଠ କିମ୍ବଦନ୍ତୀ ସ୍ପ୍ରିଣ୍ଟର୍ସ ମଧ୍ୟ ସମକାଳୀନ ଶ୍ରେଷ୍ଠ ଲଙ୍ଗଜମ୍ପର୍ସ ଭାବେ ପରିଚିତ। ଜଣେ ହେଲେ ଆମେରିକାର ଜେସି ଓଏନ୍ସ (୧୯୩୬ ବର୍ଲିନ ଅଲିମ୍ପିକ୍ସରେ ୧୦୦ମି, ୨୦୦ମି, ୪x୧୦୦ମି ରିଲେ ଏବଂ ଲଙ୍ଗଜମ୍ପରେ ସ୍ୱର୍ଣ୍ଣପଦକ ବିଜେତା) ଏବଂ ଅନ୍ୟଜଣକ ହେଲେ କାର୍ଲ ଲୁଇସ୍ (୧୯୮୪ ଲସ୍‌ଏଞ୍ଜେଲ୍‌ସ ଅଲିମ୍ପିକ୍ସରେ ୧୦୦ମି, ୨୦୦ମି, ୪x୧୦୦ମି ରିଲେ ଏବଂ ଲଙ୍ଗଜମ୍ପ ସ୍ୱର୍ଣ୍ଣପଦକ ବିଜେତା)। ଟ୍ରାକ୍ ଆଣ୍ଡ ଫିଲ୍ଡ ଇତିହାସରେ ଏହି ଦୁଇଜଣ ବିରଳ ପ୍ରତିଭାଶାଳୀ ଆଥ୍‌ଲେଟ୍‌ଙ୍କ ଅବିଶ୍ୱସନୀୟ ପ୍ରଦର୍ଶନର ସମକକ୍ଷ ହେବା ଆଉ କୌଣସି ଆଥ୍‌ଲେଟ୍‌ଙ୍କ ପକ୍ଷେ ଆଜି ପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ।

ବିଭିନ୍ନ ସମୟରେ ଭିନ୍ନଭିନ୍ନ ସ୍ଥାନରେ ଏହିପରି ପ୍ରତିଭାଧାରୀ କ୍ରୀଡ଼ାବିତ୍‌ମାନଙ୍କ ଆବିର୍ଭାବ ହୋଇଥାଏ। ଆମ ରାଜ୍ୟରେ ମଧ୍ୟ ଯେଉଁ କେତେଜଣ କ୍ରୀଡ଼ାବିତ୍ ଏହିପରି ବିରଳ ପ୍ରତିଭାର ଅଧିକାରୀ ଥିଲେ ସେମାନଙ୍କ ମଧ୍ୟରେ ୫୦ ଓ ୬୦ ଦଶକରେ ଗୋଲକ ସାମଲ (ବୁଲୁ), ୭୦ ଦଶକରେ ପଞ୍ଚାନନ ଗନ୍ତାୟତ ଏବଂ ଉଷାରାଣୀ ମିଶ୍ର ପ୍ରମୁଖ ଉଭୟ ଉଚ୍ଚକୋଟୀର ସ୍ପ୍ରିଣ୍ଟର ସହିତ ସଫଳ ଲଙ୍ଗଜମ୍ପର ଭାବେ ପ୍ରସିଦ୍ଧିଲାଭ କରିଥିଲେ। ୮୦ ଦଶକରେ ଏହି ଧାରାକୁ ଆଗକୁ ବଢ଼ାଇଥିଲେ ଆଉ ଜଣେ ଅତ୍ୟନ୍ତ ପ୍ରତିଭାଧାରୀ ଆଥ୍‌ଲେଟ୍ ହେମନ୍ତ କୁମାର ପଟେଲ।

ଉଭୟ ୧୦୦ମି ଦୌଡ଼ ଏବଂ ଲଙ୍ଗଜମ୍ପ ଇଭେଣ୍ଟରେ ଏକାଧିକ ଥର ରାଜ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ହେମନ୍ତ ପରବର୍ତ୍ତୀ ସମୟରେ 'ଲଙ୍ଗଜମ୍ପ'କୁ ତାଙ୍କର ପସନ୍ଦ ଇଭେଣ୍ଟ ଭାବେ ଗ୍ରହଣ କରି ସେଥିରେ ଧ୍ୟାନ କେନ୍ଦ୍ରୀଭୂତ କରଥିଲେ। ୧୯୭୪ ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣପଦକ ବିଜେତା, ଅଲିମ୍ପିଆନ ଏବଂ ବିଶ୍ୱସ୍ତରୀୟ ଲଙ୍ଗଜମ୍ପର ଟି.ସି. ଯୋହାନନ (୮ମିଟର ଦୂରତା ଅତିକ୍ରମ କରିବାରେ ପ୍ରଥମ ଭାରତୀୟ ଆଥଲେଟ୍)ଙ୍କ ପଦାଙ୍କ ଅନୁସରଣ କରି ଦେଶର ଅନ୍ୟତମ ଶ୍ରେଷ୍ଠ ଲଙ୍ଗଜମ୍ପର ଭାବେ ହେମନ୍ତ ପଟେଲ ୧୯୮୪ ପରଠାରୁ ଜାତୀୟ ସ୍ତରରେ ୮ ସ୍ୱର୍ଣ୍ଣ, ୧ ରୌପ୍ୟ ଏବଂ ୧ ବ୍ରୋଞ୍ଜ ପଦକ ହାସଲ କରି ନିଆରା ସଫଳତା ପାଇଥିଲେ। ଅନ୍ତର୍ଜାତୀୟ ସ୍ତରରେ ୧୯୮୪ ସିଓଲ୍‌ଠାରେ ଅନୁଷ୍ଠିତ ଜୁନିୟର ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ସହିତ ୧୯୮୪ ଏବଂ ୧୯୮୫ରେ ଲଗାତର ଭାବେ ଭାରତକୁ ପ୍ରତିନିଧିତ୍ୱ କରି 'ସାଫ୍' କ୍ରୀଡ଼ାରେ ଲଙ୍ଗଜମ୍ପରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ବ୍ୟତୀତ ସେ ୧୯୯୫ରେ ରାଜ୍ୟର ପ୍ରଥମ କ୍ରୀଡ଼ାବିତ୍ ଭାବେ ଜାପାନର କୋବେ ସହରରେ ଅନୁଷ୍ଠିତ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତକୁ ପ୍ରତିନିଧିତ୍ୱ କରି ରାଜ୍ୟ ତଥା ଦେଶ ପାଇଁ ଗୌରବ ଅର୍ଜନ କରିଥିଲେ। ଏହି ପ୍ରତିଭାବାନ୍ ଆଥ୍‌ଲେଟ୍‌ଙ୍କ ସଂଘର୍ଷ ଓ ସଫଳତାର କାହାଣୀ ଉପରେ ଏକ ଉପସ୍ଥାପନା...

ହକି ତାରକାଙ୍କ ଗଡ଼ ଭାବେ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବା ରାଜ୍ୟର ପଶ୍ଚିମାଞ୍ଚଳ ଜିଲା ସୁନ୍ଦରଗଡ଼ର ବଡ଼ଗାଁ ବ୍ଲକ ମୁଣ୍ଡା ଗାଁରେ ୧୫ ଫେବୃୟାରୀ ୧୯୬୩ ମସିହାରେ ଏକ ମଧ୍ୟବିତ୍ତ ଚାଷୀ ପରିବାରରେ ଜନ୍ମଗ୍ରହଣ କରିଥିଲେ ହେମନ୍ତ। ଗ୍ରାମାଞ୍ଚଳରେ ଅଧିକାଂଶ ଯୁବକଙ୍କ ପରି ହେମନ୍ତଙ୍କର ପ୍ରଥମ ପସନ୍ଦ ଥିଲା ଫୁଟବଲ। ଜଣେ ବିଚକ୍ଷଣ ଫରୱାର୍ଡ ଭାବେ ସେ ବେଶ୍ ସୁନାମ ଅର୍ଜନ କରିଥିଲେ। ମହାବିଦ୍ୟାଳୟରେ ପଢ଼ିବା ସମୟରେ ହେମନ୍ତ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ପ୍ରତିନିଧିତ୍ୱ କରି ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ୧୯୮୨ରେ ହେମନ୍ତଙ୍କର କ୍ରୀଡ଼ା ଜୀବନରେ ଏକ ନିର୍ଣ୍ଣାୟକ ମୋଡ଼ ଆସିଥିଲା।



ସୁନ୍ଦରଗଡ଼ ଜିଲା ବାର୍ଷିକ କ୍ରୀଡ଼ା ସମୟରେ ତାଙ୍କର ଫୁଟବଲ ଖେଳରେ ଥିବା ଦକ୍ଷତା, ସ୍ପିଡ୍ ଏବଂ କ୍ଷିପ୍ର ପଦଚାଳନା ସହିତ ପରିଚିତ କିଛି କର୍ମକର୍ତ୍ତା ତାଙ୍କୁ ୧୦୦ମି ଦୌଡ଼ରେ ଭାଗନେବା ପାଇଁ ପ୍ରବର୍ତ୍ତାଇଥିଲେ। ହେମନ୍ତ ୧୦୦ମି ଦୌଡ଼ରେ ଭାଗନେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଏବଂ ପରେ ଲଙ୍ଗଜମ୍ପ ଇଭେଣ୍ଟରେ ଭାଗନେଇ ସଫଳ ହୋଇଥିଲେ। ପରବର୍ତ୍ତୀ ବର୍ଷ କର୍ଣ୍ଣାଟକରେ ଅନୁଷ୍ଠିତ ସର୍ବଭାରତୀୟ ଗ୍ରାମୀଣ କ୍ରୀଡ଼ାର ଲଙ୍ଗଜମ୍ପ ଇଭେଣ୍ଟରେ ୬.୪୦ମି. ଦୂରତା ଅତିକ୍ରମ କରି ସ୍ୱର୍ଣ୍ଣପଦକ ଜିତିଥିଲେ।

ପ୍ରସିଦ୍ଧ କ୍ରୀଡ଼ା ପତ୍ରିକା 'ସ୍ପୋର୍ଟ୍ସ ୱାର୍ଲ୍ଡ'ର ପ୍ରତିଷ୍ଠିତ ସ୍ତମ୍ଭକାର ସୁଭାଷ ସରକାରଙ୍କୁ ଦେଇଥିବା ସାକ୍ଷାତ୍‌କାରରେ ହେମନ୍ତ କହିଥିଲେ, ''ଅଧିକାଂଶ ଗ୍ରାମାଞ୍ଚଳ ଆଥ୍‌ଲେଟ୍‌ଙ୍କ ପରି ମୋ ପାଖରେ ସ୍ପାଇକ ନ ଥିଲେ ମଧ୍ୟ ସେ ସମୟରେ ମୋର ପ୍ରଦର୍ଶନ ଉଚ୍ଚକୋଟୀର ଥିଲା। ସଫଳତା ହାସଲ କଲା ପରେ ଏହି ଇଭେଣ୍ଟରେ ମନୋନିବେଶ କରିବା ପାଇଁ ସ୍ଥିର କରିଥିଲି। କିନ୍ତୁ ଘରକୁ ଫେରିଲା ପରେ ମୋତେ କୌଣସି ପ୍ରୋତ୍ସାହନ ମିଳି ନ ଥିଲା ଏବଂ ଲଙ୍ଗଜମ୍ପ ପିଟ୍‌ର ସୁବିଧା ମଧ୍ୟ ଉପଲବ୍ଧ ହୋଇ ନ ଥିଲା। ଫଳ ସ୍ୱରୂପ ପୁନଶ୍ଚ ମୁଁ ମୋର ପ୍ରଥମ ପସନ୍ଦ ଫୁଟବଲ ଖେଳକୁ ଫେରିଥିଲି''।

ଦ୍ୱିତୀୟଥର ପାଇଁ ଆଥ୍‌ଲେଟିକ୍ସ (ଲଙ୍ଗଜମ୍ପ)ରେ ଥିବା ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ ପାଇଁ ହେମନ୍ତଙ୍କୁ ସୁଯୋଗ ମିଳିଲା ୧୯୮୩ରେ। ସେହିବର୍ଷ କଲିକତାଠାରେ ଅନୁଷ୍ଠିତ ଆନ୍ତଃରାଜ୍ୟ ଆଥଲେଟିକ୍ ମିଟ୍ ଭଳି ବଡ଼ ଇଭେଣ୍ଟରେ ଭାଗନେବା ପାଇଁ ରାଜ୍ୟରୁ ମନୋନୀତ ହେବା ହେମନ୍ତଙ୍କୁ ଆଉ ଥରେ ଟ୍ରାକ୍ ଆଣ୍ଡ ଫିଲ୍ଡକୁ ଫେରିବାକୁ ସୁଯୋଗ ଦେଇଥିଲା। ଏହି ଇଭେଣ୍ଟ ପୂର୍ବରୁ ପ୍ରଥମ ଥର ପାଇଁ କଟକଠାରେ ଆୟୋଜିତ ଏକ ୨୦ ଦିନିଆ ପ୍ରସ୍ତୁତି ଶିବିରରେ ଖ୍ୟାତନାମା କୋଚ୍ ସୁବାସ ଦାସ ମହାପାତ୍ରଙ୍କ ଅଧୀନରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଅଭ୍ୟାସ ଶିବିରରେ ୬.୯୦ମି ଦୂରତା ଅତିକ୍ରମ କରିଥିଲେ ମଧ୍ୟ ଶରୀର ଅସୁସ୍ଥତା କାରଣରୁ ପ୍ରତିଯୋଗିତାର ଫାଇନାଲରେ ୬.୬୪ମି ଡେଇଁ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ବମ୍ବେ ଆନ୍ତଃ ରାଜ୍ୟ ମିଟ୍‌ରେ ୭.୦୪ମି. ଲମ୍ଫ ପ୍ରଦାନ କରି ସିଓଲ ଅନ୍ତର୍ଜାତୀୟ ମିଟ୍ ପାଇଁ ମନୋନୀତ ହୋଇଥିଲେ ଏବଂ ସିଓଲ କନିଷ୍ଠ ଅନ୍ତର୍ଜାତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ମିଟ୍‌ରେ ୭.୧୦ମି ଦୂରତା ଅତିକ୍ରମ କରି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହି ସଫଳତା ପାଇବାର ଅଳ୍ପଦିନ ପରେ କାଠମାଣ୍ଡୁରେ ଅନୁଷ୍ଠିତ 'ସାଫ୍' କ୍ରୀଡ଼ାରେ ୭.୩୩ ମିଟର ଦୂରତା ଡେଇଁ ଭାରତ ପାଇଁ ସ୍ୱର୍ଣ୍ଣପଦକ ଜିତିଥିଲେ।

୮୦ ଦଶକରେ ବର୍ତ୍ତମାନ ଭଳି ଉପଲବ୍ଧ ହେଉଥିବା ଭିତ୍ତିଭୂମି, ସୁବିଧା ସୁଯୋଗ ଏବଂ ଆର୍ଥିକ ପ୍ରୋତ୍ସାହନର କୌଣସି ବ୍ୟବସ୍ଥା ନ ଥିଲେ ମଧ୍ୟ ଗ୍ରାମାଞ୍ଚଳର ଅତ୍ୟନ୍ତ ପ୍ରତିକୂଳ ଅବସ୍ଥାରୁ ଆସି ନିଜର ପରିଶ୍ରମ, ପ୍ରତିବଦ୍ଧତା ଏବଂ ଦକ୍ଷତା ବଳରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏହି ବିରଳ କ୍ରୀଡ଼ା ପ୍ରତିଭାଙ୍କର ସଫଳତା ପରବର୍ତ୍ତୀ ପିଢ଼ିର କ୍ରୀଡ଼ାବିତ୍‌ମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥିବ ଏଥିରେ ସନ୍ଦେହ ନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ହେମନ୍ତ ତାଙ୍କ କ୍ରୀଡ଼ା ଜୀବନର ସଫଳତା ପାଇଁ ସୁନ୍ଦରଗଡ଼ ଜିଲାର ବରିଷ୍ଠ କ୍ରୀଡ଼ା ସଂଗଠକ ଆନନ୍ଦ ଚନ୍ଦ୍ର ନାଏକ ଏବଂ ସ୍ୱର୍ଗତ ବ୍ରଜମୋହନ ଧରଙ୍କ ପ୍ରେରଣାଦାୟକ ପ୍ରୋତ୍ସାହନକୁ ଶ୍ରେୟ ଦେଇଥା'ନ୍ତି। କ୍ରୀଡ଼ା କ୍ଷେତ୍ରକୁ ଜୀବନବ୍ୟାପୀ ଅବଦାନ ପାଇଁ (୨୦୦୮ ବର୍ଷ ପାଇଁ) ୨୦୧୧ରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଦ୍ୱାରା ସମ୍ମାନିତ ଏହି କ୍ରୀଡ଼ା ବ୍ୟକ୍ତିତ୍ୱଙ୍କର ମାତ୍ର ୫୧ ବର୍ଷ ବୟସରେ ୨୭ ମାର୍ଚ୍ଚ ୨୦୧୪ରେ ପରଲୋକ ହୋଇଥିଲା।

---

## ଚାମ୍ପିୟନ



ଶେଫାଳି ବର୍ମା

ସଡନ୍ ଡେଥ୍‌ରେ ବେଲଜିୟମର
ମ୍ୟାଚ୍ସ ନେଇଗଲା ପ୍ରାଣ
ପୁଣି ୱାର୍ଲ୍ଡ କପ୍ ହକି ଚାମ୍ପିୟନ
ଜର୍ମାନୀ ଫୁଟାଏ ବାଣ
ସାକ୍ଷୀ ଏ କଳିଙ୍ଗ ରଣ
ତିନିଥର ବିଶ୍ୱ ଟାଇଟଲ ବିଜେତା
ମ୍ୟାଚ୍ସ ଏଣ୍ଡ କୋ ଟାଣ।

ଅଣ୍ଡର ନାଇଣ୍ଟିନ ଲେଡି ଟି ଟ୍ୱେଣ୍ଟି
କ୍ରିକେଟ ଲଢ଼େଇ ଶେଷ
ଇଂଲଣ୍ଡକୁ ଲଣ୍ଡା କରି କ୍ୟାପ୍‌ଟେନ
ଶେଫାଳି ରଚିଲା ଯଶ
ଟାଇଟଲ ଇତିହାସ
ଆଇସିସିର ଏ ନୂଆ ଫର୍ମାଟରେ
ନଂ ୱାନ ମୋର ଦେଶ।

ତୁର୍କୀ ଭୟାବହ ଭୂମିକମ୍ପରେ ନିଧନ
ଗୋଲକିପର ଅହମତ
ଯେନି ମାଲାଟାୟାରସ୍ପୋର ଟୁଇଟରେ
ଏ ଖବର ପ୍ରକାଶିତ
ତୁର୍କୀ ପାଇଁ ମର୍ମାହତ
ପ୍ରକୃତି ଖେଳରେ ପ୍ରକୃତି ହିଁ ସଦା
ଚାମ୍ପିୟନ ଜାଣ ମିତ
(ତା'ର) କ୍ୟାପ୍‌ଟେନ ଜଗନ୍ନାଥ।

-ସୁବାସ ଚନ୍ଦ୍ର ପ୍ରଧାନ

ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ ଅଭିଯାନ, ୧୦ ଫେବୃଆରୀ ୨୦୨୩
DSPL-440
ଚଳିତ ବର୍ଷ ଫେବୃଆରୀ ୧୦ ତାରିଖରେ ୧୦ଟି ଫାଇଲେରିଆ ପ୍ରବଣ ଜିଲ୍ଲା (ବାଲେଶ୍ୱର, ଭଦ୍ରକ, କଟକ, ଖୋର୍ଦ୍ଧା, ବଲାଙ୍ଗୀର, କନ୍ଧମାଳ, କଳାହାଣ୍ଡି, ନୂଆପଡା, ନୟାଗଡ ଏବଂ ରାୟଗଡା) ରେ ଫାଇଲେରିଆ ପ୍ରତିରୋଧକ ଡି.ଇ.ସି ବଟିକା ଓ ଆଲ୍‌ବେଣ୍ଡାଜଲ୍ ବଟିକା ସେବନର ବ୍ୟବସ୍ଥା କରାଯାଇଅଛି।

• ଆଶା କିମ୍ବା ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀମାନେ ଘରକୁ ଘର ଯାଇ ପରିବାର ସଦସ୍ୟଙ୍କ ବୟସ ଅନୁପାତରେ ବଟିକା ଖୁଆଇବେ।
• କେବଳ ଗର୍ଭବତୀ ମହିଳା, ୨ ବର୍ଷରୁ କମ୍ ବୟସର ଶିଶୁ, ଗୁରୁତର ଅସୁସ୍ଥ ବ୍ୟକ୍ତି ଏହି ବଟିକା ଖାଇବେ ନାହିଁ।
• ଯଦି କୌଣସି କାରଣବଶତଃ ଉକ୍ତ ଦିନ ଏହି ଔଷଧଟି ଖାଇପାରିନଥିବେ ତେବେ ପରବର୍ତ୍ତି ସମୟରେ (୧୯ ଫେବୃଆରୀ ମଧ୍ୟରେ) ଖାଇପାରିବେ।
କିଛି ଖାଦ୍ୟ ଖାଇସାରିଲା ପରେ ହିଁ ଏହି ବଟିକା ସେବନ କରିବା ଉଚିତ।
ମଶା କାମୁଡିବାରୁ ରକ୍ଷା ପାଇବା ପାଇଁ ମଶାରୀ ଟାଣି ଶୁଅନ୍ତୁ।
ଫାଇଲେରିଆ ପ୍ରତିରୋଧକ ବଟିକା ସେବନ କରି ଫାଇଲେରିଆ ନିରାକରଣ ଅଭିଯାନକୁ ସଫଳ କରାନ୍ତୁ।
OIPR-10003/13/0142/2223
facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

# ପ୍ରଥମ ଦିବସରେ ସ୍ପିନରଙ୍କ ଆଧିପତ୍ୟ

ନାଗପୁର, ୯।୨

ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଭାରତ-ଅଷ୍ଟ୍ରେଲିଆ ପ୍ରଥମ କ୍ରିକେଟ ଟେଷ୍ଟ ଗୁରୁବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ସ୍ପିନରଙ୍କ ଆଧିପତ୍ୟ ଦେଖିବାକୁ ମିଳିଛି। ଆହତ ସମସ୍ୟାରୁ ମୁକୁଳି ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ୫ ଉଇକେଟ ସଫଳତା ପାଇଥିବାବେଳେ ତାରକା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ୩ ଉଇକେଟ ନେଇ ଅଷ୍ଟ୍ରେଲିଆର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଛନ୍ତି। ଦୁଇ ସ୍ପିନରଙ୍କୁ ଠିକ୍‌ଭାବେ ମୁକାବିଲା କରି ନ ପାରି ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ମାତ୍ର ୧୭୭ ରନରେ ଅଲ୍‌ଆଉଟ ହୋଇଛି। ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଭାରତ ୧ ଉଇକେଟ ହରାଇ ୭୭ ରନ ସଂଗ୍ରହ କରିଛି। ଅଧିନାୟକ ରୋହିତ ଶର୍ମା ଅର୍ଦ୍ଧଶତକ ହାସଲ କରି ଅପରାଜିତ ରହିଛନ୍ତି।


୫ ଉଇକେଟ ହାସଲକାରୀ ରବୀନ୍ଦ୍ର ଜାଡେଜା ଓ ସାଥୀ ଖେଳାଳି ମହମ୍ମଦ ସିରାଜ।

### ଚମକାଇଲେ ସିରାଜ, ଶାମି

ଟସ୍ ଜିତି ଅଷ୍ଟ୍ରେଲିଆ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ମାତ୍ର ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସିରାଜ ନିଜର ପ୍ରଥମ ଏବଂ ଶାମି ଦ୍ୱିତୀୟ ଓଭରରେ ଉଇକେଟ ନେଇ ଭ୍ରମଣକାରୀ ଦଳକୁ ଚମକାଇଥିଲେ। ଦ୍ୱିତୀୟ ଓଭରରେ ବୋଲିଂ କରିବାକୁ ଆସିଥିବା ସିରାଜ ନିଜ ପ୍ରଥମ ବଲ୍‌ରେ ଉସମାନ ଖ୍ୱାଜା (୧ ରନ)ଙ୍କୁ ଏଲ୍‌ବିଡବ୍ଲ୍ୟୁ କରିଥିବାବେଳେ ଶାମି ତୃତୀୟ ଓଭରର ପ୍ରଥମ ବଲ୍‌ରେ ଡେଭିଡ ୱାର୍ନରଙ୍କୁ କ୍ଲିନ୍ ବୋଲ୍ଡ କରିବାରୁ ଅଷ୍ଟ୍ରେଲିଆ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ମିଡିଲ ଅର୍ଡର ଭାରତୀୟ ସ୍ପିନରଙ୍କ ଆଗରେ କଡ଼ା ପରୀକ୍ଷାର ସମ୍ମୁଖୀନ ହୋଇଥିଲା। ଏହାର ନେତୃତ୍ୱ ନେଇଥିଲେ କମ୍‌ବ୍ୟାକ୍ ମ୍ୟାନ ଜାଡେଜା। ସେ ମାର୍ନସ ଲାବୁସେନ, ମ୍ୟାଟ୍ ରେନ୍‌ଶ, ଷ୍ଟିଭେନ୍ ସ୍ମିଥ, ଟଡ୍ ମର୍ଫି ଓ ପିଟର ହ୍ୟାଣ୍ଡ୍ସକମ୍ବଙ୍କୁ ଆଉଟ କରି ଅଷ୍ଟ୍ରେଲିଆର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଲାବୁସେନ ସର୍ବାଧିକ ୪୯, ଷ୍ଟିଭେନ ସ୍ମିଥ ୩୭, ଆଲେକ୍ସ କାରେ ୩୬ ଓ ପିଟର ହ୍ୟାଣ୍ଡ୍ସକମ୍ବ ୩୧ ରନ କରିବାକୁ ସକ୍ଷମ ହୋଇଥିଲେ।

### ଅଶ୍ୱିନଙ୍କ ୪୫୦ ଉଇକେଟ ପୂରଣ

ଏହି ମ୍ୟାଚରେ ୪୫୦ ଉଇକେଟ ପୂରଣ କରିଛନ୍ତି ରବିଚନ୍ଦ୍ରନ ଅଶ୍ୱିନ। ସେ ଅଷ୍ଟ୍ରେଲିଆ ଇନିଂସର ୫୪ତମ ଓଭର ପ୍ରଥମ ବଲ୍‌ରେ ଆଲେକ୍ସ କାରେଙ୍କୁ କ୍ଲିନ୍ ବୋଲ୍ଡ କରି ଏହି ମାଇଲଖୁଣ୍ଟ ସ୍ପର୍ଶ କରିଥିଲେ। ଏହାପରେ ଅଧିନାୟକ ପ୍ୟାଟ୍ କୁମିନ୍ସ ଓ ସ୍କଟ ବୋଲାଣ୍ଡଙ୍କ ଉଇକେଟ ନେଇଥିଲେ। ଅନିଲ କୁମ୍ବଲେ (୬୧୯)ଙ୍କ ପରେ ଭାରତର ଦ୍ୱିତୀୟ ବୋଲର ଭାବେ ୪୫୦ ଉଇକେଟ ପୂରଣ କରିଥିଲେ ଅଶ୍ୱିନ। ମ୍ୟାଚ ଦୃଷ୍ଟିରୁ ୪୫୦ ଉଇକେଟ ପୂରଣ କରିବାରେ ସେ ଦ୍ୱିତୀୟ ଦ୍ରୁତତମ ସାବ୍ୟସ୍ତ ହୋଇଛନ୍ତି। ଶ୍ରୀଲଙ୍କାର କିମ୍ବଦନ୍ତୀ ସ୍ପିନର ମୁଥୟା ମୁରଲୀଧରନ ୮୦ ମ୍ୟାଚ ଏବଂ ଅଶ୍ୱିନ ୮୯ ମ୍ୟାଚରୁ ଏହି ସଫଳତା ପାଇଛନ୍ତି। ବଲ୍ ବୋଲିଂ ଦୃଷ୍ଟିରୁ ମଧ୍ୟ ତାଙ୍କ ସଫଳତା ଦ୍ୱିତୀୟ ଦ୍ରୁତତମ। ଅଷ୍ଟ୍ରେଲିଆର ପୂର୍ବତନ ଦ୍ରୁତ ବୋଲର ୨୩୪୭୪ ବଲ୍ ଏବଂ ଅଶ୍ୱିନ ୨୩୬୩୫ ବଲ୍ ବୋଲିଂ କରି ୪୫୦ ଉଇକେଟ ପୂରଣ କରିଛନ୍ତି।

**ନାଗପୁର ଟେଷ୍ଟ**
- ଜାଡେଜାଙ୍କୁ ୫, ଅଶ୍ୱିନଙ୍କୁ ୩ ଉଇକେଟ
- ଅଷ୍ଟ୍ରେଲିଆ ୧୭୭ରେ ଅଲ୍‌ଆଉଟ
- ରୋହିତ ୫୬*, ଭାରତ ୭୭/୧

### ଭାରତର ଭଲ ଆରମ୍ଭ

୬୩.୫ ଓଭରରେ ଅଷ୍ଟ୍ରେଲିଆ ଇନିଂସ ଶେଷ ହୋଇଯିବା ପରେ ଭାରତର ଆରମ୍ଭ ଭଲ ହୋଇଥିଲା। ଅଧିନାୟକ ରୋହିତ ଶର୍ମା ଓ ଲୋକେଶ ରାହୁଲ ପ୍ରତିପକ୍ଷ ବୋଲରଙ୍କୁ ସଫଳତାର ସହ ମୁକାବିଲା କରିଥିଲେ। ଆକ୍ରମଣାତ୍ମକ ଖେଳିଥିଲେ ରୋହିତ। ତେବେ ଷ୍ଟମ୍ପ ପ୍ରତ୍ୟାହୃତ ହେବାର ଗୋଟିଏ ଓଭର ପୂର୍ବରୁ ଅଷ୍ଟ୍ରେଲୀୟ ସ୍ପିନର ଟଡ୍ ମର୍ଫିଙ୍କ ବଲ୍‌ରେ କଟ୍ ଆଣ୍ଡ ବୋଲ୍ଡ ହୋଇ ଯାଇଥିଲେ ରାହୁଲ। ସେ ୨୦ ରନ କରିଥିଲେ। ଖେଳ ଶେଷ ବେଳକୁ ରୋହିତ ୬୯ ବଲ୍‌ରୁ ୫୬ (୯ ଚୌକା, ୧ ଛକା) ଓ ନାଇଟ ୱାଚ୍‌ମ୍ୟାନ ଅଶ୍ୱିନ କୌଣସି ରନ ନ କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୧୭୭/ ଅଲଆଉଟ (ମାର୍ନସ ଲାବୁସେନ-୪୯, ଷ୍ଟିଭେନ ସ୍ମିଥ -୩୭, ଆଲେକ୍ସ କାରେ-୩୬, ପିଟର ହ୍ୟାଣ୍ଡ୍ସକମ୍ବ-୩୧, ରବୀନ୍ଦ୍ର ଜାଡେଜା-୫/୪୭, ରବିଚନ୍ଦ୍ରନ ଅଶ୍ୱିନ-୩/୪୨, ମହମ୍ମଦ ଶାମି-୧/୧୮, ମହମ୍ମଦ ସିରାଜ-୧/୩୦)।

**ଭାରତ ପ୍ରଥମ ଇନିଂସ:** ୭୭/୧ (ରୋହିତ ଶର୍ମା-୫୬*, ଲୋକେଶ ରାହୁଲ-୨୦, ଟଡ୍ ମର୍ଫି-୧/୧୩)।

## ସୂର୍ଯ୍ୟକୁମାର, ଭରତଙ୍କୁ ଟେଷ୍ଟ କ୍ୟାପ୍


ଟେଷ୍ଟ କ୍ୟାପ୍ ସହିତ କେ.ଏସ୍. ଭରତ ଓ ସୂର୍ଯ୍ୟକୁମାର ଯାଦବ।

ନାଗପୁର, ୯।୨ (ପି.ଟି.)

ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଛନ୍ତି ଭାରତର ସୂର୍ଯ୍ୟକୁମାର ଯାଦବ ଓ କେ.ଏସ୍. ଭରତ। ମ୍ୟାଚ ଆରମ୍ଭ ପୂର୍ବରୁ ସୂର୍ଯ୍ୟକୁମାରଙ୍କୁ ଭାରତୀୟ ଦଳର ପୂର୍ବତନ କୋଚ୍ ରବି ଶାସ୍ତ୍ରୀ ଏବଂ ଭରତଙ୍କୁ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଇଣ୍ଡିଆ କ୍ୟାପ୍ ପ୍ରଦାନ କରିଥିଲେ। ପ୍ରଥମ ଟେଷ୍ଟ ମ୍ୟାଚ ଖେଳିଥିବା ସୂର୍ଯ୍ୟକୁମାର ଓ ଭରତଙ୍କ ପରିବାରବର୍ଗଙ୍କୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା। ସେମାନେ ପଡ଼ିଆର ଗୋଟିଏ ପାର୍ଶ୍ୱରେ ରହି କ୍ୟାପ୍ ପ୍ରଦାନ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ ଉଭୟ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ପରିବାରବର୍ଗଙ୍କ ସହ ପରିଚିତ ହୋଇଥିଲେ। ୨୦୨୧ରେ କାନପୁରରେ ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଋଦ୍ଧିମାନ ଶାହା ଆହତ ହେବାରୁ ତାଙ୍କ ସ୍ଥାନରେ ଭରତ ଉଇକେଟ କିପିଂ କରିଥିଲେ। ତେବେ ସେ ଏପର୍ଯ୍ୟନ୍ତ ବିଧିବଦ୍ଧ ଭାବେ ଟେଷ୍ଟ ଦଳରେ ସାମିଲ ହୋଇପାରି ନ ଥିଲେ।

## ଫାଇନାଲରେ ରିୟଲ ମାଡ୍ରିଡ୍

ରାବାଟ, ୯।୨ (ଏପି)

ଇଜିପ୍ଟ କ୍ଲବ ଅଲ୍ ଅହଲି ବିପକ୍ଷରେ ୪-୧ ଗୋଲରେ ବିଜୟ ହାସଲ କରି ରିୟଲ ମାଡ୍ରିଡ୍ କ୍ଲବ ଫୁଟ୍‌ବଲ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି। ସ୍ପାନିଶ ଦଳ ତରଫରୁ ଭିନ୍‌ସିଅସ୍ ଜୁନିୟର, ଫେଡ୍‌ରିକୋ ଭାଲ୍‌ଭର୍ଡେ, ରୋଡ୍ରିଗୋ ଓ ସର୍ଗିଓ ଆରିବାସ୍ ପ୍ରମୁଖ ଗୋଲ୍ ସ୍କୋର କରିଥିଲେ। ରିୟଲ ମାଡ୍ରିଡ ଶନିବାର ଫାଇନାଲରେ ଅଲ୍ ହିଲାଲ୍‌କୁ ଭେଟିବ।

## ଇଣ୍ଡିଆନ୍ ସୁପର୍ ଲିଗ୍: ବିଜୟ ଲକ୍ଷ୍ୟରେ ଓଏଫ୍‌ସି

ଭୁବନେଶ୍ୱର, ୯।୨ (ସ୍ପୋର୍ଟ୍ସ ବ୍ୟୁରୋ)

ଇଣ୍ଡିଆନ୍ ସୁପର ଲିଗ୍ ଏହାର ଅନ୍ତିମ ଚରଣରେ ପହଞ୍ଚିଥିବା ବେଳେ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ହାଇଦ୍ରାବାଦ ଏଫ୍‌ସିକୁ ଭେଟିବ ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଏହି ମ୍ୟାଚ୍ ପୂର୍ବରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ ଓଏଫ୍‌ସି କୋଚ୍ ଯୋଶେପ୍ ଗୋମ୍ବାଉ ଓ ଫୁଲ ବ୍ୟାକ୍ ଦେନେଚନ୍ଦ୍ର ମେଇତେଇ। ଅନ୍ତିମ ଦୁଇ ମ୍ୟାଚ ଡ୍ରରେ ଶେଷ ହୋଇଥିବା ବେଳେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ବିଜୟୀ ହେବାକୁ ପ୍ରୟାସ କରିବ ଓଡ଼ିଶା ଏଫ୍‌ସି। ହାତରେ ଆଉ ମାତ୍ର ୩ ମ୍ୟାଚ୍ ରହିଥିବା ବେଳେ ଦଳ ବର୍ତ୍ତମାନ ପଏଣ୍ଟ ଟେବଲର ସପ୍ତମ ସ୍ଥାନରେ ରହିଛି। ଦଳ ନିଜ ଖେଳିବା ଶୈଳୀରେ କୌଣସି ପରିବର୍ତ୍ତନ କରିବ ନାହିଁ ବୋଲି କହିଛନ୍ତି କୋଚ୍ ଗୋମ୍ବାଉ। ଉଭୟ ଦଳ ୭ ଥର ମୁହାଁମୁହିଁ ହୋଇଥିବା ବେଳେ ହାଇଦ୍ରାବାଦ ୪ଥର ବିଜୟୀ ହୋଇଛି।

## ମହାରାଷ୍ଟ୍ର ମହିଳା, ଆନ୍ଧ୍ର ପୁରୁଷ ଚାମ୍ପିୟନ

**ସର୍ବଭାରତୀୟ ସଫ୍ଟବଲ୍ ଚାମ୍ପିୟନଶିପ୍**

ପୁରୀ ଅଫିସ, ୯।୨

ତାଳବଣିଆସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଗତ ୫ତାରିଖଠାରୁ ଚାଲିଥିବା ୪୪ତମ ସର୍ବଭାରତୀୟ ସଫ୍ଟବଲ ଚାମ୍ପିୟନଶିପ୍ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମହିଳା ବିଭାଗରେ ମହାରାଷ୍ଟ୍ର ଓ ପୁରୁଷ ବିଭାଗରେ ଆନ୍ଧ୍ରପ୍ରଦେଶ ଦଳ ଚାମ୍ପିୟନ ହୋଇଥିବାବେଳେ ପଞ୍ଜାବ ଉଭୟ ବିଭାଗରେ ରନର ଅପ୍ ହୋଇଛି। ଗୁରୁବାର ପଞ୍ଜାବ ବିପକ୍ଷ ପୁରୁଷ ବିଭାଗ ଗ୍ରାଣ୍ଡ ଫାଇନାଲ ଆନ୍ଧ୍ରପ୍ରଦେଶ ୧-୦ରେ ଜିତିଥିଲା। ମହିଳା ବିଭାଗରେ ମହାରାଷ୍ଟ୍ର ୫-୦ରେ ପଞ୍ଜାବକୁ ହରାଇଥିଲା। ପୁରୁଷ ବର୍ଗରେ ଛତିଶଗଡ଼ ଓ ମହିଳା ବର୍ଗରେ କେରଳ ଟିମ୍ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ପାଇଥିଲା। ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ୨୬ଟି ପୁରୁଷ ଓ ୨୪ଟି ମହିଳା ଦଳ ଭାଗ ନେଇଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଲିଫ୍ଟ ଇରିଗେଶନ କର୍ପୋରେଶନର ଚେୟାରମ୍ୟାନ୍ ଅମରେଶ ପତ୍ରୀ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜୁ ଯୁବ ଜନତା ଦଳର ଉପସଭାପତି ଶୁଭାଶିଷ ଖୁଣ୍ଟିଆ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସଫ୍ଟବଲ ସଂଘ ସଭାପତି ଦୀପକ ଗୌଡ଼, ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଯୁଗ୍ମ ସମ୍ପାଦକ ରାଜକିଶୋର ପଟ୍ଟନାୟକ, ସୌମିତ୍ର ହରିଚନ୍ଦନ ପ୍ରମୁଖ ସହଯୋଗ କରିଥିଲେ।



ଅତିଥି ଓ ଆୟୋଜକଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ମହାରାଷ୍ଟ୍ର ଏବଂ ଆନ୍ଧ୍ରପ୍ରଦେଶ ଦଳର ଖେଳାଳିମାନେ।

## ବିଦେଶରେ ହେବ ନକ୍‌ଆଉଟ ପର୍ଯ୍ୟାୟ

**ଆଜିଠୁ ସନ୍ତୋଷ ଟ୍ରଫି**

ଭୁବନେଶ୍ୱର, ୯।୨ (ସ୍ପୋର୍ଟ୍ସ ବ୍ୟୁରୋ)

ସନ୍ତୋଷ ଟ୍ରଫି ଫୁଟବଲର ୭୬ ତମ ସଂସ୍କରଣର ଅନ୍ତିମ ରାଉଣ୍ଡ ଭୁବନେଶ୍ୱରରେ ଶୁକ୍ରବାର ଠାରୁ ଆରମ୍ଭ ହେବ। ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ, କ୍ୟାପିଟାଲ ସ୍ପୋର୍ଟ୍ସ ଆରେନା ଏବଂ ୭ମ ବାଟାଲିୟନ ଷ୍ଟାଡିୟମରେ ସମସ୍ତ ମ୍ୟାଚ ଖେଳାଯିବ। ଏହି ଅବସରରେ ଗୁରୁବାର ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଆୟୋଜକ ଓଡ଼ିଶା ଦଳର ଜର୍ସି ଲଞ୍ଚ ସହିତ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଗୁରୁବାର ଅପରାହ୍ନରେ ଏହି ଜର୍ସି ଲଞ୍ଚ ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ସଚିବ ଓ କମିଶନର ଆର୍. ଭିନିଲ୍ କ୍ରିଷ୍ଣା, ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ମହାସଚିବ ଡ. ଶାଜି ପ୍ରଭାକରନ୍ ଏବଂ ଫୁଟବଲ ମହାସଂଘ ଓଡ଼ିଶା (ଫାଓ)ର ଯୁଗ୍ମ ସଚିବ ଅଭିଜିତ୍ ପଲ୍‌ଙ୍କ ଉପସ୍ଥିତିରେ ଓଡ଼ିଶା ଦଳର ଜର୍ସି ଲଞ୍ଚ କରାଯାଇଥିଲା। ଓଡ଼ିଶା ଦଳର ଅଧିନାୟକ ରାକେଶ ଓରାମ, ଉପ ଅଧିନାୟକ ଏବଂ ଦୁଇ ଗୋଲ କିପରଙ୍କ ଉପସ୍ଥିତିରେ ୪ଟି ଭିନ୍ନ ରଙ୍ଗର ଜର୍ସି ଉନ୍ମୋଚନ କରାଯାଇଥିଲା।

ଜର୍ସି ଉନ୍ମୋଚନ ପରେ ଶାଜି ପ୍ରଭାକରନ୍ ଏବଂ ଅଭିଜିତ୍ ପଲ୍ ଏକ ଖବରଦାତା ସମ୍ମିଳନୀରେ ସନ୍ତୋଷ ଟ୍ରଫିର ଆୟୋଜନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସନ୍ତୋଷ ଟ୍ରଫି ଇତିହାସରେ ପ୍ରଥମ ଥର ପାଇଁ ଏହି ଟୁର୍ନାମେଣ୍ଟ ଦେଶ ବାହାରେ ଅନୁଷ୍ଠିତ ହେବ। ରିୟାଧର କିଙ୍ଗ ଫହାଦ ଷ୍ଟାଡିୟମରେ ସେମି ଫାଇନାଲ, ତୃତୀୟ ସ୍ଥାନ ଓ ଫାଇନାଲ ମ୍ୟାଚ ଖେଳାଯିବା ନେଇ ସୂଚନା ଦେଇଥିଲେ ଶାଜି ପ୍ରଭାକରନ୍। ୬୭ ହଜାରରୁ ଉର୍ଦ୍ଧ୍ୱ ଦର୍ଶକ କ୍ଷମତା ବିଶିଷ୍ଟ ଏହି ଷ୍ଟାଡିୟମରେ ମାର୍ଚ୍ଚ ୧ରେ ସେମି ଫାଇନାଲ ଓ ମାର୍ଚ୍ଚ ୪ ତାରିଖରେ ତୃତୀୟ ସ୍ଥାନ ଓ ଫାଇନାଲ ମ୍ୟାଚ୍ ଖେଳାଯିି। ଓଡ଼ିଶା ପଞ୍ଚମ ଥର ପାଇଁ ଏହି ଟୁର୍ନାମେଣ୍ଟ ଆୟୋଜନ କରୁଥିବା ବେଳେ କ୍ରୀଡା ପ୍ରତି ରାଜ୍ୟ ସରକାରଙ୍କ ପରାକାଷ୍ଠାକୁ ପ୍ରଶଂସା କରିଥିଲେ ପ୍ରଭାକରନ୍। ପ୍ରଥମ ଥର ପାଇଁ ଓଡ଼ିଶା ୧୯୬୭ରେ ସନ୍ତୋଷ ଟ୍ରଫି ଆୟୋଜନ କରିଥିବା ବେଳେ ଶେଷଥର ପାଇଁ ୨୦୧୧-୧୨ ମସିହାରେ କଟକ-ଭୁବନେଶ୍ୱରରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଦେଶର ଅନ୍ୟତମ କ୍ରୀଡା ମହାଶକ୍ତି ଭାବରେ ଓଡ଼ିଶା ଉଭା ହେଉଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କ୍ରୀଡା ସଚିବ ଆର. ଭିନିଲ କ୍ରିଷ୍ଣାଙ୍କ ଭୂୟସୀ ପ୍ରଶଂସା କରିଥିଲେ ପ୍ରଭାକରନ୍। ସମଗ୍ର ଭାରତର ୬ଟି ଭେନ୍ୟୁରେ ସନ୍ତୋଷ ଟ୍ରଫି ଆୟୋଜିତ ହୋଇଥିବା ବେଳେ ଏଥିରୁ ୧୦ଟି ଦଳ ଅନ୍ତିମ ରାଉଣ୍ଡ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିପରି ରେଳବାଇ ଓ ସର୍ଭିସେସ୍ ସିଧାସଳଖ ଭାବରେ ଟୁର୍ନାମେଣ୍ଟର ଅନ୍ତିମ ରାଉଣ୍ଡ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ୧୨ଟିମ୍‌କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ରାଉଣ୍ଡ ରବିନ୍ ଲିଗ୍ ମାଧ୍ୟମରେ ଏହି ରାଉଣ୍ଡଟି ଖେଳାଯିବ। ୨୦ ବର୍ଷ ତଳେ ଦେଶରେ ଫୁଟବଲର ମାନ ବେଶ ଉଚ୍ଚକୋଟୀର ରହିଥିଲା, ସମାନ ସ୍ଥିତିକୁ ଫୁଟବଲକୁ ଫେରାଇ ଆଣିବା ପାଇଁ ଏଆଇଏଫ୍‌ଏଫ୍ ପକ୍ଷରୁ ଭିଜନ୍ ୨୦୪୭ ଲଞ୍ଚ କରାଯାଇଛି। ଏହା ମଧ୍ୟରେ ଆଗାମୀ ୨୫ ବର୍ଷରେ ଭାରତୀୟ ଫୁଟବଲର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଇଛି। ୨୦୨୬ ସୁଦ୍ଧା ଭାରତୀୟ ପୁରୁଷ ଦଳକୁ ଏସିଆର ଟପ୍ ଟେନ୍ ଦଳ ମଧ୍ୟରେ ସାମିଲ କରାଯିବାର ଲକ୍ଷ୍ୟ ରହିଥିବା ବେଳେ ମହିଳା ଦଳକୁ ଟପ୍ ୮ରେ ସାମିଲ କରାଯିବାର ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାରେ କ୍ରୀଡା ପ୍ରତିଭାର ଅଭାବ ନାହିଁ, ମାତ୍ର କିଛି ହାତଗଣତି ଖେଳାଳି ଶୀର୍ଷସ୍ତରରେ ଖେଳିବାର ସୁଯୋଗ ପାଉଛନ୍ତି। ଆଗାମୀ ଦିନରେ ଓଡ଼ିଶା ସରକାରଙ୍କ ସହିତ ମିଳିତ ଭାବରେ ତୃଣମୂଳ ସ୍ତରରୁ ଓଡ଼ିଶା ଫୁଟବଲକୁ ଶୀର୍ଷକୁ ନେବା ଏଆଇଏଫଏଫର ଲକ୍ଷ୍ୟ ରହିବ ବୋଲି କହିଥିଲେ ପ୍ରଭାକରନ।



ସନ୍ତୋଷ ଟ୍ରଫି ପାଇଁ ଓଡ଼ିଶା ଦଳର ଜର୍ସି ଉନ୍ମୋଚନ ଅବସରରେ ଆର୍. ଭିନିଲ୍ କ୍ରିଷ୍ଣା, ଡ. ଶାଜି ପ୍ରଭାକରନ୍ ଓ ଅଭିଜିତ୍ ପଲ୍।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ